# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଜାନୁଆରୀ ୧୧/୨୦୨୪ (୨୦ ପୃଷ୍ଠା) Bhubaneswar, Thursday, January 11/2024 Page 20 ₹ 7.00 | SAMBALPUR

୫୦ଶ ଭାଗ ୪୯ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 50 ISSUE 49 ମୂଲ୍ୟ ₹୭/-





DSPL-532

ODISHA INDIA'S BEST KEPT SECRET.

AM/NS INDIA

ULTIMATE KHO KHO

୧୧ ଜାନୁଆରୀ

ଜେ ଏନ୍ ଇନଡୋର ଷ୍ଟାଡିୟମ
କଟକ

ସେମି ଫାଇନାଲ ପାଇଁ
ଶୁଭକାମନା

JUGGERNAUTS ODISHA VS GUJARAT GIANTS
ସନ୍ଧ୍ୟା ୭.୩୦

CHENNAI QUICK GUNS VS TELUGU YODDHAS
ସନ୍ଧ୍ୟା ୮.୩୦

ସିଧା ପ୍ରସାରଣ

SONY SPORTS NETWORK | SONY liv

OIPR-29020/13/0003/2324



#HOCKEYINVITES
ENROUTETOPARIS

FIH HOCKEY OLYMPIC QUALIFIERS 2024 RANCHI

FIH | HOCKEY INDIA

FREE ENTRY

Marang Gomke Jaipal Singh Astroturf Hockey Stadium, Ranchi

POOL-A Germany | Japan | Chile | Czech Republic
POOL-B India | New Zealand | United States | Italy

13TH JANUARY

| MATCH# | TIME | MATCH |
|---|---|---|
| 1 | 12:00 | Germany vs Chile |
| 2 | 14:30 | Japan vs C.Republic |
| 3 | 17:00 | N. Zealand vs Italy |
| 4 | 19:30 | India vs USA |

14TH JANUARY

| MATCH# | TIME | MATCH |
|---|---|---|
| 5 | 12:00 | Chile vs C.Republic |
| 6 | 14:30 | Japan vs Germany |
| 7 | 17:00 | USA vs Italy |
| 8 | 19:30 | N. Zealand vs India |

16TH JANUARY

| MATCH# | TIME | MATCH |
|---|---|---|
| 9 | 12:00 | Germany vs C.Republic |
| 10 | 14:30 | Chile vs Japan |
| 11 | 17:00 | USA vs N. Zealand |
| 12 | 19:30 | India vs Italy |

18TH JANUARY

| M# | TIME | POOL | MATCH |
|---|---|---|---|
| 13 | 10:30 | 5/8[1] | 3rd Pool A vs 4th Pool B |
| 14 | 13:30 | 5/8[1] | 3rd Pool B vs 4th Pool A |
| 15 | 16:30 | SF[1] | 1st Pool A vs 2nd Pool B |
| 16 | 19:30 | SF[1] | 1st Pool B vs 2nd Pool A |

19TH JANUARY

| M# | TIME | POOL | MATCH |
|---|---|---|---|
| 17 | 10:30 | 7/8 | L. Match 13 vs L. Match 14 |
| 18 | 13:30 | 5/6 | W. Match 13 vs W. Match 14 |
| 19 | 16:30 | 3/4 | L. Match 15 vs L. Match 16 |
| 20 | 19:30 | Final | W. Match 15 vs W. Match 16 |

INDIA
WATCH LIVE ON
sports 18 | JioCinema

STADIUM ENTRY (For Spectators)
13, 14 & 16 Jan 2024 1000 Hrs Onwards
18 & 19 Jan 2024 0830 Hrs Onwards

HEMANT SOREN
Chief Minister, Jharkhand



GLOBAL PARTNERS: ODISHA INDIA'S BEST KEPT SECRET | Nike | Watch Hockey
NATIONAL PARTNERS: ODISHA INDIA'S BEST KEPT SECRET
GLOBAL SUPPLIER: polytan
NATIONAL SUPPLIERS: SHALBY DIVINE | Limca Sportz

INFORMATION & PUBLIC RELATIONS DEPARTMENT, JHARKHAND
PR-315580 (IPRD) 2023-24

ଧରିତ୍ରୀ 50 Years

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଜାନୁଆରୀ ୧୧/୨୦୨୪ Bhubaneswar, Thursday, January 11/2024

DSPL-531

5 ଓଡ଼ିଶା ସରକାର ମୋ ସ୍କୁଲ

ଆମ ଓଡ଼ିଶା ନବୀନ ଓଡ଼ିଶା

5

୪ର୍ଥ ପର୍ଯ୍ୟାୟରେ ୫ଟି ଜିଲ୍ଲାର

୩୮୯ ରୂପାନ୍ତରିତ ହାଇସ୍କୁଲ



ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ

ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ

ଦ୍ୱାରା

ଲୋକାର୍ପଣ

୧୧ ଜାନୁଆରୀ ୨୦୨୪



ଗଞ୍ଜାମ
୧୪୯ ହାଇସ୍କୁଲ



ଝାରସୁଗୁଡ଼ା
୧୧ ହାଇସ୍କୁଲ



ଜଗତସିଂହପୁର
୫୭ ହାଇସ୍କୁଲ



କେନ୍ଦ୍ରାପଡ଼ା
୧୧୨ ହାଇସ୍କୁଲ



ବରଗଡ଼
୬୦ ହାଇସ୍କୁଲ

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ

OIPR-27045/13/0036/2324

**ଆଜିର ମନ୍ତବ୍ୟ**

ଭାଜପାର ମିଥ୍ୟାକୁ ଧରାପକାଇ ଦେବା ପାଇଁ କଂଗ୍ରେସ କର୍ମୀମାନେ ଦଳୀୟ ବିଚାରଧାରା ଓ କାର୍ଯ୍ୟସୂଚୀ ସମ୍ପର୍କରେ ସୋସିଆଲ ମିଡିଆରେ ପ୍ରସାର କରାନ୍ତୁ।
–ମଲ୍ଲିକାର୍ଜୁନ ଖାର୍ଗେ, କଂଗ୍ରେସ ଅଧ୍ୟକ୍ଷ



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଧୂଆଁକୁ ଡରଇ ମଶା,
ଶିଶିରକୁ ଗୋରୁ
ପାପୀ ଡରଇ ଦଣ୍ଡାକୁ
ବତାସକୁ ତରୁ।**

ଧୂଆଁ ଦେଲେ ମଶା ଚାଲିଯାଇଥାଏ, ଗୋରୁ ଶିଶିରକୁ ଡରିଥାଏ। ଠିକ ସେହିଭଳି ପାପୀ ବା ଦୋଷୀ ବ୍ୟକ୍ତି ଶାସ୍ତି ବା ଦଣ୍ଡକୁ ଭୟକରୁଥିବା ବେଳେ ଉଚ୍ଚ ବୃକ୍ଷ ବତାସକୁ ଡରୁଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଧୃତରାଷ୍ଟ୍ରଙ୍କୁ କନ୍ୟା ନାହିଁ
କି ଗାନ୍ଧାରୀଙ୍କୁ ବର ନାହିଁ।**

ପୁରାଣ ବର୍ଣ୍ଣନା ଅନୁସାରେ ଧୃତରାଷ୍ଟ୍ର ଓ ଗାନ୍ଧାରୀ ଉଆଁସ ତିଥିରେ ଜନ୍ମଲାଭ କରିଥିଲେ। ତେଣୁ ଏ ଦୁହେଁ ବହିର୍ମତରେ ପରସ୍ପର ପ୍ରତି ସମର୍ପିତ ଥିଲେ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ






ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# କେନ୍ଦ୍ରମନ୍ତ୍ରୀଙ୍କୁ ପାଣ୍ଡିଆନଙ୍କ ଜବାବ | ନିର୍ବାଚନ ଇସ୍ତାହାରରେ ବିଏସ୍‌କେୱାଇ ବନ୍ଦ କରିବେ ବୋଲି ଲେଖନ୍ତୁ

**ଭୁବନେଶ୍ୱର,୧୦।୧(ଅନିଲ ଦାସ)**

ରାଜ୍ୟର ସବୁଠୁ ବଡ଼ ଯୋଜନା ବିଏସ୍‌କେୱାଇକୁ ନେଇ ସମ୍ବଲପୁରରେ କେନ୍ଦ୍ରମନ୍ତ୍ରୀ ଉଠାଇଥିବା ପ୍ରଶ୍ନର ଜବାବ ଦେଇଛନ୍ତି ୫–ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ। ନୟାଗଡ଼ ଜିଲାର ରଣପୁରଠାରେ ବୁଧବାର ଆୟୋଜିତ ସଭାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ୫–ଟି ଅଧ୍ୟକ୍ଷ ବଡ଼ ଆହ୍ୱାନ ମଧ୍ୟ ଦେଇଛନ୍ତି। ରାଜ୍ୟ ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ କାର୍ଡକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବରାବର ନିନ୍ଦା ଓ ସମାଲୋଚନା କରିଆସୁଛନ୍ତି। ସମ୍ବଲପୁରରେ ଏକ ସଭାରେ କେନ୍ଦ୍ରମନ୍ତ୍ରୀ ବିଏସ୍‌କେୱାଇ ସମ୍ପର୍କରେ ଦେଇଥିବା ମନ୍ତବ୍ୟକୁ ୫–ଟି ଅଧ୍ୟକ୍ଷ ଉଦ୍ଧାର କରିଥିଲେ। ବିଏସ୍‌କେୱାଇ ଏକ ପ୍ରହସନ। ବିଏସ୍‌କେୱାଇ କାର୍ଡ କିଛି କାମରେ ଆସୁନାହିଁ, ଏହାକୁ ନେଇ ଲୋକେ ହଇରାଣ ହେଉଛନ୍ତି। ଏଭଳି ଯୋଜନା ଓଡ଼ିଶାବାସୀଙ୍କ ପାଇଁ ଦରକାର ନାହିଁ ବୋଲି ଧର୍ମେନ୍ଦ୍ର ସଭାରେ କହିଛନ୍ତି। ଧର୍ମେନ୍ଦ୍ରଙ୍କ ଏହି ବକ୍ତବ୍ୟକୁ ନେଇ ପାଣ୍ଡିଆନ ଉତ୍ତର ରଖିବା ସହ ନମ୍ରତାର ସହ ଏକ ଚାଲେଞ୍ଜ ମଧ୍ୟ କରିଛନ୍ତି। ଯଦି ଏହି ଯୋଜନା ଏତେ ଖରାପ ତେବେ କେନ୍ଦ୍ରମନ୍ତ୍ରୀ, ତାଙ୍କ ଦଳ ଆଗାମୀ ନିର୍ବାଚନ ପୂର୍ବରୁ ପ୍ରକାଶ ହେବାକୁ ଥିବା ଦଳୀୟ ନିର୍ବାଚନୀ ଇସ୍ତାହାରରେ ବିଏସ୍‌କେୱାଇକୁ ବନ୍ଦ କରିବା ଲାଗି ଘୋଷଣା କରନ୍ତୁ। ବିଏସ୍‌କେୱାଇ ମାଧ୍ୟମରେ ଗରିବ ଲୋକଙ୍କୁ ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟ ସୁରକ୍ଷା ଦେଇଛନ୍ତି। ଏହି ଯୋଜନା ଦ୍ୱାରା ବଡ଼ ବଡ଼ ହସ୍ପିଟାଲରେ ଗରିବ ଲୋକଙ୍କୁ ଚିକିତ୍ସା ସୁବିଧା ମିଳୁଛି। ଏହା କାହିଁକି ଆପଣଙ୍କ ଦେହରେ ଯାଉନି ଓ ଆପଣ କାହିଁକି ଏତେ ରାଗୁଛନ୍ତି ବୋଲି କେନ୍ଦ୍ରମନ୍ତ୍ରୀଙ୍କୁ କହିଛନ୍ତି। ଧର୍ମେନ୍ଦ୍ର ପ୍ରଧାନଙ୍କ ଆଡ଼କୁ ଇଙ୍ଗିତ କରି ସେ କହିଛନ୍ତି ଯେ, ପ୍ରକୃତ ନିଦରେ ଶୋଇଥିବା ଲୋକଙ୍କୁ ଉଠାଇ ହେବ। ନିଦରେ ଶୋଇଥିବା ଭଳି ଅଭିନୟ କରୁଥିବା ଲୋକଙ୍କୁ ଉଠାଇ ହେବନାହିଁ। ତେବେ ଜନତା ଜୋରରେ କହିଲେ ସେମାନେ ଉଠିବେ। ଲୋକେ ବିଏସ୍‌କେୱାଇକୁ ନେଇ ଖୁସିରେ ଅଛନ୍ତି। ଏହି ନିନ୍ଦାର ଜବାବ ଓଡ଼ିଶାବାସୀ ଦେବେ ବୋଲି ମଧ୍ୟ ସେ କହିଛନ୍ତି।

ନୟାଗଡ଼ ରଣପୁରଠାରେ ଆୟୋଜିତ ସଭାରେ ରଣପୁର ବିକାଶର ହିସାବ ଦେଇ ପାଣ୍ଡିଆନ କହିଛନ୍ତି, ସେ ଗତ ଜୁଲାଇ ୨୦ରେ ରଣପୁର ଆସିଥିଲେ। ଲୋକେ ତାଙ୍କୁ ୩୫୦ଟି ଦରଖାସ୍ତ ଦେଇଥିଲେ। ସେଥିରୁ ୩୦୦ ଦରଖାସ୍ତର ସମାଧାନ ହୋଇଛି। ରଣପୁର ନିର୍ବାଚନମଣ୍ଡଳୀ ପାଇଁ ଗତ ୪ମାସ ଭିତରେ ମୁଖ୍ୟମନ୍ତ୍ରୀ ୮୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ୧୧୫ଟି ଧର୍ମାନୁଷ୍ଠାନ ଓ କମ୍ୟୁନିଟି ସେଣ୍ଟର ପାଇଁ ଲୋକେ ଅନୁରୋଧ କରିଛନ୍ତି। ଏଥିଲାଗି ମୁଖ୍ୟମନ୍ତ୍ରୀ ୧୦ କୋଟି ୧୫ ଲକ୍ଷ, ରଣପୁରର ଶ୍ରୀଜଗନ୍ନାଥ ମନ୍ଦିର ଲାଗି ୪ କୋଟି ୬୦ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ମନ୍ଦିର କାମ ଚାଲିଛି। ଆସନ୍ତା ଜୁନ ସୁଦ୍ଧା ଶେଷ ହେବ। ନୂଆ ରୂପ ପାଇବ ଏହି ମନ୍ଦିର। ମଣିନାଗ ମନ୍ଦିର ରୂପାନ୍ତର ଲାଗି ୩ କୋଟି, ତଳ ମଣିନାଗ ମନ୍ଦିର ଲାଗି ୨ କୋଟି, ଶରଣକୁଳର ଲଡୁବାବା ମନ୍ଦିର ଲାଗି ୫ କୋଟି, ରାଜସୁନାଖଳା କଲେଜର ରୂପାନ୍ତରଣ ପାଇଁ ୧ କୋଟି, ରଣପୁର ଡିଗ୍ରୀ କଲେଜର ରୂପାନ୍ତରଣ ପାଇଁ ୧ କୋଟି ମଞ୍ଜୁର ହୋଇଛି।

ରଣପୁର ପୂର୍ବରୁ ଚିଲିକା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବାଣପୁରର ମା' ଭଗବତୀଙ୍କ ପୀଠରେ ପହଞ୍ଚି ପାଣ୍ଡିଆନ ରୂପାନ୍ତରଣ କାର୍ଯ୍ୟର ସମୀକ୍ଷା କରିଛନ୍ତି। ମା' ଭଗବତୀଙ୍କ ଦର୍ଶନ ସହ ସେବାୟତମାନଙ୍କ ସହିତ ଆଲୋଚନା କରିଛନ୍ତି। ଭଗବତୀଙ୍କ ମନ୍ଦିର ପ୍ରାଙ୍ଗଣରେ ତାଙ୍କୁ ରାଜ୍ୟ ସଭା ସଦସ୍ୟ ମାନସ ମଙ୍ଗରାଜ ସ୍ୱାଗତ କରିଥିଲେ। ଘଣ୍ଟ, ଘଣ୍ଟା, ମୃଦଙ୍ଗ ବଜାଇ ୫–ଟି ଅଧ୍ୟକ୍ଷଙ୍କୁ ପଲଟଣ ପଡ଼ିଆ ପର୍ଯ୍ୟନ୍ତ ପାଛୋଟି ନେଇଥିଲେ। ପଲଟଣ ପଡ଼ିଆଠାରେ ୨୦ ହଜାରରୁ ଅଧିକ ଲୋକଙ୍କ ସମାଗମ ହୋଇଥିଲା। ସେଠାରେ ତାଙ୍କୁ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ସାଂସଦ ମାନସ ମଙ୍ଗରାଜ, ଖୋର୍ଦ୍ଧା ଜିଲା ପର୍ଯ୍ୟବେକ୍ଷକ ରବୀନ୍ଦ୍ର କୁମାର ଜେନା, ଚିଲିକା ନିର୍ବାଚନମଣ୍ଡଳୀ ପର୍ଯ୍ୟବେକ୍ଷକ ସୌମ୍ୟ ଶଙ୍କର ଚକ୍ର ଓ ସ୍ଥାନୀୟ ନେତୃବୃନ୍ଦ ପ୍ରମୁଖ ସ୍ୱାଗତ କରିଥିଲେ। ୫–ଟି ଅଧ୍ୟକ୍ଷଙ୍କୁ ମଙ୍ଗରାଜ ପାଇକଙ୍କ ପ୍ରତୀକ–ଏକ ଢାଲ, ଖଣ୍ଡା ଓ ଶିରପା ପ୍ରଦାନ କରିଥିଲେ। ପଲଟଣ ପଡ଼ିଆରେ ଆୟୋଜିତ ସଭାରେ ବୀର ପାଇକ ମାଟିକୁ ପ୍ରଣାମ ଜଣାଇ ୫–ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ ତାଙ୍କ ଅଭିଭାଷଣ ରଖିଥିଲେ। ପାଣ୍ଡିଆନ କହିଥିଲେ ଯେ, ଗତ ୪ ମାସ ଭିତରେ ଚିଲିକା ନିର୍ବାଚନମଣ୍ଡଳୀର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟପାଇଁ ମୁଖ୍ୟମନ୍ତ୍ରୀ ୯୦କୋଟି ଟଙ୍କା ଅନୁଦାନ ପ୍ରଦାନ କରିଛନ୍ତି।

ମା' ଭଗବତୀଙ୍କ ମନ୍ଦିରର ରୂପାନ୍ତରଣ ଲାଗି ୩୩କୋଟି ଟଙ୍କାର ଅନୁଦାନ ପ୍ରଦାନ କରାଯାଇଛି। ଚନ୍ଦନେଶ୍ୱର ଶିବ ମନ୍ଦିରର ଉନ୍ନତି ପାଇଁ ୧କୋଟି ୫୦ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ବାଣପୁରର ଗୋଦାବରୀଶ କଲେଜକୁ ୫–ଟିରେ ଅନ୍ତର୍ଭୁକ୍ତ କରି ତା'ର ଉନ୍ନୟନ ପାଇଁ ୨କୋଟି ୨୫ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ବାଲୁଗାଁ କଲେଜର ଉନ୍ନତି ପାଇଁ ୧କୋଟି ୫୦ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ବାଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ଅଞ୍ଚଳରେ ରହିଥିବା ଡ୍ରେନ୍ ଓ ରାସ୍ତା ପାଇଁ ୨୬କୋଟି ଟଙ୍କାର ଆକଳନ ପ୍ରସ୍ତୁତ ହୋଇଛି। ଖୁବ୍‌ଶୀଘ୍ର ଏହି ଅନୁଦାନ ମିଳିବ ବୋଲି ପାଣ୍ଡିଆନ ବାଣପୁର ସଭାରେ ସୂଚନା ଦେଇଛନ୍ତି। ଗ୍ରାମାଞ୍ଚଳରେ ଯେଉଁମାନେ ସ୍ୱାସ୍ଥ୍ୟ କାର୍ଡ ପାଇ ନାହାନ୍ତି ତୁରନ୍ତ ନାମ ପଞ୍ଜୀକରଣ କରିବାକୁ ଆହ୍ୱାନ ଦେଇଥିଲେ। ୬ ତାରିଖରୁ ପଞ୍ଜୀକରଣ ଆରମ୍ଭ ହୋଇଛି। ଏହା ଆସନ୍ତା ୧୬ତାରିଖ ପର୍ଯ୍ୟନ୍ତ ଚାଲିବ। ଏହା ଏକ ସୁବର୍ଣ୍ଣ ସୁଯୋଗ ବୋଲି ସେ ସୂଚନା ଦେଇଛନ୍ତି। ଆସନ୍ତା ଫେବୃଆରୀରୁ ଖୋର୍ଦ୍ଧା ଜିଲାରେ ମଧ୍ୟ ଲକ୍ଷ୍ମୀ ବସ ଗଡ଼ିବ ଓ ପ୍ରତି ପଞ୍ଚାୟତରେ ଆମ ବ୍ୟାଙ୍କର ଶାଖା ଖୋଲିବ ବୋଲି ସେ କହିଥିଲେ। ସେହିଭଳି ଭତ୍ତା ବଢ଼ାଇବା ନେଇ ମୁଖ୍ୟମନ୍ତ୍ରୀ ବିଚାର କରୁଛନ୍ତି। ଖୁବ୍‌ଶୀଘ୍ର ଖୁସି ଖବର ମିଳିବ ବୋଲି ପାଣ୍ଡିଆନ କହିଥିଲେ। ବାର୍ଦ୍ଧକ୍ୟ ଭତ୍ତାଠାରୁ ଭିନ୍ନକ୍ଷମ ଭତ୍ତା ଭଳି ସବୁ ଭତ୍ତା ବଢ଼ିବ ବୋଲି ସେ କହିଛନ୍ତି। ଅଙ୍ଗନୱାଡି, ଆଶାକର୍ମୀ, ସ୍ୱଚ୍ଛସାଥୀ, ଜଳସାଥୀ ସମସ୍ତଙ୍କ ଭତ୍ତା ବୃଦ୍ଧି ହେବ ବୋଲି ସେ ସୂଚନା ଦେଇଛନ୍ତି। ନୂଆ ଓଡ଼ିଶା ତଥା ସଶକ୍ତ ଓଡ଼ିଶା ଗଠନ କରିବା ମୁଖ୍ୟମନ୍ତ୍ରୀଙ୍କ ଲକ୍ଷ୍ୟ। ସେଥିରେ ସହଯୋଗ କରିବାକୁ ସମସ୍ତଙ୍କୁ ସେ ଆହ୍ୱାନ ଦେଇଛନ୍ତି। ଅଭିଭାଷଣ ଆରମ୍ଭରେ ପାଣ୍ଡିଆନ କହିଥିଲେ ଯେ, ସେ ଗତ ଅଗଷ୍ଟରେ ବାଣପୁର ଆସିଥିଲେ। ସେତେବେଳେ ୪୭୦ଟି ଦରଖାସ୍ତ ମିଳିଥିଲା। ୪ ମାସ ଭିତରେ ଏ ସବୁ ଦରଖାସ୍ତ ମଧ୍ୟରୁ ୪୦୦ଟି ଦରଖାସ୍ତର ସମାଧାନ ହେବା ସହ ଅର୍ଥ ମଞ୍ଜୁର ହୋଇଛି। ଆଜି ମଧ୍ୟ ଯେଉଁସବୁ ଦରଖାସ୍ତ ମିଳିଛି ତା' ଭିତରେ ମନ୍ଦିର, ମସ୍‌ଜିଦ, ଚର୍ଚ୍ଚ ଓ କମ୍ୟୁନିଟି ସେଣ୍ଟରଭିତ୍ତିକ ଯେଉଁ ଦରଖାସ୍ତ ଥିବ ତାକୁ ତୁରନ୍ତ ବିଚାରକୁ ନିଆଯିବ ଏବଂ ଆସନ୍ତା ୨୦ ତାରିଖ ସୁଦ୍ଧା ଦରଖାସ୍ତକାରୀମାନେ ଖୁସୀ ଖବର ପାଇବେ। ଅନ୍ୟ ଦରଖାସ୍ତ ଗୁଡିକ ସମ୍ପର୍କରେ ସମ୍ପୃକ୍ତ ଦରଖାସ୍ତକାରୀଙ୍କୁ ଜିଲା ପ୍ରଶାସନ ଚିଠିଲେଖି ଉତ୍ତର ପ୍ରଦାନ କରିବେ ବୋଲି ପାଣ୍ଡିଆନ କହିଛନ୍ତି। ଚିଲିକା ନିର୍ବାଚନ ମଣ୍ଡଳୀକୁ ମିଳିଥିବା ୯୦କୋଟିର ଅନୁଦାନକୁ ପ୍ରଥମ କିସ୍ତି ବୋଲି ସେ କହିଛନ୍ତି। ଭଲ କାମ କଲେ ପରବର୍ତ୍ତୀ କିସ୍ତି ମିଳିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ବାଣପୁର ପରେ ସେ ରଣପୁରରେ ସାଧାରଣ ସଭାକୁ ସମ୍ବୋଧିତ କରିଥିଲେ।

ବାଣପୁର ପୂର୍ବରୁ ଖୋର୍ଦ୍ଧା ହାବେଳି ପଡ଼ିଆଠାରେ ଆୟୋଜିତ ନୂଆ ଓ କାର୍ଯ୍ୟକ୍ରମରେ ପାଣ୍ଡିଆନ ଯୋଗଦେଇ କଠିନ ପରିଶ୍ରମ ସଫଳତାର ମୂଳମନ୍ତ୍ର। କଠିନ ପରିଶ୍ରମର ବିକଳ୍ପ ନାହିଁ। ଛାତ୍ରୀଛାତ୍ରଙ୍କୁ ସଫଳତାର ଗୁରୁମନ୍ତ୍ର ଦେଇଥିଲେ। ଖୋର୍ଦ୍ଧା ଜିଲା ଗସ୍ତ ଅବସରରେ ଖୋର୍ଦ୍ଧା ହାବେଳି ପଡ଼ିଆରେ ଆୟୋଜିତ ନୂଆ–ଓ କାର୍ଯ୍ୟକ୍ରମରେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ସଫଳତାର ସୂତ୍ର ଦେଖାଇଛନ୍ତି। ଭବିଷ୍ୟତରେ କ'ଣ ହେବ ଏଥିଲାଗି ଏହି ପର୍ଯ୍ୟାୟର ଅନେକ ଗୁରୁତ୍ୱ ରହୁଛି। ଏଥିଲାଗି ପାଠପଢା ଗୁରୁତ୍ୱପୂର୍ଣ୍ଣ। ପାଠପଢା ସହ ଶାରୀରିକ ଓ ମାନସିକ ବ୍ୟାୟାମ କରିବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଦିନକୁ ୩୦ ମିନିଟ ଶାରୀରିକ ପରିଶ୍ରମ ସହ ୧୫ ମିନିଟ ଧ୍ୟାନ କରିବା ଦ୍ୱାରା ଛାତ୍ରୀଛାତ୍ର ସୁସ୍ଥ ରହିବା ସହ ସେମାନଙ୍କ ମଧ୍ୟରେ ଥିବା ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଭବିଷ୍ୟତ ଲାଗି ଦିନକୁ ୧୪ ଘଣ୍ଟା ପରିଶ୍ରମ କରିବାକୁ ସେ ପରାମର୍ଶ ଦେଇଛନ୍ତି। ଖୋର୍ଦ୍ଧାରେ ଆୟୋଜିତ ଏହି ନୂଆ ଓ କାର୍ଯ୍ୟକ୍ରମରେ ହଜାର ହଜାର ସଂଖ୍ୟାରେ ଛାତ୍ରୀଛାତ୍ର ସାମିଲ ହୋଇଛନ୍ତି। ଖୋର୍ଦ୍ଧା ହାବେଳି ପଡ଼ିଆରେ ୫–ଟି ଅଧ୍ୟକ୍ଷ ଛାତ୍ରୀଛାତ୍ରଙ୍କୁ ସଫଳତାର ଗୁରୁମନ୍ତ୍ର ଦେଇ ତାଙ୍କର ଜଣେ ଆଇଏଏସ୍ ମହିଳା ବ୍ୟାଚ୍‌ମେଟଙ୍କ ସଫଳତା ଓ ସଂଘର୍ଷର କାହାଣୀ କହିଥିଲେ। କଠିନ ପରିଶ୍ରମ ବଳରେ କଲେଜ ଯାଇ ନ ଥିବା ଝିଅ କିପରି ଆଇଏଏସ୍ ଟପ୍ପର ହୋଇପାରିଥିଲେ ଏହି ବିଷୟରେ ଛାତ୍ରୀଛାତ୍ରଙ୍କୁ ବଖାଣିଥିଲେ। ବ୍ୟାଚ୍‌ମେଟଙ୍କ ସଂଘର୍ଷର ଉଦାହରଣ ଦେଇ ଛାତ୍ରୀଛାତ୍ରଙ୍କୁ କଠିନ ପରିଶ୍ରମ କରିବାକୁ ପାଣ୍ଡିଆନ ପରାମର୍ଶ ଦେଇଛନ୍ତି।

- **ଭଗବତୀଙ୍କ ମନ୍ଦିରର ରୂପାନ୍ତରଣ ପାଇଁ ୩୩କୋଟି**
- **୫-ଟିରେ ସାମିଲ ହେଲା ବାଣପୁର ଗୋଦାବରୀଶ କଲେଜ**
- **ଗୋଦାବରୀଶ କଲେଜ ଉନ୍ନତି ପାଇଁ ୨କୋଟି ୨୫ଲକ୍ଷ**
- **ବାଲୁଗାଁ କଲେଜ ପାଇଁ ୧କୋଟି ୫୦ଲକ୍ଷ**
- **ବାଣପୁର ସହରର ରାସ୍ତା,ଡ୍ରେନ୍ ପାଇଁ ମିଳିବ ୨୬କୋଟି**
- **ରଣପୁର ନିର୍ବାଚନମଣ୍ଡଳୀ ପାଇଁ ୮୦ କୋଟି**
- **ଶ୍ରୀଜଗନ୍ନାଥ ମନ୍ଦିର ଲାଗି ୪ କୋଟି ୬୦ ଲକ୍ଷ**



ଖୋର୍ଦ୍ଧା ହାବେଳି ପଡ଼ିଆରେ ବୁଧବାର ଆୟୋଜିତ ନୂଆ-ଓ କାର୍ଯ୍ୟକ୍ରମରେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଛାତ୍ରୀଛାତ୍ରମାନଙ୍କ ସହ ସେଲ୍‌ଫି ଉଠାଉଛନ୍ତି।

# ଜାମିନ୍‌ରେ ମୁକୁଳିଥିବା ମାଓବାଦୀଙ୍କୁ ହତ୍ୟା

**ରାଉରକେଲା,୧୦।୧ (ସଙ୍ଗୀତା ଜେନା)**

ରାଉରକେଲା ସ୍ୱତନ୍ତ୍ର ଜେଲ୍‌ରେ ଏକ ମାସ ଜେଲ୍‌ଦଣ୍ଡ ଭୋଗି ଜାମିନ୍ ପାଇଥିବା ଜଣେ ମାଓବାଦୀଙ୍କୁ ଓଡ଼ିଶା ସୀମାନ୍ତ ଜରେଇକେଲା ଅଞ୍ଚଳରେ ମଙ୍ଗଳବାର ମାଓବାଦୀମାନେ ଗୁଳିକରି ହତ୍ୟା କରିଛନ୍ତି। ମୃତ ମାଓବାଦୀ ହେଲେ ନେଲ୍‌ସନ ଭେଙ୍ଗରା। ବୁଧବାର ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ହସ୍ପିଟାଲରେ ରଖିଥିବା ଝାଡ଼ଖଣ୍ଡ ପଶ୍ଚିମ ସିଂହଭୂମ ଜିଲା ଚାଇଁବାସା ଜିଲା ଏସ୍‌ପି ଆଶୁତୋଷ ଶେଖର ସୂଚନା ଦେଇଛନ୍ତି।

ସୂଚନା ଅନୁସାରେ, ନେଲସନ ୨୦୨୩ ମେ ମାସରେ ରାଉରକେଲା ପୋଲିସ ଜିଲା ବିଶ୍ରା ଥାନା ଅଞ୍ଚଳରେ ରାସ୍ତା ନିର୍ମାଣ କରୁଥିବା ଜଣେ ଠିକାଦାରଙ୍କୁ ଦାଦାବଟି ମାଗିଥିଲେ। ଏ ନେଇ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା (ନଂ.୬୭/୨୩) ରୁଜୁ କରି ତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ରାଉରକେଲା ସ୍ୱତନ୍ତ୍ର ଜେଲ୍‌କୁ ପଠାଯାଇଥିଲା। ତେବେ ୨୦୨୩ ଜୁନ୍ ୫ରେ ନେଲସନଙ୍କୁ ଜାମିନ୍ ମିଳିବା ପରେ ସେ ଝାଡ଼ଖଣ୍ଡର ଜରେଇକେଲା ଥାନା ଅନ୍ତର୍ଗତ ସମଥା ଗ୍ରାମରେ ରହୁଥିଲେ। ମଙ୍ଗଳବାର ବିଳମ୍ବିତ ରାତିରେ ୧୦/୧୫ଜଣ ମାଓବାଦୀ ଉକ୍ତ ଗ୍ରାମକୁ ଆସି ନେଲସନଙ୍କୁ ଗୁଳିକରି ପଳାଇଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା।

# ଦାଦାବଟି: ୨ ନକଲି ମାଇନିଂ ଅଫିସର ଗିରଫ

**ରାଉରକେଲା/ଲାଠିକଟା, ୧୦।୧(ସଙ୍ଗୀତା ଜେନା/ରାମେଶ୍ୱର ଖାଡ଼ାଙ୍ଗା)**

ସୁନ୍ଦରଗଡ଼ ଜିଲା ଲାଠିକଟା ଥାନା ଅନ୍ତର୍ଗତ ଟାଇଁସର ବାଲିଘାଟର ଜଣେ ଠିକାଦାରଙ୍କୁ ୨ଲକ୍ଷ ଟଙ୍କା ଦାଦାବଟି ମାଗିବା ଅଭିଯୋଗରେ ପୋଲିସ ୨ ନକଲି ମାଇନିଂ ଅଫିସରଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ପ୍ଲାଣ୍ଟସାଇଟ୍ ଥାନା ଅଞ୍ଚଳର ଏମ୍‌ଡ଼ି ପରଭେଜ୍ ଓ ଏମ୍‌ଡ଼ି ସାହିଦ୍। ଏ ନେଇ ପୋଲିସ ଏକ ମାମଲା (ନଂ.୫/୨୪) ରୁଜୁ କରି ବୁଧବାର ଉଭୟଙ୍କୁ କୋର୍ଟଚାଲାଣ କରିଛି। ଅଭିଯୋଗ ଅନୁସାରେ, ବୁଧବାର ସକାଳେ ଅଭିଯୁକ୍ତ ପରଭେଜ୍ ଓ ସାହିଦ୍ ଏକ କାର୍‌ରେ ଟାଇଁସର ବାଲିଘାଟକୁ ଯାଇଥିଲେ। ସେଠାରେ ସେମାନେ ନିଜକୁ ମାଇନିଂ ବିଭାଗର ଉଚ୍ଚପଦସ୍ଥ ଅଧିକାରୀ ପରିଚୟ ଦେଇ ଠିକାଦାର ନୱାବ ଖାନଙ୍କୁ ବାଲି ଟ୍ରକ୍‌ର ପରମିଟ୍ ଦେଖାଇବାକୁ କହିଥିଲେ ଏବଂ ଜୋର୍‌ଜବରଦସ୍ତ ଛଡ଼ାଇ ନେଇ ୨ଲକ୍ଷ ଟଙ୍କା ଦାଦାବଟି ମାଗିଥିଲେ। ଏ ନେଇ ଠିକାଦାର ଜଣଙ୍କ ଲାଠିକଟା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ପରେ ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରିଥିଲା। ତଦନ୍ତ ବେଳେ ପୂର୍ବରୁ ଏମ୍‌ଡ଼ି ପରଭେଜ୍‌ଙ୍କ ନାମରେ ବିଭିନ୍ନ ଥାନାରେ ୯ଟି ଆପରାଧିକ ମାମଲା ରହିଛି। ଉଭୟ ଅଭିଯୁକ୍ତ ଏକ ସଙ୍ଗଠନର ସଭାପତି ଓ ସଦସ୍ୟ ବୋଲି ଜଣାପଡିଥିବା ଥାନାଧିକାରୀ ସବିତା ପାତ୍ର ସୂଚନା ଦେଇଛନ୍ତି।

# ବୋମା ଭିଡ଼ାବେଳେ ବିସ୍ଫୋରଣ, ଜଣେ ଗୁରୁତର

**ଖୋର୍ଦ୍ଧା,୧୦।୧(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ସଦର ଥାନା ଅନ୍ତର୍ଗତ ଭାଟପଡ଼ା ଗ୍ରାମରେ ବୁଧବାର ବୋମା ବିସ୍ଫୋରଣ ଘଟିଛି। ବିସ୍ଫୋରଣରେ ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇଛନ୍ତି। ଗୁରୁତର ଜଣକ ହେଲେ ନିରାକାର ସୁନ୍ଦରାୟ (୫୫)। ସୂଚନା ଅନୁଯାୟୀ, ଅପରାହ୍ନ ପ୍ରାୟ ୨ଟାବେଳେ ନିରାକାର ନିଜ ଘର ବାଡ଼ିପଟେ ବୋମା ଭିଡୁଥିଲେ। ଏହି ସମୟରେ ବିସ୍ଫୋରଣ ହୋଇଥିଲା। ନିରାକାର ଗୁରୁତର ଆହତ ହୋଇଥିଲେ। ତାଙ୍କ ଦୁଇହାତ ଓ ଶରୀରର କିଛି ଅଂଶ ସମେତ ମୁହଁ ଅର୍ଦ୍ଧାଧିକ ଅଂଶ ଜଳିଥିବା ଦେଖିବାକୁ ମିଳିଛି। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ଖୋର୍ଦ୍ଧା ଓ ପରେ ଭୁବନେଶ୍ୱର ଏମ୍ସକୁ ନେଇଥିଲେ। ସେଠାରେ ସେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ତେବେ ବୋମା ବିସ୍ଫୋରଣ ନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ପୋଲିସ କହିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ମଙ୍ଗଳ ଓ ବୃହସ୍ପତିଙ୍କ କ୍ଷେତ୍ର ବିନିମୟ ପ୍ରଭାବରୁ ସ୍ୱାସ୍ଥ୍ୟ ଭଲ ରହିବ ଏବଂ ସାମାଜିକ ସ୍ତରରେ ପ୍ରଶଂସିତ ହେବେ। ଶନି ଦୃଷ୍ଟ ଗୁରୁ ହେତୁ ନିଜକୁ ଠିକ୍ ଭାବେ ଆଡ୍‌ଜଷ୍ଟ କରି ଚଳାଇ ନେଇପାରିବେ ନାହିଁ। ଅଟକିଥିବା କାର୍ଯ୍ୟ ତ୍ୱରାନ୍ୱିତ ହେବାରେ ବନ୍ଧୁ ସାହାଯ୍ୟ କରିବେ। କୃଷି, ବ୍ୟବସାୟ ଓ ରାଜନୀତିରେ ଚେଷ୍ଟା ସଫଳ ହେବ।

**ବୃଷ** ଶୁକ୍ର ନିଜ ରାଶିକୁ ଦେଖୁଥିବାରୁ ସମସ୍ୟାକୁ ସୁଧାରି ନେବା ପାଇଁ ପ୍ରଯତ୍ନ କରିବେ ଓ ଅଭିଳଷିତ ଦ୍ରବ୍ୟ ପାଇବାରେ ଅସୁବିଧା ହେବ ନାହିଁ। ଅଫିସ୍ କାମର ଚାପ ଲାଗିରହିବ। ପରିବାର କ୍ଷେତ୍ରରେ ଅନ୍ତର୍ଦ୍ୱନ୍ଦ୍ୱ ସୃଷ୍ଟି ମାନସିକ ଅଶାନ୍ତିର କାରଣ ହୋଇପାରେ। ସାମାଜିକ ସ୍ତରରେ କୃତୀ ଓ କୃତିତ୍ୱଜନିତ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ।

**ମିଥୁନ** ସପ୍ତମସ୍ଥ ଏକାଧିକ ଗ୍ରହ ହେତୁ ଆଜିର ଯାତ୍ରା କଷ୍ଟପ୍ରଦ ରହିପାରେ। ଅସୁବିଧା ଭିତରେ ଅଭିଳଷିତ ଫଳ ପାଇବେ। ବନ୍ଧୁଙ୍କ ସହାନୁଭୂତିର ସୁଯୋଗ ଲାଭ କରି ନିଜକୁ ଧନ୍ୟ ମନେକରି କାମ ହାସଲ କରିପାରନ୍ତି। ହାତକୁ ନେଇଥିବା କାମଗୁଡିକ ସମ୍ପର୍କରେ ଆଲୋଚନା ଅସମାପ୍ତ ରହିପାରେ। ପାରିବାରିକ ସମସ୍ୟାର ସମାଧାନ ଘଟିବ।

**କର୍କଟ** ଆଜି ଯାହା କରିବା ପାଇଁ ଚିନ୍ତା କରିଥିଲେ ସେଥିରେ ଅସୁବିଧା ହେବନାହିଁ। ବ୍ୟବସାୟ ଓ ପରିବହନରେ ଦେଖିଚାହିଁ ପଦକ୍ଷେପ ନ ନେଲେ ସମସ୍ୟାର ସମ୍ମୁଖୀନ ହେବେ। କେତେକ କ୍ଷେତ୍ରରେ କଅଁଳ କଥା କହି ପରିସ୍ଥିତିକୁ ସୁଧାରି ନେବେ। କାର୍ଯ୍ୟବ୍ୟସ୍ତତା ଯୋଗୁ ଘର କଥା ବୁଝିବାକୁ ସମୟ ପାଇବେ ନାହିଁ।

**ସିଂହ** ଦ୍ୱିତୀୟସ୍ଥ କେତୁ ହେତୁ ପରିବାରର ଅଭାବ ଓ ଅସୁବିଧାକୁ ନେଇ ସରଗରମ ଆଲୋଚନା ହୋଇପାରେ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ଟଙ୍କା ପଇସାକୁ କେନ୍ଦ୍ର କରି ଟଣାଓଟରା ଲାଗିପାରେ। ପୁତ୍ରକନ୍ୟାଙ୍କ ହେତୁକ ସମସ୍ୟା ଲାଗିପାରେ। ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲ ରହିବ।

**କନ୍ୟା** ସମସ୍ୟାଗୁଡ଼ିକ କମିବା ବଦଳରେ ବୃଦ୍ଧି ପାଉଥିବା କାରଣରୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ବିଷମ ପରିସ୍ଥିତିରେ ବନ୍ଧୁଙ୍କଠାରୁ ପ୍ରତ୍ୟୁପକାର ଆଶା ନିରର୍ଥକ ହେବ। ସାମାଜିକ ସ୍ତରରେ ଲୋକସମ୍ପର୍କ ବୃଦ୍ଧି ପାଇବ। ସାଙ୍ଗକୁ ସାଥୀଙ୍କ ସହ ଭ୍ରମଣ ସୁଯୋଗ ଜୁଟିବ। ସାହିତ୍ୟ,ସାମ୍ବାଦିକତା, ପ୍ରଶାସନ ଓ ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ।

**ତୁଳା** ମନ କଥା ମନରେ ରଖି କାମକୁ ବାହାରି ପଡ଼ିବେ ଓ କାମ କରିବାରେ କୌଣସି ଅସୁବିଧା ହେବ ନାହିଁ। କିନ୍ତୁ ଘରୋଇ କଳହକୁ ନେଇ ଅଶାନ୍ତି ଲାଗିରହିବ। କଳା, ସାହିତ୍ୟ ଓ ସାମ୍ବାଦିକତାରେ ପ୍ରଶଂସିତ ହେବା ସହ ସରକାରୀ ସ୍ତରରୁ ଅର୍ଥ ପାଇବେ। ଗବେଷଣା, ଅନୁସନ୍ଧାନ, କୃଷି, ବାଣିଜ୍ୟ ଓ ରାଜନୀତିରେ ଚେଷ୍ଟା ସଫଳ ହେବ।

**ବିଛା** ସକାଳୁ ପ୍ରିୟଜନଟିର ସ୍ୱାସ୍ଥ୍ୟଗତ ସମସ୍ୟା ମନକୁ ନିରୁତ୍ସାହିତ କରିବ। ଯାହାଙ୍କଠାରୁ ଯାହା ପାଇବା ପାଇଁ ପ୍ରତିଶ୍ରୁତି ପାଇଥିଲେ ତାହା ନ ପାଇ ମନ ଭଲ ରହିବ ନାହିଁ। ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ ଏବଂ ଆଜିର ବ୍ୟବସାୟ ପ୍ରାୟତଃ ଭଲ ହେବ। ଅତି ନିକଟରେ ଥିବା ଲୋକଟିର କାର୍ଯ୍ୟକଳାପ ସନ୍ଦେହଜନକ ହୋଇପାରେ।

**ଧନୁ** କର୍ମକ୍ଷେତ୍ରରେ ସହକର୍ମୀ କିମ୍ବା ଆତ୍ମୀୟଙ୍କ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ। ଅଫିସରଙ୍କ ସମ୍ମୁଖରେ ମନର ଭାବକୁ ପ୍ରକାଶ କରିବାରେ ପଛେଇ ଯିବେ। ରୋଗପୀଡ଼ା ଭୋଗ କରୁଥିବା ବ୍ୟକ୍ତିଙ୍କ ଶାରୀରିକ ଅବସ୍ଥାରେ ଉନ୍ନତି ଘଟିବ। ଘରୋଇ କଳହରେ ବହୁତ ସମୟ ଅପବ୍ୟୟ କରିପାରନ୍ତି।

**ମକର** ନିଜ ସହ ଆଦୌ ପଡୁ ନ ଥିବା ଲୋକମାନେ ଗୁଣଗାନ ବଦଳରେ ନିନ୍ଦା ରଟନା କରିବେ। ସାଧାରଣ କଥାକୁ କେନ୍ଦ୍ରକରି ଗୃହରେ କିମ୍ବା ଅଫିସରେ କଳହ ସୃଷ୍ଟି ହୋଇପାରେ। ସଭାସମିତି, ଆନୁଷ୍ଠାନିକ କାମ, କ୍ରୀଡ଼ା ଓ ମନୋରଞ୍ଜନ କାର୍ଯ୍ୟକ୍ରମରେ ପ୍ରଶଂସା ମିଳିବ। ଆପୋସ ମିଳାମିଶାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ।

**କୁମ୍ଭ** ବନ୍ଧୁଙ୍କ ଶତ୍ରୁତା, ପୁଅ ଝିଅଙ୍କ ବାହାଘର ସମସ୍ୟା ନେଇ ବ୍ୟସ୍ତ ରହିପାରନ୍ତି। କର୍ମକ୍ଷେତ୍ରରେ ଅଭାବନୀୟ ସ୍ଥିତିରୁ ସହସା ମୁକ୍ତି ମିଳିବ। ଆକସ୍ମିକ କୌଣସି ପ୍ରତିବନ୍ଧକ କାରଣରୁ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ। ବହୁତ ଦିନର ନୂଆ ଯୋଜନାଟିକୁ କାର୍ଯ୍ୟକାରୀ କରିବା ଉପରେ ଗୁରୁତ୍ୱ ଦେବେ।

**ମୀନ** ଆଜି ସଭାସମିତି, କଳା, ସାହିତ୍ୟ କ୍ଷେତ୍ର ସହ ଦିନଟି ଆର୍ଥିକ ଦୃଷ୍ଟିକୋଣରୁ ମନ୍ଦ ନୁହେଁ। କର୍ମକ୍ଷେତ୍ରରେ ମନ୍ଥର ଗତି ଦେଖାଦେଇପାରେ କିନ୍ତୁ କୌଣସି କାମ ଅଟକିବ ନାହିଁ। ବ୍ୟବସାୟ, ପରିବହନ, ନିର୍ମାଣ କ୍ଷେତ୍ରରେ ସମସ୍ୟା ଲାଗି ରହିବ। କୌଣସି ନୀଚ ଜାତିର ବ୍ୟକ୍ତିବିଶେଷଙ୍କ ସହାୟତାରୁ ଉପକୃତ ହେବେ।

ଆଜି ଜାନୁଆରୀ ୧୧ ତାରିଖ, ଶ୍ରୀମନ୍ଦିର ଏବଂ ଗୃହୀଣାଂ ବକୁଳଲାଗି ଅମାବାସ୍ୟା ଗୁରୁବାର, ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୁର ଶାସ୍ତ୍ରୀଙ୍କ ତିରୋଧାନ ଦିବସ, ସଡ଼କ ସୁରକ୍ଷା ସପ୍ତାହ ଆରମ୍ଭ, ରାଶି ନକ୍ଷତ୍ର–ପୂର୍ବାଷାଢ଼ା/ଧନୁ, ଅମାବାସ୍ୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୬।୨୭ ମି. ଗତେ, ଘ.୦୭।୫୪ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୦୧।୧୬ ମି. ଗତେ, ଘ.୦୨।୨୭ ମଧ୍ୟେ ରାହୁକାଳ।



**ସାଇନାଙ୍କୁ ଡବଲ ସ୍ୱର୍ଣ୍ଣ**

ଓଡ଼ିଶାର ମହିଳା ଅନ୍ତର୍ଜାତୀୟ ମାଷ୍ଟର ସାଇନା ସାଲୋନିକା ନର୍ଥ ଜୋନ୍ ଆନ୍ତଃ ବିଶ୍ୱବିଦ୍ୟାଳୟ ଚେସ୍ ଟୁର୍ନାମେଣ୍ଟରେ ଡବଲ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।

୧୩

୧୦

**'ବିଲ୍‌କିସ୍ ବାନୋ'ଙ୍କ ଉପରେ ସିନେମା କରିବାକୁ ଚାହାନ୍ତି କଙ୍ଗନା**

'ଏକ୍ସ'ରେ ଜଣେ ୟୁଜରଙ୍କ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ଅଭିନେତ୍ରୀ କଙ୍ଗନା ରାଣାୱତ୍ 'ବିଲ୍‌କିସ୍ ବାନୋ'ଙ୍କ କାହାଣୀକୁ ନେଇ ଏକ ଫିଲ୍ମ କରିବାକୁ ଚାହାନ୍ତି ବୋଲି କହିଛନ୍ତି।



**କୁହୁଡ଼ି ଆଚ୍ଛାଦିତ ଶ୍ରୀମନ୍ଦିର**



ବୁଧବାର ପୂର୍ବାହ୍ନ ୮ଟା୨୫: ଘନ କୁହୁଡ଼ିରେ ପୁରୀ ଶ୍ରୀମନ୍ଦିର ଅଦୃଶ୍ୟ ହୋଇଯାଇଛି। (ଫଟୋ-ମନୋରଞ୍ଜନ)

# ରାଜ୍ୟରେ ବାଲି ଉଠାଣ ବନ୍ଦ

## ପୁଣି ହାଇକୋର୍ଟ ଛାଟ

**କଟକ,୧୦।୧ (କାର୍ତ୍ତିକ ସାହୁ)**

ରାଜ୍ୟରେ ନଦୀଶଯ୍ୟାରୁ ବାଲି ଉତ୍ତୋଳନ ଉପରେ ପୁଣି ଲାଗିଛି ହାଇକୋର୍ଟଙ୍କ ଛାଟ। ବାଲି ଉଠାଣ ନେଇ ରାଜ୍ୟ ଖଣି ବିଭାଗ କରିଥିବା ବିଜ୍ଞପ୍ତି ଉପରେ ହାଇକୋର୍ଟ ବୁଧବାର ସ୍ଥଗିତାଦେଶ ଜାରି କରିଛନ୍ତି। ହାଇକୋର୍ଟ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଡ. ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଓ ବିଚାରପତି ମୁରାହରି ଶ୍ରୀରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରି ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ବାଲି ଉଠାଣ ଉପରେ ଏହି ଅଙ୍କୁଶ ଲଗାଇଛନ୍ତି। ଆସନ୍ତା ଫେବୃଆରୀ ୧ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ପ୍ରକାଶ ଯେ, ବେଆଇନ ବାଲି ଚାଲାଣକୁ ନେଇ ହାଇକୋର୍ଟରେ ରୁଜୁ ଜନସ୍ୱାର୍ଥ ମାମଲାର ଗତ ଡିସେମ୍ବର ୨ ତାରିଖ ଶୁଣାଣିରେ ହାଇକୋର୍ଟ କଟକର ତତ୍କାଳୀନ ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ଉପରେ ଭୀଷଣ କ୍ଷୁବ୍ଧ ହୋଇଥିଲେ। ଚୟନୀଙ୍କ ପକ୍ଷରୁ ବାଲି ଚାଲାଣକୁ ନେଇ ଦାଖଲ ସତ୍ୟପାଠକୁ ମିଥ୍ୟା ବୋଲି ହାଇକୋର୍ଟ ଅଭିହିତ କରିଥିଲେ। ବାଲି ଚାଲାଣର ବାସ୍ତବ ସ୍ଥିତି ଅଲଗା ଥିବାରୁ କେବଳ ନାମକୁ ମାତ୍ର ଜରିମାନା ଆଦାୟ କରି ବେଆଇନ ବାଲି ଚାଲାଣକୁ ପ୍ରଶାସନ ପ୍ରୋତ୍ସାହିତ କରୁଥିବା ହାଇକୋର୍ଟ କହିଥିଲେ। ଏପରି କି ତାଙ୍କ ବିରୋଧରେ ଆପରାଧିକ କାର୍ଯ୍ୟାନୁଷ୍ଠାନ ନିଆଯିବା ଉଚିତ୍ ବୋଲି ହାଇକୋର୍ଟ ମତ ଦେଇଥିଲେ। ପରବର୍ତ୍ତୀ ଶୁଣାଣି ଡିସେମ୍ବର ୧୯ ତାରିଖରେ ରାଜ୍ୟ ସରକାରଙ୍କ ପକ୍ଷରୁ ଆଡ୍‌ଭୋକେଟ୍ ଜେନେରାଲ ବାଲି ଉଠାଣ ଉପରେ ଏକ ସତ୍ୟପାଠ ଦାଖଲ କରି ହାଇକୋର୍ଟଙ୍କୁ ଅବଗତ କରାଇଥିଲେ। ଉକ୍ତ ସତ୍ୟପାଠ ଅନୁସାରେ ୧୪ଟି ବାଲିଘାଟକୁ ବନ୍ଦ କରାଯାଇଛି। ଏଥିସହ କୌଣସି ବାଲିଘାଟ ଚାଲୁ ନାହିଁ ବୋଲି ଦର୍ଶାଇଥିଲେ। ହେଲେ ଡିସେମ୍ବର ୨୧ ତାରିଖରେ ରାଜ୍ୟ ଖଣି ବିଭାଗ ବାଲି ଉଠାଣ ଉପରେ ଏକ ବିଜ୍ଞପ୍ତି ଜାରି କରିଥିଲା। ଅତି ଆବଶ୍ୟକତାକୁ ଦୃଷ୍ଟିରେ ରଖି ଖଣି ବିଭାଗ ଅନୁମତି ଦେଇଥିଲା। ଏନେଇ ଆବେଦନକାରୀଙ୍କ ପକ୍ଷରୁ ହାଇକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ବାଲିଘାଟରୁ ମେଶିନ ଦ୍ୱାରା ବାଲି ଉଠାଇବା ନିୟମ ନ ଥିବାବେଳେ ଖଣି ବିଭାଗ ମେକାନିକାଲ ଭାବେ ବାଲି ଉତ୍ତୋଳନ କରିବାକୁ ବିଜ୍ଞପ୍ତିରେ ପ୍ରକାଶ କରିଥିଲା। ହେଲେ ମେକାନିକାଲ ଉପାୟରେ କେମିତି ବାଲି ଉଠାଇବେ ତାହା ସ୍ପଷ୍ଟ କରି ନ ଥିଲା। ଫଳରେ ରାଜ୍ୟ ସରକାରଙ୍କ ଏହି ବିଜ୍ଞପ୍ତି ଉପରେ ହାଇକୋର୍ଟ କ୍ଷୁବ୍ଧ ହେବା ସହ ସ୍ଥଗିତାଦେଶ ଜାରି କରିଛନ୍ତି।

କଟକ ସହର ସମେତ ବିଭିନ୍ନ ନଦୀପଠାରୁ ବେଆଇନ ☞ପୃଷ୍ଠା-୪

# ଶିନ୍ଦେ ଗୋଷ୍ଠୀ ପ୍ରକୃତ ଶିବସେନା:ବାଚସ୍ପତି

- **ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିବୁ: ଉଦ୍ଧବ**

**ମୁମ୍ବାଇ,୧୦।୧**

ମହାରାଷ୍ଟ୍ର ବିଧାନସଭା ବାଚସ୍ପତି ରାହୁଲ ନାରୱେକର ବୁଧବାର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ଶିବସେନା ଗୋଷ୍ଠୀକୁ ପ୍ରକୃତ ରାଜନୈତିକ ଦଳର ମାନ୍ୟତା ଦେଇଛନ୍ତି। ଏଥିସହ ପୂର୍ବତନ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେଙ୍କ ନେତୃତ୍ୱାଧୀନ ଶିବସେନା ୟୁବିଟି ପକ୍ଷରୁ ଦାବି ହୋଇଥିବା ୧୬ ବିଦ୍ରୋହୀ ବିଧାୟକଙ୍କ ବିଧାନସଭା ସଦସ୍ୟତା ରଦ୍ଦ କରିବାକୁ ମନା କରିଦେଇଛନ୍ତି। ବାଚସ୍ପତି ନାରୱେକର ଶିନ୍ଦେ ଏବଂ ବିରୋଧୀ ଉଦ୍ଧବ ଗୋଷ୍ଠୀ ପକ୍ଷରୁ ପରସ୍ପର ବିରୋଧରେ ଆଗତ ଅଯୋଗ୍ୟ ଆବେଦନଗୁଡ଼ିକ ଉପରେ ନିଜ ରାୟ ଶୁଣାଇଛନ୍ତି। ସେ କହିଛନ୍ତି, ୨୦୨୨ ଜୁନ୍‌ରେ ଆବିର୍ଭାବ ହୋଇଥିବା ଶିବସେନା ହିଁ ପ୍ରକୃତ ଶିବସେନା। ୨୦୨୨ ଜୁନ୍ ୨୧ରେ ଶିବସେନା ୟୁବିଟିର ସୁନୀଲ ପ୍ରଭୁ ସଚେତକ ପଦ ହରାଇସାରିଥିଲେ ଏବଂ ଶିନ୍ଦେ ଗୋଷ୍ଠୀର ଭରତ ଗୋଗାୱାଲେ କ୍ଷମତାପ୍ରାପ୍ତ ହୁଇପ୍ ହୋଇଥିଲେ। ତେଣୁ ଶିନ୍ଦେଙ୍କୁ ଶିବସେନା ନେତା ନିଯୁକ୍ତ କରିବା ବୈଧ ନିଷ୍ପତ୍ତି। ତାଙ୍କ ସହ ମିଶି ବିଦ୍ରୋହ କରିଥିବା ବିଧାୟକମାନଙ୍କ ସଦସ୍ୟତା ରଦ୍ଦ କରାଯାଇପାରିବ ନାହିଁ। ଶିନ୍ଦେଙ୍କୁ ହଟାଇବା କ୍ଷମତା ଉଦ୍ଧବଙ୍କର ନ ଥିଲା। ଏପରି କି ଦଳର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ଆୟୋଜନ କରିବା କ୍ଷମତା ମଧ୍ୟ ଶିବସେନା ପ୍ରମୁଖଙ୍କର ନ ଥିଲା। ଶିବସେନାର ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ମନ୍ଦିର ବାହାରେ ସନ୍ଥ**

# ଆଳୁ ବିହନ ଯୋଗାଣରେ ଅବ୍ୟବସ୍ଥା

**ଜଳେଶ୍ୱର, ୧୦।୧(ରବିନାରାୟଣ ପାତ୍ର)**

ରାଜ୍ୟରେ ଆଳୁ ଚାହିଦା ମେଣ୍ଟାଇବା ଲାଗି ୧୦ବର୍ଷ ପୂର୍ବେ ଗଠନ ହୋଇଥିବା ଆଳୁ ମିଶନ ବାଲେଶ୍ୱର ଜିଲାରେ ଫେଲ୍ ମାରିଛି। ଚଳିତବର୍ଷ ବାଲେଶ୍ୱର ଜିଲାରେ ୧୬୬୦ ହେକ୍ଟର ଜମିରେ ଆଳୁଚାଷ ଲାଗି ଲକ୍ଷ୍ୟ ରହିଥିଲା। ବିହନ ଅଭାବରୁ ଜଳେଶ୍ୱର, ବସ୍ତାରେ ମାତ୍ର ୪୦ ହେକ୍ଟର ଜମିରେ ଚାଷ ପାଇଁ ବିହନ ବଣ୍ଟାସରିଛି। ଅମଳ ପରେ ସଂରକ୍ଷଣ ବ୍ୟବସ୍ଥା ନ ଥିବାରୁ ଅଭାବୀ ବିକ୍ରିର ସମ୍ମୁଖୀନ ହେବା ଆଶଙ୍କା ଥିବାରୁ ଚାଷୀମାନେ ଆଳୁ ଚାଷରୁ ମୁହଁ ମୋଡୁଛନ୍ତି । ଅଧିକ ପ୍ରୋତ୍ସାହନ ସହିତ ନିର୍ଦ୍ଦିଷ୍ଟ ସମୟରେ ଆଳୁ ବିହନ ଯୋଗାଣ ଓ ଅମଳ ପରେ ସଂରକ୍ଷଣ ଲାଗି ଶୀତଳଭଣ୍ଡାର ସୁବିଧା କରାଗଲେ ଆଳୁ ମିଶନ କାର୍ଯ୍ୟକ୍ଷମ ହୋଇପାରନ୍ତା ବୋଲି ଚାଷୀମାନେ କହିଛନ୍ତି।

ଆଳୁ ସାଧାରଣତଃ ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ ଓ ମହାରାଷ୍ଟ୍ରରୁ ଆମଦାନୀ ହୋଇଥାଏ। କେତେକ ସମୟରେ ଉପରୋକ୍ତ ରାଜ୍ୟରୁ ଆଳୁ ଆସିବାରେ କଟକଣା ଦେଖାଦେଲେ ଲୋକେ କିଲୋ ପ୍ରତି ୮୦ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟରେ କିଣିବାକୁ ବାଧ୍ୟ ହୋଇଥାନ୍ତି। ଏହାର ପ୍ରତିକାର ଲାଗି ୧୦ବର୍ଷ ପୂର୍ବେ ଆଳୁ ମିଶନ ଗଠିତ ହୋଇ ରାଜ୍ୟର କେତେକ ସ୍ଥାନରେ ଆଳୁ ଚାଷ କରିବା ଲାଗି ପ୍ରୋତ୍ସାହନ ବ୍ୟବସ୍ଥା ହୋଇଥିଲା। ଆଳୁ ମିଶନ ଅନୁଯାୟୀ ଶୀତଳଭଣ୍ଡାର ଲାଗି ସରକାର ୧୦ କୋଟି ଟଙ୍କା ଯୋଗାଇ ୫୦ପ୍ରତିଶତ ରିହାତି ବ୍ୟବସ୍ଥା ରଖିଥିଲେ ମଧ୍ୟ ବ୍ୟାଙ୍କର ବିଭିନ୍ନ କଟକଣା ଯୋଗୁ ଗାଁ ଗହଳିର ଚାଷୀ ଏପରି ସୁବିଧାକୁ ବିନିଯୋଗ କରିପାରୁନାହାନ୍ତି। ଅନ୍ୟପକ୍ଷରେ ଆଳୁ ବିହନ ପଞ୍ଜାବର ପୋଖରାଜରୁ ଅଣାଯାଇ ଚାଷୀଙ୍କୁ ଦେବାର ବ୍ୟବସ୍ଥା ରହିଛି। ହେଲେ ନିର୍ଦ୍ଦିଷ୍ଟ ସମୟରେ ସରକାରୀ ଆଳୁ ବିହନ ଚାଷୀଙ୍କ ନିକଟରେ ପହଞ୍ଚିପାରୁନାହିଁ। ବରଂ ଚାଷୀମାନେ ସ୍ଥାନୀୟ ବ୍ୟବସାୟୀଙ୍କଠାରୁ ଆଳୁ ବିହନ କିଣି ଚାଷ କରିବାକୁ ବାଧ୍ୟ ହେଉଛନ୍ତି।

ଚଳିତବର୍ଷ ବାଲେଶ୍ୱର ଜିଲାରେ ୧୬୬୦ ହେକ୍ଟର ଜମିରେ ଆଳୁଚାଷ ହେବା ଲାଗି ଲକ୍ଷ୍ୟଧାର୍ଯ୍ୟ ହୋଇଛି । ସେଥିରୁ ଜଳେଶ୍ୱର କୃଷି ଜିଲା ଅଧୀନ ଜଳେଶ୍ୱରରେ ୨୬୦, ବାଲିଆପାଳରେ ୨୬୦ ଓ ଭୋଗରାଇରେ ୫୦ ହେକ୍ଟର ଜମିରେ ଆଳୁଚାଷ ହେବା ଲାଗି ଲକ୍ଷ୍ୟଧାର୍ଯ୍ୟ ହୋଇଛି। ଯୋଗାଣ ହୋଇଥିବା ଆଳୁ ବିହନକୁ ଲକ୍ଷ୍ୟ କରି କେବଳ ବସ୍ତା ଓ ଜଳେଶ୍ୱର ବ୍ଲକରେ ୪୦ ହେକ୍ଟର ଜମିରେ ଚାଷ ଲାଗି ବ୍ୟବସ୍ଥା ହୋଇଛି । ଜଳେଶ୍ୱରରେ ଗତବର୍ଷ ୧୬.୬୭ ହେକ୍ଟର ଜମିରେ ଆଳୁଚାଷ ହୋଇଥିବା ବେଳେ ଚଳିତବର୍ଷ ମାତ୍ର ୧୦ହେକ୍ଟର ଜମିରେ ଚାଷ ହେବା ଲାଗି ୩୦୦ ବ୍ୟାଗ୍ ୧୫ କୁଇଣ୍ଟାଲ ବିହନ ଆସିଥିବା ସ୍ଥାନୀୟ ଉଦ୍ୟାନବିତ୍ ସୌମ୍ୟା ରଥ କହିଛନ୍ତି । ଜଳେଶ୍ୱରର ଚାଲନ୍ତି, ଏକତାଳି ଓ ଗଡସାହି ବାଲିଆପାଳର ୧୦୦ଜଣ ଚାଷୀଙ୍କୁ ଏଭଳି ଆଳୁ ବିହନ ବଣ୍ଟାଯାଇଛି। ବିହନର ମାନ ଠିକ୍ ରହୁ ନ ଥିବାରୁ ଚାଷୀମାନେ ☞ପୃଷ୍ଠା-୪

# ଅଯୋଧ୍ୟା ଯିବେନି ସୋନିଆ, ଖାର୍ଗେ



ସୋନିଆ ଗାନ୍ଧୀ | ମଲ୍ଲିକାର୍ଜୁନ ଖାର୍ଗେ

## କଂଗ୍ରେସ କହିଲା

- **ଧର୍ମ ଏକ ବ୍ୟକ୍ତିଗତ ବ୍ୟାପାର**
- **ରାମମନ୍ଦିର ପ୍ରାଣ ପ୍ରତିଷ୍ଠା ଉତ୍ସବ ଭାଜପାର ରାଜନୈତିକ ଲାଭ ପାଇଁ ଉଦ୍ଦିଷ୍ଟ**

**ନୂଆଦିଲ୍ଲୀ,୧୦।୧**

ଆସନ୍ତା ୨୨ରେ ଅଯୋଧ୍ୟାରେ ହେବାକୁ ଥିବା ରାମମନ୍ଦିର ପ୍ରାଣ ପ୍ରତିଷ୍ଠା ଉତ୍ସବରେ କଂଗ୍ରେସ ସଂସଦୀୟ ଦଳ ନେତ୍ରୀ ସୋନିଆ ଗାନ୍ଧୀ ଓ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଯୋଗଦେବେ ନାହିଁ। ସେହିପରି ନିମନ୍ତ୍ରଣ ପାଇଥିବା ଲୋକ ସଭାରେ କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ ମଧ୍ୟ ଏହି କାର୍ଯ୍ୟକ୍ରମରେ ସାମିଲ ହେବେ ନାହିଁ ବୋଲି ବୁଧବାର ଦଳ ପକ୍ଷରୁ କୁହାଯାଇଛି।

ଏଆଇସିସି ସାଧାରଣ ସମ୍ପାଦକ ଜୟରାମ ରମେଶ ଏକ ବିବୃତିରେ କହିଛନ୍ତି, ଧର୍ମ ଏକ ବ୍ୟକ୍ତିଗତ ବ୍ୟାପାର। କିନ୍ତୁ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ଏବଂ ଭାରତୀୟ ଜନତା ପାର୍ଟି (ଭାଜପା) ଅଯୋଧ୍ୟା ରାମମନ୍ଦିରକୁ ଏକ ରାଜନୈତିକ ପ୍ରକଳ୍ପରେ ପରିଣତ କରିଦେଇଛନ୍ତି। ଭାଜପା-ଆର୍‌ଏସ୍‌ଏସ୍ ନେତାମାନଙ୍କ ଦ୍ୱାରା ଅସମ୍ପୂର୍ଣ୍ଣ ମନ୍ଦିରର ଉଦ୍‌ଘାଟନ ରାଜନୈତିକ ଲାଭ ପାଇଁ କରାଯାଉଛି। ୨୦୧୯ରେ ସୁପ୍ରିମକୋର୍ଟ ଦେଇଥିବା ରାୟକୁ ମାନି ଅନେକ ନିୟୁତ ରାମଭକ୍ତଙ୍କ ଭାବାବେଗକୁ ଖାର୍ଗେ, ସୋନିଆ ଓ ଅଧୀର ସମ୍ମାନ ଦେଉଛନ୍ତି। କିନ୍ତୁ ଆର୍‌ଏସ୍‌ଏସ୍/ଭାଜପାର ବୋଲି ସ୍ପଷ୍ଟ ପ୍ରତୀୟମାନ ହେଉଥିବା ଏହି କାର୍ଯ୍ୟକ୍ରମରେ ସେମାନେ ସାମିଲ ହେବେ ନାହିଁ।

ସଂଖ୍ୟାଲଘୁଙ୍କ ଭାବାବେଗ ସହ କଂଗ୍ରେସ ଖେଳୁଥିବା ନେଇ ଭାଜପା ଅଭିଯୋଗ ଆଣୁଥିବାବେଳେ ସାଧାରଣ ନିର୍ବାଚନ ପୂର୍ବରୁ ଏହି ହାଇପ୍ରୋଫାଇଲ କାର୍ଯ୍ୟକ୍ରମରେ ଯୋଗଦେବାକୁ କଂଗ୍ରେସ ମନା କରିବା ଦୁଇଦଳ ମଧ୍ୟରେ ଆଉ ଏକ ବିବାଦର ସୂତ୍ର ପାଲଟିପାରେ। ବାମପନ୍ଥୀ, ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସମେତ ଅନେକ ବିରୋଧୀ ଦଳ ପ୍ରାଣପ୍ରତିଷ୍ଠା ଉତ୍ସବରେ ଯୋଗ ନ ଦେବାକୁ ନିଷ୍ପତ୍ତି ନେଇଛନ୍ତି। ସମାଜବାଦୀ ପାର୍ଟି (ଏସ୍‌ପି) ବିଶ୍ୱ ହିନ୍ଦୁ ପରିଷଦ (ଭିଏଚ୍‌ପି)ର ନିମନ୍ତ୍ରଣକୁ ଅଗ୍ରାହ୍ୟ କରିଦେଇଥିଲେ ହେଁ ଯୋଗଦେବା ଉପରେ ନିଷ୍ପତ୍ତି ନେଇନାହିଁ। ଏସ୍‌ପି ବିଧାୟକମାନେ କିନ୍ତୁ ଯିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ମୁଖ୍ୟ ଶରଦ ପାୱାର କହିଛନ୍ତି, ☞ପୃଷ୍ଠା-୪

# ସ୍କୁଲରେ ଚାକିରି ଦେବା ଆଳରେ ବଡ଼ ଠକେଇ

## ଦମ୍ପତିଙ୍କ ସମେତ ୩ଜଣଙ୍କୁ ଗିରଫ କଲା ଇଓଡବ୍ଲ୍ୟୁ

- **୬ ରାଜ୍ୟରେ ଠକେଇର ଡେର, ୧.୭ କୋଟି ଟଙ୍କା କାରବାର**
- **ନକଲି ସରକାରୀ ୱେବ୍‌ସାଇଟ୍ ଖୋଲି ଫସାଉଥିଲେ, ଆଗକୁ ନେଇଥାନ୍ତେ ବିପୁଳ ଟଙ୍କା**



ଗିରଫ ଅଭିଯୁକ୍ତ ମହମ୍ମଦ ସନାଉଲ୍ଲହା ଓ ସୁରତ ଦଳାଇ।

**ଭୁବନେଶ୍ୱର,୧୦।୧(ସତ୍ୟଜିତ୍ ରାଉତ)**

ସରକାରୀ ଭଳି ତିଆରି କରିଥିଲେ ଅବିକଳ ୱେବସାଇଟ୍। ଖବରକାଗଜରେ ବିଜ୍ଞାପନ ଦେଇ ବିଛାଉଥିଲେ ଠକେଇର ଜାଲ। ସ୍କୁଲରେ ଚାକିରି ଦେବାକୁ କହି ଫସାଉଥିଲେ। ଆଗକୁ ଚାକିରି ଆଶାୟୀଙ୍କଠାରୁ ବଡ଼ ପରିମାଣର ଟଙ୍କା ଲୁଟିନେବାର ଯୋଜନା କରିଥିଲେ। ହେଲେ ବୁଧବାର ଏହି ବଡ଼ ଆନ୍ତଃରାଜ୍ୟ ଠକେଇ ର୍‌ୟାକେଟର ପର୍ଦ୍ଦାଫାଶ କରିଛି ଓଡ଼ିଶା କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ)। ର୍‌ୟାକେଟରେ ସମ୍ପୃକ୍ତ ଦମ୍ପତିଙ୍କ ସମେତ ୩ ପ୍ରମୁଖ ସଦସ୍ୟଙ୍କୁ ଭୁବନେଶ୍ୱରରୁ ଇଓଡବ୍ଲ୍ୟୁ ଟିମ୍ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ହାଇଦ୍ରାବାଦ୍‌ର ମହମ୍ମଦ ସନାଉଲ୍ଲହା, ସାକ୍ଷୀ ଜୈନ୍ ଓ ବାଲେଶ୍ୱରର ସୁରତ ଦଳାଇ। ଏହି ୩ଜଣ କିଛିମାସ ହେଲା ଓଡ଼ିଶାରେ ରହି ବଡ଼ଧରଣର ଠକେଇ ପାଇଁ ଲାଗିପଡିଥିଲେ। ସେମାନଙ୍କ ପାଖରୁ ଗୋଟିଏ ଲାପଟପ୍, ୮ ମୋବାଇଲ, ୩ ପେନ୍‌ଡ୍ରାଇଭ୍, ୧୨ଟି ଏଟିଏମ୍ କାର୍ଡ ଓ ୧ ଲକ୍ଷ ନଗଦ ଟଙ୍କା ଜବତ ହୋଇଛି। ଇଓଡବ୍ଲ୍ୟୁ ଏନେଇ ସୂଚନା ପାଇବା ପରେ ଜାନୁଆରୀ ୯ରେ ନିଜ ପକ୍ଷରୁ ଏକ ମାମଲା (ନଂ.୧/୨୦୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ସ୍କୁଲ୍‌ର ବିଭିନ୍ନ ପଦବୀରେ ଚାକିରି ପାଇଁ ଆବେଦନ କରିବାକୁ ଗତ ଡିସେମ୍ବର ୧୮ ଓ ୨୨ରେ ଏଡେଡ୍ ସ୍କୁଲ୍‌ସ ୱେଲ୍‌ଫେୟାର ଏଜୁକେଶନ ସୋସାଇଟି ନାଁରେ ଓଡ଼ିଆ ଖବରକାଗଜ 'ସମ୍ବାଦ'ରେ ବିଜ୍ଞାପନ ପ୍ରକାଶ ପାଇଥିଲା। ଇଓଡବ୍ଲ୍ୟୁ ଏହାର ଖୋଳତାଡ଼ କରିବା ଭିତରେ ଏହା ପଛରେ ବଡ଼ ଠକେଇ ର୍‌ୟାକେଟ୍ ଥିବା ଜଣାପଡ଼ିଥିଲା। ଅଭିଯୁକ୍ତମାନେ ଦିଲ୍ଲୀ, ମୁମ୍ବାଇ ଓ ହାଇଦ୍ରାବାଦ୍‌ରେ ରହି ଓଡ଼ିଶା, ଜମ୍ମୁ-କଶ୍ମୀର, ଗୁଜରାଟ, ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ଛତିଶଗଡ଼ ସମେତ ୬ଟି ରାଜ୍ୟରେ ଏପରି ଠକେଇ କରୁଥିବା ଜଣାପଡିଥିଲା। ତେବେ ଅଭିଯୁକ୍ତମାନଙ୍କୁ ଗିରଫ ପରେ ଇଓଡବ୍ଲ୍ୟୁ ସେମାନଙ୍କୁ କଟକ ଓପିଆଇଡି କୋର୍ଟକୁ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ପରେ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ☞ପୃଷ୍ଠା-୪

# ନାବାଳିକାଙ୍କୁ ଗଣବଳାତ୍କାର ପରେ ହତ୍ୟା

**ବଡ଼ଗାଁ, ୧୦।୧(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ବାଗବୁଡ ଗାଁ ନିକଟ ରାସ୍ତା ପାର୍ଶ୍ୱ ଜଙ୍ଗଲରୁ ଇତମା ଗ୍ରାମର ଜଣେ ନାବାଳିକାଙ୍କ ମୃତଦେହ ବୁଧବାର ପୋଲିସ ଜବତ କରିଛି। ତାଙ୍କୁ ଗଣବଳାତ୍କାର ପରେ ହତ୍ୟା କରାଯାଇଥିବା ପରିବାର ଲୋକେ ପୋଲିସ ନିକଟରେ ଅଭିଯୋଗ କରିଛନ୍ତି।

ଇତମା ଗ୍ରାମର ସମ୍ପୃକ୍ତା ନାବାଳିକା ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ଶାଗ ତୋଳିବାକୁ ଯାଉଛି କହି ଘରୁ ବାହାରିଥିଲେ। ସନ୍ଧ୍ୟା ସୁଦ୍ଧା ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ଏହି ସମୟରେ ଗ୍ରାମର ଜଣେ ଯୁବକଙ୍କ ସହ ନାବାଳିକା ଯାଉଥିବା ଦେଖିଥିଲେ ବୋଲି ଗ୍ରାମର ଜଣେ ବ୍ୟକ୍ତି ପରିବାର ଲୋକଙ୍କୁ ସୂଚନା ଦେଇଥିଲେ। ଏ ନେଇ ନାବାଳିକାଙ୍କ ଭାଇ ରାତିରେ ଥାନାରେ ନିଖୋଜ ହୋଇଥିବା ଜଣାଇଥିଲେ। ବୁଧବାର ସକାଳେ ନାବାଳିକାଙ୍କ ମୃତଦେହ ଜଙ୍ଗଲରେ ପଡ଼ିଥିବା ଲୋକେ ଦେଖି ତାଙ୍କ ପରିବାର ଲୋକଙ୍କୁ ସୂଚନା ଦେଇଥିଲେ। ନାବାଳିକାଙ୍କ ଓଢ଼ଣିର କିଛି ଅଂଶ ଏକ ଗଛରେ ବନ୍ଧାହୋଇଥିଲାବେଳେ ବେକରେ କିଛି ଅଂଶ ବନ୍ଧା ହୋଇଛି। ଏଥିରୁ ହତ୍ୟା ପରେ ଆତ୍ମହତ୍ୟା ରୂପ ଦେବାକୁ ଚେଷ୍ଟା ☞ପୃଷ୍ଠା-୪

# 'ସବୁଜ ରାକ୍ଷସ'ର ରହସ୍ୟ ଫିଟାଇଲା ନାସା



ୱାଶିଂଟନ୍,୧୦।୧: ମହାକାଶରେ ଗତବର୍ଷ ଠାବ ହୋଇଥିବା ଗ୍ରିଞ୍ଚ ନାମକ ଏକ 'ସବୁଜ ରାକ୍ଷସ'ର ରହସ୍ୟ ଭେଦ କରିବାରେ ସକ୍ଷମ ହୋଇଛି ଆମେରିକୀୟ ମହାକାଶ ଗବେଷଣା ସଂସ୍ଥା ନାସାର ସଦ୍ୟ ଅଧ୍ୟୟନ। ଏନେଇ ସ୍ପେସ୍ ଡଟ୍ କମ୍‌ରେ ଏକ ରିପୋର୍ଟ ପ୍ରକାଶ ପାଇଛି। ଉକ୍ତ ରିପୋର୍ଟ ଅନୁସାରେ ନାସାର ଜେମ୍ସ ୱେବ୍ ସ୍ପେସ୍ ଟେଲିସ୍କୋପ୍ ଗତବର୍ଷ ଏପ୍ରିଲରେ 'ଗ୍ରୀନ୍ ମୋନ୍‌ଷ୍ଟର'ର ଫଟୋକୁ ନିଜ ଲେନ୍ସରେ କଏଦ୍ କରିଥିଲା। ପୃଥିବୀଠାରୁ ପ୍ରାୟ ୧୧,୦୦୦ ଆଲୋକବର୍ଷ ଦୂରତାରେ ଉତ୍ତପ୍ତ ବାଷ୍ପର ଏକ ବର୍ଦ୍ଧନଶୀଳ କୋଷିକା ଅବସ୍ଥିତ। ତହିଁରେ ଥିବା କାସିଓପିଆ ଏ (କାସ୍ ଏ)ର ସମ୍ମୁଖ ଭାଗ ଅଦ୍ଭୁତ 'ଏମିଶନ ୱାଲ୍'ର ଚିତ୍ରକୁ ଟେଲିସ୍କୋପ୍ ଉତ୍ତୋଳନ କରିଛି। ଆମ ପାଖରେ ୩୪୦ ବର୍ଷ ପୂର୍ବେ ପହଞ୍ଚିଥିବା କାସ୍ ଏର ଆଲୋକ ଅତୀତରେ ମହାକାଶ ବିଜ୍ଞାନୀମାନଙ୍କୁ ବିସ୍ମିତ କରିଦେଇଥିଲା। ଗତ ୮ତାରିଖରେ ନ୍ୟୁ ଅର୍ଲିନ୍ସରେ ଅନୁଷ୍ଠିତ ଆମେରିକାନ୍ ଆଷ୍ଟ୍ରୋନୋମିକାଲ ସୋସାଇଟି ସମ୍ମିଳନୀରେ ଏହା ଉପରେ ବିସ୍ତୃତ ବିବରଣୀ ଉପସ୍ଥାପନ କରାଯାଇଥିଲା। ସେଥିରୁ ଜଣାପଡ଼ିଛି ଯେ, କାସ୍ ଏ ବିସ୍ଫୋରଣରେ ଧ୍ୱଂସ ହୋଇସାରିଥିବା ଏକ ନକ୍ଷତ୍ରର ଅବଶେଷ। ଏହି ତାରକା ୩୪୦ ବର୍ଷ ତଳେ ବିସ୍ଫୋରଣ ହୋଇ ସୁପରନୋଭାରେ ପରିଣତ ହୋଇଥିଲା। ଏହା ପ୍ରାୟ ୧୦ ଆଲୋକବର୍ଷ କ୍ଷେତ୍ରରେ ପରିବ୍ୟାପ୍ତ। ଏଥିରେ ଥିବା ସବୁଜ ରଙ୍ଗର ଚକଚକିଆ ଲୁପ୍‌କୁ ନେଇ ବିଶେଷଜ୍ଞ ଦଳ ଆଗ୍ରହ ପ୍ରକାଶ କରିଛନ୍ତି। କାସ୍ ଏ'ର ବାହ୍ୟଭାଗରେ ଥିବା ଲାଲ, ସବୁଜ ଓ ନୀଳ ଇନ୍‌ଫ୍ରାରେଡ୍‌କୁ ମଧ୍ୟ ନାସାର ସ୍ପିଟ୍‌ଜର ସ୍ପେସ୍ ଟେଲିସ୍କୋପ୍ କ୍ୟାପ୍‌ଚର କରିବାରେ ସକ୍ଷମ ହୋଇଛି। ଗ୍ରୀନ୍ ମୋନ୍‌ଷ୍ଟରର ବାହ୍ୟରେଖା ଯନ୍ତ୍ରର ଦ୍ୱିତୀୟ ଫଟୋରେ ଦୃଶ୍ୟମାନ ହେଉଛି ବୋଲି ନାସା କହିଛି।

ମୋର ବିଶ୍ୱାସ ଭାରତର ଦୁର୍ବଳତାର ପ୍ରଧାନ କାରଣ ତା'ର ଦାସତ୍ୱ ନୁହେଁ- ଦାରିଦ୍ର୍ୟ କି ଧର୍ମ ବା ଆଧ୍ୟାତ୍ମିକତାର ଅଭାବ ମଧ୍ୟ ନୁହେଁ କିନ୍ତୁ ଚିନ୍ତାଶକ୍ତିର ହ୍ରାସ ଓ ଜ୍ଞାନର ଜନ୍ମଭୂମିରେ ଅଜ୍ଞାନର ବିସ୍ତାର। ସର୍ବତ୍ର ମୁଁ ଦେଖୁଛି- ଚିନ୍ତା କରିବା ନିମିତ୍ତ ଅନିଚ୍ଛା ଓ ଅକ୍ଷମତା ଆଉ ମଧ୍ୟ ଭୟ **-ଶ୍ରୀଅରବିନ୍ଦ**

-ବକୁଳ ଅମାବାସ୍ୟା, ଚନ୍ଦ୍ରକ୍ଷୟ, ନିଶିପାଳନ ଓ ଶରଣ ଆରମ୍ଭ





# ମନ୍ଦିର ବାହାରେ ସନ୍ଥ

ଦେବଦତ୍ତ ପଟ୍ଟନାୟକ

ଖ୍ରୀଷ୍ଟିଆନ ଏବଂ ଇସ୍‌ଲାମିକ ଭକ୍ତି ଈଶ୍ୱରଙ୍କ ନିୟମ ପାଳନ ଉପରେ ପର୍ଯ୍ୟବସିତ। ଈଶ୍ୱରଙ୍କ ନିକଟରେ ଆତ୍ମସମର୍ପଣ ହିଁ ଏହି ଧର୍ମଗୁଡ଼ିକର ମୁଖ୍ୟ ସିଦ୍ଧାନ୍ତ। ସେହିଭଳି ଭାବ ଓ ଭକ୍ତି ହିନ୍ଦୁଧର୍ମର ମୂଳମନ୍ତ୍ର। ଏହି ଭକ୍ତି ମନ୍ଦିରର ଅନେକ ରୀତିନୀତି ଏବଂ ପର୍ବପର୍ବାଣି ସହିତ ଜଡ଼ିତ। ହିନ୍ଦୁମାନେ ଏଥିରେ ଅଂଶଗ୍ରହଣ କରିଥାନ୍ତି। ଏହା ଆମକୁ ଏକ ଦିବ୍ୟଜଗତ ସହ ସମ୍ପର୍କିତ କରିଥାଏ ବୋଲି ବିଶ୍ୱାସ ରହିଛି। ସାମଗ୍ରିକ ଭାବେ ଦେଖିବାକୁ ଗଲେ ସବୁଧର୍ମ ଈଶ୍ୱରଙ୍କ ଉପସ୍ଥିତିକୁ ସ୍ୱୀକାର କରେ। ଖ୍ରୀଷ୍ଟିଆନ ଏବଂ ଇସ୍‌ଲାମ ଧର୍ମ ଅନୁଯାୟୀ ଈଶ୍ୱରଙ୍କ ଉପସ୍ଥିତି କିମ୍ବା ଦୃଷ୍ଟିରେ ସମସ୍ତେ ସମାନ ଥିବାବେଳେ ହିନ୍ଦୁ ମନ୍ଦିର ରୀତିନୀତିରେ ଶୁଦ୍ଧ (ସ୍ୱଚ୍ଛ)ଏବଂ ଅଶୁଦ୍ଧ (ଅସ୍ୱଚ୍ଛ)ବିଚାର ରହିଛି। ଏମାନଙ୍କ ମଧ୍ୟରେ ଉଚ୍ଚନୀଚ ଜାତିଭିତ୍ତିକ ସ୍ତର ମଧ୍ୟ ଅଛି। ହିନ୍ଦୁ ଧର୍ମରେ ଶୁଦ୍ଧମାନେ ମନ୍ଦିର ଭିତର ଭାଗରେ ପ୍ରବେଶ କରିବାକୁ ଅନୁମତି ପାଇଲେ, ଅର୍ଦ୍ଧଶୁଦ୍ଧଙ୍କୁ ମନ୍ଦିରର ଏକ ସୀମା ଯାଏ ପ୍ରବେଶ କରିବାକୁ ଅନୁମତି ମିଳିଲା। କିନ୍ତୁ ଅଶୁଦ୍ଧମାନେ ସମ୍ପୂର୍ଣ୍ଣ ମନ୍ଦିର ବାହାରେ ରହିଗଲେ। ତେଣୁ ଶୁଦ୍ଧ ଏବଂ ଅଶୁଦ୍ଧ ଶ୍ରେଣୀର ସାମାଜିକ ବିଚାରଧାରାରେ ପ୍ରଭେଦ ଓ ତିକ୍ତତା ରହିଛି। ଏହା ଯୋଗୁ ଦେବତା ଓ ଭକ୍ତଙ୍କ ମଧ୍ୟରେ ପାଚେରି ଠିଆ ହୋଇଛି। ଦିଅଁ ଓ ଭକ୍ତ ମଧ୍ୟରେ ଆଧ୍ୟାତ୍ମିକ ଧାରଣାରେ ତିକ୍ତତା ରହିଛି। ଏଭଳି ପାଞ୍ଚଟି କାହାଣୀ ସମ୍ପର୍କରେ ଏଠାରେ ଦୃଷ୍ଟି ଆକର୍ଷଣ କରାଯାଉଛି।

ପ୍ରଥମରେ, ତାମିଲ ବୈଷ୍ଣବଙ୍କ କାହାଣୀ ବିଚାରକୁ ନିଆଯାଉ। ସେହି ସବୁ କାହାଣୀ ମଧ୍ୟରେ ଶ୍ରୀରଙ୍ଗମ୍ ମନ୍ଦିରରେ ଥିରୁପନ ଅଲୱାରଙ୍କ କଥା ଆମେ ଶୁଣିଛୁ। ଶ୍ରୀରଙ୍ଗମ୍ ମନ୍ଦିରର ସେ ମହାନ୍ ଗାୟକ ଓ ଜଣେ ସନ୍ଥ। ସେ ସମୟରେ ବ୍ରାହ୍ମଣମାନେ କାବେରୀ ନଦୀରେ ଗାଧୋଇବା ପବିତ୍ର ବୋଲି ବିବେଚନା କରୁଥିଲେ। ଏଣୁ କାବେରୀ ନଦୀର ଏକ ନିର୍ଦ୍ଦିଷ୍ଟ ଭାଗରେ ଥିରୁପନଙ୍କୁ ପହଞ୍ଚିବାକୁ ଅନୁମତି ଦିଆଯାଏ ନାହିଁ। ଥରେ ସେ ନଦୀକୁ ଯାଇଥିବା ସମୟରେ ଜଣେ ବ୍ରାହ୍ମଣ ଏହି ଗାୟକ ସାଧୁଙ୍କ



ଉପରକୁ ପଥର ଫିଙ୍ଗିଥିଲେ। କିନ୍ତୁ ସେହି ପଥର ହଠାତ୍ ନଦୀର ପବିତ୍ର ଭାଗରେ ଆସି ପଡ଼ିଲା। ବ୍ରାହ୍ମଣଙ୍କ ଏଭଳି କାର୍ଯ୍ୟରେ ଦେବୀ ଅସନ୍ତୁଷ୍ଟ ହେବା ସହ ତାଙ୍କୁ ସ୍ୱପ୍ନରେ ତାହା ଜଣାଇଲେ। ସ୍ୱପ୍ନରେ ଦେବୀଙ୍କ ମୁଣ୍ଡରୁ ରକ୍ତସ୍ରାବ ହେଉଥିବା ସେହି ବ୍ରାହ୍ମଣ ଜଣକ ଦେଖିଲେ। କେବଳ ଏତିକି ନୁହେଁ, ସେହି ସାଧୁ ଗାୟକଙ୍କୁ ମନ୍ଦିର ଭିତରକୁ ନେବା ଲାଗି ଦେବୀ ମଧ୍ୟ ତାଙ୍କୁ ସ୍ୱପ୍ନାଦେଶ କରିଥିଲେ।

ଏହା ପରେ ତାମିଲ ଶୈବମାନଙ୍କ ମଧ୍ୟରେ ନନ୍ଦନାର ନାୟାମନାରଙ୍କ ସମ୍ପର୍କରେ ଏକ କାହାଣୀ ଶୁଣିବାକୁ ମିଳେ। ତାଙ୍କୁ ଚିଦାମ୍ବରମ୍ ମନ୍ଦିରରେ ପ୍ରବେଶ କରିବାକୁ ଅନୁମତି ଦିଆଯାଏ ନାହିଁ। ଅଗ୍ନିରେ ଚାଲିବା ପରେ ତାଙ୍କୁ ମନ୍ଦିର ପ୍ରବେଶ କରିବାକୁ ଅନୁମତି ଦିଆଯାଏ। କାରଣ ଏହି କାର୍ଯ୍ୟ ତାଙ୍କୁ ଶୁଦ୍ଧ ସାବ୍ୟସ୍ତ କରିଥାଏ। ତାଙ୍କର ଶୁଦ୍ଧ ସ୍ଥିତି ବ୍ରାହ୍ମଣଙ୍କ ଉପବୀତ ଏବଂ ଭସ୍ମ ବୋଳାର ପବିତ୍ର ଅବସ୍ଥାକୁ ଦର୍ଶାଏ। ଏହା ଜାତିପ୍ରଥାରେ ଏକ ପରିବର୍ତ୍ତନ ସ୍ଥିତିକୁ ସୂଚାଇଥାଏ। ଏଥିରୁ ବୁଝାପଡ଼େ ଯେ, ମନ୍ଦିରକୁ ପ୍ରବେଶ କରିବା ପାଇଁ ଆବଶ୍ୟକ ହେଉଥିବା ଏକମାତ୍ର ଉପାୟ ହେଉଛି ଶୁଦ୍ଧତା। ଏଭଳି ଅଶୁଦ୍ଧତା ବିଚାର କେବେ ବି ସଦାଚାର କିମ୍ବା ନୈତିକ ସିଦ୍ଧାନ୍ତ ଆଧାରିତ ନୁହେଁ; ଏହା କେବଳ ଏକ ରୀତିନୀତି ବା ପରମ୍ପରା। ନନ୍ଦନାରଙ୍କ କାହାଣୀ ଦ୍ୱାଦଶ ଶତାବ୍ଦୀରେ ଲିଖିତ ପେରିଆ ପୁରାଣମ୍‌ରୁ ଆସିଛି। ଅନ୍ୟ ଏକ କାହାଣୀ ଆମକୁ ସୂଚିତ କରେ ଯେ ନନ୍ଦନାରଙ୍କୁ ମନ୍ଦିର ସୀମା ପାର ହେବାକୁ ଅନୁମତି ଦିଆଯାଇ ନ ଥିଲା। କେବଳ ବାହାରେ ରହି ତାଙ୍କୁ ଦେବତାଙ୍କୁ ଦେଖିବାକୁ ପଡୁଥିଲା। ପଥର ନିର୍ମିତ ନନ୍ଦୀ ତାଙ୍କ ଦିଅଁ ଦର୍ଶନରେ ବାଧା ସୃଷ୍ଟି କରୁଥିଲା। ତେଣୁ ପବିତ୍ର ଗର୍ଭଗୃହର ସ୍ପଷ୍ଟ ଦୃଶ୍ୟ ଦେଖିବାକୁ ସକ୍ଷମ ହେବା ଲାଗି ଶିବ ପଥର ନନ୍ଦୀଙ୍କୁ ଘୁଞ୍ଚାଇ ଦେଇଥିଲେ।

ମହାରାଷ୍ଟ୍ରର ପ୍ରସିଦ୍ଧ ମନ୍ଦିର ପନ୍ଧାରପୁର। ସେଠାରେ ପ୍ରଭୁ ବିଠଲ ବିରାଜିତ। ସେହି ମନ୍ଦିର ସହ ଜଡ଼ିତ ସନ୍ଥ ଚୋଖାମେଲାଙ୍କ ବିଷୟରେ ଆମେ ଜାଣିଛେ। ସେ ଥିଲେ ବିଠଲଙ୍କ ଭକ୍ତ। କିନ୍ତୁ ଚାଖାମେଲାଙ୍କୁ ମନ୍ଦିର ଭିତରକୁ ଯିବାକୁ ଦିଆଯାଇ ନ ଥିଲା। ତାଙ୍କୁ ମନ୍ଦିର ବାହାରେ ସମାଧି ଦିଆଯାଇଛି। ପୂଜକମାନେ କହନ୍ତି ଯେ, ଦିବ୍ୟ ସ୍ପର୍ଶ ଲାଭ କରିବାକୁ ଆଶା କରୁଥିବା ବିଠଲ ଯେଭଳି ନାମ ଜପ କରନ୍ତି ଠିକ୍ ସେମିତି ଏବେ ବି ତାଙ୍କ ଅସ୍ଥି ଶବ୍ଦ (ନାମଜପ)କରିବା ଶୁଣିବାକୁ ମିଳେ।

ଉଦୁପି କର୍ଣାଟକର କନକ ଦାସଙ୍କ ବିଷୟରେ ଆମେ ଶୁଣିବାକୁ ପାଉ। ସେ ଜଣେ ମେଷପାଳକ। ତାଙ୍କୁ ମନ୍ଦିର ଭିତରକୁ ଯିବାକୁ ଦିଆଯାଇ ନ ଥିଲା। କିନ୍ତୁ ସେ ଭକ୍ତି ପଥରୁ ବିଚ୍ୟୁତ ହୋଇ ନ ଥିଲେ। କନକ ଦାସ ମନ୍ଦିର ପଛରେ ବସି ରହନ୍ତି ଓ ବିରାଜିତ ପ୍ରଭୁ ଶ୍ରୀକୃଷ୍ଣଙ୍କ ଭଜନ ଜଣାଣ ଗାନ କରିଥାଆନ୍ତି। ବାସ୍ତବରେ ଭକ୍ତଙ୍କ ପାଇଁ ହିଁ ଭଗବାନ। କନକ ଦାସଙ୍କ ଭଳି ଭକ୍ତଙ୍କୁ ଦେଖିବାକୁ ଆଗ୍ରହୀ ହୋଇ କୃଷ୍ଣଙ୍କ ମୂର୍ତ୍ତି ବୁଲିପଡ଼ିଲେ ଓ ମନ୍ଦିର କାନ୍ଥରେ ଫାଟ ସୃଷ୍ଟି ହେଲା। ଏହିପରି ଭାବେ ପୁରୋହିତମାନେ ଯେଉଁ କଟକଣା ରଖିଥିଲେ ତାହା ସ୍ୱୟଂ ପ୍ରଭୁ ଭାଙ୍ଗିବାକୁ ସକ୍ଷମ ହେଲେ। ଶେଷରେ କନକ ଦାସ ପ୍ରଭୁଙ୍କୁ ଦର୍ଶନ କରିପାରିଲେ।

ଓଡ଼ିଶାର ପୁରୀ ଶ୍ରୀମନ୍ଦିରରେ ପ୍ରଭୁ ଶ୍ରୀଜଗନ୍ନାଥ ବିରାଜିତ। ମନ୍ଦିରର ମୁଖ୍ୟ ଦ୍ୱାର ଦେଇ ପ୍ରବେଶ କରିବା ସମୟରେ ଆଜି ମଧ୍ୟ ଜଣେ ପ୍ରବେଶ କରିବାବେଳେ ଦେବତାଙ୍କର ଏକ ପ୍ରତିକୃତି ଦେଖିବାକୁ ପାଇଥା'ନ୍ତି। ଏହା ପତିତପାବନ ମନ୍ଦିର ଭାବେ ଜଣାଶୁଣା। ଯେଉଁମାନଙ୍କୁ ଜଗନ୍ନାଥ ମନ୍ଦିର ଭିତରକୁ ଯିବାକୁ ଅନୁମତି ଦିଆଯାଇ ନ ଥାଏ, ସେଠାରେ ପ୍ରଭୁଙ୍କ ଦର୍ଶନ ଲାଗି ଏହି ପ୍ରତିକୃତି ରଖାଯାଇଛି। ମନ୍ଦିର ପ୍ରବେଶ ଦ୍ୱାରରେ ପତିତପାବନଙ୍କ ଉପସ୍ଥିତି ଭାରତର ସାମାଜିକ ବାସ୍ତବତାକୁ ସ୍ମରଣ କରାଇ ଦେଇଥାଏ।

-devduttofficial@gmail.com

# ଦୃଢ଼ ଇଚ୍ଛାଶକ୍ତି



ଉମାଶଙ୍କର ପ୍ରସାଦ

ଆମ ଗାଁ ଗହଳିରେ ଗୋଟିଏ ପ୍ରବାଦ ବାକ୍ୟାବଳୀ ଶୁଣିବାକୁ ମିଳିଥାଏ, ଯାହା ହେଉଛି 'ବାମନ ହୋଇ ଚନ୍ଦ୍ରକୁ ହାତ ବଢ଼ାଇବାକୁ ଚେଷ୍ଟା'! ଏ କଥାର ତାତ୍ପର୍ଯ୍ୟ ହେଲା ଦୀନ, ଦୁଃଖୀ, ଅସମର୍ଥ ବ୍ୟକ୍ତି ଯଦି ନିଜର ଅବସ୍ଥାକୁ ବିଚାର ନ କରି ଉଚ୍ଚ ଆଶା ଓ ଆକାଂକ୍ଷାର ସ୍ୱପ୍ନ ଦେଖେ ସେତେବେଳେ ଅନେକ ବ୍ୟକ୍ତି ତା'ର ଏହି ଉଚ୍ଚ ଆଶାକୁ ଦେଖି ଉପରୋକ୍ତ ବାକ୍ୟାବଳୀଟି କହିଥାନ୍ତି। ଯଦି ପୃଥିବୀର ଇତିହାସ ପୃଷ୍ଠାକୁ ଅବଲୋକନ କରିବା ତେବେ ସ୍ପଷ୍ଟ ଅନୁମେୟ ହେବ ଯେ କେତେଜଣ ବାମନ ଅସଂଖ୍ୟ ଡେଙ୍ଗା ଲୋକଙ୍କୁ ଟପି ନିଜର ଅଧ୍ୟବସାୟ, ଦୃଢ଼ ମାନସିକ ତଥା ଅଦମ୍ୟ ଚେଷ୍ଟା ବଳରେ ବାମନ ହୋଇ ସୁଦ୍ଧା ଚନ୍ଦ୍ରକୁ ହାତ ବଢ଼ାଇ ନିଜ ଜୀବନରେ ସଫଳତା ପାଇଛନ୍ତି। ସେଦିନ ବିଲାତରେ କୌଣସି ପିଲା ପରିବାରର ଅର୍ଥାଭାବ ଯୋଗେ ଚା' ନ ପାଇ ଗରମପାଣି ପିଇ ଶୀତ ନିବାରଣ କରୁଥିଲା। କିନ୍ତୁ ସମୟର ଗତି ବଡ଼ ବିଚିତ୍ର। ସେହି ପିଲା ଦିନେ ବିଲାତର ପ୍ରଧାନମନ୍ତ୍ରୀ ହେଲା! ସେହିଭଳି ଯୁକ୍ତରାଷ୍ଟ୍ର ଆମେରିକାର ଜଣେ ପିଲା ଘରେ ଆଲୁଅ ଜାଳିବାକୁ ପଇସା ନ ପାଇବାରୁ ସଡ଼କର ବତିଖୁଣ୍ଟ ଆଲୁଅରେ ବସି ପାଠ ପଢ଼ି ସେହି ଦେଶର ରାଷ୍ଟ୍ରପତି ହୋଇଥିଲେ। ସେହି ଯୁକ୍ତରାଷ୍ଟ୍ରର ଜଣେ ରାଷ୍ଟ୍ରପତିଙ୍କର ଉନ୍ନତି ଘଟିଥିଲା 'ପତ୍ରକୁଡ଼ିଆରୁ ରାଜପ୍ରାସାଦକୁ'। ଆଉ ଜଣେ ଦରିଦ୍ର ବାଳକଟି ଗୋଟିଏ କାଠ କ୍ୟାବିନରେ ବାପା ଓ ସାବତ ମା'ଙ୍କ ସହ ବାସ କରୁଥିଲା। କାଠୁରିଆର ପୁଅ କୌଣସି ବ୍ୟବସାୟୀ ପାଖରେ ଚାକିରିକରି ପେଟ ପୋଷୁଥିଲେ। ସହରକୁ ଜିନିଷପତ୍ର ଡଙ୍ଗାରେ ବୋହିବା ତା'ର ନିତିଦିନିଆ କାର୍ଯ୍ୟ ଥିଲା। ଦିନେ କୌତୂହଳବଶତଃ ଦାସବଜାରକୁ ତାକୁ ଯିବାକୁ ପଡ଼ିଥିଲା। ଦାସମାନଙ୍କୁ କ୍ରୟକରି ତାଙ୍କ ଉପରେ ହେଉଥିବା ଅକଥନୀୟ ଅତ୍ୟାଚାର ଓ ଯନ୍ତ୍ରଣା ଦେଖି ପ୍ରତିଜ୍ଞା କରିଥିଲା, "ଯଦି ଭବିଷ୍ୟତରେ ସେ କେବେ ଏହି ଅସହାୟ ଦୁର୍ଭାଗ୍ୟମାନଙ୍କୁ ମୁକୁଳାଇବାର ସୁବିଧା ପାଏ ତେବେ ସେ ତାକୁ ନିଶ୍ଚୟ ପାଳନକରିବ"। ସେ ଥିଲେ ମହାନ୍ ମାନବବାଦୀ ନେତା ଆବ୍ରାହମ ଲିଙ୍କନ୍। ପରବର୍ତ୍ତୀ ଜୀବନରେ ଆମେରିକାର ରାଷ୍ଟ୍ରପତି ହେବା ସହ ଦାସପ୍ରଥା ଲୋପକରିବାକୁ ଆଇନ ପ୍ରଣୟନ କରିଥିଲେ।

ସେହିପରି ସେଦିନ ବଙ୍ଗ ପ୍ରଦେଶକୁ ଜଣେ ଗୋରା ସାହେବ ଆସିଥିଲେ, ଯେ କି ଦିନେ କୁଲିଗିରି କରି ଜୀବିକାର୍ଜନ କରୁଥିଲେ। ପ୍ରଥମ ମହାସମରର ବିରାଟ ମନ୍ଥନ ମଧ୍ୟରୁ 'ଚେକୋସ୍ଲୋଭାକିଆ' ରାଜ୍ୟ ପ୍ରତିଷ୍ଠା କରିଥିଲେ ସେ ଜଣେ ସାମାନ୍ୟ କଚୱାନ୍‌ର ପୁଅ ଥିଲେ ଯାହାଙ୍କ ନାମ ଥିଲା 'ଟୋମାସ ମାସରିକ୍'। ସେ ଅଧ୍ୟବସାୟ ବଳରେ ସେହି ରାଷ୍ଟ୍ରର ରାଷ୍ଟ୍ରପତି ହୋଇଥିଲେ। ସେହିପରି ସେ ଦିନର ଇଟାଲୀର ଭାଗ୍ୟବିଧାତା ମୁସୋଲିନ୍ ଦରିଦ୍ର କମାରଘରେ ଜନ୍ମ ଗ୍ରହଣ କରିଥିଲେ। ସେ ଦେଶକୁ ସାମ୍ୟବାଦୀ କବଳରୁ ମୁକ୍ତ କରିବା ପାଇଁ ସଂକଳ୍ପବଦ୍ଧ ହୋଇ ଫାସିଦଳ ସଙ୍ଗଠନକରି ଲକ୍ଷ୍ୟ ସାଧନ ଦିଗରେ ସଫଳତାର ପାହାଚ ଚଢ଼ିଥିଲେ। ସେହିପରି ପୃଥିବୀ ବିଖ୍ୟାତ ହିଟ୍‌ଲର ଇଟାଭାଟିରେ କାମ କରି ନିଜର ପେଟ ପୋଷୁଥିଲେ। କିନ୍ତୁ ତାଙ୍କର ପ୍ରତ୍ୟୁତ୍ପନ୍ନମତିତା , ବିଚକ୍ଷଣ ବୁଦ୍ଧି, ଅଦମ୍ୟ ସାହସ , ଦମ୍ଭ ଓ ବାଗ୍ମିତା ବଳରେ ସମାଜବାଦୀ ଦଳ ପ୍ରତିଷ୍ଠା କରିଥିଲେ, ଯାହାଙ୍କ ମୁଖ୍ୟ ଉଦ୍ଦେଶ୍ୟ ଥିଲା ଜର୍ମାନୀ ଗଠନ ଓ ଜାତୀୟ ସମାଜବାଦର ପ୍ରବର୍ତ୍ତନ।

ରୁଷିଆର କର୍ଣ୍ଣଧାର ଷ୍ଟାଲିନ୍ ଜଣେ ଦୃଢ଼ ଓ ଦୁର୍ଦ୍ଦମ ନେତା ତଥା ବାସ୍ତବବାଦୀ ବିଚକ୍ଷଣ ରାଜନୀତିଜ୍ଞ ଭାବରେ ନିଜର ପରିଚୟ ସୃଷ୍ଟି କରିଥିଲେ। ଭାରତର ସେହିପରି ଅନେକ ବ୍ୟକ୍ତିତ୍ୱ ଅଛନ୍ତି ଯେଉଁମାନେ ପିଲାଟି ଦିନରୁ ସଂଘର୍ଷ ଭିତରେ ନିଜକୁ ପ୍ରତିଷ୍ଠିତ କରିପାରିଛନ୍ତି। ସେମାନଙ୍କ ମଧ୍ୟରେ ଈଶ୍ୱର ଚନ୍ଦ୍ର ବିଦ୍ୟାସାଗର ଯାହାଙ୍କ ଜନ୍ମ ସାମାନ୍ୟ ପୂଜାରୀ ଘରେ। ବ୍ୟାସକବି ଫକୀର ମୋହନ ସେନାପତି ଥିଲେ ମାତୃହରା ଓ ରୋଗଣା। ଅନଟନ, ରୁଗ୍ଣ, ପେଟର ଭୋକକୁ ପଛରେ ପକାଇ ସେ ସମୟ ସହିତ ସଂଘର୍ଷ କରି ବ୍ୟାସକବି ହୋଇପାରିଥିଲେ। ଗଙ୍ଗାଧର ମେହେର ଅଳ୍ପ କିଛି ପାଠ ପଢ଼ିଥିଲେ। ଦାରିଦ୍ର୍ୟ ଯୋଗୁ ତାଙ୍କୁ ତନ୍ତ ପାଖରେ ବସି ଲୁଗା ବୁଣି ଗୁଜୁରାଣ ମେଣ୍ଟାଉଥିଲେ। ଜଣେ ପରମ ସାଧକ ଭାବରେ ନିଜର ସାଧନା ବଳରେ ଓଡ଼ିଆ ସାହିତ୍ୟର ବାଣୀଭଣ୍ଡାରକୁ ଋଦ୍ଧିମନ୍ତ କରିଥିଲେ। ତେବେ ବାମନ ହୋଇ ଯିଏ ପ୍ରବଳ ଇଚ୍ଛାଶକ୍ତି, ଅଧ୍ୟବସାୟ,ଉଦ୍‌ଯୋଗ ବଳରେ ଚନ୍ଦ୍ରକୁ ହାତ ବଢ଼ାଇବାର ସ୍ୱପ୍ନ ଦେଖୁଛନ୍ତି ତାଙ୍କର ସେ ସ୍ୱପ୍ନ ସାକାର ହେଉଛି।

**ଖୋର୍ଦ୍ଧା, ମୋ: ୬୩୭୦୬ ୭୫୫୬୨**

## ଏଇ ଭାରତରେ

ଚାକିରି ପଛରେ ନ ଧାଇଁ ବାଉଁଶ ଉତ୍ପାଦ ବ୍ୟବସାୟରୁ ବର୍ଷକୁ ୨୫ ଲକ୍ଷ ଟଙ୍କା ରୋଜଗାର କରିବା ନିଶ୍ଚିତ ଭାବେ ଏକ ବଡ଼ ସଫଳତା । ଏହା ସମ୍ଭବ ହୋଇଛି ବିହାରର ସତ୍ୟମ୍ ସୁନ୍ଦରମ୍‌ଙ୍କ ଜୀବନରେ। ସେ ୨୦୨୨ରେ 'ମଣିପୁର ବାଉଁଶ କଳାକୃତି' ବିଜ୍‌ନେସ ଆରମ୍ଭ କରି ଏବେ ୧୫୦ ପ୍ରକାର ବାଉଁଶ ଉତ୍ପାଦ ବିକ୍ରି କରୁଛନ୍ତି। ଏସବୁ ଉତ୍ପାଦ ପରିବେଶ ଉପଯୋଗୀ। ଜିଭ ସଫା ପାତ, ଟୁଥ୍‌ବ୍ରସ, ପେନ୍‌ଷ୍ଟାଣ୍ଡଠାରୁ ଆରମ୍ଭ କରି ଲ୍ୟାମ୍ପ ଶେଡ୍, ଫ୍ଲାସ୍କ, ନେକ୍‌ପିସ୍, ଷ୍ଟ୍ର, କଟେଲେରି, କପ୍, ପ୍ଲେଟ ଏବଂ ବିଭିନ୍ନ ଘରକରଣା ଜିନିଷ ବିକ୍ରି କରୁଛନ୍ତି। ଉତ୍ପାଦର ମୂଲ୍ୟ ୧୦ରୁ ୪୦,୦୦୦ ଟଙ୍କା ମଧ୍ୟରେ ରହିଛି। ଏମ୍‌ବିଏ ଶେଷ କରିବା ପରେ ସତ୍ୟମ୍ ରାସ୍ତାକଡ଼ରେ ୧୦ଟି ବାଉଁଶ ବୋତଲ ବିକ୍ରିରୁ ତାଙ୍କ ବିଜ୍‌ନେସ ଆରମ୍ଭ କରିଥିଲେ। ତାଙ୍କ ସାନ ଭାଇଠାରୁ ୧୫,୦୦୦ ଟଙ୍କା ଧାର ନେଇ ସେ ଏହା କରିଥିଲେ। ମାତ୍ର ଦୁଇବର୍ଷରେ ସେ ତାଙ୍କ ଉତ୍ପାଦକୁ ବିହାର ବ୍ୟତୀତ ତେଲଙ୍ଗନା, କେରଳ, ଗୁଜରାଟ, ମହାରାଷ୍ଟ୍ର ଏବଂ ଦିଲ୍ଲୀରେ ପହଞ୍ଚାଇ ପାରିଛନ୍ତି। ସତ୍ୟମ୍‌ଙ୍କ ବୟସ ଏବେ ୨୭। ମୁଙ୍ଗେର ଜିଲା ଲଖନପୁର ଗାଁରେ ତାଙ୍କ ଜନ୍ମ । ପିଲାଦିନେ ସେ ଭଲ ପଢୁ ନ ଥିଲେ ଓ ଯେଉଁ ସରକାରୀ ବିଦ୍ୟାଳୟରେ ପଢୁଥିଲେ ସେଠାରେ ତାଙ୍କୁ 'ଜଙ୍ଗଲୀ' ବୋଲି ପିଲାଏ କହୁଥିଲେ ; ଯେଉଁଥି ପାଇଁ ସେହି ସ୍କୁଲ ଛାଡ଼ିବାକୁ ପଡ଼ିଥିଲା। ଏବେ ବ୍ୟବସାୟରେ ସଫଳତା ପାଇବା ପରେ ସେହି ସ୍କୁଲର ଅତିଥି ଭାବେ ଯୋଗଦେଇ ଜୀବନର କଥା ବଖାଣିବା ତାଙ୍କ ପାଇଁ ଗର୍ବର ବିଷୟ ବୋଲି କହନ୍ତି ସତ୍ୟମ୍।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

**୧୧ ଜାନୁଆରୀ ୧୯୭୫**

- ଲସ୍‌ଆଞ୍ଜେଲସ୍‌ଠାରେ ଦୁଇଟି ବିମାନ ପରସ୍ପର ସହିତ ଧକ୍କା ଖାଇ ପିଲାମାନେ ଖେଳୁଥିବା ଗୋଟିଏ ବିଦ୍ୟାଳୟର ଖେଳପଡ଼ିଆରେ ଖଣ୍ଡ ଖଣ୍ଡ ହୋଇ ଖସିପଡ଼ିବା ଫଳରେ ୧୦ ଜଣଙ୍କ ମୃତ୍ୟୁ।
- କର୍ତ୍ତବ୍ୟରତ ଅବସ୍ଥାରେ ମୃତ୍ୟୁବରଣ କରିଥିବା କେନ୍ଦ୍ର ସରକାରୀ କର୍ମଚାରୀଙ୍କ ପରିବାର ପାଇଁ ନୂତନ ସାହାଯ୍ୟ ଯୋଜନା ଘୋଷଣା।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 3 | | 8 | 7 | | 5 | | | |
| | | | 1 | | 2 | | | |
| | 5 | | | | | | 4 | 1 |
| | | | | | | | | 7 |
| 9 | 4 | | | | 3 | | | 5 |
| | | | | | | | 3 | |
| 8 | | | 5 | 3 | | 2 | | |
| | | | | | 1 | | | 6 |
| 6 | | | | 2 | | | 7 | 4 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 2 | 7 | 6 | 9 | 4 | 1 | 5 | 8 |
| 6 | 1 | 4 | 8 | 5 | 7 | 3 | 9 | 2 |
| 5 | 9 | 8 | 2 | 1 | 3 | 6 | 7 | 4 |
| 7 | 5 | 3 | 4 | 6 | 1 | 2 | 8 | 9 |
| 1 | 4 | 2 | 5 | 8 | 9 | 7 | 3 | 6 |
| 9 | 8 | 6 | 3 | 7 | 2 | 4 | 1 | 5 |
| 8 | 3 | 5 | 7 | 4 | 6 | 9 | 2 | 1 |
| 2 | 6 | 9 | 1 | 3 | 5 | 8 | 4 | 7 |
| 4 | 7 | 1 | 9 | 2 | 8 | 5 | 6 | 3 |

ଗତକାଲିର ଉତ୍ତର

# ଯାହା ଜରୁରୀ ମନେହୁଏ



ବିଚିତ୍ର ବିଶ୍ୱାଳ

ଯେଉଁ କାମ ତୁରନ୍ତ ନ ହେଲେ ସମସ୍ୟା ବଢ଼ିଯାଏ, ଯେଉଁ କାମ ଭବିଷ୍ୟତରେ ଆସିବାକୁ ଥିବା ବିପଦକୁ କମ୍ କରିଥାଏ, ଯାହା କରିବା ଦ୍ୱାରା ଭବିଷ୍ୟତ ସୁରକ୍ଷିତ ହୋଇଥାଏ ସେସବୁକୁ ଜରୁରୀ ପଦବାଚ୍ୟ କରାଯାଇପାରେ। ନୂଆବର୍ଷ ୨୦୨୪ ଏଇମାତ୍ର ଆଗମନ ହୋଇଛି। ଦଳ ଦଳ ହୋଇ ଭୋଜିଭାତର ଆୟୋଜନ ଚାଲୁଛି। ନୂଆବର୍ଷର ଖୁସି, ଶୁଭେଚ୍ଛା ବାର୍ତ୍ତା ଓ ଉତ୍ସବର ବାତାବରଣ ଭିତରେ ୨୦୨୪ରେ ଆମ ଦେଶର ଜନସାଧାରଣଙ୍କ ସମୃଦ୍ଧ ସୁନ୍ଦର ଜୀବନ ଓ ଶାନ୍ତିପୂର୍ଣ୍ଣ ସହାବସ୍ଥାନକୁ ନିଶ୍ଚିତ କରିବା ପାଇଁ ଯାହା ଜରୁରୀ ମନେହୁଏ ତା' ଉପରେ ଆଲୋକପାତ କରିବା ବର୍ତ୍ତମାନ ସମୟରେ ଅତ୍ୟନ୍ତ ପ୍ରାସଙ୍ଗିକ ମନେହୁଏ।

ଶାନ୍ତିପୂର୍ଣ୍ଣ ସହାବସ୍ଥାନ ରାସ୍ତାରେ ସମ୍ପ୍ରତି ବଡ଼ ପ୍ରତିବନ୍ଧକ ହୋଇ ଠିଆ ହୋଇଛି ସମଗ୍ର ଦେଶରେ ଧର୍ମ ନାମରେ ଲୋକମାନଙ୍କର ଭାବାବେଗକୁ ନିୟନ୍ତ୍ରଣ କରି ରାଜନୀତି ରୁଟି ସେକିବା। ଗତ କେତେ ବର୍ଷ ହେବ ଏପରି କାମ ବଢ଼ି ଚାଲିଛି। ପରିଣାମରେ ସାଧାରଣ ଲୋକମାନଙ୍କ ମଧ୍ୟରେ ପରସ୍ପର ପ୍ରତି ଅବିଶ୍ୱାସ ଓ ଆଶଙ୍କା ବୃଦ୍ଧି ପାଉଛି, ହିଂସା ବଢୁଛି। ଦୁର୍ଭାଗ୍ୟର ବିଷୟ ଯେ, ଏହା କୌଣସି ଅପରାଧୀ ବା ଆତତାୟୀଙ୍କ ଦ୍ୱାରା ହେଉନାହିଁ। ଗୋଟେ ସଙ୍ଗଠିତ ଶକ୍ତି ନିରନ୍ତର ଭାବେ ଏପରି କରିଚାଲିଛନ୍ତି। ସମ୍ପ୍ରତି ସାରା ଦେଶରେ ଅଯୋଧ୍ୟାରେ ରାମ ମନ୍ଦିର ପ୍ରତିଷ୍ଠାକୁ ନେଇ ପ୍ରବଳ ଉତ୍ସାହ ଲାଗିରହିଥିବା ବେଳେ ଦୁଇଜଣ ଲୋକ ମୁସଲମାନର ଛଦ୍ମ ନାମରେ ଉତ୍ତରପ୍ରଦେଶର ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଓ ରାମ ମନ୍ଦିରକୁ ଉଡ଼େଇ ଦେବାକୁ ସାମାଜିକ ଗଣମାଧ୍ୟମରେ ଧମକ ଦେଇଛନ୍ତି। ସେମାନଙ୍କ ଉଦ୍ଦେଶ୍ୟ ସ୍ପଷ୍ଟ, ଏପରି ହେଲେ ହିନ୍ଦୁମାନଙ୍କର ମୁସଲମାନଙ୍କ ପ୍ରତି ଆକ୍ରୋଶ ଓ ଘୃଣା ବଢ଼ିବ ଓ ଦରକାର ପଡ଼ିଲେ ହିଂସା ଓ ଦଙ୍ଗାର ରୂପ ନେଇପାରେ। ଅପରାଧୀମାନଙ୍କର ଅସଲ ଲକ୍ଷ୍ୟ ହେଉଛି, ଆମ ଦେଶର ଧର୍ମ ନିରପେକ୍ଷତାର ଭାବନାକୁ ଦୁର୍ବଳ କରି ଏକ ଧର୍ମୀୟ ଦାଦାଗିରି ପ୍ରତିଷ୍ଠା କରିବା। ଏହାର ପରିଣାମ କେବେ ବି ଶାନ୍ତି ଓ ମୈତ୍ରୀପୂର୍ଣ୍ଣ ସହାବସ୍ଥାନ ହେବ ନାହିଁ। ତେଣୁ ୨୦୨୪କୁ ଯଦି ଶାନ୍ତି ଓ ମୈତ୍ରୀର ବର୍ଷ ଭାବେ ସ୍ଥାପିତ କରିବାକୁ ଚାହୁଁଛେ, ତେବେ ପ୍ରଥମେ ଧର୍ମ ନାମରେ ଘୃଣା ଓ ହିଂସା ପ୍ରସାରକୁ ବନ୍ଦ କରିବାକୁ ହେବ। ଏଥିପାଇଁ ସର୍ବପ୍ରଥମ ଦାୟିତ୍ୱ ଜନସାଧାରଣଙ୍କର ହେବା ଉଚିତ। ସାଧାରଣ ଲୋକମାନେ ଧର୍ମର ଠିକାଦାର ଓ ନେତାମାନଙ୍କର ଆକ୍ରୋଶମୂଳକ ଭାଷଣରେ ଭଳି ନ ଯାଇ, ଭିନ୍ନ ସମ୍ପ୍ରଦାୟ ପ୍ରତି ଘୃଣାଭାବ ପୋଷଣ ନ କରି ପରସ୍ପର ପ୍ରତି ସ୍ନେହ ଓ ପ୍ରେମ ପ୍ରଦର୍ଶନ କରିବାକୁ ହେବ। ଏହା ହିଁ ୨୦୨୪ରେ ସବୁଠାରୁ ଜରୁରୀ ମନେହୁଏ।

ଏଥିସହିତ ଅବୈଜ୍ଞାନିକ ଚିନ୍ତାଧାରାର ପ୍ରଚାର ପ୍ରସାର ଜୋର୍‌ସୋରରେ ଚାଲୁଛି। ଏହି କାମର ନେତୃତ୍ୱ ନେତାମାନେ ନେଉଛନ୍ତି। ସେମାନେ ଚାହାନ୍ତି ଲୋକମାନେ ଘଟଣାର କାରଣ ଓ ପ୍ରାସଙ୍ଗିକତା ନ ଖୋଜି ଅନ୍ଧ ଭାବେ ସେମାନଙ୍କ କଥାକୁ ସମର୍ଥନ କରନ୍ତୁ। ତେଣୁ ସେମାନେ କଳେବଳେ କୌଶଳେ ଲୋକମାନଙ୍କ ମଧ୍ୟରେ ଅବୈଜ୍ଞାନିକ ଚେତନାର ପ୍ରସାର କରିବାରେ ଲାଗିଛନ୍ତି । ଦୁର୍ଭାଗ୍ୟର ବିଷୟ, ଅବୈଜ୍ଞାନିକ ଚିନ୍ତାଧାରା ତଥା ଅଯୌକ୍ତିକ ଓ ଅପ୍ରାସଙ୍ଗିକ ଘଟଣାକୁ ଆମ ସଂସ୍କୃତି ଓ ପରମ୍ପରା କହି ଗର୍ବ କରିବାକୁ କୁହାଯାଉଛି। ଆଜିର ଯୁଗରେ ଅବୈଜ୍ଞାନିକ ଚିନ୍ତାଧାରା ଦେଶକୁ ଶହେ ବର୍ଷ ପଛକୁ ନେଇଯିବ। ତେଣୁ ବୈଜ୍ଞାନିକ ଚିନ୍ତାଧାରାକୁ ବିକାଶ କରି ଅନ୍ଧବିଶ୍ୱାସ ତଥା କପୋଳକଳ୍ପିତ ପ୍ରସଙ୍ଗକୁ ପଛ କରିବା, ଏହି ନୂଆବର୍ଷରେ ବହୁତ ଜରୁରୀ ମନେହୁଏ। ଆଜିକାଲି ମହିଳାଙ୍କ ଉପରେ ହିଂସା ଏତେ ବଢ଼ିଛି ଯେ, ଗାଁ ଗହଳି ଛାଡ଼ନ୍ତୁ ସହରର ବଡ଼ ବଡ଼ ବିଶ୍ୱବିଦ୍ୟାଳୟରେ ବି ଛାତ୍ରୀମାନଙ୍କୁ ବଳାତ୍କାରର ଶିକାର ହେବାକୁ ପଡୁଛି।



ଯେଉଁମାନେ ଏପରି ଅପରାଧ ଘଟାଉଛନ୍ତି, ସେମାନଙ୍କୁ ଦଣ୍ଡ ପ୍ରଦାନ କରିବାରେ ନ୍ୟାୟ ବ୍ୟବସ୍ଥା ପୂର୍ଣ୍ଣମାତ୍ରାରେ ସକ୍ଷମ ହୋଇପାରୁନାହିଁ। ସମ୍ପ୍ରତି ଏକ ବଡ଼ ରାଜନୈତିକ ଦଳର ଆଇଟି ସେଲ୍ ସହିତ ସମ୍ପୃକ୍ତ ଥିବା ତିନି ଜଣ ଯୁବକ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ଜଣେ ଛାତ୍ରୀଙ୍କୁ ବଳାତ୍କାର କରିଥିବା ଜଣାପଡ଼ିଛି। ତା'ଠାରୁ ବଡ଼ ଦୁର୍ଭାଗ୍ୟର ବିଷୟ ଯେ, ସେହି ଅପରାଧୀମାନଙ୍କର ଫଟୋ ବଡ଼ ବଡ଼ ନେତା ଓ ମନ୍ତ୍ରୀଙ୍କ ସହିତ ଘୁରିବୁଲୁଛି। ନୂଆବର୍ଷରେ ଆମେ କ'ଣ ମହିଳାମାନଙ୍କୁ ସୁରକ୍ଷା ଦେଇପାରିବାକୁ ସକ୍ଷମ ହୋଇପାରିବା? ଏକ ପ୍ରଗତିଶୀଳ ଓ ସମୃଦ୍ଧ ଦେଶ ଗଢ଼ି ତୋଳିବା ପାଇଁ ମହିଳାଙ୍କ ସୁରକ୍ଷାକୁ ନିଶ୍ଚିତ କରିବା ଜରୁରୀ।

୨୦୨୩ରେ ଭାରତରେ ବେକାରି ସମସ୍ୟା ଶୀର୍ଷରେ ପହଞ୍ଚିଥିଲା। ୨୦୨୪ରେ ଏହା ଉତ୍କଟ ହେବାର ସମ୍ଭାବନା ରହିଛି। ସିଏମ୍‌ଆଇଇର ତଥ୍ୟ ଅନୁସାରେ ଦେଶରେ ସମ୍ପ୍ରତି ବେକାରି ହାର ୭.୯୫%ରେ ପହଞ୍ଚିଛି। ଆଙ୍ଗୁଠି ଗଣତି ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ଇଣ୍ଟରଭ୍ୟୁ ପାଇଁ ଲକ୍ଷାଧିକ ପ୍ରାର୍ଥୀ ଆସୁଛନ୍ତି। ତେଣୁ କେବଳ ଆତ୍ମନିର୍ଭର ଭାରତର ସ୍ଲୋଗାନରେ ଦାୟିତ୍ୱ ନ ସାରି ୨୦୨୪ରେ ବେକାରି ସମସ୍ୟାକୁ ସମାଧାନ କରିବା ପାଇଁ ପଦକ୍ଷେପ ନେବା ଆବଶ୍ୟକ। ଭାରତ ଏକ କୃଷିପ୍ରଧାନ ଦେଶ। କିନ୍ତୁ କୃଷକମାନଙ୍କ ପରିସ୍ଥିତି ସବୁଠୁ ସାଂଘାତିକ। ଦିନକୁ ଦିନ ସେମାନଙ୍କ ସଂଖ୍ୟା ହ୍ରାସ ପାଇ ଦିନମଜୁରିଆଙ୍କ ସଂଖ୍ୟା ବଢୁଛି। ଦେଶର ଅର୍ଦ୍ଧାଧିକ ଜମିରେ ଏଯାଏ ପାଣି ପହଞ୍ଚି ପାରିନାହିଁ। ଗୋଦାମ ଓ ଶୀତଳ ଭଣ୍ଡାର କଥା ନ କହିଲେ ଭଲ। ଆମେ ଚନ୍ଦ୍ରରେ ପହଞ୍ଚି ସାରିଲେଣି, କିନ୍ତୁ ପ୍ରତ୍ୟେକ ବ୍ଲକରେ ଶୀତଳ ଭଣ୍ଡାର ଓ ଗୋଦାମ ତିଆରି ହୋଇପାରିନାହିଁ। ଫଳସ୍ୱରୂପ ଉଚିତ ଦାମ୍ ମିଳୁ ନ ଥିବାରୁ ଓ ଉତ୍ପାଦକୁ ଗଚ୍ଛିତ ରଖିବାର ସୁବିଧା ନ ଥିବାରୁ ଚାଷୀମାନେ ତାଙ୍କ ଉତ୍ପାଦକୁ ରାଜରାସ୍ତାରେ ଫୋପାଡୁଛନ୍ତି। ଚାଷୀକୁ ଉତ୍ପାଦନର ଉଚିତ ମୂଲ୍ୟ ମିଳୁନାହିଁ। ସର୍ବନିମ୍ନ ସହାୟକ ମୂଲ୍ୟ ନାମରେ ଚାଷୀଙ୍କୁ ଯାହା ଦିଆଯାଉଛି, ତାହା ତାଙ୍କର ନିବେଶ ଖର୍ଚ୍ଚଠାରୁ କମ୍। ତେଣୁ ପ୍ରତ୍ୟେକ ବର୍ଷ ଚାଷୀ କ୍ଷତି ସହୁଛି। ଚାଷୀମାନେ ଋଣଭାରରେ ବୁଡ଼ି ରହିଛନ୍ତି। ଚାଷୀ ଆତ୍ମହତ୍ୟା ବଢ଼ି ଚାଲୁଛି। ତଥ୍ୟ ଅନୁସାରେ ଆମ ଦେଶରେ ପ୍ରତି ଅଧଘଣ୍ଟାରେ ଜଣେ ଚାଷୀ ଆତ୍ମହତ୍ୟା କରୁଛି। ୨୦୨୪ ଏଥିରୁ ବି ବାଦ୍ ଯିବନି, ଯଦି ଜରୁରିକାଳୀନଭିତ୍ତିରେ ଚାଷୀଙ୍କୁ ଅନ୍ତତଃ ପକ୍ଷେ ତାଙ୍କ ଉତ୍ପାଦନର ଉଚିତ ମୂଲ୍ୟ ଓ ସୁରକ୍ଷା ଭଣ୍ଡାର ବ୍ୟବସ୍ଥା କରା ନ ଯାଏ।

ଆମ ଗଣତନ୍ତ୍ରିକ ଦେଶ ଏକଚ୍ଛତ୍ରବାଦ ଆଡ଼କୁ ମୁହାଁଉଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ଲୋକ ସଭାରେ ଏକ ସଙ୍ଗରେ ଶହେ ପାଖାପାଖି ସାଂସଦଙ୍କୁ ବହିଷ୍କାର କରାଯାଉଛି। ବିରୋଧୀଙ୍କ ଅନୁପସ୍ଥିତିରେ ଗୁରୁତ୍ୱପୂର୍ଣ୍ଣ ବିଲ୍ ପାସ୍ କରାଯାଉଛି ନ ହେଲେ ଅଧ୍ୟାଦେଶ ମାଧ୍ୟମରେ ତାହା କରାଯାଇ ବିରୋଧୀଙ୍କୁ ମତ ରଖିବାକୁ ସୁଯୋଗ ଦିଆଯାଉନାହିଁ। ସୁପ୍ରିମକୋର୍ଟ ମତ ଦେଲେ, ନିର୍ବାଚନ କମିଶନ ପରି ଗୁରୁତ୍ୱପୂର୍ଣ୍ଣ ପଦବୀର ଚୟନ ପ୍ରଧାନମନ୍ତ୍ରୀ, ବିରୋଧୀଦଳ ନେତା ଓ ପ୍ରଧାନ ବିଚାରପତିଙ୍କ ଦ୍ୱାରା ମିଳିତ ଭାବେ ହେବାକଥା। କିନ୍ତୁ ସରକାର ଏହାକୁ ଅମାନ୍ୟ କରି ଚୟନ ସମିତିରେ ପ୍ରଧାନ ବିଚାରପତିଙ୍କ ସ୍ଥାନକୁ କାଟି ଆଉ ଜଣେ କ୍ୟାବିନେଟ୍ ମନ୍ତ୍ରୀଙ୍କୁ ରଖୁଛନ୍ତି। ଉଦ୍ଦେଶ୍ୟ ସ୍ପଷ୍ଟ, କ୍ଷମତାରେ ଥିବା ଦଳ ହିଁ ସବୁବେଳେ ନିଜ ପସନ୍ଦର ବ୍ୟକ୍ତିଙ୍କୁ ନିର୍ବାଚନ କମିଶନ ନିଯୁକ୍ତି କରିବେ। ପରିଣାମ ସ୍ୱରୂପ ଗଣତନ୍ତ୍ର ହିଁ ଦୁର୍ବଳ ହେବ ଓ ଏକଚ୍ଛତ୍ରବାଦ ଦିଗରେ ଦେଶ ମୁହାଁଇବ। ୨୦୨୪ ପ୍ରାରମ୍ଭରେ ଗଣତନ୍ତ୍ରର ସୁରକ୍ଷା ଦିଗରେ ପଦକ୍ଷେପ ନେବା ଜରୁରୀ ମନେହୁଏ।

**ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର**
**ମୋ: ୯୪୩୮୪୬୮୪୭୪**

## ପାଠକ ଶ୍ରେଷ୍ଠ ବିଚାରକ

### ଚାରିଥାକିଆ ସୁରକ୍ଷା ବଳୟ

ମହାଶୟ,

ନୂତନ ଲୋକ ସଭା ସଂସଦ ଭବନର ନିରାପତ୍ତା ପ୍ରତି ଦୃଷ୍ଟି ଦେଇ ସରକାର ଚାରିଥାକିଆ ସୁରକ୍ଷା ବଳୟ ସୃଷ୍ଟି କରିଛନ୍ତି। ସେଥିପାଇଁ ରାଜକୋଷ ଅର୍ଥ ବ୍ୟୟ ପୂର୍ବକ ଉଚ୍ଚ ବେତନଭୋଗୀ ଦକ୍ଷ ସୁରକ୍ଷା କର୍ମଚାରୀମାନଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି। କାରଣ ୨୨ ବର୍ଷ ପୂର୍ବେ ଆତଙ୍କବାଦୀମାନେ ସଂସଦ ଭବନ ଉପରେ ଆକ୍ରମଣ କରିଥିଲେ। ଏତଦ୍‌ବ୍ୟତୀତ ଖଲିସ୍ଥାନୀ କୁଖ୍ୟାତ ନେତା ଗୁର୍‌ପତ୍‌ୱନ୍ତ ସିଂହ ପନ୍ନୁ ସଂସଦ ଭବନ ଆକ୍ରମଣ କରିବା ପାଇଁ ଧମକ ଦେଇଥିଲେ। ତାହାର ଟ୍ରେଲର ଗତ ବର୍ଷ ଡିସେମ୍ବର ୧୩ ରେ ଦେଖିବାକୁ ମିଳିଲା। ଧମକପୂର୍ଣ୍ଣ କଥାକୁ ଚାରିଥାକିଆ ସୁରକ୍ଷା ବଳୟ ସୁରକ୍ଷାକର୍ମୀମାନେ ହାଲୁକା ଭାବେ ଗ୍ରହଣ କରିବା ଦ୍ୱାରା ଏ ଅଘଟଣ ଘଟିଲା। ୨ ଜଣ ଗୃହ ମଧ୍ୟଭାଗକୁ ଆସି ଗ୍ୟାସ୍ ବମ୍ ପକାଇଥିଲେ। ଗ୍ୟାସ୍ ବମ୍‌ରୁ ନିର୍ଗତ ହଳଦିଆ ଗ୍ୟାସ୍ ଗୃହରେ ଖେଳିଯାଇଥିଲା। ସେମାନେ ଗୃହରେ ସରକାର ବିରୋଧୀ ଧ୍ୱନି ଦେଇଥିଲେ। ଅବଶ୍ୟ ସେମାନଙ୍କୁ ତରନ୍ତ କାବୁ କରାଯାଇପାରିଥିଲା । ଏହା ଏକ ସମ୍ବେଦନଶୀଳ ଘଟଣା। ସୁରକ୍ଷାକର୍ମୀଙ୍କ ଦକ୍ଷତା ପ୍ରତି ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୁଏ। ଏବେ କେନ୍ଦ୍ର ସରକାର ସିଆଇଏସ୍‌ଏଫ୍‌ଙ୍କୁ ସୁରକ୍ଷା ଦାୟିତ୍ୱ ଦେଇଛନ୍ତି। ସେମାନେ ସତର୍କ ନ ରହିଲେ ପୂର୍ବଭଳି ସଂସଦରେ ଦୁର୍ଘଟଣା ଘଟିବା ସମ୍ଭାବନା ରହିବ। ଏହି ପରିପ୍ରେକ୍ଷିରେଏବକାର ଘଟଣାକୁ ପୁଙ୍ଖାନୁପୁଙ୍ଖ ତଦନ୍ତ ପୂର୍ବକ ପ୍ରକୃତ ଦୋଷୀମାନଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ କରିବା ଆବଶ୍ୟକ।

**-ମହେଶ୍ୱର ନାୟକ, ଦୋବନ୍ଧା, ଗୋଗୁଆ, କେନ୍ଦ୍ରାପଡ଼ା**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ସ୍ୱଦେଶ ବିଦେଶ ସୀମାରେଖା ନାହିଁ ମାନେ
ଚାଲିଛି ଚମକି କି ଭୀଷଣ ଅଭିଯାନେ!
ସବୁ ଜାତି ରୂପ ସବୁ ନରନାରୀ ଏକ
ସବୁ ଭାଷାଭାଷୀ ଗାଉଛି କେବଳ
ମଣିଷ ଜାତିର ଟେକ।

-(ଅଗଣିତ ଆଗୁଆନ)

**-କାଳିନ୍ଦୀ ଚରଣ ପାଣିଗ୍ରାହୀ**

**ଲାକ୍ଷାଦ୍ୱୀପ ବିବାଦର ପାର୍ଶ୍ୱ ପ୍ରତିକ୍ରିୟା**

# ମାଳଦ୍ୱୀପ-ଚାଇନା ୨୦ ଚୁକ୍ତି

**ବେଜିଂ/ମାଲେ/ନୂଆଦିଲ୍ଲୀ,୧୦।୧**



ବେଜିଂସ୍ଥିତ ଗ୍ରେଟ୍ ହଲ୍ ଅଫ୍ ପିପୁଲରେ ମାଳଦ୍ୱୀପ ରାଷ୍ଟ୍ରପତି ମୋହମ୍ମଦ ମୁଇଜୁଙ୍କ ସହ ଚାଇନା ପ୍ରତିପକ୍ଷ ଶି ଜିନ୍‌ପିଙ୍ଗ୍ । ମୁଇଜଙ୍କ ସ୍ତ୍ରୀ ଜାଜିଦା ମୋହମ୍ମଦ (ବାମ) ଏବଂ ଜିନ୍‌ପିଙ୍ଗ୍‌ଙ୍କ ସ୍ତ୍ରୀ ପେଙ୍ଗ୍ ଲିୟୁଆନ (ଡାହାଣ) ଉପସ୍ଥିତ ।

ଲାକ୍ଷାଦ୍ୱୀପକୁ ନେଇ ଭାରତ ସହ ମାଳଦ୍ୱୀପର କୂଟନୈତିକ ସମ୍ପର୍କରେ ତିକ୍ତତା ବଢ଼ିବାରେ ଲାଗିଛି। ଏଭଳି ସମୟରେ ୫ ଦିନିଆ ବେଜିଂ ଗସ୍ତରେ ଥିବା ମାଳଦ୍ୱୀପ ରାଷ୍ଟ୍ରପତି ଡ. ମୋହମ୍ମଦ ମୁଇଜୁ ବୁଧବାର ଚାଇନା ପ୍ରତିପକ୍ଷ ଶି ଜିନ୍‌ପିଙ୍ଗ୍‌ଙ୍କୁ ଭେଟିଛନ୍ତି। ଏହି ଅବସରରେ ୨ ଦେଶ ମଧ୍ୟରେ ପର୍ଯ୍ୟଟନରେ ସହଯୋଗ ବୃଦ୍ଧି ସମେତ ୨୦ଟି ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଏହାକୁ ଲାକ୍ଷାଦ୍ୱୀପ-ମାଳଦ୍ୱୀପ ବିବାଦର 'ସାଇଡ୍ ଇଫେକ୍ଟ'ବୋଲି କୁହାଯାଉଛି।

ଚାଇନା ରାଷ୍ଟ୍ରପତି ଜିନ୍‌ପିଙ୍ଗ୍ ଓ ମାଳଦ୍ୱୀପ ରାଷ୍ଟ୍ରପତି ମୁଇଜୁ ପରସ୍ପର ସହ ଆଲୋଚନାବେଳେ ଦ୍ୱିପାକ୍ଷିକ ସମ୍ପର୍କକୁ ବିସ୍ତୃତ ରଣନୈତିକ ସହଯୋଗ ସହଭାଗିତା ପର୍ଯ୍ୟନ୍ତ ନେବାକୁ ଘୋଷଣା କରିଛନ୍ତି। ପର୍ଯ୍ୟଟନ ସହଯୋଗିତା, ବିପର୍ଯ୍ୟୟ ପରିଚାଳନା, ନୀଳ ଅର୍ଥନୀତି ସମେତ ଡିଜିଟାଲ ଇକୋନୋମି ଏବଂ ବେଲ୍ଟ ଆଣ୍ଡ ରୋଡ୍ ଇନିସିଏଟିଭ୍ (ବିଆର୍‌ଆଇ) ପ୍ରକଳ୍ପରେ ନିବେଶ ବୃଦ୍ଧି ପାଇଁ ମଧ୍ୟ ଦୁଇଦେଶ ମଧ୍ୟରେ ସହମତି ପ୍ରକାଶ ପାଇଛି। ମାଳଦ୍ୱୀପକୁ ଚାଇନା ଆର୍ଥିକ ସହାୟତା ପ୍ରଦାନ ପାଇଁ ମଧ୍ୟ ରାଜି ହୋଇଛି। କିନ୍ତୁ ତାହା କେତେ ପରିମାଣର, ଘୋଷଣା କରାଯାଇ ନାହିଁ। ଗ୍ରେଟ୍ ହଲ୍ ଅଫ୍ ପିପୁଲରେ ମୁଇଜୁ ଓ ତାଙ୍କ ସ୍ତ୍ରୀ ଜାଜିଦା ମୋହମ୍ମଦଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ରାଷ୍ଟ୍ରପତି ଜିନ୍‌ପିଙ୍ଗ୍ ଓ ତାଙ୍କ ସ୍ତ୍ରୀ ପେଙ୍ଗ୍ ଲିୟୁଆନ୍ ମୁଇଜୁ ଦମ୍ପତିଙ୍କୁ ସ୍ୱତନ୍ତ୍ର ଭାବେ ଆପ୍ୟାୟିତ କରିଥିଲେ। ମୁଇଜୁ ଏଭଳି ସମୟରେ ଚାଇନା ଗସ୍ତ କରିଛନ୍ତି, ଯେତେବେଳେ କି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ଲାକ୍ଷାଦ୍ୱୀପ ଫଟୋ'କୁ ନେଇ ମାଳଦ୍ୱୀପ ସହ ସମ୍ପର୍କ ଖରାପ ହୋଇଛି। ମୋଦି ଲାକ୍ଷାଦ୍ୱୀପର ଫଟୋ ଓ ଭିଡିଓଗୁଡ଼ିକୁ ଛାଡ଼ିବା ପରେ ଭାରତୀୟ ସେଲିବ୍ରିଟିମାନେ ପ୍ରତିକ୍ରିୟାଶୀଳ ହୋଇ ଉଠିଛନ୍ତି। ଲାକ୍ଷାଦ୍ୱୀପ ଥାଉ ଥାଉ ମାଳଦ୍ୱୀପ ଯିବା ଅନାବଶ୍ୟକ ବୋଲି ଅନେକେ ମତ ଦେଉଛନ୍ତି। ଏପରି କି ସେଠାକୁ ଯିବାକୁ ଥିବା ପର୍ଯ୍ୟଟକମାନେ ମଧ୍ୟ ନିଜ ଗସ୍ତକୁ ବାତିଲ କରୁଥିବା ସୋସିଆଲ ମିଡିଆରେ ପ୍ରକାଶ ପାଉଛି। ସେପଟେ ମୋଦିଙ୍କ ଉପରେ ଆପତ୍ତିଜନକ ମନ୍ତବ୍ୟ ଦେଇ ବିବାଦୀୟ ହୋଇଥିବା ମାଳଦ୍ୱୀପର ୩ ଉପମନ୍ତ୍ରୀଙ୍କୁ ସେମାନଙ୍କ ପଦରୁ ନିଲମ୍ବନ କରାଯାଇଛି। ଅନ୍ୟପକ୍ଷେ ଭାରତ ସହ ବିବାଦକୁ ନେଇ ମାଳଦ୍ୱୀପର ବିରୋଧୀ ଦଳ ନେତା ତଥା ମାଳଦ୍ୱୀପ ଗଣତାନ୍ତ୍ରିକ ଦଳ ଅଧ୍ୟକ୍ଷ ଫୟାଜ୍ ଇସ୍‌ମାଇଲ୍ ନିଜ ଦେଶର ସରକାରଙ୍କ ଉପରେ ବର୍ଷିଛନ୍ତି। ଭାରତ ଓ ମୋଦିଙ୍କ ବିରୋଧରେ ଦିଆଯାଇଥିବା ମନ୍ତବ୍ୟ ଗ୍ରହଣୀୟ ନୁହେଁ। ସରକାର ଭାରତ ସହ ସମ୍ପର୍କରେ ସୁଧାର ଆଣନ୍ତୁ ବୋଲି ସେ ଦାବି କରିଛନ୍ତି। ରାଷ୍ଟ୍ରପତି ମୁଇଜୁ ଜାନୁୟାରୀ ୧୨ରେ ମାଲେ ଫେରିବେ। ସେତେବେଳ ପର୍ଯ୍ୟନ୍ତ ଏହି ଦୁଇ ପଡ଼ୋଶୀ ରାଷ୍ଟ୍ରର ସମ୍ପର୍କରେ କେମେଷ୍ଟ୍ରି ନୂଆଦିଲ୍ଲୀ ପାଇଁ ଅନୁଧ୍ୟାନଯୋଗ୍ୟ ବିଷୟ।

# ଅଧିକ ପିଲା ଜନ୍ମ କର, ମୋଦି କରିଦେବେ ଘର

**ରାଜସ୍ଥାନ ମନ୍ତ୍ରୀଙ୍କ ହାସ୍ୟାସ୍ପଦ ମନ୍ତବ୍ୟ**

**ଜୟପୁର,୧୦।୧**



ବାବୁଲାଲ ଖରାଡ଼ି

ରାଜସ୍ଥାନ ସରକାରର କ୍ୟାବିନେଟ୍ ମନ୍ତ୍ରୀ ବାବୁଲାଲ ଖରାଡ଼ି ରାଜ୍ୟବାସୀଙ୍କୁ ଅଧିକ ସଂଖ୍ୟକ ପିଲା ଜନ୍ମ କରିବାକୁ ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି, ଆପଣମାନେ ପିଲାଙ୍କୁ ଜନ୍ମଦେଇ ଚାଲନ୍ତୁ। ସେମାନଙ୍କ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଘର ତିଆରି କରିଦେବେ।

ଆଦିବାସୀ ଅଞ୍ଚଳ ବିକାଶ ମନ୍ତ୍ରୀ ଖରାଡ଼ି କହିଥିଲେ, କେହି ଭୋକିଲା ଶୋଇବେ ନାହିଁ ଏବଂ ମୁଣ୍ଡ ଉପରେ ଛାତ ନ ଥାଇ ରହିବେ ନାହିଁ। ଏହା ହେଉଛି ପ୍ରଧାନମନ୍ତ୍ରୀ ମୋଦିଙ୍କ ସ୍ୱପ୍ନ। ତେଣୁ ଆପଣମାନେ ପର୍ଯ୍ୟାପ୍ତ ପରିମାଣର ପିଲା ଜନ୍ମ କରନ୍ତୁ। ପ୍ରଧାନମନ୍ତ୍ରୀ ସେମାନଙ୍କ ପାଇଁ ଘର କରିଦେବେ। ଅସୁବିଧା କ'ଣ ବୋଲି ମଙ୍ଗଳବାର ଉଦୟପୁରରେ ଏକ ସଭାକୁ ସମ୍ବୋଧିତ କରି ଖରାଡ଼ି ପ୍ରଶ୍ନ କରିଥିଲେ। ଝାଡୋଲ ନିର୍ବାଚନମଣ୍ଡଳୀରୁ ବିଧାନସଭାରେ ଚତୁର୍ଥ ଥର ପ୍ରତିନିଧିତ୍ୱ କରୁଥିବା ଖରାଡ଼ିଙ୍କ ୮ ପିଲାଛୁଆ ଅଛନ୍ତି। ଦୁଇଜଣ ସ୍ତ୍ରୀଙ୍କଠାରୁ ୪ ପୁଅ ଓ ୪ ଝିଅ। ପରା ପରିବାର ଉଦୟପୁର ତହସିଲ କୋଟ୍‌ଡାଠାରୁ ୩ କି.ମି. ଦୂର ନିଚଲା ଥାଲା ଗ୍ରାମରେ ବସବାସ କରନ୍ତି। ଉଦୟପୁରର ନାଇ ଗ୍ରାମରେ ଆୟୋଜିତ 'ବିକଶିତ ଭାରତ ସଂକଳ୍ପ ଯାତ୍ରା'ରେ ଖରାଡ଼ି ଏପରି ଭାଷଣ ଦେବାବେଳେ ମଞ୍ଚରେ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଭଜନଲାଲ ଶର୍ମା ମଧ୍ୟ ଉପସ୍ଥିତ ଥିଲେ। ଖରାଡ଼ିଙ୍କ ମନ୍ତବ୍ୟ ଶୁଣି ଉପସ୍ଥିତ ଜନତା ଠୋ ଠୋ ହସିବାରେ ଲାଗିଲେ। ଜନପ୍ରତିନିଧିମାନେ ମଧ୍ୟ ହସି ହସି ପରସ୍ପର ମୁହଁକୁ ଅନେଇଥିଲେ। ୨୦୨୨ରେ ରାଜସ୍ଥାନର ପଞ୍ଚଦଶ ବିଧାନସଭାରେ ଖରାଡ଼ିଙ୍କୁ ସର୍ବୋତ୍ତମ ବିଧାୟକ ମାନ୍ୟତା ପ୍ରଦାନ କରାଯାଇଥିଲା।

# '୩୭୦'ରାୟ ସମୀକ୍ଷା ପାଇଁ ସୁପ୍ରିମକୋର୍ଟରେ ଆବେଦନ

**ନୂଆଦିଲ୍ଲୀ,୧୦।୧**

ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନକାରୀ ସମ୍ବିଧାନର ଅନୁଚ୍ଛେଦ ୩୭୦ ସମ୍ପର୍କିତ ରାୟର ସମୀକ୍ଷା ପାଇଁ ସୁପ୍ରିମକୋର୍ଟରେ ଏକ ପିଟିଶନ ଦାଖଲ ହୋଇଛି। ୨୦୧୯ରେ କେନ୍ଦ୍ର ସରକାର ଅନୁଚ୍ଛେଦ ୩୭୦କୁ ଉଚ୍ଛେଦ କରିଥିଲେ। ଏହି ପଦକ୍ଷେପର ସାମ୍ବିଧାନିକ ବୈଧତାକୁ ସର୍ବୋଚ୍ଚ ଅଦାଲତରେ ଚ୍ୟାଲେଞ୍ଜ କରାଯାଇଥିଲା। ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ସାମ୍ବିଧାନିକ ପୀଠ ଗତମାସରେ ଅନୁଚ୍ଛେଦ ୩୭୦କୁ ଏକ ଅସ୍ଥାୟୀ ବ୍ୟବସ୍ଥା କହି କେନ୍ଦ୍ରର ନିଷ୍ପତ୍ତିକୁ ବଳବତ୍ତର ରଖିବା ସହ ଆବେଦନଗୁଡ଼ିକୁ ଖାରଜ କରିଦେଇଥିଲେ। ଏହି ରାୟର ପୁନର୍ବିଚାର ପାଇଁ ଜେଆଣ୍ଡକେ ପିପୁଲ୍ସ ମୁଭ୍‌ମେଣ୍ଟ ଅଧ୍ୟକ୍ଷ ଡକ୍ଟର ହୁସେନ ଏବଂ ଆୱାମୀ ନ୍ୟାଶନାଲ କନ୍‌ଫରେନ୍ସ ସଭାପତି ମୁଜାଫର ଶାହ ସୁପ୍ରିମକୋର୍ଟରେ ରିଭ୍ୟୁ ପିଟିଶନ ଦାଖଲ କରିଛନ୍ତି। ଅନୁଚ୍ଛେଦ ୩୭୦କୁ ହତ୍ୟା କରାଯାଇପାରିବ ନାହିଁ ବୋଲି ସେମାନେ ନିଜ ଆବେଦନରେ ଉଲ୍ଲେଖ କରିଛନ୍ତି। ସିପିଆଇଏମ୍ ନେତା ମହମ୍ମଦ ୟୁସୁଫ ତାରିଗାମୀ, ନ୍ୟାଶନାଲ କନ୍‌ଫରେନ୍ସର ମୁଜାଫର ଇକ୍‌ବାଲ ଏବଂ ମେହବୁବା ମୁଫ୍‌ତିଙ୍କ ପିପୁଲ ଡେମୋକ୍ରାଟିକ୍ ପାର୍ଟି ମଧ୍ୟ ଏନେଇ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି।

# '୫,୦୦୦ଙ୍କ ସହ ହାତ ମିଳାଇ ରାଜୀବଙ୍କ ପାପୁଲିରୁ ରକ୍ତ ବାହାରିଥିଲା'

**ନୂଆଦିଲ୍ଲୀ,୧୦।୧**

ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ ଲୋକଙ୍କୁ ଭେଟିବାକୁ ବହୁତ ଭଲ ପାଉଥିଲେ। ଏପରି କି ସେ ପ୍ରଧାନମନ୍ତ୍ରୀ ହେବା ପରେ ମଧ୍ୟ ଏହାକୁ ବଜାୟ ରଖିଥିଲେ। ଥରେ ୫,୦୦୦ ଜଣଙ୍କ ସହ ହାତ ମିଳାଇଥିଲେ। ସେମାନଙ୍କ ମଧ୍ୟରୁ ଅଧିକାଂଶ ଶ୍ରମିକ ଶ୍ରେଣୀର। ସେମାନଙ୍କ ରୁକ୍ଷ ତ୍ୱଚା ହୋଇଥିବାରୁ କରମର୍ଦ୍ଦନ ପରେ ରାଜୀବଙ୍କ ପାପୁଲିରୁ ରକ୍ତ ବାହାରିପଡ଼ିଥିଲା ବୋଲି ଇଣ୍ଡିଆନ୍ ଓଭରସିଜ୍ କଂଗ୍ରେସ ଅଧ୍ୟକ୍ଷ ସାମ୍ ପିଟ୍ରୋଡା କହିଛନ୍ତି।

କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ 'ଭାରତ ଯୋଡ଼ୋ ନ୍ୟାୟ ଯାତ୍ରା' ଆସନ୍ତା ୧୪ରେ ଆରମ୍ଭ ହେବାକୁ ଥିବାବେଳେ ଏହା ପୂର୍ବରୁ ପିଟ୍ରୋଡା ଉପରୋକ୍ତ ମନ୍ତବ୍ୟ ଦେଇଛନ୍ତି। ଏହି ମନ୍ତବ୍ୟ ସାମାଜିକ ଗଣମାଧ୍ୟମରେ ବହୁଳ ପ୍ରସାରିତ ହୋଇଛି। ଭାଜପା ନେତାମାନେ ଏହାକୁ ନେଇ ଗାନ୍ଧୀ ପରିବାରକୁ ଉପହାସ କରିବାରେ ଲାଗିଛନ୍ତି।



ସାମ୍ ପିଟ୍ରୋଡା

ଏକ ୟୁଟ୍ୟୁବ୍ ଚ୍ୟାନେଲକୁ ସାକ୍ଷାତ୍କାର ଦେଇ ପିଟ୍ରୋଡା କହିଥିଲେ, ରାହୁଲଙ୍କ ଭଳି ତାଙ୍କ ବାପା ରାଜୀବ ମଧ୍ୟ ଲୋକଙ୍କ ସହ ମିଳାମିଶା କରିବାକୁ ଭଲ ପାଉଥିଲେ। ଥରେ ମୁଁ ଓ ମୋ ସ୍ତ୍ରୀ ରାଜୀବଙ୍କୁ ଭେଟିବାକୁ ଯାଇଥିଲୁ। ତାଙ୍କ ହାତରୁ ରକ୍ତ ବାହାରୁଥିଲା। ରକ୍ତସ୍ରାବର କାରଣ ପଚାରିବାରୁ ରାଜୀବ କହିଥିଲେ, ସେ ଅନ୍ୟୂନ ୫,୦୦୦ ଲୋକଙ୍କ ସହ ହାତ ମିଳାଇଛନ୍ତି। ଯେଉଁଆଡ଼େ ଗଲେ ହାତ ମିଳାଇବାକୁ ପଡୁଛି। ସେମାନେ ସମସ୍ତେ ଗାଉଁଲି ଲୋକ। ସେମାନେ କଠିନ ପରିଶ୍ରମ କରୁଥିବାରୁ ସେମାନଙ୍କ ତ୍ୱଚା ରୁକ୍ଷ ହୋଇଯାଇଛି।

## ଭାରତ ଯୋଡ଼ୋ ନ୍ୟାୟ ଯାତ୍ରାରେ ଭାଜପା ବାଧକ

କଂଗ୍ରେସ ନେତା ରାହୁଲ ଗାନ୍ଧୀ ଆସନ୍ତା ୧୪ରେ ଆରମ୍ଭ କରିବାକୁ ଥିବା ଭାରତ ଯୋଡ଼ୋ ନ୍ୟାୟ ଯାତ୍ରାରେ ଭାଜପା ପ୍ରତିବନ୍ଧକ ସାଜିଥିବା ବୁଧବାର ବିରୋଧୀ ଦଳ ଅଭିଯୋଗ ଆଣିଛି। ଏଆଇସିସି ମୁଖ୍ୟାଳୟରେ କଂଗ୍ରେସ ନେତା ଜୟରାମ ରମେଶ ଏବଂ କେ.ସି. ବେଣୁଗୋପାଳ ମଣିପୁର-ଟୁ-ମହାରାଷ୍ଟ୍ର ଯାତ୍ରା ଉପରେ ଏକ ୱେବ୍‌ସାଇଟ୍ ଲଞ୍ଚ କରି ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରିଛନ୍ତି। ଏହି ଅବସରରେ ଦୁଇନେତା କହିଛନ୍ତି, ମଣିପୁରର ଭାଜପା ସରକାର ଇମ୍ଫାଲସ୍ଥିତ ପ୍ୟାଲେସ୍ ଗ୍ରାଉଣ୍ଡରୁ ନ୍ୟାୟ ଯାତ୍ରାର ଶୁଭାରମ୍ଭ କରିବାକୁ ଦେଉନାହିଁ। ଅନ୍ୟପକ୍ଷେ ରାଜ୍ୟର ଏନ୍. ବୀରେନ୍ ସିଂ ସରକାର ଇମ୍ଫାଲ ଇଷ୍ଟ ଜିଲାର ହପ୍ତା କାଙ୍ଗ୍‌ଜେଇବଙ୍ଗ୍ ପଡ଼ିଆରୁ ଭାରତ ଯୋଡ଼ୋ ନ୍ୟାୟ ଯାତ୍ରାର ଶୁଭାରମ୍ଭ ପାଇଁ ଅନୁମତି ଦେଇଥିବା ଜଣାପଡ଼ିଛି। ତେବେ ସୀମିତ ସଂଖ୍ୟାରେ ଏହା କରିବାକୁ ଅନୁମତି ଦିଆଯାଇଥିବା ଜିଲାପାଳଙ୍କ ଅଫିସ ସୂତ୍ରରୁ ପ୍ରକାଶ।

**ରାଜ୍ୟ ଖବର**

# କୋଟିପତି ଏମ୍‌ଭିଆଇ ଗିରଫ

**ଭୁବନେଶ୍ୱର,୧୦।୧ (ସତ୍ୟଜିତ୍ ରାଉତ)**

**ଆୟଠାରୁ ୨୯୩ ପ୍ରତିଶତ ଅଧିକ ସମ୍ପତ୍ତି ଠାବ**

ବିପୁଳ ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ନୟାଗଡ଼ ଜିଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ (ଆର୍‌ଟିଓ)ର ମୋଟର ଭେଇକିଲ୍ ଇନ୍ସପେକ୍ଟର (ଏମ୍‌ଭିଆଇ) ପଞ୍ଚାନନ ବେହେରାଙ୍କୁ ଭିଜିଲାନ୍ସ ବୁଧବାର ଗିରଫ କରିଛି। ଠାବ ହୋଇଥିବା ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ତାଙ୍କ ପ୍ରକୃତ ଆୟଠାରୁ ୨୯୩ ପ୍ରତିଶତ ଅଧିକ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ପଞ୍ଚାନନ ଏବଂ ତାଙ୍କ ସ୍ତ୍ରୀଙ୍କ ନାମରେ ବର୍ଷର ପ୍ରଥମ ମାମଲା (ନଂ.୧/୨୦୨୪) ରୁଜୁ କରାଯାଇଛି। ତେବେ ଏମ୍‌ଭିଆଇ ପଞ୍ଚାନନ ଉକ୍ତ ସମ୍ପତ୍ତି ନେଇ ସନ୍ତୋଷଜନକ ଉତ୍ତର ଦେଇ ନ ପାରିବାରୁ ଭିଜିଲାନ୍ସ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଗିରଫ ପରେ ପଞ୍ଚାନନଙ୍କୁ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନାଯୋଗ୍ୟ, ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ଆସିବା ପରେ ମଙ୍ଗଳବାର ଭିଜିଲାନ୍ସ ପକ୍ଷରୁ ପଞ୍ଚାନନଙ୍କ ଘର ସମେତ ଭୁବନେଶ୍ୱର, ଖୋର୍ଦ୍ଧା, କଟକ ଓ ନୟାଗଡ଼ର ୭ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରାଯାଇଥିଲା। ଯାଞ୍ଚବେଳେ ଭୁବନେଶ୍ୱର ଶୈଳଶ୍ରୀ ବିହାରରେ ଦୁଇ ମହଲା କୋଠା ଓ ପାଣ୍ଡରା ସତ୍ୟବିହାରସ୍ଥିତ ଗୋଟିଏ ଏକ ମହଲା କୋଠା ସହ ୧୦ ବେନାମି ଫ୍ଲାଟ୍ ସମେତ ମୋଟ୍ ୩୧ଟି ଫ୍ଲାଟ୍ ଠାବ ହୋଇଥିଲା। ଏସବୁ ଫ୍ଲାଟ୍ ଓ ପ୍ଲଟଗୁଡ଼ିକର ପ୍ରକୃତ ମୂଲ୍ୟ ଜାଣିବାକୁ ଭିଜିଲାନ୍ସର ଟେକ୍ନିକାଲ ୱିଙ୍ଗ୍ ଅଧିକ ଯାଞ୍ଚ କରୁଛି। ସେହିପରି ୭୨.୮୦ ଲକ୍ଷ ଟଙ୍କାର ବ୍ୟାଙ୍କ ଓ ଜୀବନବୀମା ଜମା, ୧୫ ଲକ୍ଷର ନଗଦ ଟଙ୍କା, ସୁନା ଅଳଙ୍କାର ଓ ଘରୋଇ ସାମଗ୍ରୀ, ୪ ବେନାମି ଗାଡ଼ି ଠାବ ହୋଇଛି। ପଞ୍ଚାନନ ତାଙ୍କ ପୁଅକୁ ଏମ୍‌ବିବିଏସ୍ ପଢ଼ାଇବା ପାଇଁ ୫୦ ଲକ୍ଷ ଟଙ୍କା ଖର୍ଚ୍ଚ କରିଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଥିଲା।

# କିମ୍ସରେ ଟିଏମ୍‌ଭିଆର୍ ଜରିଆରେ ହାର୍ଟ ଭାଲ୍‌ଭ ଅସ୍ତ୍ରୋପଚାର ସଫଳ

**ଭୁବନେଶ୍ୱର, ୧୦।୧(ଅସମାପିକା ସାହୁ)**

**ଓଡ଼ିଶାରେ ପ୍ରଥମ ଦାବିକଲେ ଡାକ୍ତର**

ହୃଦ୍‌ରୋଗ ଚିକିତ୍ସା କ୍ଷେତ୍ରରେ କିମ୍ସକୁ ଆଉ ଏକ ସଫଳତା ମିଳିଛି। କିମ୍ସରେ ଟ୍ରାନ୍ସକ୍ୟାଥେଟର ମିଟ୍ରାଲ ଭାଲ୍‌ଭ ରିପ୍ଲେସ୍‌ମେଣ୍ଟ(ଟିଏମଭିଆର) ପ୍ରକ୍ରିୟାରେ ଜଣେ ୬୯ ବର୍ଷ ବୟସ୍କ ରୋଗୀଙ୍କଠାରେ ସଫଳ ହୃତ୍‌ପିଣ୍ଡ ଭାଲ୍‌ଭ ଅସ୍ତ୍ରୋପଚାର କରାଯାଇପାରିଛି। ରୋଗୀଙ୍କ ହୃତ୍‌ପିଣ୍ଡ ଭାଲ୍‌ଭ କ୍ଷତିଗ୍ରସ୍ତ ହେବା ପରେ ସେ ରାଜ୍ୟ ବାହାରେ ବିଭିନ୍ନ ଚିକିତ୍ସାଳୟରେ ଡାକ୍ତରଙ୍କ ସହ ପରାମର୍ଶ କରିଥିଲେ। କିନ୍ତୁ ତାଙ୍କ ରୋଗର ଉପଶମ ହୋଇ ନ ଥିଲା। ୧୭ ବର୍ଷ ପୂର୍ବେ ନୂଆଦିଲ୍ଲୀର ଏକ ହସ୍ପିଟାଲରେ ତାଙ୍କ ଦୁଇଟି କ୍ଷତିଗ୍ରସ୍ତ ହୃତ୍‌ପିଣ୍ଡ ଭାଲ୍‌ଭରେ ଟିସୁ ପ୍ରୋସ୍‌ଥେଟିକ୍ସ ଅସ୍ତ୍ରୋପଚାର କରାଯାଇଥିଲା। ମାତ୍ର ଏଥିରେ ତାଙ୍କ ରୋଗ ସମ୍ପୂର୍ଣ୍ଣ ଉପଶମ ନ ହେବାରୁ ନିକଟରେ ସେ କିମ୍ସ ହୃଦ୍‌ରୋଗ ବିଭାଗର ସହକାରୀ ପ୍ରଫେସର ଡା. ଅନୁପମ ଜେନାଙ୍କ ସହ ପରାମର୍ଶ କରିଥିଲେ। ରୋଗୀଙ୍କଠାରେ ଅନିୟନ୍ତ୍ରିତ ମଧୁମେହ ଓ କ୍ରୋନିକ୍ କିଡ୍‌ନୀ ରୋଗ ଭଳି ଜଟିଳ ଶାରୀରିକ ସମସ୍ୟା ଥିଲା। ଏହା ସତ୍ତ୍ୱେ ଡା. ଅନୁପମ ଜେନାଙ୍କ ନେତୃତ୍ୱରେ ଡାକ୍ତରୀ ଦଳ ରୋଗୀଙ୍କ ସଫଳତାର ସହ ଅସ୍ତ୍ରୋପଚାର (ଟିଏମ୍‌ଭିଆର୍ ପ୍ରଣାଳୀରେ) କରିଥିଲେ। ଏବେ ରୋଗୀ ସୁସ୍ଥ ଅଛନ୍ତି। ଏଭଳି ଅତ୍ୟାଧୁନିକ ହୃଦ୍‌ଯନ୍ତ୍ର ଅସ୍ତ୍ରୋପଚାର ଓଡ଼ିଶାରେ ପ୍ରଥମଥର ପାଇଁ ହୋଇଥିବା ଡା. ଜେନା ଦାବି କରିଛନ୍ତି। ଏହା ସହିତ ସେ କହିଛନ୍ତି, ଓଡ଼ିଶାରେ ଏହି ସୁବିଧା ଉପଲବ୍ଧ ହେଉଥିବାରୁ ଏଣିକି ଏଭଳି ସମସ୍ୟାର ସମ୍ମୁଖୀନ ହେଉଥିବା ହୃଦ୍‌ରୋଗୀଙ୍କୁ ଆଉ ବାହାର ରାଜ୍ୟକୁ ଯିବାକୁ ପଡ଼ିବ ନାହିଁ। ଏହି ସଫଳତା ପାଇଁ କିମ୍ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଡାକ୍ତରୀଦଳକୁ ପ୍ରଶଂସା କରିବା ସହ ରୋଗୀଙ୍କ ଆରୋଗ୍ୟ କାମନା କରିଛନ୍ତି।

# ଆଳି ରାଜମାତା, ପୂର୍ବତନ ବିଧାୟିକା ସୁଶ୍ରୀ ଦେବୀଙ୍କ ପରଲୋକ

**ଆଳି/କଟକ,୧୦।୧ (ବନମାଳୀ ସେନାପତି/ କାର୍ତ୍ତିକ ସାହୁ)**



ସୁଶ୍ରୀ ଦେବୀ

ଆଳିର ରାଜମାତା, ପୂର୍ବତନ ବିଧାୟିକା ତଥା ସାଂସଦ ସୁଶ୍ରୀ ଦେବୀଙ୍କର ବୁଧବାର ଅପରାହ୍ଣରେ କଟକ ଦୋଳମୁଣ୍ଡାଇସ୍ଥିତ ବାସଭବନରେ ୭୪ବର୍ଷ ବୟସରେ ପରଲୋକ ଘଟିଛି। ସେ କିଛିଦିନ ତଳେ ଶ୍ୱାସକ୍ରିୟା ଜନିତ ରୋଗରେ ପୀଡ଼ିତ ହୋଇ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ୪ ଦିନ ତଳେ ତାଙ୍କୁ ହସ୍ପିଟାଲରୁ ଦୋଳମୁଣ୍ଡାଇସ୍ଥିତ ବାସଭବନକୁ ଅଣାଯାଇଥିଲା। ସେ ଶକ୍ତିମନ୍ତ୍ରୀ ପ୍ରତାପ କେଶରୀ ଦେବଙ୍କ ମା'।

ସୂଚନା ଅନୁଯାୟୀ, ବିଧାନସଭାର ବିରୋଧୀ ଦଳ ନେତା ତଥା ଆଳିର ରାଜାସାହେବ ସ୍ୱର୍ଗତ ଶରତ କୁମାର ଦେବଙ୍କ ୧୯୮୮ରେ ପରଲୋକ ହେବାପରେ ସୁଶ୍ରୀ ଦେବୀ ଜନତା ଦଳରୁ ୧୯୯୦ରୁ ୧୯୯୫ ପର୍ଯ୍ୟନ୍ତ ଆଳିର ବିଧାୟିକା ଭାବେ ନିର୍ବାଚିତ ହୋଇଥିଲେ। ପରେ ସେ ୨୦୦୨ରେ ରାଜ୍ୟ ସଭା ସଦସ୍ୟ ହୋଇଥିଲେ। ସ୍ୱର୍ଗତ ସୁଶ୍ରୀ ଦେବୀ କଳାହାଣ୍ଡି ଜିଲା ଖଡ଼ିଆଳର କଂଗ୍ରେସ ଦଳର ପୂର୍ବତନ ମନ୍ତ୍ରୀ ଅନୁପ ସିଂଦେଓଙ୍କ ଝିଅ। ସୁଶ୍ରୀ ଦେବୀ ଏକ ରାଜନୈତିକ ପରିବାରରୁ ଆସିଥିବାରୁ ସେ ସ୍ୱର୍ଗତ ଶରତ ଦେବଙ୍କ ପରଲୋକ ପରେ ଆଳି ନିର୍ବାଚନମଣ୍ଡଳୀର ବିଧାୟିକା ହୋଇଥିଲେ। ସେ ତାଙ୍କ ରାଜନୈତିକ ସମୟ ମଧ୍ୟରେ ଆଳି, କନିକାର ଅନେକ ବିକାଶମୁଖୀ କାର୍ଯ୍ୟ କରିଥିଲେ। ଆଳିରେ ଶବ ବ୍ୟବଚ୍ଛେଦ ଗୃହ ପ୍ରତିଷ୍ଠା ସହ ରାଜକନିକାରେ ଦମକଳ କେନ୍ଦ୍ର ପ୍ରତିଷ୍ଠା କ୍ଷେତ୍ରରେ ତାଙ୍କର ପ୍ରମୁଖ ଭୂମିକା ରହିଛି। ସୁଶ୍ରୀ ଦେବୀଙ୍କ ମୃତ୍ୟୁଶଯ୍ୟା ନିକଟରେ ବଡ଼ପୁଅ ଆଳି ରାଜା ବ୍ରଜ କେଶରୀ ଦେବ, ସାନପୁଅ ତଥା ମନ୍ତ୍ରୀ ପ୍ରତାପ କେଶରୀ ଦେବଙ୍କ ସହ ପରିବାର ଲୋକେ ଉପସ୍ଥିତ ଥିଲେ। ସୁଶ୍ରୀ ଦେବୀଙ୍କ ପରଲୋକ ଖବର ପାଇବା ପରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି। ତାଙ୍କ ମୃତ୍ୟୁରେ ପୂର୍ବତନ ବିଧାୟକ ତଥା ଏକଦା ତାଙ୍କ ସହ ଜନତା ଦଳରେ କାର୍ଯ୍ୟ କରୁଥିବା ଦେବେନ୍ଦ୍ର ଶର୍ମା, ଆଳି ପଞ୍ଚାୟତ ସମିତି ଅଧ୍ୟକ୍ଷ ମନୋରଞ୍ଜନ ସାମଲ, ଜିଲା ପରିଷଦ ସଦସ୍ୟ ଭୀଷ୍ମ ମହାନ୍ତି, ବିଜେଡି ସଙ୍ଗଠକ ପ୍ରଦ୍ୟୁମ୍ନ ଦାଶ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି।

# ପାଣି ପଞ୍ଚାୟତ ପକ୍ଷ ପାଳନ

**ଦେଓଗାଁ, ୧୦।୧ (କୃଷ୍ଣପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଦେଓଗାଁ ପଞ୍ଚାୟତ ସମିତି ଉଚ୍ଚ ବିଦ୍ୟାଳୟରେ ଉଠା ଜଳସେଚନ ବିଭାଗ ତରଫରୁ ପାଣି ପଞ୍ଚାୟତ ପକ୍ଷ ପାଳନ ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଅମ୍ବରିଶ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉଠା ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ସଚ୍ଚିଦାନନ୍ଦ ଦଲାଇ, ଏସଡିଓ ଅମୃତ କୁମାର ନାଗ, ଅପର୍ଣ୍ଣା ମିଶ୍ର, କନିଷ୍ଠଯନ୍ତ୍ରୀ ଭାବଗ୍ରାହୀ ନାଏକ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ସଇଁତଲା, ଗୁଡଭେଲା ଓ ଦେଓଗାଁ ବ୍ଲକର ୮୦ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ପ୍ରତିରୂପ, ଚିତ୍ରାଙ୍କନ, ଓଡିଆ ପ୍ରବନ୍ଧ, ବକ୍ତୃତା ଓ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ତିନୋଟି ବ୍ଲକର ଅଂଶ ଗ୍ରହଣ କରିଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରୁ ପ୍ରତ୍ୟେକ ପ୍ରତିଯୋଗିତାରୁ ପ୍ରଥମ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ଆସନ୍ତା ୧୬ ତାରିଖ ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ ଉପଲକ୍ଷେ ପୁରସ୍କୃତ କରାଯିବ ବୋଲି ନିର୍ବାହୀ ଯନ୍ତ୍ରୀ ଦଲାଇ ସୂଚନା ଦେଇଥିଲେ।



**ଇଲା ପଣ୍ଡା**

୨୬ ଅକ୍ଟୋବର ୧୯୩୨ – ୧୧ ଜାନୁଆରୀ ୨୦୦୫

**ଅଭୁଲା ସ୍ମୃତି ସହ**

ବୈଜୟନ୍ତ 'ଜୟ', ପାରମିତା, ନିବେଦିତା, ଶୁଭ୍ରକାନ୍ତ
ଜାଗି, ବ୍ରଜ, କେଜି, ଶୈଫାଳିକା
ରାଇ, ରେଭା, ଅନୁଭା, ଆଦିତ୍ୟ, ରାଇସା ଇଲା, ରାଇମାନା
ଆତ୍ମୀୟସ୍ୱଜନ, ସଦସ୍ୟ ଏବଂ ସହଯୋଗୀ, ଇମ୍ଫା ଗ୍ରୁପ୍

imfa

ଫୋନ: +91 674 2611000 | ଇମେଲ: memoriam@imfa.in

**ଭବାନୀପାଟଣା ଜିଲା କାରାଗାର**

# ଖାଲି ପଡ଼ିଛି ୧୨ ଅଧିକାରୀ, କର୍ମଚାରୀ ପଦବୀ

**ଭବାନୀପାଟଣା,୧୦।୧ (ଉତ୍ତମ କୁମାର ଦାଶ)**



ଭବାନୀପାଟଣାରେ ଥିବା ଜିଲା ମୁଖ୍ୟ କାରାଗାର।

କଳାହାଣ୍ଡି ଜିଲା ଭବାନୀପାଟଣା ସହରର ୨୬ନଂ. ଜାତୀୟ ରାଜପଥ କଡରେ ଥିବା ଜିଲା କାରଗାରରେ ଅନେକ ପଦବୀ ଖାଲି ପଡିଛି। ଯଦ୍ୱାର ପରିଚାଳନାରେ ସମସ୍ୟା ଉପୁଜୁଥିବା ଜଣାପଡିଛି। ପ୍ରକାଶ ଯେ,୧୯୩୬ ଇଂରେଜ ଅମଳରୁ ସ୍ଥାପିତ କାରଗାରରେ ଜିଲା ତଥା ଜିଲା ବାହାରର ଅନେକ କଏଦୀ ରହୁଛନ୍ତି। କାରଗାରାରେ ୫୧ଜଣ ଅଧିକାରୀ, କର୍ମଚାରୀ ରହିବା ନିୟମ ରହିଥିବାବେଳେ ବର୍ତ୍ତମାନ ସେଥିମଧ୍ୟରୁ ୧୨ଜଣ ଅଧିକାରୀ କର୍ମଚାରୀ ପଦବୀ ଖାଲି ପଡିଛି। ଜେଲରେ ଜଣେ ମେଡିକାଲ ଅଫିସର ରହିବାକୁ ଥିବାବେଳେ ଦିର୍ଘ ଦିନ ହେଲା ଏହିପଦବୀ ଖାଲିପଡିଛି। ଫଳରେ ଜିଲା ମୁଖ୍ୟ ଚିକିତ୍ସାଳୟର ଜଣେ ମେଡିକାଲ ଅଫିସର ଆସି ବିଭିନ୍ନ ସମୟରେ କଏଦୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥାନ୍ତି। ସେହିପରି ଜେଲରେ ସ୍ଥାୟୀ ଆସିଷ୍ଟାଣ୍ଟ ଜେଲର ନ ଥିବାରୁ ରାୟଗଡା ଜିଲା ଗୁଣୁପୁର ଉପକାରଗାରରୁ ଜଣେ ଆସିଷ୍ଟାଣ୍ଟ ଜେଲର ଏଠାକୁ ମାସକୁ ୧୫ ଦିନ କାର୍ଯ୍ୟ କରିବାକୁ ଆସୁଥିବା ଜଣାପଡିଛି। କଏଦୀମାନଙ୍କୁ ପାଠପଢାଇବା ପାଇଁ ଜଣେ ସ୍କୁଲ ଶିକ୍ଷକ ପଦବୀ ରହିଥିବାବେଳେ ବର୍ତ୍ତମାନ ଶିକ୍ଷକ ନ ଥିବାବେଳେ ଏହି ପଦବୀ ମଧ୍ୟ ଖାଲିପଡିଛି। ଏହାସହ ଜେଲରେ ବର୍ତ୍ତମାନ ଫାର୍ମାସିଷ୍ଟ, ଜଣେ କିରାଣୀ, ଜଣେ ମୁଖ୍ୟୱାର୍ଡର, ୫ ୱାର୍ଡର ଓ ଜଣେ ପିଅନ ପଦବୀ ଖାଲି ପଡିଛି। ଏହି ଜେଲରେ ୪୧୪ଜଣ କଏଦୀ ରହିବା ପାଇଁ କ୍ଷମତା ରହିଥିବାବେଳେ ବର୍ତ୍ତମାନ ୩୭୫ ଜଣ କଏଦୀ ରହିଥିବା ଜଣାପଡିଛି। ସେଥିମଧ୍ୟରୁ ପୁରୁଷ ୩୫୫ ଓ ମହିଳା କଏଦୀ ୨୦ ରହିଛନ୍ତି। ରାଜ୍ୟ ସରକାର ତୁରନ୍ତ ଏହି ପଦବୀ ଗୁଡିକୁ ପୂରଣ କରିବାକୁ ଦାବି ହୋଇଛି।

# ଶିକ୍ଷକମାନେ ପରିବର୍ତ୍ତନର ସୂତ୍ରଧର: ମୁଖ୍ୟମନ୍ତ୍ରୀ

## ନିଯୁକ୍ତି ପାଇଲେ ୫୧୨ ଆସିଷ୍ଟାଣ୍ଟ ପ୍ରଫେସର, ଆସିଷ୍ଟାଣ୍ଟ ଟ୍ରେନିଂ ଅଫିସର

- ଗତ କିଛି ବର୍ଷରେ ୫ ହଜାର ଶିକ୍ଷକ, ଅଣ ଶିକ୍ଷକଙ୍କୁ ମିଳିଛି ନିଯୁକ୍ତି
- ୧୮ ବ୍ଲକ୍‌ରେ ଖୋଲିବ ସରକାରୀ ଡିଗ୍ରୀ କଲେଜ



ଭୁବନେଶ୍ୱର, ୧୦।୧(ଅନିଲ ଦାସ)

ରାଜ୍ୟ ସରକାର ଉଚ୍ଚଶିକ୍ଷା ବିଭାଗ ଏବଂ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗରେ ୫୧୨ ଜଣ ଆସିଷ୍ଟାଣ୍ଟ ପ୍ରଫେସର, ଆସିଷ୍ଟାଣ୍ଟ ଟ୍ରେନିଂ ଅଫିସର ଏବଂ ଜୁନିୟର ଆସିଷ୍ଟାଣ୍ଟଙ୍କୁ ନିଯୁକ୍ତି ଦେଇଛନ୍ତି। ସେଥିରୁ ୧୫୮ ଜଣ ଆସିଷ୍ଟାଣ୍ଟ ପ୍ରଫେସର ଉଚ୍ଚଶିକ୍ଷା ବିଭାଗରେ ନିଯୁକ୍ତି ପାଇଥିବା ବେଳେ ୧୦ ଜଣ ଆସିଷ୍ଟାଣ୍ଟ ପ୍ରଫେସର, ୧୯୪ ଆସିଷ୍ଟାଣ୍ଟ ଟ୍ରେନିଂ ଅଫିସର ଏବଂ ୧୫୦ ଜୁନିୟର ଆସିଷ୍ଟାଣ୍ଟ ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗରେ ନିଯୁକ୍ତି ପାଇଛନ୍ତି। ଏ ନେଇ ବୁଧବାର ଲୋକସେବା ଭବନଠାରେ ଆୟୋଜିତ ନିଯୁକ୍ତି ପର୍ବ କାର୍ଯ୍ୟକ୍ରମରେ ଯୋଗ ଦେଇ ନବ ନିଯୁକ୍ତମାନଙ୍କୁ ସ୍ୱାଗତ କରିବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ଯେ, ଆପଣମାନେ କେବଳ ଶିକ୍ଷକ ନୁହନ୍ତି, ଆପଣମାନେ ହେଉଛନ୍ତି ପରିବର୍ତ୍ତନର ସୂତ୍ରଧର। ମିଳିମିଶି ଆଗାମୀ ପିଢ଼ି ପାଇଁ ଜ୍ଞାନ ଏବଂ ସଶକ୍ତ ଓଡ଼ିଶା ଗଠନ କରିବା ଦିଗରେ କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ କରିଛନ୍ତି।

ରାଜ୍ୟର ଭବିଷ୍ୟତ ଗଠନ ଦିଗରେ ଉଚ୍ଚଶିକ୍ଷା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। ରାଜ୍ୟର ଯୁବଗୋଷ୍ଠୀ ଓଡ଼ିଶାର ସମ୍ପତ୍ତି। ଉଚ୍ଚଶିକ୍ଷା ଯାତ୍ରାକୁ ଆହୁରି ବିକଶିତ କରିବା ଲକ୍ଷ୍ୟରେ ସରକାର କାର୍ଯ୍ୟ କରୁଛନ୍ତି। ବିଶ୍ୱସ୍ତରରେ ନିଜକୁ ପ୍ରତିପାଦିତ କରିବା ପାଇଁ ଛାତ୍ରୀଛାତ୍ରଙ୍କର ଜ୍ଞାନ ବୃଦ୍ଧି ସହ ସେମାନଙ୍କୁ କଷ୍ଟସାଧ ଚିନ୍ତାଧାରା ହାସଲ କରିବା କ୍ଷେତ୍ରରେ ଦକ୍ଷତା ବୃଦ୍ଧି କରିବା ଦିଗରେ କାର୍ଯ୍ୟ କରିବାକୁ ନବନିଯୁକ୍ତ ପ୍ରଫେସରମାନଙ୍କୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଉଚ୍ଚଶିକ୍ଷା ସର୍ବଦା ରାଜ୍ୟ ସରକାରଙ୍କ ପ୍ରମୁଖ ଫୋକସ ଏରିଆ ଭିତରେ ରହିଛି। ଗତ କିଛିବର୍ଷ ମଧ୍ୟରେ ୫ ହଜାର ଶିକ୍ଷକ ଓ ଅଣଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଛି। ରାଜ୍ୟ ସରକାର ଉଚ୍ଚଶିକ୍ଷାର ପ୍ରସାର ପାଇଁ ଡିଗ୍ରୀ କଲେଜ ନ ଥିବା ୧୮ଟି ବ୍ଲକରେ କଳା ବିଭାଗରେ ସରକାରୀ ଡିଗ୍ରୀ କଲେଜ ଖୋଲିବାକୁ ନିଷ୍ପତ୍ତି ନେଇଛନ୍ତି।

ରାଜ୍ୟ ସରକାର ଗତ କିଛିବର୍ଷ ମଧ୍ୟରେ ସରକାରୀ ଓ ସରକାରୀ ଅନୁଦାନ ପ୍ରାପ୍ତ କଲେଜଗୁଡ଼ିକରେ ୪୯୪୧ ଶିକ୍ଷକ ଓ ଅଣ ଶିକ୍ଷକଙ୍କୁ ନିଯୁକ୍ତି ଦେଇଛନ୍ତି। ସେଥିରୁ ସରକାରୀ ଡିଗ୍ରୀ କଲେଜରେ ୫୫୬ ଜଣ ଆସିଷ୍ଟାଣ୍ଟ ପ୍ରଫେସରଙ୍କୁ ନିଯୁକ୍ତି ଦିଆଯାଇଥିବା ବେଳେ ୩୩୨ ଶିକ୍ଷକ ଶିକ୍ଷା ତାଲିମ ପ୍ରତିଷ୍ଠାନ ଏବଂ ୩୦୮ ଜଣ ଅଣଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗ ସମ୍ପର୍କରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଉଚ୍ଚଶିକ୍ଷା ସହ ଯୁବତୀଯୁବକମାନଙ୍କର ଭବିଷ୍ୟତ ପାଇଁ ଦକ୍ଷତା ବିକାଶ ଗୁରୁତ୍ୱ ବହନ କରୁଛି। ରାଜ୍ୟକୁ ସଶକ୍ତ ଓ ଯୁବଗୋଷ୍ଠୀଙ୍କୁ ଦକ୍ଷ କରିବା ଦିଗରେ ରାଜ୍ୟ ସରକାର ଉଦ୍ୟମ ଜାରି ରଖିଛନ୍ତି। ୫-ଟି କାର୍ଯ୍ୟକ୍ରମ ଅଧୀନରେ ସରକାର ଦକ୍ଷତା ବିକାଶକୁ ଗୁରୁତ୍ୱ ଦେଉଛନ୍ତି। ରାଜ୍ୟରେ ବୈଷୟିକ ଶିକ୍ଷାକୁ ଆଗକୁ ନେବା ସହ ଦକ୍ଷତା ବିକାଶ କ୍ଷେତ୍ରରେ ଓଡ଼ିଶାକୁ ନୂତନ ଶିଖରରେ ପହଞ୍ଚାଇବାକୁ ସରକାର ଲକ୍ଷ୍ୟ ରଖିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ କହିଛନ୍ତି ଯେ, ୫-ଟି କାର୍ଯ୍ୟକ୍ରମ ଅଧୀନରେ ଉଚ୍ଚଶିକ୍ଷା ଏହାର ଡେଣାକୁ ସମ୍ପ୍ରସାରିତ କରି ଚାଲିଛି। ଉଚ୍ଚଶିକ୍ଷା ପାଇଁ ରାଜ୍ୟ ସରକାର ବଜେଟ ପରିମାଣକୁ ୪ ହଜାର କୋଟି କରିବା ସହ ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଛନ୍ତି। ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷାମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ କହିଛନ୍ତି ଯେ, ସ୍କିଲ୍ଡ ଇନ ଓଡ଼ିଶା ପଦକ୍ଷେପ ରାଜ୍ୟର ସ୍କିଲ ବ୍ୟବସ୍ଥାକୁ ସୁଦୃଢ଼ କରିଛି। ସ୍କିଲ-ଇନ ଓଡ଼ିଶା ଏବଂ ମେକ୍-ଇନ-ଓଡ଼ିଶା ସମଗ୍ର ଦେଶର ଦୃଷ୍ଟି ଆକର୍ଷଣ କରିଛି। ଏହି କାର୍ଯ୍ୟକ୍ରମରେ ଦକ୍ଷତା ବିକାଶ ସଚିବ ଉଷା ପାଢ଼ୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ଉଚ୍ଚଶିକ୍ଷା ସଚିବ ଅରବିନ୍ଦ ଅଗ୍ରୱାଲ ଧନ୍ୟବାଦ ଦେଇଥିଲେ।

# ଶିମିଳିପାଳରେ ୨ ପ୍ରଜାତିର ବାଘଛୁଆ

ବାରିପଦା, ୧୦।୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟରେ ୨ ନୂଆ ପ୍ରଜାତିର ଅତିଥିଙ୍କୁ ନେଇ ପ୍ରାଣୀ ପ୍ରେମୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି। ଅଭୟାରଣ୍ୟ ମଧ୍ୟରେ ୨ ବାଘଛୁଆ ବିଚରଣ କରୁଥିବା ବେଳର ଫଟୋ ପିସିସିଏଫ୍ ସୁଶାନ୍ତ ନନ୍ଦ ସୋସିଆଲ ମିଡିଆ (ଏକ୍ସ)ରେ ଶେୟାର କରିଛନ୍ତି। ଏହି ଅଭୟାରଣ୍ୟ ମଧ୍ୟରେ ବିରଳ 'ମେଲାନିଷ୍ଟିକ' ପ୍ରଜାତିର କଳା ବାଘ ରହିଛନ୍ତି। ଉକ୍ତ ପ୍ରଜାତିର ଟି-୧୮ ନାମକ ବାଘ ଓ ଅନ୍ୟ ଏକ ସାଧାରଣ ପ୍ରଜାତିର ବାଘ ମଧ୍ୟରେ ମିଳନରୁ ୨ ଛୁଆ ଜନ୍ମ ହୋଇଛନ୍ତି। ସେଥି ମଧ୍ୟରୁ ଗୋଟିଏ ମେଲାନିଷ୍ଟିକ କଳା ବାଘଛୁଆ ହୋଇଥିବା ବେଳେ ଅନ୍ୟ ଗୋଟିଏ ସାଧାରଣ ବାଘଛୁଆ ବୋଲି ପିସିସିଏଫ୍ ସୂଚନା ଦେଇଛନ୍ତି। ଅଭୟାରଣ୍ୟରେ ଲାଗିଥିବା ଟ୍ରାପ୍ କ୍ୟାମେରାରେ ବାଘଛୁଆ ବିଚରଣ ସମୟର ଫଟୋ କଏଦ ହୋଇଛି। ଉକ୍ତ ଫଟୋକୁ ନେଇ ଅଭୟାରଣ୍ୟରେ କଳାବାଘଙ୍କ ବଂଶବୃଦ୍ଧି ପାଉଥିବା ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ଏନେଇ ପ୍ରାଣୀପ୍ରେମୀ ଖୁସି ପ୍ରକଟ କରିଛନ୍ତି।

ଉଲ୍ଲେଖଯୋଗ୍ୟ, ସମଗ୍ର ଭାରତରେ ଥିବା ମୋଟ ୧୦ କଳାବାଘ ଶିମିଳିପାଳ ଅଭୟାରଣ୍ୟରେ ହିଁ ରହିଛନ୍ତି। ଏନେଇ କେନ୍ଦ୍ର ପରିବେଶ ରାଷ୍ଟ୍ରମନ୍ତ୍ରୀ ଅଶ୍ୱିନୀ କୁମାର ଚୌବେ ଗତ ମାସରେ ସଂସଦରେ ତଥ୍ୟ ଉପସ୍ଥାପନ କରିଥିଲେ। ୨୦୨୨ ବାଘ ଗଣନା ଅନୁଯାୟୀ, ଶିମିଳିପାଳ ଅଭୟାରଣ୍ୟରେ ୧୦ କଳାବାଘ ରହିଛନ୍ତି। ଏବେ ଉକ୍ତ ବାଘଙ୍କ ସଂଖ୍ୟା ୧୬କୁ ବୃଦ୍ଧି ପାଇଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଛି।

# ମିଳିତ ଉଦ୍ୟମ ଲଜିଷ୍ଟିକ୍ସ କ୍ଷେତ୍ରକୁ ମଜଭୁତ କରିବ: ଧର୍ମେନ୍ଦ୍ର




ଭୁବନେଶ୍ୱର, ୧୦।୧(ସୁନିତ୍ ମିଶ୍ର)

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବୁଧବାର ଭର୍ଚୁଆଲ ପ୍ଲାଟ୍‌ଫର୍ମରେ ସେଣ୍ଟର ଫର୍ ଲଜିଷ୍ଟିକ୍ସ ଟ୍ରେନିଂ ଏବଂ ଏକ୍ସିଲେନ୍ସ(ସିଓଏଲ୍‌ଟିଇ) ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ଧର୍ମେନ୍ଦ୍ର କହିଛନ୍ତି, ରେଡିଷ୍ଟନ ଫାଉଣ୍ଡେଶନ, ଲଜିଷ୍ଟିକ୍ସ ସେକ୍ଟର ସ୍କିଲ୍ କାଉନସିଲ ଏବଂ ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରଣାଳୟର ମିଳିତ ଉଦ୍ୟମରେ ଏହା ଆରମ୍ଭ ହୋଇଛି। ଏହି ପଦକ୍ଷେପ ଲଜିଷ୍ଟିକ୍ସ କ୍ଷେତ୍ରରେ ଦକ୍ଷ ମାନବ ସମ୍ବଳକୁ ଅଧିକ ମଜଭୁତ କରିବା ଦିଗରେ କାର୍ଯ୍ୟ କରିବ। ଏହି ଆଧାରରେ ଶିଳ୍ପସଂସ୍ଥାଗୁଡିକ ଭାରତର ଜନସାଧାରଣଙ୍କୁ ସ୍କିଲିଂ, ରି-ସ୍କିଲିଂ ଓ ଅପ୍ ସ୍କିଲିଂ କରିବା ପାଇଁ ଆହୁରି ଉତ୍କର୍ଷ କେନ୍ଦ୍ର ସ୍ଥାପନ କରିବା ଦରକାର ବୋଲି ଧର୍ମେନ୍ଦ୍ର କହିଛନ୍ତି। କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଛନ୍ତି , ଜାତୀୟ ଶିକ୍ଷାନୀତିରେ ସ୍କିଲ୍ ଆଧାରିତ ଶିକ୍ଷାକୁ ଅଧିକ ପ୍ରାଥମିକତା ଦିଆଯାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦକ୍ଷତା ଓ ସାମର୍ଥ୍ୟକୁ ଚିହ୍ନଟ କରିବା ପାଇଁ ଗୁରୁତ୍ୱ ଦେଉଛନ୍ତି। ବର୍ତ୍ତମାନ ପରିବର୍ତ୍ତିତ ଦୃଶ୍ୟପଟରେ ସବୁ କ୍ଷେତ୍ରରେ ଲୋକଙ୍କ ଦକ୍ଷତା ବଢାଇବା ଆବଶ୍ୟକ ହୋଇପଡିଛି। ଆଜି ଲୋକାର୍ପିତ ହୋଇଥିବା ଉତ୍କର୍ଷ କେନ୍ଦ୍ର ସମ୍ମାନ ଓ ସମୃଦ୍ଧିକୁ ସୁନିଶ୍ଚିତ କରିବା ସହ ମୁଣ୍ଡ ପିଛା ଉତ୍ପାଦନ ବୃଦ୍ଧି କରିବା ଦିଗରେ ଏକ ବଡ ପଦକ୍ଷେପ। ଏହି ମିଳିତ ଉଦ୍ୟମରେ ଆରମ୍ଭ ହୋଇଥିବା ପଦକ୍ଷେପ ଲଜିଷ୍ଟିକ୍ସ କ୍ଷେତ୍ରରେ ପ୍ରତିଦ୍ୱନ୍ଦ୍ୱିତାକୁ ବଢାଇବ। ଖର୍ଚ୍ଚର ପରିମାଣକୁ ହ୍ରାସ କରିବ। ଦକ୍ଷ ବିଶେଷଜ୍ଞଙ୍କ ଚାହିଦା ପୂରଣ କରିବ ଏବଂ ଆମର ଯୁବକଙ୍କୁ ସୁଯୋଗ କ୍ଷେତ୍ରରେ ସଶକ୍ତ କରିବ ବୋଲି ଧର୍ମେନ୍ଦ୍ର କହିଛନ୍ତି।

# ପଶ୍ଚିମ ଓଡ଼ିଶାର ସ୍ୱାଧୀନତା ସଂଗ୍ରାମୀଙ୍କ ଉପରେ ହେବ ଗବେଷଣା: ଧର୍ମେନ୍ଦ୍ର

ଭୁବନେଶ୍ୱର, ୧୦।୧(ସୁନିତ୍ ମିଶ୍ର)



ଦେଶକୁ ସ୍ୱତନ୍ତ୍ରତା ଦେବାରେ ଶହୀଦ ବୀର ଛବିଳ ସାଏଙ୍କ ସମେତ ପଶ୍ଚିମ ଓଡ଼ିଶାର ବୀର ସଂଗ୍ରାମୀମାନଙ୍କ ଭୂମିକା ଏବଂ ସେମାନଙ୍କ ବଳିଷ୍ଠ ଯୋଗଦାନ ଉପରେ ଗବେଷଣା ପାଇଁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନୂଆଦିଲ୍ଲୀଠାରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଛନ୍ତି। ଏହି ଆଲୋଚନା କାଳରେ ପଶ୍ଚିମ ଓଡ଼ିଶାର ସଂଗ୍ରାମୀମାନଙ୍କ ଅବଦାନକୁ ଗବେଷଣା କରିବା ସହ ପୂର୍ଣ୍ଣାଙ୍ଗ ପୁସ୍ତକର ରୂପ ଦେବା ଉପରେ ଆଲୋଚନା କରାଯାଇଛି। ୧୮୫୭ ଡିସେମ୍ବର ୩୦ରେ ସମ୍ବଲପୁରର କୁଦୋପାଲି ଘାଟିରେ ବ୍ରିଟିଶଙ୍କ ଗୁଳିରେ ଶହୀଦ ହୋଇଥିବା ଡୁଙ୍ଗବୀର ଛବିଳ ସାଏ ଏବଂ ତାଙ୍କର ୫୭ ଜଣ ସଂଗ୍ରାମୀଙ୍କ ବଳିଦାନ ଉପରେ ଗବେଷଣା ତଥା ଅଧ୍ୟୟନ କରିବା ସହ ଔପଚାରିକ ଭାବେ ଏହାକୁ ଏକ ପୂର୍ଣ୍ଣାଙ୍ଗ ପୁସ୍ତକ ପ୍ରକାଶନ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ସେହିପରି କୁଦୋପାଲି ବ୍ୟତୀତ ଏହି ମହାନ୍ ସଂଗ୍ରାମରେ ରକ୍ତରଞ୍ଜିତ ହୋଇଥିବା ଅନ୍ୟାନ୍ୟ ସ୍ଥାନ ଯଥା ରଇଣ୍ଡା, କୁଲୁଣ୍ଡା, ଗଡପାଟି, ଝରଘାଟି, ସିଂଘୋଡା, ଚିତାଖାଇ ଆଦିକୁ ମଧ୍ୟ ଏହି ଗବେଷଣାରେ ସାମିଲ୍ କରି ଏହି ସ୍ଥାନ ଗୁଡିକର ନେତୃତ୍ୱ ନେଇଥିବା ସଂଗ୍ରାମୀଙ୍କ ଅବଦାନ ଉପରେ ତଥ୍ୟ ଯୋଗାଡ କରିବା ପାଇଁ ଧର୍ମେନ୍ଦ୍ର କହିଛନ୍ତି। ଓଡ଼ିଶାର ସ୍ୱତନ୍ତ୍ରତା ସଂଗ୍ରାମର ଅନେକ ଅକୁହା କଥା ଓ ଗାଥା ଅଛି। ଇତିହାସ ପୃଷ୍ଠାରେ ଅନାଲୋଚିତ ଅଜଣା ନାୟକମାନଙ୍କୁ ଖୋଜି ସେମାନଙ୍କୁ ରାଷ୍ଟ୍ରୀୟ ସ୍ତରରେ ପରିଚିତ କରାଇବା ପାଇଁ କେନ୍ଦ୍ର ସରକାର ଆହ୍ୱାନ କରିଛନ୍ତି। ଅନାଲୋଚିତ ସଂଗ୍ରାମୀଙ୍କ ବୀରଗାଥାକୁ ଲୋକଲୋଚନକୁ ଆଣିବା ଜାତୀୟ ଶିକ୍ଷାନୀତିର ଉଦ୍ଦେଶ୍ୟ ରହିଛି। ବୈଠକ ପରେ ପଶ୍ଚିମ ଓଡ଼ିଶାରେ ସ୍ୱାଧୀନତା ସଂଗ୍ରାମ ଏବଂ ଏହି ସଂଗ୍ରାମରେ ବୀର ଛବିଳ ସାଏ ଓ ଶହୀଦ ହୋଇଥିବା ତାଙ୍କ ଅନ୍ୟ ୫୭ ଜଣ ସ୍ୱାଧୀନତା ସଂଗ୍ରାମୀଙ୍କ ଭୂମିକା ଉପରେ ଅଧ୍ୟୟନ କରିବା ପାଇଁ ଏକ 'ଗବେଷଣା ପ୍ରକଳ୍ପ ଆରମ୍ଭ କରିବାକୁ ଆଇସିଏଚ୍‌ଆର୍‌ର ଚେୟାରମ୍ୟାନ ପ୍ରଫେସର ରଘୁବେନ୍ଦ୍ର ତନ୍‌ୱାରଙ୍କୁ ଚିଠି ଲେଖି ଜଣାଇଛନ୍ତି। ସେ ଚିଠିରେ ଉଲ୍ଲେଖ କରିଛନ୍ତି , ପଶ୍ଚିମ ଓଡ଼ିଶାର ସାଂସ୍କୃତିକ କେନ୍ଦ୍ର ସମ୍ବଲପୁରରେ ବ୍ରିଟିଶ ଶାସନ ବିରୋଧୀ ଲଢେଇର ସମୃଦ୍ଧ ଇତିହାସ ରହିଛି। ଏହି ଅଞ୍ଚଳର ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏ ଓ ତାଙ୍କ ସହଯୋଗୀମାନଙ୍କ ଠାରୁ ଆରମ୍ଭକରି ଅନେକ ସଂଗ୍ରାମୀ ୧୮୫୭ ବିଦ୍ରୋହରେ ବୀରତ୍ୱର ସହ ଲଢ଼ିବା ସହ ଜାତୀୟ ଆନ୍ଦୋଳନରେ ଭାଗନେଇ ଦେଶକୁ ସ୍ୱାଧୀନତା ଦେବା ପାଇଁ ବଳିଦାନ ଦେଇଥିଲେ ବୋଲି ଉଲ୍ଲେଖ କରିଛନ୍ତି।

## ଦେଶର ୧୫ ଶ୍ରେଷ୍ଠ ସହରରେ ସ୍ଥାନ ପାଇଲା ରାଉରକେଲା

ରାଉରକେଲା, ୧୦।୧(ସଙ୍ଗୀତା ଜେନା)

ଭାରତର ଶ୍ରେଷ୍ଠ ୧୫ ସହର ମଧ୍ୟରେ ରାଉରକେଲା ସ୍ଥାନ ପାଇଛି। ଏ ନେଇ ବୁଧବାର ଆର୍‌ଏମ୍‌ସି କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ କମିଶନର ଡା. ଶୁଭଙ୍କର ମହାପାତ୍ର ସୂଚନା ପ୍ରଦାନ କରିଛନ୍ତି। ଡ. ମହାପାତ୍ର କହିଛନ୍ତି, ହକି ବିଶ୍ୱକପ୍ ସମୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ରାଉରକେଲାରେ ବ୍ୟାପକ ଉନ୍ନତୀକରଣ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ କରାଯାଇଥିଲା। ସେଥିମଧ୍ୟରୁ ପାଦଚଲା ଓ ସାଇକେଲ ଆରୋହୀମାନଙ୍କ ପାଇଁ ସ୍ୱତନ୍ତ୍ର ଚଲାପଥ ରହିଥିଲା। ଏ ନେଇ କେନ୍ଦ୍ର ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଆୟୋଜିତ 'ଇଣ୍ଡିଆନ୍ ସାଇକେଲ୍ ଫର୍ ଚେଞ୍ଜ୍ ଆଣ୍ଡ ଷ୍ଟ୍ରିଟ୍ ଫର୍ ପିପୁଲ ଆଫେୟାର୍ସ' ପ୍ରତିଯୋଗିତାରେ ଦେଶର ୫୦ଟି ସହର ଅଂଶଗ୍ରହଣ କରିଥିଲେ। ସେଥିମଧ୍ୟରୁ ରାଉରକେଲା ୧୫ ପାୟୋନିର୍ ସିଟି ମଧ୍ୟରେ ସ୍ଥାନ ପାଇଛି।

# ଜରୁରୀ ପରିସ୍ଥିତି ପାଇଁ ଓଡ୍ରାଫ୍‌ର ଶକ୍ତି ବୃଦ୍ଧି



ଡିଜିପି ଅରୁଣ କୁମାର ଷଡ଼ଙ୍ଗୀ ନୂତନ ଯାନ ଲୋକାର୍ପଣ କରୁଛନ୍ତି।

## ୫୬ ଯାନ ଲୋକାର୍ପଣ କଲେ ଡିଜିପି

କଟକ, ୧୦।୧ (କାର୍ତ୍ତିକ ସାହୁ)

ମନୁଷ୍ୟକୃତ କିମ୍ବା ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଓଡ୍ରାଫ୍ ବାହିନୀର ଭୂମିକା ସର୍ବଦା ଗୁରୁତ୍ୱପୂର୍ଣ୍ଣ। ଗତ ୨୪ ବର୍ଷ ମଧ୍ୟରେ ଓଡ୍ରାଫ୍ ବାହିନୀ ସାଧାରଣ ଜନତାଙ୍କୁ ଉପଯୁକ୍ତ ସେବା ପ୍ରଦାନ କରିଆସିଛି। ବାହାନଗା ରେଳ ଦୁର୍ଘଟଣା କିମ୍ବା ଅନ୍ୟ କୌଣସି ଜରୁରୀକାଳୀନ ପରିସ୍ଥିତି ସମୟରେ ଧନଜୀବନ ସୁରକ୍ଷା ଦିଗରେ ନିରନ୍ତର ସେବା ଯୋଗାଇ ଆସିଛି ବୋଲି ଡିଜିପି ଅରୁଣ କୁମାର ଷଡ଼ଙ୍ଗୀ ମତବ୍ୟକ୍ତ କରିଛନ୍ତି। କଟକସ୍ଥିତ ଷଷ୍ଠ ବାଟାଲିୟନ ପରିସରରେ ଡିଜିପି ଷଡ଼ଙ୍ଗୀ ଓଡ୍ରାଫ୍ ବାହିନୀର ଶକ୍ତିବୃଦ୍ଧି ନିମନ୍ତେ ୫୬ଟି ନୂତନ ଯାନ ଲୋକାର୍ପଣ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି, ନୂତନ ଯାନଗୁଡ଼ିକ ଦ୍ୱାରା ଜରୁରିକାଳୀନ ପରିସ୍ଥିତି ତଥା ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସାଧାରଣ ଜନତା ଉପଯୁକ୍ତ ସେବା ପାଇପାରିବେ। ଆଗାମୀ ଦିନରେ ଅତ୍ୟାଧୁନିକ ଉପକରଣ, ପରିବହନ ଓ ମାନବ ସମ୍ବଳ ଯୋଗାଇ ଓଡ୍ରାଫ୍‌କୁ ଆହୁରି ଶକ୍ତିଶାଳି କରାଯିବ। ନିରନ୍ତର ଶିକ୍ଷା ଓ ଅଭ୍ୟାସ ଦ୍ୱାରା ଓଡ୍ରାଫ୍ ବାହିନୀକୁ ସଶକ୍ତ କରାଯିବ। ଯାହାଦ୍ୱାରା ଜରୁରୀକାଳୀନ ପରିସ୍ଥିତି ସମୟରେ ଜନତାଙ୍କୁ ଉପଯୁକ୍ତ ସେବା ପ୍ରଦାନ କରିବାରେ ସେମାନେ ସକ୍ଷମ ହୋଇପାରିବେ। ଆଗାମୀ ଦିନରେ ଦେଶ, ସମାଜ ତଥା ପୋଲିସ ବିଭାଗ ପ୍ରତି ଓଡ୍ରାଫ୍‌ର ସେବା ମନୋବୃତ୍ତି ଉପରେ ଡିଜିପି ଷଡ଼ଙ୍ଗୀ ଗୁରୁତ୍ୱାରୋପ କରିଥିଲେ।

ଓଡ୍ରାଫ୍ ଦାୟିତ୍ୱରେ ଥିବା ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର ବିଗତ ଦିନରେ ଓଡ୍ରାଫ ଟିମ୍ ଦ୍ୱାରା କରାଯାଇଥିବା ବିଭିନ୍ନ ଅପରେଶନ ସମ୍ପର୍କରେ ସୂଚନା ଦେଇଥିଲେ। ବାହାନଗା ରେଳ ଦୁର୍ଘଟଣା, ସମ୍ବଲପୁର ବୋରୱେଲରୁ ନବଜାତ ଶିଶୁ ଉଦ୍ଧାର, ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଓଡ୍ରାଫ୍ ବାହିନୀର କାର୍ଯ୍ୟାବଳୀ ଉଲ୍ଲେଖନୀୟ ବୋଲି କହିଥିଲେ। ଏହି ଯାନଗୁଡ଼ିକ ଦ୍ୱାରା ଅଳ୍ପ ସମୟରେ ଜନସାଧାରଣଙ୍କୁ ଉପଯୁକ୍ତ ସେବା ପ୍ରଦାନ କରାଯିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ୍ରାଫ୍‌କୁ ପ୍ରଶଂସା କରିଥିବା କଥା ମଧ୍ୟ ସେ ଉଲ୍ଲେଖ କରିଥିଲେ। ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଏଚ୍‌ଆର୍‌ପିସି) ଲଳିତ ଦାସ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଏସ୍‌ଏପି) ଆର.ପି. କୋଚେଙ୍କ ସମେତ ବରିଷ୍ଠ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ। ଷଷ୍ଠ ବାଟାଲିୟନ କମାଣ୍ଡାଣ୍ଟ ସୂର୍ଯ୍ୟନାରାୟଣ ମଲ୍ଲିକ ଧନ୍ୟବାଦ ଦେଇଥିଲେ। ଉଲ୍ଲେଖଯୋଗ୍ୟ, ଏହି ୫୬ଟି ନୂତନ ଯାନ ମଧ୍ୟରେ ୨୦ଟି ବୋଲେରୋ, ୨୦ଟି ବସ୍, ୧୫ଟି ଟ୍ରାକ୍ଟର ଏବଂ ଗୋଟିଏ କାମ୍ପର ଗାଡ଼ି ରହିଛି।

ପ୍ରଥମ ପୃଷ୍ଠାରୁ

## ନାବାଳିକାଙ୍କୁ ଗଣବଳାତ୍କାର ...

କରାଯାଇଥିବା ଆଶଙ୍କା କରାଯାଉଛି। ତେବେ ନାବାଳିକାଙ୍କ ଭାଇ ସନ୍ଦେହ କରୁଥିବା ଯୁବକଙ୍କୁ ଫୋନରେ ପଚାରିବାରୁ ସେ ଜଙ୍ଗଲରେ ଛାଡ଼ି ଆସିଥିବା କହିବା ପରେ ସନ୍ଦେହ ଘନୀଭୂତ ହୋଇଥିଲା। ଏହି ଗଣବଳାତ୍କାର ଓ ହତ୍ୟା ଘଟଣାରେ ୩ ଜଣ ଯୁବକ ସମ୍ପୃକ୍ତ ଥିବା ପରିବାର ଲୋକେ ପୋଲିସ ଆଗରେ କହିଛନ୍ତି। ବଡ଼ଗାଁ ଥାନା ଅଧିକାରୀ ବନ୍ଦନା ପାତ୍ରଙ୍କ ସହିତ ସାଇଣ୍ଟିଫିକ ଟିମ୍ ମୃତଦେହ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛନ୍ତି। ଘଟଣାରେ ପୋଲିସ ଧରୁଆଡିହି ନିକଟ ଗଡ଼ିଆଯୋର ଗ୍ରାମର ଜଣେ ଯୁବକଙ୍କୁ ଅଟକ ରଖି ପଚରାଉଚରା କରୁଛି। ତେବେ ମୃତକଙ୍କ ଭାଇ କରିଥିବା ଅଭିଯୋଗର ତଦନ୍ତ ଚାଲିଛି। ଏ ଯାଏ ବଳାତ୍କାର ଅଭିଯୋଗ ସ୍ପଷ୍ଟ ହୋଇପାରିନାହିଁ। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ସବୁକିଛି ସ୍ପଷ୍ଟହେବ ବୋଲି ଥାନାଧିକାରୀ ପାତ୍ର କହିଛନ୍ତି।

## ରାଜ୍ୟରେ ବାଲି ...

ବାଲି ଉଠାଣ ଓ ପରିବହନ କରାଯାଉଥିବା ନେଇ ସାମାଜିକ କର୍ମୀ ପ୍ରଶାନ୍ତ କୁମାର ଜେନା ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ଦାଏର କରିଥିଲେ। ଲିଜ୍‌ଧାରୀଙ୍କ ପାଇଁ ପ୍ରଶାସନ ଲୋକଙ୍କ ସ୍ୱାର୍ଥକୁ ଆଖି ବୁଜି ଦେଇଥିବା ଅଭିଯୋଗରେ ଦର୍ଶାଯାଇଥିଲା। ରାତି ୧୦ଟାରୁ ସକାଳ ୭ଟା ପର୍ଯ୍ୟନ୍ତ ବାଲି ପରିବହନ କରାଯିବାର ନିୟମ ଥିବାବେଳେ ସବୁ ସମୟରେ ବାଲି ପରିବହନ କରାଯାଉଛି। ଗାଡିରେ ପରିବହନ ସମୟରେ ରାସ୍ତାରେ ଗଦା ଗଦା ବାଲି ପଡ଼ିରହୁଛି। ଏହାଦ୍ୱାରା ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଛି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ସୁକାନ୍ତ କୁମାର ଦଳାଇ, ସିଦ୍ଧାନ୍ତ କୁମାର ଜେନା ମାମଲା ପରିଚାଳନା କରୁଛନ୍ତି।

## ଅଯୋଧ୍ୟା ଯିବେନି ...

ତାଙ୍କୁ ନିମନ୍ତ୍ରଣ ଲୋଡ଼ାନାହିଁ। ସେ ଯିବେ। ଅନ୍ୟପକ୍ଷେ ଉଦ୍ଧବ ଠାକ୍‌ରେଙ୍କ ନେତୃତ୍ୱାଧୀନ ଶିବସେନା ୟୁବିଟି ନିମନ୍ତ୍ରଣ ପାଇ ନ ଥିବା କହିଛି।

ପ୍ରକାଶ ଯେ, ରାମମନ୍ଦିର ନିର୍ମାଣ ୧୯୯୦ରୁ ଭାଜପାର ଏକ ରାଜନୈତିକ କାର୍ଯ୍ୟସୂଚୀ ରହିଆସିଥିବାବେଳେ ଜାନୁଆରୀ ୨୨ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାର ଲୋକାର୍ପଣ କରିବେ। ଏଥିରେ ଯୋଗଦେବା ପାଇଁ ଅନେକ ନେତା, ଶିଳ୍ପପତି, କଳାକାର ଓ ବିଶିଷ୍ଟ ବ୍ୟକ୍ତିତ୍ୱଙ୍କୁ ନିମନ୍ତ୍ରଣ କରାଯାଇଛି। ଏହି ଉପଲକ୍ଷେ ଉତ୍ତର ପ୍ରଦେଶ ସରକାର ରାଜ୍ୟର ସମସ୍ତ ସ୍କୁଲ କଲେଜ ପାଇଁ ଛୁଟି ଘୋଷଣା କରିଛନ୍ତି।

## ଆଳୁ ବିହନ ଯୋଗାଣରେ ...

ପଶ୍ଚିମବଙ୍ଗ ବ୍ୟବସାୟୀଙ୍କ ଉପରେ ନିର୍ଭର କରୁଛନ୍ତି। ଏ ସମ୍ପର୍କରେ ବାଲେଶ୍ୱର ଜିଲା ଉଦ୍ୟାନ ବିଭାଗର ଉପନିର୍ଦ୍ଦେଶକ ତପନ କୁମାର ମହାନ୍ତି କହିଛନ୍ତି, ମାତ୍ର ୬୦୦ ବ୍ୟାଗ୍ ଆଳୁ ବିହନ ମିଳିଥିବାରୁ ବସ୍ତା ଓ ଜଳେଶ୍ୱର ଅଞ୍ଚଳକୁ ୭୫ ଭାଗ ରିହାତିରେ ଯୋଗାଇ ଦିଆଯାଇଛି। ହେକ୍ଟରକୁ ୭ହଜାର ଟଙ୍କା ରିହାତି ଦେବା ବ୍ୟବସ୍ଥା ଥିବାରୁ ପରେ ଚାଷୀଙ୍କୁ ଯୋଗାଇ ଦିଆଯିବ। କିନ୍ତୁ ଶୀତଳଭଣ୍ଡାର ନ ଥିବାରୁ ଚାଷୀ ଅଭାବୀ ବିକ୍ରିର ସମ୍ମୁଖୀନ ହୋଇ କିଲୋ ପ୍ରତି ୫ ଟଙ୍କାରେ ବିକ୍ରି କରୁଥିବା ସେ ସ୍ୱୀକାର କରିଛନ୍ତି। ବାଲେଶ୍ୱର ଜିଲାର ବିଭିନ୍ନ ବ୍ଲକ ଅଞ୍ଚଳରେ ଊଣାଅଧିକେ ଆଳୁଚାଷ ହେଉଥିବାରୁ ସେ ଅଞ୍ଚଳର ଚାଷୀଙ୍କୁ ନିର୍ଦ୍ଦିଷ୍ଟ ସମୟରେ ବିହନ, ସରକାରୀ ସୁବିଧା ଯୋଗାଇ ଅମଳ ପରେ ସଂରକ୍ଷଣର ବ୍ୟବସ୍ଥା ଓ ମିଶନର ନୀତିନିୟମର ସରଳୀକରଣ କରାଗଲେ ଆଳୁ ମିଶନ ସଫଳ ହୋଇପାରନ୍ତା ବୋଲି ବହୁ ଚାଷୀ କହିଛନ୍ତି।

## ଶିନ୍ଦେ ଗୋଷ୍ଠୀ ପ୍ରକୃତ ...

୧୯୯୯ ସମ୍ବିଧାନ ଅନୁସାରେ ଶିନ୍ଦେଙ୍କ ନେତୃତ୍ୱ ବଜାୟ ରହିବ।

ପ୍ରକାଶ ଯେ, ୨୦୨୨ ଜୁନ୍‌ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଉଦ୍ଧବଙ୍କ ବିରୋଧରେ କ୍ୟାବିନେଟ ମନ୍ତ୍ରୀ ଶିନ୍ଦେ ବିଦ୍ରୋହ କରିଥିଲେ। ଫଳରେ ଦଳ ଦୁଇଭାଗ ହୋଇଯାଇଥିଲା ଏବଂ ମହାବିକାଶ ଅଘାଡ଼ି (ଏମ୍‌ଭିଏ) ସରକାରର ପତନ ଘଟିଥିଲା। ଉଦ୍ଧବ ଗୋଷ୍ଠୀ ଏହା ବିରୋଧରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ଇତିମଧ୍ୟରେ ଭାରତର ନିର୍ବାଚନ କମିଶନ (ଇସିଆଇ) ୨୦୨୩ ଫେବୃଆରୀରେ ଶିନ୍ଦେ ଗୋଷ୍ଠୀକୁ ପ୍ରକୃତ ଶିବସେନାର ମାନ୍ୟତା ଦେବା ସହ ଦଳର ନିର୍ବାଚନୀ ସଙ୍କେତ 'ଧନୁ ଓ ତୀର' ପ୍ରଦାନ କରିଥିଲେ। ଆସ୍ଥାଭୋଟ ପୂର୍ବରୁ ଉଦ୍ଧବ ଇସ୍ତଫା ଦେଇଥିବାରୁ ତାଙ୍କ ଅଭିଯୋଗ ବିଚାରଯୋଗ୍ୟ ନୁହେଁ ବୋଲି ଗତ ମେ' ୧୧ରେ ସୁପ୍ରିମକୋର୍ଟ ରାୟ ଦେଇଥିଲେ। ବଲ୍ ବାଚସ୍ପତିଙ୍କ କୋର୍ଟରେ ଥିବାରୁ ସେ ଜାନୁୟାରୀ ୧୦ ସୁଦ୍ଧା ନିଷ୍ପତ୍ତି ନିଅନ୍ତୁ ବୋଲି ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ସେପଟେ ଗତ ୭ ତାରିଖରେ ବାଚସ୍ପତି ନାରୱେକର ମୁଖ୍ୟମନ୍ତ୍ରୀଙ୍କ ସରକାରୀ ବାସଭବନ 'ବର୍ଷା'ରେ ଶିନ୍ଦେଙ୍କୁ ସାକ୍ଷାତ କରିଥିଲେ। ଏହାକୁ ନେଇ ଉଦ୍ଧବ ଗୋଷ୍ଠୀ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଜଣେ ଅଭିଯୁକ୍ତଙ୍କୁ ବିଚାରପତି କିପରି ସାକ୍ଷାତ୍ କରିପାରିବେ ବୋଲି ୟୁବିଟି ଗୋଷ୍ଠୀ ପ୍ରଶ୍ନ ଉଠାଇଛନ୍ତି। ସଦ୍ୟ ରାୟ ଆସିବା ପରେ ୟୁବିଟି ଗୋଷ୍ଠୀ ନେତା ସଞ୍ଜୟ ରାଉତ୍ କହିଛନ୍ତି, ଏହାକୁ ଆମେ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିବୁ। ଉଦ୍ଧବ ମଧ୍ୟ ବାଚସ୍ପତିଙ୍କ ନିଷ୍ପତ୍ତିକୁ 'ଗଣତନ୍ତ୍ରର ହତ୍ୟା' ଭାବେ ଅଭିହିତ କରି ସୁପ୍ରିମକୋର୍ଟରେ ଏହାକୁ ଚ୍ୟାଲେଞ୍ଜ କରାଯିବ ବୋଲି ପ୍ରକାଶ କରିଛନ୍ତି। ଶିବସେନାର ମୋଟ ୫୪ ବିଧାୟକ ଥିବାବେଳେ ସେମାନଙ୍କ ମଧ୍ୟରୁ ସଂଖ୍ୟାଗରିଷ୍ଠ ୩୭ ଜଣ ଶିନ୍ଦେ ଗୋଷ୍ଠୀରେ ରହିଛନ୍ତି।

## ସ୍କୁଲରେ ଚାକିରି ଦେବା ...

ଅଭିଯୁକ୍ତମାନଙ୍କୁ ରିମାଣ୍ଡରେ ଆଣି ଏହି ଠକେଇ ର୍‍ୟାକେଟ ନେଇ ଅଧିକ ତଥ୍ୟ ଯୋଗାଡ଼ ସହ ସମ୍ପୃକ୍ତ ଅନ୍ୟ ସଦସ୍ୟଙ୍କୁ ଗିରଫ କରିବାକୁ ଇଓଡବ୍ଲ୍ୟୁ ଯୋଜନା କରିଥିବା ଜଣାପଡ଼ିଛି।

ଇଓଡବ୍ଲ୍ୟୁର ସୂଚନା ଅନୁଯାୟୀ, ଠକ ସଂସ୍ଥା ଏଡେଡ୍ ସ୍କୁଲ୍‌ସ ୱେଲ୍‌ଫେୟାର ଏଜୁକେଶନ ସୋସାଇଟି www.modelschools.ac ନାମରେ ୱେବ୍‌ସାଇଟ୍ ଖୋଲି ଏହି ଠକେଇ ର୍‍ୟାକେଟ ଚଳାଇଥିଲା। ତେବେ ଖବରକାଗଜରେ ଦିଆଯାଇଥିବା ବିଜ୍ଞାପନରେ ଏହା ଏକ ସରକାରଙ୍କ ଦ୍ୱାରା ମାନ୍ୟତାପ୍ରାପ୍ତ ଏଜୁକେଶନ୍ ସୋସାଇଟି ବୋଲି ଉଲ୍ଲେଖ କରାଯାଇଥିଲା। ଅଣଶିକ୍ଷକ ପଦବୀ ପାଇଁ ଯୋଗ୍ୟ ଆଶାୟୀଙ୍କୁ ଓଡ଼ିଶାର ବିଭିନ୍ନ ଏଡେଡ୍ ସ୍କୁଲରେ ନିଯୁକ୍ତି ପାଇଁ ଦର୍ଶାଯାଇଥିଲା। ଉକ୍ତ ପଦବୀଗୁଡ଼ିକ ହେଲା ଡେଭେଲପ୍‌ମେଣ୍ଟ ଅଫିସର, ୱେଲ୍‌ଫେୟାର ଅଫିସର, ସ୍କୁଲ ସୁପରଭାଇଜର, ସ୍କୁଲ କ୍ଲର୍କ, ସ୍କୁଲ ଆଟେଣ୍ଡର୍ସ ଏବଂ ୱାଚ୍‌ମ୍ୟାନ୍। ଆବେଦନର ଶେଷ ତାରିଖ ଜାନୁଆରୀ ୧୦ ରହିଥିବାବେଳେ ୨୮ ହଜାରରୁ ୪୦ ହଜାର ପର୍ଯ୍ୟନ୍ତ ଦରମା ଦିଆଯିବ ବୋଲି ଉଲ୍ଲେଖ ରହିଥିଲା। ଏଥିପାଇଁ ଆବେଦନ ଫି ୧୦୦୦ଟଙ୍କା ରଖିଥିବା ବେଳେ ଆଗକୁ ଇଣ୍ଟରଭ୍ୟୁ, ସିକ୍ୟୁରିଟି ଫି, ଭେରିଫିକେଶନ୍ ଫି ଆଦି ପାଇଁ ବଡ଼ ପରିମାଣର ଟଙ୍କା ନେବାକୁ ଯୋଜନା କରିଥିଲା। ତେବେ ବଡ଼ କଥା ହେଲା, ଧରାପଡ଼ିଲେ ବି ପୋଲିସକୁ ଚକ୍‌ମା ଦେବା ପାଇଁ ସଂସ୍ଥା ବିଭିନ୍ନ ମ୍ୟୁଲ୍ ବ୍ୟାଙ୍କ ଆକାଉଣ୍ଟକୁ ବ୍ୟବହାର କରିଥିଲା। ର୍‍ୟାକେଟର ସଦସ୍ୟମାନେ ଫେକ୍ ସିମ୍ ବ୍ୟବହାର ମଧ୍ୟ କରୁଥିଲେ। ଏଥିସହ ଚାକିରି ପାଇଁ ଆଶାୟୀ ଥିବା ଯୁବତୀଯୁବକଙ୍କୁ ଅଭିଯୁକ୍ତମାନେ ରୋଜଗାର ଲୋଭ ଦେଖାଇ ସେମାନଙ୍କ ଜରିଆରେ ବିଭିନ୍ନ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ବିଜ୍ଞାପନ ପ୍ରମୋଶନ କରୁଥିଲେ। ଏସବୁ ବାବଦକୁ ଅଭିଯୁକ୍ତଙ୍କ ବ୍ୟାଙ୍କ ଆକାଉଣ୍ଟକୁ ୧.୭ କୋଟି ଟଙ୍କା କାରବାର ହୋଇଥିବା ଓ ଏଟିଏମ୍ ଦ୍ୱାରା ଏସବୁ ଟଙ୍କା ଉଠାଯାଇଥିବା ତଦନ୍ତବେଳେ ଜଣାପଡ଼ିଛି। ତେବେ ଇଓଡବ୍ଲ୍ୟୁ ଓଡ଼ିଶାରେ ହୋଇଥିବା ଠକେଇ ଦିଗକୁ ନେଇ ତଦନ୍ତ କରୁଥିବାବେଳେ ଅନ୍ୟ ରାଜ୍ୟ ପୋଲିସକୁ ମଧ୍ୟ ଏ ବିଷୟରେ ଜଣାଇଥିବା ସୂଚନା ଦିଆଯାଇଛି।

## ସଂକ୍ଷେପରେ

### ବାଇକ୍‌କୁ ଧକ୍କାଦେଲା ଟ୍ରକ୍: ଶିଶୁ ମୃତ, ୨ ଗୁରୁତର

ନୂଆପଡ଼ା,୧୦।୧(ମକାରୁ ବେମାଲ)

ନୂଆପଡା ଥାନା ଧାମନପୁରୀ ଛକଠାରେ ବାଇକ୍‌କୁ ପଛପଟେ ଟ୍ରକ ଧକ୍କା ଦେବାରୁ ଜଣେ ଶିଶୁଙ୍କ ମୃତ୍ୟୁ ଘଟିଥିବା ବେଳେ ୨ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତ ଶିଶୁ କୋମନା ଥାନା କାଣ୍ଡେତାରା ଗାଁର କାହ୍ନୁଲାଲ ସାହୁ(୩୫)ଙ୍କ ପୁଅ ହିତେଶ (୫)। ଅନ୍ୟ ୨ଜଣ ଗୁରୁତର ହିତେଶଙ୍କ ବାପା ଓ ଛତିଶଗଡ ଚନ୍ଦରପୁର ଗାଁର ରାମଶିଳା ସାହୁ (୬୫)। ସୂଚନା ଯେ, କାଣ୍ଡେତାରା ଗାଁର କାହ୍ନୁଲାଲ ନିଜ ୫ ବର୍ଷର ଶିଶୁ ହିତେଶ ଓ ଭିଣୋଇ ମା' ରାମଶିଳାଙ୍କୁ ଧରି ଚନ୍ଦରପୁର ଗାଁରୁ ବାଇକ୍ (ନଂ.ଓଡି୨୬ସି ୯୪୪୯)ରେ କାଣ୍ଡେତାରା ଗାଁକୁ ଫେରୁଥିଲେ। ଧାମନପୁରି ଛକଠାରେ ୩୫୩ ନମ୍ବର ଜାତୀୟ ରାଜପଥ ଉପରେ ଏକ ମାଲ ବୋଝେଇ ଟ୍ରକ ପଛପଟୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ସ୍ଥାନୀୟ ଲୋକେ ଦେଖି ନୂଆପଡା ପୋଲିସକୁ ଖବର କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଗ୍ନିଶମ ବିଭାଗ କର୍ମଚାରୀ ସହ ୨ଗୁରୁତରିଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଫେରାର ଟ୍ରକ୍‌କୁ ତରବୋଡଠାରେ ଧରି ଡ୍ରାଇଭରଙ୍କୁ ଗିରଫ କରି ଟ୍ରକକୁ ଜବତ କରି ଥାନାରେ ଅଟକ ରଖିଛନ୍ତି। ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ବୋଲି ସଦର ଥାନା ଅଧିକାରୀ ଦିଲୀପ ସାହୁ ସୂଚନା ଦେଇଛନ୍ତି।

# ଏ ଯାଏଁ ସରିନି ଖରିଫ୍ ଧାନ କିଣା

ଭବାନୀପାଟଣା,୧୦।୧(ଉତ୍ତମ କୁମାର ଦାଶ)



ଭେଜିପଦର ମଣ୍ଡିରେ ଧାନ ବିକ୍ରି ନ ହୋଇ ପଡିରହିଛି।

କଳାହାଣ୍ଡି ଜିଲା ଇନ୍ଦ୍ରାବତୀରୁ ଚଳିତ ରବି (ଡାଲୁଅ) ଚାଷ ପାଇଁ ଗତ ୮ ତାରିଖରୁ ଜଳ ଯୋଗାଣ ଆରମ୍ଭ ହୋଇଛି। ଏଥିରେ ଇନ୍ଦ୍ରାବତୀ ବାମ, ଦକ୍ଷିଣ ଓ ମେଗା ଲିଫ୍ଟ କେନାଲ ମାଧ୍ୟମରେ ଚାଷୀଙ୍କୁ ଜଳ ଯୋଗାଣ କରାଯାଉଛି। କେନାଲ ମରାମତି ଯୋଗୁ ଗତ ୨ ବର୍ଷ ହେଲା ବନ୍ଦ ରହିଥିବା ଦକ୍ଷିଣ କେନାଲରେ ଚଳିତ ରବି ଚାଷ ସମୟରେ ଜଳ ଯୋଗାଣ କରାଯାଉଛି। ତେବେ ରବି ଚାଷ ପାଇଁ କେନାଲ ପାଣି ପହଞ୍ଚିଥିବାବେଳେ ଅନ୍ୟପଟେ ଖରିଫ ଧାନ ଏ ଯାଏ ବିକ୍ରି କରି ପାରିନାହାନ୍ତି ଚାଷୀ। ଏହାକୁ ନେଇ ସେମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ପ୍ରଶାସନ ଓ ଯୋଗାଣ ବିଭାଗର ଖାମ ଖିଆଲି ମନୋଭାବ ଯୋଗୁ ଅନେକ ଚାଷୀଙ୍କ ଟୋକନ ବହୁ ବିଳମ୍ବରେ ଆସିବାରୁ ଧାନ ବିକ୍ରି କରିବା ସେମାନଙ୍କ ପାଇଁ ବିଳମ୍ବିତ ହୋଇଥିଲା। ସେହିପରି ଜିଲାର ଅନେକ ମଣ୍ଡିରେ ଏବେ ମଧ୍ୟ ହଜାର ହଜାର କୁଇଣ୍ଟାଲ ଧାନ ବିକ୍ରି ନ ହୋଇ ପଡିରହିଛି। ତେବେ କେବେ ଧାନ ବିକ୍ରି ହେବ ଓ ସେହି ଟଙ୍କାରେ ରବି ଚାଷ କେବେ କରିବେ ତାହାକୁ ନେଇ ସ୍ଥାନୀୟ ଚାଷୀଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି। ମିଳିଥିବା ସୂଚନା ଅନୁଯାୟୀ, ଜିଲାର ୨୧୯ଟି ମଣ୍ଡିରେ ମଙ୍ଗଳବାର ସୁଦ୍ଧା ୬୭ ହଜାର ୭ଶହ ଚାଷୀଙ୍କ ୩୬ ଲକ୍ଷ ୧୬ ହଜାର ୬୮୯ କୁଇଣ୍ଟାଲ ଧାନ ଉଠାଣ କରାଯାଇଥିବା ସୂଚନା ମିଳିଛି। ଠିକ ଭାବେ ମିଲର୍ସ ଆସୁ ନ ଥିବାରୁ ଜୁନାଗଡ ବ୍ଲକ କଳିଆକୁଣ୍ଡଲ ପଞ୍ଚାୟତ ଭେଜିପଦର ମଣ୍ଡିରେ ଗତ ଡିସେମ୍ବରରେ ଧାନ ବିକ୍ରି କରିବା ପାଇଁ ଟୋକନ ପାଇଥିବା ଚାଷୀଙ୍କ ଧାନ ଉଠାଣ କରାଯାଇ ନ ଥିବା ଜଣାପଡିଛି। ଫଳରେ ଶୀତ କାକରରେ ମଣ୍ଡିରେ ପଡିରହି ଧାନ ବିକ୍ରି ଆଶାରେ ଜଗିରହିଛନ୍ତି। ଜିଲା ପ୍ରଶାସନ ତୁରନ୍ତ ଏହି ମଣ୍ଡିରେ ଗଚ୍ଛିତ ଧାନ ଉଠାଣ କରିବାକୁ ସ୍ଥାନୀୟ ଚାଷୀମାନେ ଦାବି କରିଛନ୍ତି।

**ଚିନ୍ତାରେ କଳାହାଣ୍ଡି ଜିଲା ଚାଷୀ**

- ରବି ଚାଷ ପାଇଁ ଆସିଲାଣି ପାଣି

# ଇଭିଏମ୍ ବଦଳରେ ବାଲଟ ପେପରରେ ନିର୍ବାଚନ ହେଉ



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି।

ନୂଆପଡ଼ା,୧୦।୧(ମକାରୁ ବେମାଲ)

**ଭାରତ ମୁକ୍ତି ମୋର୍ଚ୍ଚା ପକ୍ଷରୁ ଧାରଣା**

ଇଭିଏମ୍ ବଦଳରେ ବେଲଟ ପେପରରେ ନିର୍ବାଚନ କରିବା ଦାବିରେ ବୁଧବାର ଭାରତ ମୁକ୍ତି ମୋର୍ଚ୍ଚା ପକ୍ଷରୁ ନୂଆପଡା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି। ଭାରତ ମୁକ୍ତି ମୋର୍ଚ୍ଚା ନୂଆପଡା ଜିଲା ସଭାପତି ସୁବ୍ରତ ବଘେଲଙ୍କ ନେତୃତ୍ୱରେ ଧାରଣାରେ ଭାରତ ମୁକ୍ତି ମୋର୍ଚ୍ଚା ରାଜ୍ୟ ସଭାପତି ଧମ୍ମରାଜ ନାଗବଂଶୀ, ମହିମା ଧର୍ମ ରାଜ୍ୟ ସଭାପତି ଆର୍ତତ୍ରାଣ ତ୍ୟାଗୀ, ପଛୁଆ ବର୍ଗ ମୋର୍ଚ୍ଚା ସଭାପତି ନୂଆପଡା ତୀର୍ଥ ନାଏକ, ବହୁଜନ ମୁକ୍ତି ପାର୍ଟି ନୂଆପଡା ଜିଲା ସଭାପତି ହେମନ୍ତ ତାଣ୍ଡି, ଚନ୍ଦ୍ରମଣି ନାଏକ, ଲକ୍ଷ୍ମୀକାନ୍ତି ମାଝି, ଲାଲମନ ବିଭାର, ଅଞ୍ଜନା ରାଉତରାୟ, ପ୍ରେମଲାଲ ନାଏକ, ଭାଗୀରଥି ବାରିକ ସାମିଲ ହୋଇଛନ୍ତି। ଜାନୁଆରୀ ୫ରେ ଧାରଣା ଦେଇ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିବାରୁ ପୁଣି ବୁଧବାରଠାରୁ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଧାରଣାରେ ବସିବୁ। ତୃତୀୟରେ ଜାନୁଆରୀ ୧୪ରେ ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ରାଲି ପ୍ରଦର୍ଶନ କରିବୁ ଓ ଚତୁର୍ଥ ଜାନୁଆରୀ ୩୧ରେ କେନ୍ଦ୍ରୀୟ ନିର୍ବାଚନ ଆୟୋଗ କାର୍ଯ୍ୟାଳୟ ନୂଆଦିଲ୍ଲୀଠାରେ ବିଶାଳ ଜନସମାବେଶ ହେବ ବୋଲି ସଭାପତି ବଘେଲ ପ୍ରକାଶ କରିଛନ୍ତି। ବିକାଶଶୀଳ ରାଷ୍ଟ୍ରମାନେ ଇଭିଏମ ମେଶିନକୁ ବିଶ୍ୱାସ ନ କରି ବାଲେଟ ପେପର ମାଧ୍ୟମରେ ଭୋଟ କରୁଛନ୍ତି। ଇଭିଏମ ମେଶିନକୁ ହଟାଇ ବେଲଟ ପେପରରେ ଭୋଟ କରାଯାଉ, ଇଭିଏମ ଦ୍ୱାରା ହେମ୍ପରିଙ୍ଗ କରାଯାଉଛି, ଇଭିଏମ ଉପରେ ଆମ ଦେଶରେ ମଧ୍ୟ ସୁପ୍ରିମକୋର୍ଟରେ ମଧ୍ୟ ୧୫ରୁ ଅଧିକ ମାମଲା ରଜୁ ହୋଇଛି। ଇଭିଏମ ଦ୍ୱାରା ସାଧାରଣ ଲୋକେ ବୁଝି ପାରୁନାହାନ୍ତି। ବାଲଟ ପେପରରେ ନିର୍ବାଚନ ହେଲେ ଭୋଟର ସବୁ ଜାଣି ପାରିବେ ଓ ଟ୍ୟାମ୍ପେରିଂ ହୋଇ ପାରିବ ନାହିଁ ବୋଲି ଭାରତ ମୁକ୍ତି ମୋର୍ଚ୍ଚା ଜିଲା ସଭାପତି ଦାବି କରିଛନ୍ତି।

## ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ଉଦ୍‌ଯାପିତ



କଳାହାଣ୍ଡି ଉତ୍ସବ ଘୁମୁରା ଉଦ୍‌ଯାପନୀରେ ମଞ୍ଚାସୀନ ଅତିଥି।

ଗୋଲାମୁଣ୍ଡା,୧୦।୧(ବଟକୃଷ୍ଣ ପଣ୍ଡା)

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା-୨୦୨୪ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏଥିପୂର୍ବରୁ ସକାଳେ ସ୍ଥାନୀୟ ଠାକୁରାଣୀ ମନ୍ଦିରରୁ ମଶାଲ ଶୋଭାଯାତ୍ରା ବାହାରି ବ୍ଲକ ପରିସରରେ ହୋଇଥିବା ଚୁଡା ପାହାଡ ମଞ୍ଚରେ ପହଞ୍ଚିଥିଲା। ପରେ ମଞ୍ଚ ପୂଜା ସହିତ ବ୍ଲକସ୍ତରୀୟ କଳାହାଣ୍ଡି ଚୁଡା ପାହାଡ ମଞ୍ଚ ଉଦ୍‌ଘାଟିତ ହୋଇଥିଲା। ମଶାଲ ଶୋଭାଯାତ୍ରାରେ ବ୍ଲକ ଅଧ୍ୟକ୍ଷା ପଞ୍ଚମୀ ଦୀପ, ବିଡିଓ ଅକ୍ଷମିତା କାର୍ତ୍ତିକ, ସରପଞ୍ଚ ସଂଘ ସଭାପତି ପୁରୁଷୋତ୍ତମ ରାଉତଙ୍କ ସମେତ ଅନେକ ଲୋକେ ସାମିଲ ହୋଇଥିଲେ। ସନ୍ଧ୍ୟାରେ ବ୍ଲକ ଅଧ୍ୟକ୍ଷା ପଞ୍ଚମୀ ଦୀପଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ଜୁନାଗଡ ବିଧାୟକ ଦିବ୍ୟଶଙ୍କର ମିଶ୍ର ଉପସ୍ଥିତ ରହି ପୂଜାର୍ଚ୍ଚନା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ମୁଖ୍ୟବକ୍ତା ଭାବେ ଅଧ୍ୟାପକ ପ୍ରଦୀପ କୁମାର ମିଶ୍ର, ସମ୍ମାନିତ ଅତିଥି ଭାବେ ବିଡିଓ ଅକ୍ଷମିତା କାର୍ତ୍ତିକ, ଉପଖଣ୍ଡ ପୋଲିସ ଅଧିକାରୀ ଧୀରଜ ଚୋପଦାର, ସମିତି ସଭ୍ୟ ସଭାପତି ଦୁର୍ଗେଶ୍ୱର ସାହୁ, ସରପଞ୍ଚ ସଂଘ ସଭାପତି ପୁରୁଷୋତ୍ତମ ରାଉତ, ଜିଲା ପରିଷଦ ସଭ୍ୟା ହେମାଙ୍ଗିନି ରାଉତ, ଜିଲା ପରିଷଦ ସଭ୍ୟ ଜୟସେନ ସାହୁ ପ୍ରମୁଖ ମଞ୍ଚାସୀନ ଥିବା ବେଳେ ପ୍ରଦୀପ କୁମାର ମିଶ୍ର ସଭା ପରିଚାଳନା କରିଥିଲେ। ଅତିଥିମାନେ କଳାହାଣ୍ଡିର ଐତିହ୍ୟ, ପରମ୍ପରା ଉପରେ ଆଲୋକପାତ କରିବା ସହିତ କଳାହାଣ୍ଡି ଉତ୍ସବ ଜରିଆରେ ଗ୍ରାମାଞ୍ଚଳର ଲୁକ୍କାୟିତ ପ୍ରତିଭାମାନେ ଆଗକୁ ଆସି ପାରୁଛନ୍ତି ବୋଲି କହିଥିଲେ। ବିଭିନ୍ନ ବିଭାଗରେ କାର୍ଯ୍ୟ କରୁଥିବା କର୍ମଚାରୀ, ବ୍ଲକର ଚାଷୀ ଓ ବିଭିନ୍ନ ବିଭାଗରେ ଅନୁଷ୍ଠିତ ପ୍ରତିଯୋଗିତାରେ କୃତିତ୍ୱ ଲାଭ କରିଥିବା ପ୍ରତିଯୋଗୀ ଓ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ଚୁଡା ପାହାଡ ମଞ୍ଚରେ ବ୍ଲକ ଛାତ୍ରୀଛାତ୍ରଙ୍କ ଲୋକନୃତ୍ୟ ଓ ବିଭିନ୍ନ ଗ୍ରାମରୁ ଆସିଥିବା ଘୁମୁରା, ବଜାସାଲ, ବନାବାଡି, ଦାସକାଠିଆ, ଢାପ ନୃତ୍ୟ ଲୋକଙ୍କ ମନମୋହିଥିଲା। କାର୍ଯ୍ୟକ୍ରମକୁ ଲୋକେ ମଧ୍ୟ ରାତି ପର୍ଯ୍ୟନ୍ତ ଉପଭୋଗ କରିଥିଲେ।

### ପଞ୍ଚାୟତସ୍ତରୀୟ କଳାହାଣ୍ଡି ଉତ୍ସବକୁ ଅଣଦେଖା

କର୍ଲାମୁଣ୍ଡା,୧୦।୧(ପ୍ରଦୀପ କୁମାର ସାହୁ)

କଳାହାଣ୍ଡି ଜିଲାରେ ପଞ୍ଚାୟତଠୁ ଆରମ୍ଭ କରି ବ୍ଲକସ୍ତର ଓ ଜିଲାସ୍ତରରେ କଳାହାଣ୍ଡି ଉତ୍ସବ ପାଳନ କରାଯିବାକୁ ଜିଲା ପ୍ରଶାସନ ପକ୍ଷରୁ ବିଭିନ୍ନ ଦିନ ଧାର୍ଯ୍ୟ କରିଥିଲେ। ହେଲେ କାର୍ଲମୁଣ୍ଡା ବ୍ଲକର ୧୨ଟି ପଞ୍ଚାୟତ ମଧ୍ୟରୁ କୌଣସି ବି ପଞ୍ଚାୟତରେ ପଞ୍ଚାୟତସ୍ତରୀୟ କଳାହାଣ୍ଡି ଉତ୍ସବ ପାଳନ ନ ହେବା ଦୁର୍ଭାଗ୍ୟ ବିଷୟ ବୋଲି ବୁଦ୍ଧୀଜୀବୀ ମହଲରେ ମତପ୍ରକାଶ ପାଇଛି। ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ ଗୁରୁବାର ହେବାକୁ ଥିବା ବେଳେ ବ୍ଲକ ପ୍ରଶାସନ ବ୍ଲକର ଅନେକ ବୁଦ୍ଧିଜୀବୀ, ସାମ୍ବାଦିକଙ୍କୁ ଅଣଦେଖା କରୁଥିବା ନେଇ ଚର୍ଚ୍ଚା ଜୋର ଧରିଛି। ଏହା ଲୋକଙ୍କ ଉତ୍ସବ ବୋଲି କୁହାଯାଉଥିବା ବେଳେ ବ୍ୟକ୍ତିଗତ ଉତ୍ସବ ଭଳି କରାଯାଉଛି ବୋଲି ଜିଲା ପରିଷଦ ସଭ୍ୟ ତଥା ବ୍ଲକ କଂଗ୍ରେସ ସଭାପତି ସୁରେଶ ଚୌଧୁରୀ କହିଛନ୍ତି। ଅନ୍ୟପଟେ ଲୋକ ପ୍ରତିନିଧିମାନେ ମଧ୍ୟ ଅସନ୍ତୋଷ ଥିବା ଜଣାଯାଇଛି।

### ପଞ୍ଚାୟତସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା

ରୁପ୍ରାରୋଡ୍,୧୦।୧(ସଞ୍ଜୀବ ଦାସ)

କଳାହାଣ୍ଡି ଜିଲା ନର୍ଲା ବ୍ଲକ ରୁପ୍ରାରୋଡରେ ପଞ୍ଚାୟତସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ପାଳିତ ହୋଇଯାଇଛି। ନର୍ଲା ପଞ୍ଚାୟତ ସମିତି ଅଧ୍ୟକ୍ଷା ମନୋରମା ମହାନ୍ତି ମୁଖ୍ୟଅତିଥି, ସମ୍ମାନିତ ଅତିଥି ରୂପେ ବ୍ଲକ ଉପାଧ୍ୟକ୍ଷ ଦୁର୍ଗା ପ୍ରସାଦ ମହାନ୍ତି, ନର୍ଲା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏନ ଜଗଜୀବନ ଚଉଧୁରୀ, ରାଜ୍ୟ ସମବାୟ ବାଣିଜ୍ୟ ମହାସଂଘ ନିର୍ଦ୍ଦେଶକ ଦେବରାଜ ମାଝି, ରୁପ୍ରାରୋଡ ସମିତି ସଭ୍ୟା ଦୀପାଞ୍ଜଳୀ ମାଝି, ସୁମିତ ଅଗ୍ରବାଲ, ଧିରେନ୍ଦ୍ର ଖେତାନ, ସଚିନ ଅଗ୍ରବାଲ ଯୋଗଦେଇଥିଲେ। ବକ୍ତାଭାବେ ଅବସରପ୍ରାପ୍ତ ଶିକ୍ଷକ କୃଷ୍ଣଚନ୍ଦ୍ର ନାଏକ ଯୋଗଦେଇ ଥିବା ବେଳେ ଶିକ୍ଷକ ଅନିଲ ସାହୁ ମଞ୍ଚ ପରିଚାଳନା କରିଥିଲେ। ରୁପ୍ରାରୋଡ ସରପଞ୍ଚ ହେମନ୍ତ ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଛାତ୍ରଛାତ୍ରୀ ଏବଂ ମହିଳାଙ୍କୁ ପୁରସ୍କୃତ କରାଯାଇଥିଲା। ଗ୍ରାମ ରୋଜଗାର ସେବକ ଶୁଶାନ୍ତ ସେଠ, ଏଲଆଇ ପୁଣ୍ଡଚନ୍ଦ୍ର ସୁନ୍ଦର ରାଏ, ସୁଦୀପ୍ତ ସେଠୀ, ସୁରଥ ଦୁର୍ଗା, ଯୋଗାଣ ସହାୟକ ପ୍ରମୋଦ ଶର୍ମା, ମିଶନ ଶକ୍ତି ମା'ଭଉଣୀ, ପଞ୍ଚାୟତ ସଭ୍ୟ ସଭ୍ୟା, ଆଶା, ଅଙ୍ଗନୱାଡି, ଭିଏଡବ୍ଲୁ, ଏଏନଏମ ସହଯୋଗ କରିଥିଲେ। ରୁପ୍ରାରୋଡ କାର୍ଯ୍ୟ ନିର୍ବାହୀ ଅଧିକାରୀ ମୁରଲୀଧର ମୁଣ୍ଡ ଧନ୍ୟବାଦ ଅର୍ପଣ କରିଥିଲେ।

### ସିଆର୍‌ପିଏଫ୍ ପକ୍ଷରୁ ଜନସମ୍ପର୍କ ଶିବିର

ଗୋଲାମୁଣ୍ଡା,୧୦।୧(ବଟକୃଷ୍ଣ ପଣ୍ଡା)

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ କେଗାଁ ସରସ୍ୱତି ଶିଶୁ ମନ୍ଦିର ପ୍ରାଙ୍ଗଣରେ ସିଆର୍‌ପିଏଫ୍ ପକ୍ଷରୁ ଜନସମ୍ପର୍କ ଶିବିର ଅନୁଷ୍ଠିତ ହୋଇଯାଇଛି। କମାଣ୍ଡେଣ୍ଟ ମନୋଜ କୁମାରଙ୍କ ନିର୍ଦ୍ଦେଶରେ ସିଏମଓ ୬୪ ବାଟାଲିୟନ ସଞ୍ଜୟ ରଜକ ଅଧ୍ୟକ୍ଷତାରେ କେଗାଁ ଥାନା ଏଏସଏଇ ମେଘନାଦ ହାଁସଦା, କେଗାଁ ସରପଞ୍ଚ ଅମୃତା ବଛା, ସିନାପାଲି ସରପଞ୍ଚ ନଉଁକେଶ୍ୱର ପଟେଲ, ନୂଆଗାଁ ସରପଞ୍ଚ ଦୁଷ୍ମନ୍ତ ଭୋଇ, ଆଞ୍ଚଳିକ ବାସ୍ତରଣୀ ମହାବିଦ୍ୟାଳୟ ଅଧ୍ୟକ୍ଷ ତ୍ରିଲୋଚନ ସାହୁ, ଡାକ୍ତର ଖୁସିରାମ ସୁନା, ନାଏବ ସରପଞ୍ଚ ସଂଯୁକ୍ତା ସିପକା ପ୍ରମୁଖ ଉପସ୍ଥିତି ଥିଲେ। ଏଥିରେ କେଗାଁ, ସାନଚେରଗାଁ, ମାଲପଡା, ଦର୍ଲିପଡା ଓ ଗୁରୁଜିପଡାର ଶତାଧିକ ଗରିବ ଲୋକଙ୍କୁ ରୋଷେଇ ଉପକରଣ ଓ କମଳ, କ୍ରୀଡ଼ାବିତଙ୍କ ପାଇଁ ଖେଳ ସାମଗ୍ରୀ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଶିକ୍ଷା ସମ୍ବନ୍ଧିୟ ପ୍ରାମାଣିକ ଚିତ୍ର ପ୍ରଦର୍ଶିତ କରାଯାଇଥିଲା। ଘରେ ଥିବା ଛୋଟ ଛୁଆମାନଙ୍କୁ ନିୟମିତ ସ୍କୁଲକୁ ପାଠ ପଢାଇ ଶିକ୍ଷିତ କରିବାକୁ ସହକାରୀ କମାଣ୍ଡେଣ୍ଟ ସିଂ ଉପସ୍ଥିତ ଲୋକଙ୍କୁ ଆହ୍ୱାନ ଦେଥିଲେ।

## ଲାଞ୍ଜିଗଡ଼ ଡିଏଭି ରନର ଅପ୍



ରନ୍‌ର ଅପ୍ ଡିଏଭି ସ୍କୁଲର ଖେଳାଳିମାନେ।

ଲାଞ୍ଜିଗଡ଼,୧୦।୧(ରମେଶ ଚନ୍ଦ୍ର ନାୟକ)

**ଡିଏଭି ଜାତୀୟସ୍ତରୀୟ ଫୁଟ୍‌ବଲ ପ୍ରତିଯୋଗିତା**

ଉତ୍ତରପ୍ରଦେଶର ମିରଟ ଡିଏଭି ସେଣ୍ଟ୍ରାଲ ପବ୍ଲିକ ସ୍କୁଲଠାରେ ଜାନୁଆରୀ ୭ରୁ ୮ ତାରିଖ ପର୍ଯ୍ୟନ୍ତ ଦୁଇଦିନ ହୋଇଥିବା ଡିଏଭି ଜାତୀୟ ଫୁଟବଲ ପ୍ରତିଯୋଗିତାରେ କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ଡିଏଭି ବେଦାନ୍ତ ଅନ୍ତର୍ଜାତୀୟ ବିଦ୍ୟାଳୟ ରନର ଅପ ହୋଇଛି। ଏହି ପ୍ରତିଯୋଗୀମାନେ ୭ ତାରିଖ ପ୍ରଥମ ପ୍ରଥମ ପର୍ଯ୍ୟାୟରେ ଡିଏଭି ଚଣ୍ଡିଗଡ ସହିତ ପ୍ରଥମ ମ୍ୟାଚ ଖେଳି ଡିଏଭି ଚଣ୍ଡିଗଡକୁ ୩-୦ ଗୋଲରେ ଏବଂ ଦ୍ୱିତୀୟ ମ୍ୟାଚ ଡିଏଭି ମହାରାଷ୍ଟ୍ରକୁ ୨-୦ ଗୋଲରେ ପରାଜୟ କରି ଡିଏଭି ଲାଞ୍ଜିଗଡ ସେମି ଫାଇନାଲକୁ ଯାଇଥିଲେ। ୮ ତାରିଖରେ ପ୍ରଥମ ପର୍ଯ୍ୟାୟରେ ଡିଏଭି ଛତିଶଗଡ଼ ସହିତ ସେମିଫାଇନାଲ ଖେଳି ଡିଏଭି ଛତିଶଗଡ଼କୁ ୩-୧ ଗୋଲରେ ପରାଜୟ କରି ଫାଇନାଲରେ ପହଞ୍ଚିଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ଡିଏଭି ପଞ୍ଜାବ ସହିତ ଫାଇନାଲ ଖେଳି ୪-୦ ଗୋଲରେ ଡିଏଭି ପଞ୍ଜାବଠାରୁ ପରାଜୟ ହୋଇ ଲାଞ୍ଜିଗଡ ଡିଏଭି ରନରଅପ ହୋଇଥିଲା। ଜାତୀୟସ୍ତରୀୟ ପ୍ରତିଯୋଗିତାରେ ବିଭିନ୍ନ ରାଜ୍ୟର ୧୨ଟି ଡିଏଭି ବିଦ୍ୟାଳୟ ପ୍ରତିଯୋଗୀମାନେ ଭାଗ ନେଇଥିଲେ। ଲାଞ୍ଜିଗଡ ଡିଏଭି ଫୁଟବଲ ଖେଳାଳିମାନେ ଗତ ନଭେମ୍ବରରେ ଅନୁଗୋଳ ଜିଲା ତାଳଚେର ଡେରା ଡିଏଭି ପବ୍ଲିକ ସ୍କୁଲଠାରେ ଜୋନାଲସ୍ତରୀୟ ଫୁଟବଲ ପ୍ରତିଯୋଗିତାରେ ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଡିଏଭି ଦଳ ସହିତ ଫାଇନାଲ ଖେଳି ୨-୦ ଗୋଲରେ ଚାମ୍ପିୟନ ହୋଇ ଜାତୀୟସ୍ତର ପାଇଁ ମନୋନୀତ ହେଇଥିଲେ। ଏହି ପ୍ରତିଯୋଗୀମାନେ ଜାତୀୟସ୍ତରୀୟ ଖେଳି ରନରଅପ ହାସଲ କରି କଳାହାଣ୍ଡି ଜିଲା, ଲାଞ୍ଜିଗଡ ବ୍ଲକ ତଥା ସ୍କୁଲ ପାଇଁ ଗୌରବ ଆଣିଥିବାରୁ ବେଦାନ୍ତ ସିଇଓ ପ୍ରଣବ ଭଟାଚାର୍ଯ୍ୟ, ବେଦାନ୍ତ ଡେପୁଟି ସିଇଓ ଜି.ଜି ପାଲ, ସିଏସଆର ଏବଂ ବାହ୍ୟବ୍ୟାପାର ମୁଖ୍ୟ ଭୂଦେନ୍ଦୁ ପଣ୍ଡା, ଲାଞ୍ଜିଗଡ ଡିଏଭି ବେଦାନ୍ତ ଅନ୍ତର୍ଜାତୀୟ ବିଦ୍ୟାଳୟ ଅଧ୍ୟକ୍ଷ ସଦାନନ୍ଦ ହୋତା ଓ ଡିଏଭି ବେଦାନ୍ତ ଅନ୍ତର୍ଜାତୀୟ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଖେଳାଳିଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି।

## ଏବର୍ଷ ପକ୍ଷୀଙ୍କ ସଂଖ୍ୟା ବୃଦ୍ଧି ପାଇଛି: ରେଞ୍ଜର

**ଖଡ଼ିଆଳ ବନଖଣ୍ଡ, ସୁନାବେଡା ବନ୍ୟଜନ୍ତୁ ବିଭାଗ ପକ୍ଷରୁ ପକ୍ଷୀଗଣନା**

ଖଡ଼ିଆଳ,୧୦।୧(ସୁଜିତ୍ କୁମାର ପ୍ରଧାନ)



ନୂଆପଡା ଜିଲା ଖଡ଼ିଆଳ ବନଖଣ୍ଡ ଓ ସୁନାବେଡା ବନ୍ୟଜନ୍ତୁ ବିଭାଗ ପକ୍ଷରୁ ପକ୍ଷୀଗଣନା ବୁଧବାର ଆରମ୍ଭ ହୋଇଛି। ପ୍ରଥମେ ବନବିଭାଗ କର୍ମଚାରୀମାନଙ୍କୁ ପକ୍ଷୀଗଣନା ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା। ବୁଧୁବାର ଭୋର ସକାଳୁ ଖଡ଼ିଆଳ ବନଖଣ୍ଡର ୩୩ଟି ୟୁନିଟରେ ବନ କର୍ମଚାରୀମାନେ ତିଖାଲି ଜଳଭଣ୍ଡାର, ସୁନ୍ଦର ଜଳଭଣ୍ଡାର, ବାଦୀ ଜଳଭଣ୍ଡାର, ତୀରନପୁର ଓ ରାଣିମୁଣ୍ଡା ଜଳଭଣ୍ଡାର, ବାବେବିର ଓ ପେଣ୍ଡରାବନ୍ଧ ଜଳଭଣ୍ଡାରରେ ପକ୍ଷୀଗଣନା କାର୍ଯ୍ୟ ଆରମ୍ଭ କରିଛନ୍ତି। ସେହିଭଳି ସୁନାବେଡା ଅଭୟାରଣ୍ୟ ବନ୍ୟଜନ୍ତୁ ବିଭାଗର ୩ଟି ୟୁନିଟରେ ବନକର୍ମଚାରୀମାନେ ପତୋରା ଜଳଭଣ୍ଡାର, ରଇତାଳ ସାଗର ଓ ଜଲକିସାଗର ଜଳଭଣ୍ଡାରକୁ ଯାଇ ପକ୍ଷୀଗଣନା ଆରମ୍ଭ କରିଛନ୍ତି। ପକ୍ଷୀଗଣନା କାର୍ଯ୍ୟକ୍ରମରେ ୫୫ଟି ଫରେଷ୍ଟ ବିଟର ୫ଶହରୁ ଊର୍ଦ୍ଧ୍ୱ ବନକର୍ମଚାରୀ ନିୟୋଜିତ ହୋଇଥିଲେ। ଚଳିତବର୍ଷ ୨୫ ପ୍ରଜାତିର ପକ୍ଷୀଙ୍କ ସମେତ ବହୁସଂଖ୍ୟାରେ ବିଦେଶୀ ପକ୍ଷୀ ଆସିଥିବା ଅନୁମାନ କରାଯାଉଛି। ଗତବର୍ଷ ତୁଳନାରେ ଏବର୍ଷ ପକ୍ଷୀଙ୍କ ସଂଖ୍ୟା ବୃଦ୍ଧି ପାଇଛି ବୋଲି ଖଡ଼ିଆଳ ବନବିଭାଗ ରେଞ୍ଜର ସଂସ୍କୃତି ବଡନାୟକ କହିଛନ୍ତି।

### ୨୮ରୁ ଜିଲାସ୍ତରୀୟ ଆନ୍ତଃ ସ୍କୁଲ କ୍ରିକେଟ ଟୁର୍ନାମେଣ୍ଟ

ଭବାନୀପାଟଣା,୧୦।୧(ଉତ୍ତମ କୁମାର ଦାଶ)

ଓଡିଶା କ୍ରିକେଟ ଆସୋସିଏଶନ ସହାୟତାରେ କଳାହାଣ୍ଡି ଜିଲା କ୍ରୀଡା ସଂସ୍ଥା ଆନୁକୂଲ୍ୟରେ ଆସନ୍ତା ଜାନୁୟାରୀ ୨୮ ତାରିଖରୁ ଭବାନୀପାଟଣାସ୍ଥିତ ଲାଲବାହାଦୂର ଶାସ୍ତ୍ରୀ ଷ୍ଟାଡିୟମରେ ପ୍ରଥମ ଜିଲାସ୍ତରୀୟ ଆନ୍ତଃ ସ୍କୁଲ କ୍ରିକେଟ ଟୁର୍ନାମେଣ୍ଟ ହେବ। ଏ ନେଇ ବୁଧବାର ଏକ ପ୍ରେସ ବିବୃତି ମାଧ୍ୟମରେ ଜିଲା କ୍ରୀଡା ସଂସ୍ଥାର ସାଧାରଣ ସମ୍ପାଦକ ଜଗମୋହନ ପଟ୍ଟନାୟକ ସୂଚନା ଦେଇଛନ୍ତି। ଏହି ଟୁର୍ନାମେଣ୍ଟରେ ଅଂଶ ଗ୍ରହଣ କରିବା ପାଇଁ ଇଚ୍ଛୁକ ସ୍କୁଲ ଜାନୁୟାରୀ ୧୮ ତାରିଖ ସୁଦ୍ଧା ପ୍ରବେଶିକା ଦରଖାସ୍ତ ଲାଲବାହାଦୂର ଶାସ୍ତ୍ରୀ ଷ୍ଟାଡିୟମ ଅଫିସରେ ସକାଳ ୧୧ଟାରୁ ଅପରାହ୍ନ ୧ଟା ୩୦ ମଧ୍ୟରେ ଦାଖଲ କରିପାରିବେ। ଟୁର୍ନାମେଣ୍ଟରେ ପ୍ରଥମେ ପ୍ରବେଶିକା ଦରଖାସ୍ତ କରିଥିବା ୧୦ଟି ଦଳକୁ କେବଳ ଟୁର୍ନାମେଣ୍ଟରେ ଅଂଶ ଗ୍ରହଣ କରିବା ପାଇଁ ଅନୁମତି ପ୍ରଦାନ କରାଯିବ। ସେହିପରି ଟୁର୍ନାମେଣ୍ଟରେ ପ୍ରବେଶିକା ପାଇଥିବା ସ୍କୁଲର ଖେଳାଳିମାନଙ୍କ ପଞ୍ଜୀକରଣ ଜାନୁୟାରୀ ୨୦,୨୧ ଓ ୨୨ ତାରିଖ ୩ ଦିନ ଧରି ସ୍ଥାନୀୟ ଅଫିସରେ ଉପରୋକ୍ତ ସମୟ ମଧ୍ୟରେ ହେବ ବୋଲି ପଟ୍ଟନାୟକ ସୂଚନା ଦେଇଛନ୍ତି।

### ରିଷିଡ଼ା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକ ଉତ୍ସବ

କର୍ଲାମୁଣ୍ଡା,୧୦।୧(ପ୍ରଦୀପ କୁମାର ସାହୁ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ୨୩ତମ ବାର୍ଷିକ ଉତ୍ସବ ବୁଧବାର ପାଳିତ ହୋଇଛି। ପରିଚାଳନା କମିଟି ସଭାପତି ନୈମିଚାନ୍ଦ ଜୈନଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ଏମ୍‌ପି ବସନ୍ତ କୁମାର ପଣ୍ଡା, ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ଧନେଶ୍ୱର ମାଝି, ମୁଖ୍ୟବକ୍ତା ଭାବେ କେସିଙ୍ଗା ସଂକୁଳ ପ୍ରମୁଖ ଅଧ୍ୟାପକ ମୋହନ ପୁଟେଲ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ତମ ମଣିଷ ଓ ଦେଶ ପ୍ରେମୀ ହେବା ଉପରେ ପରାମର୍ଶ ଦେଇଥିଲେ। ସମ୍ପାଦକ ହୃଷିକେଶ ସାହୁ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ଏବଂ କୋଷାଧ୍ୟକ୍ଷ ଅନ୍ତର୍ଯ୍ୟାମୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଆଚାର୍ଯ୍ୟ ଅରକ୍ଷିତ ନାଗ ସଭା ପରିଚାଳନା ଓ ଆଚାର୍ଯ୍ୟ ବାସୁଦେବ ସେଲମା ପୁରସ୍କାର ବିତରଣ ସଭା ସଂଯୋଜନା କରିଥିଲେ।



ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଏମ୍‌ପି ବସନ୍ତ ପଣ୍ଡା ଉଦ୍‌ବୋଧନ ଦେଉଛନ୍ତି।

## ନିର୍ମାଣର ବର୍ଷେ ପରେ ବି କାର୍ଯ୍ୟକ୍ଷମ ହେଉନି

ବେହେରା,୧୦।୧(ଭୂପେଶ ତିୱାରୀ)



**କାମକୁ ଆସୁନି ବସୁଧା ଯୋଜନା**

- ଘର ଘରକୁ ପାଇପ ବିଛା କାମ ଶେଷ
- ପାଣି ଯୋଗାଇ ନ ଦେଲେ ହେବ ଆନ୍ଦୋଳନ

କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ଟେଣ୍ଡାପାଲି ଗ୍ରାମ ପଞ୍ଚାୟତ ସାନକେନ୍ଦୁଗୁଡା ଗ୍ରାମରେ ଥିବା ବସୁଧା ଯୋଜନା କାମକୁ ଆସୁନି। ନିର୍ମାଣର ବର୍ଷେ ପୁରି ଥିବା ବେଳେ ବସୁଧା ଯୋଜନା କାର୍ଯ୍ୟକ୍ଷମ ହୋଇ ପାରି ନ ଥିବା ପ୍ରକାଶ କରିଛନ୍ତି ଗ୍ରାମବାସୀ। ଏପରିକି ନିମ୍ନମାନର କାର୍ଯ୍ୟ ସାଙ୍ଗକୁ ରାସ୍ତାର ଉଭୟ ପାର୍ଶ୍ୱକୁ ଖୋଳାଯାଇ ପାଇପ ବିଛା ଯାଇଥିବାରୁ ରାସ୍ତା ଅବସ୍ଥା ଶୋଚନୀୟ ହୋଇ ପଡ଼ିଛି ବୋଲି ଅସନ୍ତୋଷ ପ୍ରକାଶ କରିଛନ୍ତି। ତୁରନ୍ତ ରାସ୍ତା ମରାମତି କରିବାକୁ ଦାବି କରିଛନ୍ତି। ବିଭାଗ ପାଖରେ ଏ ସବୁ ଖବର ଥିଲେ ହିଁ ସ୍ଥାଣୁ ପାଲଟିଛି ଗ୍ରାମ୍ୟ ଜଳ ଯୋଗାଣ ବିଭାଗ। ସୂଚନା ଅନୁସାରେ ଗ୍ରାମରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ଧର୍ମଗଡ଼ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ଅଧୀନରେ ଆଜକୁ ଗୋଟିଏ ବର୍ଷ ହେବ ବସୁଧା ଯୋଜନା ପ୍ରକଳ୍ପ କାର୍ଯ୍ୟ ସରିଛି। ଗ୍ରାମରେ ଘର ଘରକୁ ପାଇପ ବିଛା ମଧ୍ୟ ସାରିଥିବା ବେଳେ କେବଳ ପାଣି ପାଇଁ ଅପେକ୍ଷା କରିଛନ୍ତି ଗ୍ରାମବାସୀ। ଏ ନେଇ ଗ୍ରାମ୍ୟ ଜଳଯୋଗାଣ ଅଧିକାରୀଙ୍କୁ ପଚାରିବାରୁ ବେହେରା ନଦୀର ଜଳ ଉତ୍ତୋଳନ ପଏଣ୍ଟଠାରେ ବିଭାଗ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରି ଦେଇଥିବାରୁ ପାଣି ଯୋଗାଇବା ସମ୍ଭବ ହୋଇପାରୁ ନ ଥିବା ପ୍ରକାଶ କରିଥିଲେ। ଅନ୍ୟପଟେ ଧର୍ମଗଡ଼ ବିଦ୍ୟୁତ୍ ବିଭାଗ ଅଧିକାରୀ ନଦୀ ପଏଣ୍ଟରେ ଥିବା ଟ୍ରାନ୍ସଫର୍ମରରୁ ବେନିୟମ ଭାବେ ବିଦ୍ୟୁତ୍ ସଂଯୋଗ ଯୋଗୁ ଜରିମାନ କରାଯାଇ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯାଇ ବିଭାଗୀୟ ଅଧିକାରୀଙ୍କୁ ଜଣାଇ ଦିଆଯାଇଛି। ଜରିମାନା ଆଦାୟ ହେଲେ ଯାଇ ବିଦ୍ୟୁତ୍ ସଂଯୋଗ କରାଯିବ ବୋଲି ପ୍ରକାଶ କରିଛନ୍ତି। ତେବେ ବିଦ୍ୟୁତ୍ ବିଭାଗ ଓ ଗ୍ରାମ୍ୟ ଜଳଯୋଗାଣ ବିଭାଗ ପରସ୍ପରକୁ ଦୋଷଲଦାଲଦି ଯୋଗୁ ସାଧାରଣ ଲୋକ ପାଣି ପାଇବାରୁ ବଞ୍ଚିତ ହୋଇଛନ୍ତି। ତୁରନ୍ତ ପାଣି ଯୋଗାଇ ନ ଦେଲେ ଆଗାମୀ ଦିନରେ ଆନ୍ଦୋଳନ କରିବାକୁ ବିରଞ୍ଚି ଖମାରୀ, କପୂର୍ଚ୍ଚନ ଗୋପାଳ, ସୁମନ୍ତ ବଣିଆ, ପଟେଲ ଗୋପାଳ, ଯୁଗଳ କିଶୋର ମେହେର, ପଦ୍ମ କିଶୋର ମେହେର ତଥା ଗ୍ରାମବାସୀ ପ୍ରକାଶ କରିଛନ୍ତି।

# ଲୋକସଂସ୍କୃତି, ଲୋକକଳା ସୁବର୍ଣ୍ଣପୁରର ଅସ୍ମିତା



ଉଦ୍‌ଯାପନୀ ସନ୍ଧ୍ୟାରେ ଅତିଥିମାନେ।



କଳାକାରମାନେ ଓଡିଶୀ ନୃତ୍ୟ ପରିବେଷଣ କରୁଛନ୍ତି ।

**ସୁବର୍ଣ୍ଣ ଲୋକ ମହୋତ୍ସବ ଉଦ୍‌ଯାପିତ**

**ସୋନପୁର,୧୦।୧(ମୃତ୍ୟୁଞ୍ଜୟ ଶତପଥୀ)**

ଦୀର୍ଘ ୫ ଦିନ ଧରି ସୁବର୍ଣ୍ଣପୁର ସହରର ରାମେଶ୍ୱର ଷ୍ଟାଡିୟମରେ ଚାଲିଥିବା ସୁବର୍ଣ୍ଣ ଲୋକ ମହୋତ୍ସବ, ଜିଲା ଉନ୍ନୟନ ପ୍ରଦର୍ଶନୀ ଓ ପଲ୍ଲିଶ୍ରୀ ମେଳା ଏବଂ ସୁବର୍ଣ୍ଣ କୃଷି ଓ ଯନ୍ତ୍ରପାତି ମେଳା ବୁଧବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଚଳଚ୍ଚିତ୍ର ନିର୍ଦ୍ଦେଶକ ଓ ଲେଖକ ସବ୍ୟସାଚୀ ମହାପାତ୍ର, ସମ୍ମାନିତ ଅତିଥି ଭାବେ ସୁବର୍ଣ୍ଣପୁର ଜିଲାପାଳ ବିମଳେନ୍ଦୁ ରାୟ ଓ ଓଡିଶା ସଙ୍ଗୀତ ନାଟକ ଏକାଡେମୀର ସଚିବ ପ୍ରବୋଧ ରଥ ଯୋଗ ଦେଇଥିଲେ। ମୁଖ୍ୟଅତିଥି ମହାପାତ୍ର କହିଥିଲେ ଲୋକକଳା ଓ ଲୋକସଂସ୍କୃତି ସୁବର୍ଣ୍ଣପୁରର ଅସ୍ମିତା। ଏହି ମାଟି ସଂସ୍କୃତିର ମାଟି। ପୁରାତନ ସଂସ୍କୃତିର ସଂରକ୍ଷଣ ଉପରେ ମହାପାତ୍ର ଗୁରୁତ୍ୱାରୋପ କରିଥିଲେ। ସେହିପରି ପଶ୍ଚିମ ଓଡିଶାର ଲୋକ ସଂସ୍କୃତିକୁ ବାଦ୍ ଦେଇ ଓଡିଶାର ସଂସ୍କୃତିର ପରିକଳ୍ପନା କରା ଯାଇ ନ ପାରେ। ସ୍ୱର୍ଗତ ଫକୀର ପଟ୍ଟନାୟକ ଏ ମାଟିର ଗର୍ବ ବୋଲି ସମ୍ମାନିତ ଅତିଥିବୃନ୍ଦ ମତବ୍ୟକ୍ତ କରିଥିଲେ। ସଭା ମଞ୍ଚକୁ ଅଭିନେତା ପ୍ରଦ୍ୟୁମ୍ନ ସାହୁ ପରିଚାଳନା କରିଥିଲେ। ନାଟ୍ୟଶ୍ରୀ ଗଦାଧର ବାରିକ ଧନ୍ୟବାଦ ପ୍ରଦାନ କରିଥିଲେ। ସାଂସ୍କୃତିକ ସନ୍ଧ୍ୟାରେ ଓଡିଶୀ, ଛଉ, ସମ୍ବଲପୁରୀ, ସାହିଜାତ ନୃତ୍ୟର ତାଳେ ତାଳେ ଦର୍ଶକ ଝୁମିଥିଲେ। ଭୁବନେଶ୍ୱର କଳାକାରଙ୍କ ଓଡିଶୀ ଦଶବତାର ନୃତ୍ୟରୁ ସାଂସ୍କୃତିକ ସନ୍ଧ୍ୟାର କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପରେ ପଶ୍ଚିମବଙ୍ଗ ପୁରୁଲିଆର ଛଉ, ବିକେଏସଏସ ବୀରମହାରାଜପୁରର ଝଲିଆ ମୟୂର, ବରଗଡର କଳାଜୀବୀ, ସୋନପୁରର ଟ୍ରେଣ୍ଡି, ପୁରୀର ସହଜାତ, ବିନିକା ମା' ମାହେଶ୍ୱରୀ ସାଂସ୍କୃତିକ ସଂସଦ, ଲୋଇସିଂହାର ସଙ୍ଗୀତ ସାଧନା, ନୂଆପଡାର ଢୋଲ ମହୁରୀ, ସମ୍ବଲପୁର ର ଲହରୀ ଓ ବୌଦ୍ଧର କଳାକାର ଲୋକନୃତ୍ୟ ପରିବେଷଣ କରିଥିଲେ। ସମ୍ବଲପୁରୀ ବାଦ୍ୟ, ଢୋଲ, ନିଶାନ ଓ ତାସାରେ ମଞ୍ଚ ଦୁଲୁକି ଉଠିଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ମାନଭଞ୍ଜନ ମିଶ୍ର, ଅବିନାଶ ହୋତା, ଚୌଧୁରୀ ବିଭାର, ଅମୃତାଂଶୁ ପଣ୍ଡା, ଦେବାଶିଷ ପଟ୍ଟନାୟକ, ତନିଶା ଅଗ୍ରୱାଲ ଓ ରୁବି ବେହେରା ମଞ୍ଚ ପରିଚାଳନା କରିଥିଲେ।

# କଟକ ସନସାଇନ କ୍ଲବ ସେମିଫାଇନାଲରେ

**ପ୍ରଥମ ସର୍ବଭାରତୀୟ ତିଲେଶ୍ୱର କପ୍ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ**

**ବୌଦ୍ଧ/ପୁରୁଣାକଟକ,୧୦।୧(ଅଜିତ କୁମାର ବାରିକ/ସୁକାନ୍ତ ପଟ୍ଟନାୟକ)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ତିଲେଶ୍ୱର ଫକୀରଚରଣ ଖେଳପଡିଆରେ ଫ୍ରେଣ୍ଡସ ଆସୋସିଏଶନ ତିଲେଶ୍ୱର ପକ୍ଷରୁ ପ୍ରଥମ ସର୍ବଭାରତୀୟ ତିଲେଶ୍ୱର କପ୍ ଫୁଟବଲ ପ୍ରତିଯୋଗିତା ବୁଧବାର ଦିନ ଉଦ୍‌ଘାଟିତ ହୋଇଛି । ଉଦ୍‌ଘାଟନୀ ଦିବସରେ ମୁଖ୍ୟଅତିଥି ଭାବେ ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଭଗବାନ କହଁର, ସମ୍ମାନିତ ଅତିଥି ଭାବେ ବୌଦ୍ଧ ବିଧାନସଭା ବିଜୁ ଜନତା ଦଳର ପର୍ଯ୍ୟବେକ୍ଷକ ଚିତ୍ତ କର୍ଣ୍ଣ, ବାଣୀଭୂଷଣପୁର ଗ୍ରାମ ପଞ୍ଚାୟତ ସରପଞ୍ଚ ଶ୍ରୀବନ୍ତ ମେହେର ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିବା ସହ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ୍ କଳାହାଣ୍ଡି ସ୍ପୋର୍ଟସ ହଷ୍ଟେଲ ବନାମ କଟକ ସନ୍‌ସାଇନ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଖେଳ ବହୁ ଚିତ୍ତାକର୍ଷକ ହୋଇଥିବା ବେଳେ ଖେଳରେ କଟକ ଦଳ ୨ ଗୋଟି ଗୋଲ ଦେଇ ବିଜୟୀ ହେବା ସହ ସେମି ଫାଇନାଲରେ ପ୍ରବେଶ କରିଛି। ଖେଳକୁ ଜାତୀୟ ରେଫରି ସୁବ୍ରତ କୁମାର ପୁରୋହିତ, ଏସ.ରାଜହଂସ, ଏମ. ବିଶ୍ୱାଳ ପରିଚାଳନା କରିଥିବା ବେଳେ ଚତୁର୍ଥ ରେଫରି ଭାବେ ଦିଲିପ ରାଉତ ଓ ମ୍ୟାଚ କମିଶନର ଭାବେ ରଞ୍ଜନଦେ ଯାଶୀ କାର୍ଯ୍ୟ ତୁଲାଇଥିଲେ । ଖେଳକୁ ଫ୍ରେଣ୍ଡସ ଆସୋସିଏଶନର ସଭାପତି ଝୁନୁ ବେହେରା, ସମ୍ପାଦକ ରମେଶ ସାମଲ, ସୁଶିଲ ଦେହୁରୀ, ଦେବରାଜ ପ୍ରଧାନ, ବିଶ୍ୱଜିତ ପ୍ରଧାନ, ସୁଜ୍ଞାନ କର୍ଣ୍ଣ, ନିକୁଞ୍ଜ ବେହେରା ଓ ଅନ୍ୟ ସଦସ୍ୟଙ୍କ ସହଯୋଗରେ ଆୟୋଜିତ ହେଉଛି । ଖେଳ ଚାଲିଥିବା ବେଳେ ଚିୟର ଗାର୍ଲସଙ୍କ ନୃତ୍ୟ ଖେଳପ୍ରେମୀଙ୍କୁ ଆନନ୍ଦ ଦେଇଥିଲା ।



ଯୋଗ ଦେଇଥିବା ଅତିଥି ଓ ଖେଳାଳି।

## ସଂକ୍ଷେପରେ

### ଘର ବାରଣ୍ଡାରୁ ୨୪ ବସ୍ତା କପା ଚୋରି

**ବାଉଁଶୁଣୀ,୧୦।୧(ଦେବାଶିଷ ନେପାକ)**

ବୌଦ୍ଧ ଜିଲା ବାଉଁଶୁଣୀ ଥାନା ଅନ୍ତର୍ଗତ ଗୋଛାପଡା ପଞ୍ଚାୟତ ମଲିକପଡା ଗ୍ରାମରେ ଅମଳ ହୋଇ ବିକ୍ରି ପାଇଁ ଘର ବାରଣ୍ଡାରେ ରଖାଯାଇଥିବା କପା ଚୋରି ହୋଇଥିବା ବାଉଁଶୁଣୀ ଥାନାରେ ଅଭିଯୋଗ ହୋଇଛି। ମଲିକପଡା ଗ୍ରାମର ଷଣ୍ଡେଶର ମହାକୁଡ ଘର ବାରଣ୍ଡାରେ ନିଜ ଜମିରୁ ଅମଳ ହୋଇଥିବା ୨୪ ବସ୍ତା କପା ବିକ୍ରି ପାଇଁ ରଖିଥିଲେ । ହେଲେ ଏହି କପା ବସ୍ତାକୁ କେହି ଦୁର୍ବୃତ୍ତ ଚୋରି କରି ନେଇଥିବା ମହାକୁଡ ବାଉଁଶୁଣୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଥିବା ଜଣାପଡିଛି। ବାଉଁଶୁଣୀ ଥାନା ଅଞ୍ଚଳରେ ପାଟ୍ରୋଲିଂ ବ୍ୟବସ୍ଥା କଡାକଡି କରାଯିବାକୁ ଦାବି ହେଉଛି ।

### ଅର୍ପଣ ରଥକୁ ସ୍ୱାଗତ

**ବିନିକା,୧୦।୧(ରାମ ଗୋପାଳ ବାଘ)**

ବୁଧବାର ବିନିକା ସହରର ୪,୫ ଓ ୬ ନମ୍ବର ୱାର୍ଡରେ ଜୟ ଜଗନ୍ନାଥ ଅର୍ପଣ ରଥ ପରିକ୍ରମା କରିଥିଲା। ଏହି ଅବସରରେ ୱାର୍ଡବାସୀଙ୍କ ତରଫରୁ ରଥକୁ ସ୍ୱାଗତ କରାଯାଇଥିଲା। ମହିଳାମାନେ ନିଜ ନିଜ ଘର ସମ୍ମୁଖରେ କଳସ ବସାଇ ଅର୍ପଣ ରଥକୁ ସ୍ୱାଗତ କରି ଅରୁଆ ଚାଉଳ ଓ ଗୁଆ ଅର୍ପଣ କରିଥିଲେ। ରଥ ପରିକ୍ରମା ସମୟରେ ବିନିକା ନଗରପାଳ ସୁବାସ ଚନ୍ଦ୍ର ଭୋଇଙ୍କ ସମେତ ସମସ୍ତ କାଉନସିଲର, ପରିଷଦ କର୍ମଚାରୀ ସାମିଲ ହୋଇଥିଲେ।

# ରିପୋର୍ଟ ଉପସ୍ଥାପନ ପାଇଁ ହଟ୍ଟଗୋଳ




ଜିଲା ପରିଷଦ ବୈଠକରେ ମନ୍ତ୍ରୀ ଓ ଅନ୍ୟମାନେ।

**ବୌଦ୍ଧ ଜିଲା ପରିଷଦ ବୈଠକ**

**■ଜଳଛାୟା ପ୍ରକଳ୍ପ ଦୁର୍ନୀତି**

**ବୌଦ୍ଧ,୧୦।୧(ଅଜିତ କୁମାର ବାରିକ)**

ବୌଦ୍ଧ ଜିଲା ପରିଷଦର ସାଧାରଣ ବୈଠକ ବୁଧବାର ଦିନ ଜିଲା ପଞ୍ଚାୟତ ଭବନଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲା ପରିଷଦ ଅଧ୍ୟକ୍ଷା ପ୍ରଭାସିନୀ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜଙ୍ଗଲ, ପରିବେଶ, ପଞ୍ଚାୟତିରାଜ, ସୂଚନା ଓ ଲୋକ ସଂପର୍କ ମନ୍ତ୍ରୀ ପ୍ରଦିପ କୁମାର ଅମାତ, କନ୍ଧମାଳ ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ମହୀଧର ରଣା, ଏମ୍‌ପିଙ୍କ ପ୍ରତିନିଧି ତାରେଣି କୁମାର ମହାପାତ୍ର ଯୋଗ ଦେଇଥିଲେ। ଜିଲାପାଳ ନୃସିଂହ ଚରଣ ସ୍ୱାଇଁଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ପୂର୍ବ ବିବରଣୀର ଆଲୋଚନା କରାଯାଇଥିଲା। ନିବାହୀ ଯନ୍ତ୍ରୀ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ଦ୍ୱାରା ୧୫ଶ କେନ୍ଦ୍ରୀୟ ଅର୍ଥ କମିଶନ ଅନୁଦାନ ବିନିଯୋଗ ଉପରେ ଆଲୋଚନା ହୋଇଥିଲା ଏବଂ ଅନୁମୋଦିତ ପ୍ରକଳ୍ପ ନିମନ୍ତେ ସରକାରଙ୍କ ଠାରୁ ପାଣ୍ଠି ସୁବ୍ୟବସ୍ଥା ପାଇଁ ପ୍ରସ୍ତାବ ଦେବାକୁ ନିଷ୍ପତ୍ତି ନିଆଯାଇଥିଲା। ଶିକ୍ଷାନୁଷ୍ଠାନଗୁଡିକୁ ଆବଶ୍ୟକ ଜଳଯୋଗାଣ ନିମନ୍ତେ ସମ୍ପ ନିର୍ମାଣ ପାଇଁ ପ୍ରସ୍ତାବ ଦିଆଯାଇଥିଲା। ଜିଲାର ଶ୍ରମ ବିଭାଗ ଦ୍ୱାରା ସମସ୍ତ ମଞ୍ଜୁରୀପ୍ରାପ୍ତ ହିତାଧିକାରୀଙ୍କୁ ଖୁବଶୀଘ୍ର ସହାୟତା ରାଶି ବଣ୍ଟନ କରାଯିବ ବୋଲି ଅଧିକାରୀ କହିଥିଲେ । ଏହାସହ ବିଭିନ୍ନ ଯୋଜନା ଉପରେ ଆଲୋଚନା ହୋଇଥିଲା। କନ୍ଧମାଳ ବ୍ଲକରେ ଜଳଛାୟା ପ୍ରକଳ୍ପରେ ହୋଇଥିବା ଦୁର୍ନୀତିର ତଦନ୍ତ କରି ରିପୋର୍ଟ ଦେବାକୁ ୩ ଜିଲା ପରିଷଦ ସଦସ୍ୟଙ୍କୁ ନେଇ ଏକ କମିଟି ଗଠନ କରାଯାଇ ଦାୟିତ୍ୱ ପ୍ରଦାନ କରାଯାଇଥିବା ବେଳେ କମିଟିର ତଦନ୍ତ ରିପୋର୍ଟ କାହିଁକି ବୈଠକରେ ଉପସ୍ଥାପିତ କରାଯାଉନାହିଁ ବୋଲି କହି କେତେଜଣ ସଭ୍ୟ ହଟ୍ଟଗୋଳ କରିଥିଲେ। ଆସନ୍ତା ୨୫ ତାରିଖ ଦିନ ଉକ୍ତ ତଦନ୍ତ ରିପୋର୍ଟକୁ ନେଇ ଏକ ସ୍ୱତନ୍ତ୍ର ବୈଠକରେ ଆଲୋଚନା କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ୩ ବ୍ଲକର ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, ସ୍ନେହଲତା ପ୍ରଧାନ, ସସ୍ମିତା ସେନାପତି, ଜିଲା ପରିଷଦ ଉପାଧ୍ୟକ୍ଷ ଶଙ୍କର୍ଷଣ ପ୍ରଧାନ, ସମସ୍ତ ଜିଲାପରିଷଦ ସଦସ୍ୟ ଓ ଜିଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ଶେଷରେ ଜିଲାପରିଷଦ କାର୍ଯ୍ୟନିବାହୀ ଅଧିକାରୀ ରବିନାରାୟଣ ତ୍ରିପାଠୀ ଧନ୍ୟବାଦ ପ୍ରଦାନ କରିଥିଲେ ।

# ପ୍ରତି ଘରୁ ସଂଗ୍ରହ ହେଲା ଗୁଆ,ଚାଉଳ

**ବିଭିନ୍ନ ସ୍ଥାନରେ ବୁଲିଲା ଅର୍ପଣ ରଥ**

**ଅମରପାଲି,୧୦।୧(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକର ବିଭିନ୍ନ ପଞ୍ଚାୟତରେ ମଙ୍ଗଳବାର ଦିନ ଅର୍ପଣ ରଥର ଶୁଭାରମ୍ଭ ହୋଇଛି। ବୀରମହାରାଜପୁର ବ୍ଲକର ବାଗବର, ଜଟେସିଙ୍ଘା, ପିତାମହୁଲ, ସଂଗ୍ରାମପୁର, ଲୁତୁରପଙ୍କ ଓ ଖଣ୍ଡହତା, ମୁର୍ଷୁଣ୍ଡି , କେନଝିରିଆପାଲି, ଚମ୍ପାମାଳ,ସୁବଳୟା ଆଦି ପଞ୍ଚାୟତରେ ଆଧ୍ୟାତ୍ମିକ ପରିବେଶ ଭିତରେ ରଥ ପରିକ୍ରମା କରିଛି। ଘରକୁ ଘର ଯାଇ ପ୍ରତ୍ୟେକ ଘରୁ ଚାଉଳ, ଗୁଆ ସଂଗ୍ରହ କରାଯାଇଛି। ଲୁତୁରପଙ୍କ ପଞ୍ଚାୟତରେ ସରପଞ୍ଚ ସୂର୍ଯ୍ୟ ନାରାୟଣ ନନ୍ଦ, ବାଗବରରୁ ସରପଞ୍ଚ ନିରୁପମା ବଗର୍ତ୍ତିଙ୍କ ସହିତ ପ୍ରତ୍ୟେକ ପଞ୍ଚାୟତର ସରପଞ୍ଚ ସାମିଲ ହୋଇଛନ୍ତି। ବୀରମହାରାଜପୁର ବିଡ଼ିଓ ରଘୁନାଥ ପାଣିଗ୍ରାହୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏବିଡିଓ ପୁରୁଷୋତ୍ତମ ଧରୁଆ, ସଞ୍ଜୟ କୁମାର ବେହେରା,ଏପିଓ ସସ୍ମିତ ମହାକୁଡ଼, ଓଏଲଏମ ମନୋଜ କୁମାର ବାଘ, ଜିପିଓ ପ୍ରଦୀପ କୁମାର ବାଘଙ୍କ ସମେତ ପିଇଓ, ଜିଆର୍‌ଏସ, ୱାର୍ଡସଭ୍ୟ ଓ ଅନ୍ୟାନ୍ୟ କର୍ମକର୍ତ୍ତା ସାମିଲ ହୋଇଛନ୍ତି।

# ଆହାର କେନ୍ଦ୍ର ଖୋଲିବାକୁ ଦାବି

**ଜିଲାପାଳଙ୍କୁ ବରିଷ୍ଠ ନାଗରିକ ସଂଗଠନର ଦାବିପତ୍ର**

**ଅମରପାଲି,୧୦।୧(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରରେ ଆହାର କେନ୍ଦ୍ର ଖୋଲିବାକୁ ଦାବି ହୋଇଛି। ଏନେଇ ବୀରମହାରାଜପୁର ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଓ ବରିଷ୍ଠ ନାଗରିକ ସଙ୍ଗଠନ ଦାବି କରିଛି। ସଂଘର ସଦସ୍ୟମାନେ ଏକ ଦାବିପତ୍ର ସୁବର୍ଣ୍ଣପୁର ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ, ବୀରମହାରାଜପୁର ଏକ ଉପଖଣ୍ଡ ହୋଇଥିବା ବେଳେ ଏଠାରେ ବ୍ଲକ କାର୍ଯ୍ୟାଳୟ, ଉପଖଣ୍ଡ ଚିକିତ୍ସାଳୟ, ତହସିଲ କାର୍ଯ୍ୟାଳୟ, ଥାନା, କୋର୍ଟ କଚେରୀ ସହିତ ଦୁଇଟି କଲେଜ, ଦୈନିକ ବଜାର ଆଦି ରହିଛି। ଫଳରେ ବ୍ଲକର ୧୫ଟି ପଞ୍ଚାୟତ ସମେତ ରେଢାଖୋଲ ଓ ଉଲୁଣ୍ଡା ବ୍ଲକ ଏପରି କି ବୌଦ୍ଧ ଜିଲାରୁ ମଧ୍ୟ ଅନେକ ଲୋକ ବୀରମହାରାଜପୁରକୁ ଆସିଥାନ୍ତି। ଅଞ୍ଚଳର ଅଧିକାଂଶ ଲୋକ ଚାଷୀ ଓ ଗରିବ ଶ୍ରେଣୀର । ଏଠାରୁ ବ୍ଲକର ବିଭିନ୍ନ ଅଞ୍ଚଳକୁ ଯିବାକୁ ସବୁବେଳେ ବସ ସେବା ମଧ୍ୟ ମିଳି ନ ଥାଏ। ତେଣୁ ବିଭିନ୍ନ କାମରେ ବୀରମହାରାଜପୁର ଆସୁଥିବା ଲୋକେ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ରହିବାକୁ ବାଧ ହୋଇଥାନ୍ତି। ଏଥିପାଇଁ ଖର୍ଚ୍ଚାନ୍ତ ହେଉଛନ୍ତି। ବିଶେଷ କରି ଡାକ୍ତରଖାନା, ଥାନା, କୋର୍ଟକୁ ଆସୁଥିବା ଲୋକେ ବିଶେଷ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବୀରମହାରାଜପୁରରେ ଥିବା ଉଭୟ କଲେଜ ତଥା ଆଇଟି ଆଇ କଲେଜକୁ ବୀରମହାରାଜପୁରର ବିଭିନ୍ନ ଅଞ୍ଚଳ ଓ ଜିଲା ବାହାରୁ ଛାତ୍ରୀଛାତ୍ର ପଢ଼ିବାକୁ ଆସୁଛନ୍ତି। ସେମାନେ ସକାଳୁ ଆସି ଘରକୁ ଯିବା ପାଇଁ ସନ୍ଧ୍ୟା ପର୍ଯ୍ୟନ୍ତ ବସ କିମ୍ବା ଅଟୋକୁ ଅପେକ୍ଷା କରୁଛନ୍ତି। ଅନେକ ମଧ୍ୟାହ୍ନ ଭୋଜନ ନ ଖାଇ ଘରୁ ଆଣୁଥିବା ଶୁଖିଲା ଖାଦ୍ୟ ଖାଉଥିବା ଦେଖିବାକୁ ମିଳୁଛି। ସରକାର ଗରିବ ଲୋକଙ୍କ ପାଇଁ ବିଭିନ୍ନ ସ୍ଥାନରେ ଆହାର କେନ୍ଦ୍ର ଖୋଲିଥିବା ବେଳେ ବୀରମହାରାଜପୁରରେ ଏକ ଆହାର କେନ୍ଦ୍ର ଖୋଲିବାକୁ ସାଧାରଣରେ ଦାବି ହେଉଛି । ସ୍ଥାନୀୟ ବରିଷ୍ଠ ନାଗରିକ ସଙ୍ଗଠନ ର ସଦସ୍ୟମାନେ ଦାବିପତ୍ର ଦେଇ ଏକ ଆହାର କେନ୍ଦ୍ର ଖୋଲିବାକୁ ଦାବି କରିଛନ୍ତି। ବୀରମହାରାଜପୁର ବ୍ଲକ ସଭାଗୃହରେ ହେଉଥିବା ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ସୂର୍ଯ୍ୟ ନାରାୟଣ ଦାସଙ୍କୁ ବରିଷ୍ଠ ନାଗରିକ ସଙ୍ଗଠନର ସଭାପତି ଡ.ପ୍ରଫୁଲ୍ଲ କୁମାର ରଥଙ୍କ ନେତୃତ୍ୱରେ ଏହି ଦାବିପତ୍ର ଦିଆଯାଇଛି । ଦାବିପତ୍ର ପ୍ରଦାନ ସମୟରେ ସଙ୍ଗଠନ ସମ୍ପାଦକ ସନ୍ତୋଷ ଷଡ଼ଙ୍ଗୀ, ପୂର୍ବତନ ସଭାପତି ଭଗବାନ ମିଶ୍ର, ଭୂଷଣ ପାତ୍ର, ଦୟାନିଧି ହୋତା, ଧନୁ ପ୍ରଧାନ, ଅକ୍ଷୟ ମିଶ୍ର, ଆଙ୍କୁର ଦନ୍ତା, ଦିଲୀପ ତ୍ରିପାଠୀ, ଚମରା ମହାକୁର, ସୁରୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ଦେଇ ଯଥାଶୀଘ୍ର ଆହାର କେନ୍ଦ୍ର ଖୋଲିବାର ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହେଉଛି।

# ନିଜକୁ ପ୍ରଲୋଭନ ଓ ଆକର୍ଷଣରୁ ଦୂରେଇ ରଖ

**ସୋନପୁର,୧୦।୧(ମୃତ୍ୟୁଞ୍ଜୟ ଶତପଥୀ)**



ଆଲୋଚନାଚକ୍ରରେ ମଞ୍ଚାସୀନ ଆଲୋଚକମାନେ।

**ସାଇବର ଅପରାଧ ଓ ଶିଶୁ ସୁରକ୍ଷା**

ସୁବର୍ଣ୍ଣ ଲୋକ ମହୋତ୍ସବର ପଞ୍ଚମ ତଥା ଅନ୍ତିମ ଦିବସରେ ବୁଧବାର ସାଇବର କ୍ରାଇମ୍ ଓ ଶିଶୁ ସୁରକ୍ଷା ଉପରେ ଏକ ଆଲୋଚନାଚକ୍ର ରାମେଶ୍ୱର ଷ୍ଟାଡିୟମସ୍ଥିତ ଓରମାସ ଅଡିଟୋରିୟମରେ ଅନୁଷ୍ଠିତ ହୋଇଯାଇଛି। ବର୍ତ୍ତମାନ ସୂଚନା ଓ ପ୍ରଯୁକ୍ତି ବିଦ୍ୟା, ସ୍ମାର୍ଟଫୋନ, ଫେସବୁକ୍, ହ୍ୱାଟ୍ସ ଆପ୍ ଆଦିର ବ୍ୟାପକ ବ୍ୟବହାର ଅନିର୍ବାର୍ଯ୍ୟ ହୋଇଯାଇଛି। ଏସବୁର ଭଲ ଦିଗ ଯେତିକି ଅଛି ଖରାପ ଦିଗ ମଧ୍ୟ ସେତିକି ରହିଛି। ତେବେ ସତର୍କତାର ସହିତ ଏସବୁର ବ୍ୟବହାର ସାଙ୍ଗକୁ ମୋବାଇଲ୍‌ରେ ଆସୁଥିବା ବିଭିନ୍ନ ଆପ୍ ମେସେଜ୍ ଓ କଲର ପ୍ରଲୋଭନ ଓ ଆକର୍ଷଣ ଠାରୁ ନିଜକୁ ଦୂରେଇ ରଖିବା ନିହାତି ଆବଶ୍ୟକ ବୋଲି ଆଲୋଚକମାନେ ମତପୋଷଣ କରିଛନ୍ତି। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଡ. ରାଧାକାନ୍ତ ଗଡତିଆଙ୍କ ଅଧ୍ୟକ୍ଷତାରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଡିଏସ୍‌ପି(ଏଚ୍‌ଆରପିସି) ପ୍ରତାପ କୁମାର ରଣା, ବୌଦ୍ଧ ଜିଲା ଶିଶୁ ମଙ୍ଗଳ ସମିତିର ସଭ୍ୟ ରାଜୀବ ନାୟକ ଓ ସୋନପୁର କଲେଜ କମ୍ପ୍ୟୁଟର ବିଜ୍ଞାନର ଅଧ୍ୟାପକ କ୍ୟାପଟେନ୍ ଆଶିଷ କୁମାର ଅଗ୍ରୱାଲ ଯୋଗଦେଇ ସାଇବର ଅପରାଧ ଓ ଶିଶୁ ସୁରକ୍ଷାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଆଲୋଚନାଚକ୍ରକୁ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀଧର ବାଗ ସଞ୍ଚାଳନ କରିଥିବା ବେଳେ ସେମିନାର କୋର୍ଡିନେଟର ଗତିକୃଷ୍ଣ ମିଶ୍ର ଧନ୍ୟବାଦ ଦେଇଥିଲେ। ସୁବର୍ଣ୍ଣପୁର ଜିଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାଶ ସହଯୋଗ କରିଥିଲେ। ସାହାରା ଟ୍ରଷ୍ଟ ହାଇସ୍କୁଲ ଓ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର ଏବଂ ବୁଦ୍ଧିଜୀବୀମାନେ ଏହି ଆଲୋଚନା ଚକ୍ରରେ ଅଂଶଗ୍ରହଣ କରିଥିଲେ।

# ସ୍କୁଲ,କଲେଜ ବାଟରେ ରୋଡ଼ ରୋମିଓ

**ବୀରମହାରାଜପୁର ଉପଖଣ୍ଡ**

**■ପୋଲିସ ମୁତୟନ, ପାଟ୍ରୋଲିଂ ଦାବି**

**ଅମରପାଲି,୧୦।୧(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡର ବିଭିନ୍ନ ସ୍କୁଲ ଓ କଲେଜ ଯିବା ବାଟରେ ରୋଡ ରୋମିଓଙ୍କ ଉତ୍ପାତ ବଢ଼ିବାରେ ଲାଗିଛି। ଫଳରେ ବିଭିନ୍ନ ସ୍ଥାନରେ ସ୍କୁଲ ଓ କଲେଜ ଛାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ସ୍କୁଲ ସମୟ ପୂର୍ବାହ୍ନ ୧୦ଟା ଓ ଅପରାହ୍ନ ଛୁଟି ବେଳେ ସ୍କୁଲ ରାସ୍ତାରେ ରୋମିଓଙ୍କ ଆଡ୍ଡା ଜମୁଥିବା ଦେଖିବାକୁ ମିଳୁଛି। ଏପରି କି କେତେକ ସ୍ଥାନରେ ଛାତ୍ରୀଙ୍କୁ ଅଶ୍ଳୀଳ ଇଙ୍ଗିତ କରୁଥିବା ଏବଂ କମେଣ୍ଟ କରୁଥିବା ଅନେକ ସମୟରେ ଅଭିଯୋଗ ହେଉଛି। ତେଣୁ ଛାତ୍ରୀମାନେ ସ୍କୁଲ କଲେଜ ଏକାକୀ ଯିବାକୁ ଭୟ କରୁଛନ୍ତି। ଅଭିଭାବକ ମଧ୍ୟ ପିଲାଙ୍କୁ ସ୍କୁଲ ଓ କଲେଜ ଛାଡ଼ିବାକୁ ନିରାପଦ ମନେ କରୁନାହାନ୍ତି। କେତେକ ସ୍ଥାନରେ ଛାତ୍ରୀଙ୍କ ପରିବାର ଲୋକେ ଏବଂ ସଚେତନ ନାଗରିକ ଏହାର ପ୍ରତିବାଦ କରୁଥିବା ଦେଖିବାକୁ ମିଳୁଛି। ମାତ୍ର ରୋଡ ରୋମିଓ ସ୍ଥାନୀୟ ଅଞ୍ଚଳର ହୋଇଥିବାରୁ ଅନେକ ବାଧ ହୋଇ ଚୁପ ରହୁଛନ୍ତି। ରୋଡ ରୋମିଓଙ୍କ ଉତ୍ପାତ ଯୋଗୁ ସାଧାରଣ ଲୋକେ ମଧ୍ୟ ଅତିଷ୍ଠ ହୋଇ ପଡୁଛନ୍ତି। ପୋଲିସ ସ୍କୁଲ ଓ କଲେଜ ରାସ୍ତାରେ ପାଟ୍ରୋଲିଂ କରୁ ନ ଥିବାରୁ ପ୍ରତ୍ୟହ ରୋଡ ରୋମିଓଙ୍କ ଉତ୍ପାତ ବଢୁଥିବା ଦେଖିବାକୁ ମିଳୁଛି। ବୀରମହାରାଜପୁର ବ୍ଲକରେ ଭୁତିଆପାଲିସ୍ଥିତ ପରମେଶ୍ୱରୀ ଯୁକ୍ତ ଦୁଇ କଲେଜ,ସୁବଳୟାସ୍ଥିତ ଯୁକ୍ତ ଦୁଇ କଲେଜ ଓ ଆଞ୍ଚଳିକ ଡିଗ୍ରୀ କଲେଜ, ଖଣ୍ଡହତା ସ୍ଥିତ ରବୀନ୍ଦ୍ର ନାଥ ଯୁକ୍ତ ଦୁଇ କଲେଜ, ବୀରମହାରାଜପୁର କଲେଜ ଓ ମହିଳା କଲେଜ ରହିଛି। ସେହିପରି ଉଲୁଣ୍ଡା ବ୍ଲକର ଉଲୁଣ୍ଡାସ୍ଥିତ ପଞ୍ଚାୟତ ସମିତି ଯୁକ୍ତ ଦୁଇ ଓ ଡିଗ୍ରୀ କଲେଜ, ରମେଶ ପ୍ରସାଦ କଲେଜ, ମା' ମେଟାକାନୀ କଲେଜ,ସିଣ୍ଡୋଲ କଲେଜ, କଳାପଥରସ୍ଥିତ ସତ୍ୟବାଦୀ କଲେଜ, ଯାଲୋଏ କଲେଜ, କଦୋବର କଲେଜ, ହିକୁଡି ଆଇଟିଆଇ ଆଦି ରହିଛି। ଏହିସବୁ କଲେଜକୁ ପ୍ରତିଦିନ ବହୁ ସଂଖ୍ୟାରେ ଛାତ୍ରୀମାନେ ପଢିବାକୁ ଯାଇଥାନ୍ତି। ହେଲେ ରୋଡ ରୋମିଓଙ୍କ ଦୌରାତ୍ମ୍ୟରେ ହଇରାଣ ହେଉଥିବା ଦେଖିବାକୁ ମିଳୁଛି। କିଛି ଦିନ ପୂର୍ବରୁ ଉଲୁଣ୍ଡା ବ୍ଲକର ଏକ କଲେଜରୁ ଛାତ୍ରୀମାନେ ସାଇକେଲରେ ଖୁଣ୍ଟିଲାପାଲି ପାର୍ଶ୍ୱକୁ ଆସୁଥିବା ବେଳେ କେତେକ ରୋଡ ରୋମିଓ ସେମାନଙ୍କୁ ପିଛା କରିଥିଲେ। ସେମାନେ ସେହି ଛାତ୍ରୀମାନଙ୍କୁ ଅଶ୍ଳୀଳ ଇଙ୍ଗିତ ମଧ୍ୟ କରିଥିଲେ। ଏହାକୁ ବିରୋଧ କରି ଖୁଣ୍ଟିଲାପାଲି ଗ୍ରାମବାସୀ ସମ୍ପୃକ୍ତ ରୋଡ ରୋମିଓଙ୍କୁ ଧରି ନିସ୍ତୁକ ଛେଚିଥିଲେ। ଏପରି କି ଆସିଥିବା ବାଇକକୁ ମଧ୍ୟ ଜାଳି ଦେଇଥିଲେ। ଏଭଳି କେତେକ ଘଟଣା ନଜରକୁ ଆସିଛି । ଏନେଇ ସ୍ୱେଚ୍ଛାସେବୀ ଇଂ. ଆଶ୍ରୟ ମହାନନ୍ଦ ସ୍କୁଲ କଲେଜ ରାସ୍ତାରେ ପୋଲିସ ପାଟ୍ରୋଲିଂ କଡାକଡି କରିବାର ଆବଶ୍ୟକ ରହିଛି ବୋଲି ମତବ୍ୟକ୍ତ କରିଛନ୍ତି। ସେହିପରି ବକ୍ସିଂ ପ୍ରଶିକ୍ଷକ ବ୍ରଜଗୋପାଳ ପଣ୍ଡା ଛାତ୍ରୀମାନେ ରୋଡ ରୋମିଓଙ୍କୁ ନ ଡରି ପ୍ରତିବାଦ କରିବା ସହ ସବୁ ଝିଅ ଆତ୍ମସୁରକ୍ଷା ତାଲିମ ଗ୍ରହଣ କରିବା ଦରକାର ବୋଲି କହିଛନ୍ତି । ଏନେଇ ବୀରମହାରାଜପୁର ଉପଖଣ୍ଡୀୟ ପୋଲିସ ଅଧିକାରୀ ବାସୁଦେବ ଛତ୍ରିଆଙ୍କୁ ପଚାରିବାରେ ପୋଲିସ ତରଫରୁ ପ୍ରତିଦିନ ପାଟ୍ରୋଲିଂ କରାଯିବ ବୋଲି ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ହାତୀପଲ ଭାଙ୍ଗିଦେଇଥିବା ଘରର ପରିବାରବର୍ଗଙ୍କୁ ଭେଟିଲେ ସୁନ୍ଦରଗଡ଼ ଜିଲା ବିଜେଡି ସଭାପତି



**ବାଲିଶଙ୍କରା,୧୦।୧(ହୃଦାନନ୍ଦ ବାରିକ):** ସୁନ୍ଦରଗଡ଼ ଫରେଷ୍ଟ ରେଞ୍ଜ ଅଧିନସ୍ଥ ରାଉଲଙ୍ଗୋ ସେକ୍ସନ ଅନ୍ତର୍ଗତ ବାଲିଶଙ୍କରା ବ୍ଲକର ବିଭିନ୍ନ ଗାଁଗୁଡ଼ିକରେ ସନ୍ଧ୍ୟା ହେଲା ମାତ୍ରକେ ହାତୀପଲ ଉପଦ୍ରବ ଚଳାଇଛନ୍ତି। ଗତ ୨୨ରୁ ହାତୀପଲଙ୍କ ଉପଦ୍ରବ ଲାଗିରହିଛି। ଏ ନେଇ ଅଞ୍ଚଳବାସୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ଜଙ୍ଗଲୀ ଦନ୍ତା ହାତୀ ରାତିରେ ଗାଁରେ ଆସି ଲୋକଙ୍କ ଘରଦ୍ୱାରା ଭାଙ୍ଗି ଧାନଚାଉଳ ଖାଇ ସର୍ବନାଶ କରିଦେଉଛି। ମଙ୍ଗଳବାର ରାତି ରାମପୁର ଗ୍ରାମରେ ଦନ୍ତା ହାତୀ ଆସି ୩ଟି ଘର ଭାଙ୍ଗି ଦେଇଛି। ରାମପୁର ଅଞ୍ଚଳର ୱାହିଦ ଖାନ, ପିଙ୍କି ଘସ୍ୟା, ଫିରୋଜ ଖାନ ଏବଂ ଫୈଜାଲ ଖାନଙ୍କ ଘର ଭାଙ୍ଗି ଦେଇଛି। ହାତୀପଲ ଭାଙ୍ଗିଦେଇଥିବା ଘରର ପରିବାରବର୍ଗଙ୍କ ସହିତ ବୁଧବାର ସୁନ୍ଦରଗଡ଼ ଜିଲା ବିଜେଡି ସଭାପତି ତଥା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଡ. ବିନୟ ଟପ୍ପୋ ସାକ୍ଷାତ କରି ତାଙ୍କୁ ସାନ୍ତ୍ୱନା ଦେବା ସହ ସରକାରଙ୍କ ତରଫରୁ ଯେତେ ଯାହା ସହଯୋଗ ହୋଇପାରିବ ତାହା ଯୋଗାଇଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଡିଏଫଓ, ଏସିଏଫ, ଆରଓ, ଫରେଷ୍ଟରଙ୍କୁ ଜିଲା ବିଜେଡି ସଭାପତି ତଥା ସ୍ୱତନ୍ତ୍ର ଉନ୍ନୟନ ବିକାଶ ପରିଷଦ ଅଧ୍ୟକ୍ଷ ଡ. ବିନୟ ଟପ୍ପୋ ଯୋଗାଯୋଗ କରି ହାତୀପଲ ଭାଙ୍ଗିଦେଇଥିବା ଗରିବ ଲୋକଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ପାଖ ଜଙ୍ଗଲରେ ରହିବା, ଖାଇବା ଓ ପାଣି ସବୁ ଉପରୁ ରହିଛି। ହାତୀପଲ ଦିନବେଳେ ଜଙ୍ଗଲରେ ରହୁଥିବାବେଳେ ସନ୍ଧ୍ୟା ହେଲା କ୍ଷଣି ଗାଁମୁହାଁ ହୋଇ ଘର ଭାଙ୍ଗି, ଧାନ ଚାଉଳ ଖାଇଦେବା ସହିତ ଘରୋଇ ଉପକରଣକୁ ମାଡିଦେଲି ନଷ୍ଟ କରିଦେଉଛନ୍ତି। ପୁଣି ସକାଳେ ହାତୀପଲ ଜଙ୍ଗଲକୁ ଚାଲିଯାଉଛନ୍ତି। ବନବିଭାଗ ଯେତେ ଚେଷ୍ଟାକଲେ ମଧ୍ୟ ହାତୀପଲ ଅଞ୍ଚଳ ଛାଡି ଯାଉନାହାନ୍ତି।

# ବଣାଇ, କୋଇଡ଼ାରେ ଇଏସ୍ଆଇ ମେଡିକାଲ

■ ଶ୍ରମମନ୍ତ୍ରୀଙ୍କ ନିର୍ଦ୍ଦେଶ
■ ଜାନୁଆରୀ ୨୭ରେ ଉଦ୍ଘାଟନ



ମନ୍ତ୍ରୀଙ୍କ ସହିତ ଇଏସ୍ଆଇ ନିର୍ଦ୍ଦେଶକ ଓ ଡାକ୍ତର ବୈଷୟିକ ଟିମ୍।

**ବଣାଇ,୧୦।୧(ପ୍ରଦୀପ ତ୍ରିପାଠୀ)**

ଖଣି ଖାଦାନ ଓ ଶିଳ୍ପ କାରଖାନାରେ ଭରପୂର ଥିବା ବଣାଇର ସମସ୍ତ ଶ୍ରମିକ କର୍ମଚାରୀ ଓ ସେମାନଙ୍କ ପରିବାରର ବହୁ ଦିନର ସ୍ୱପ୍ନ ପୂରଣ ହେବ। ବଣାଇରେ ଏକ ଇଏସଆଇ ମେଡିକାଲ ବିଳମ୍ବ ହେଉଥିଲେ ଶେଷରେ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ କ୍ରମେ ପୂରଣ ହେବାକୁ ଯାଉଛି। ବଣାଇ ଅଞ୍ଚଳରେ ଥିବା ବିଭିନ୍ନ ଖଣି ଖାଦାନ ଓ ଶିଳ୍ପ ଉଦ୍ୟୋଗରେ ବହୁଳ ସଂଖ୍ୟାରେ ଶ୍ରମିକ କାର୍ଯ୍ୟରତ ଥିବା ତଥା ଅଳ୍ପ ବେତନ ଭୋଗୀ ଶିଳ୍ପ ଶ୍ରମିକମାନଙ୍କର ଉତ୍ତମ ସ୍ୱାସ୍ଥ୍ୟସେବାର ସୁବିଧାକୁ ଗୁରୁତ୍ୱ ଦେଇ ବୁଧବାର ରାଜ୍ୟ ସରକାରଙ୍କ ଶ୍ରମ ତଥା ଭବିଷ୍ୟନିଧି ମନ୍ତ୍ରୀ ସାରଦା ପ୍ରସାଦ ନାୟକ ଦିନିକିଆ ବଣାଇ ଗସ୍ତରେ ଆସି ମେଡିକାଲ ପାଇଁ ଉଭୟ ବଣାଇ ଓ କୋଇଡ଼ାଠାରେ ସ୍ଥାନ ନିରୂପଣ କରିଛନ୍ତି। ବଣାଇରେ ଏବେ ସାମୟିକ ଭାବେ ମେଡିକାଲ ଆରମ୍ଭ କରିବାକୁ ପୂର୍ବରୁ ପ୍ରାଥମିକ ବିଦ୍ୟାଳୟ ଥିବା ଟାଉନ ପ୍ରାଥମିକ ବିଦ୍ୟାଳୟର ପୁରୁଣା କୋଠାକୁ ସମ୍ପୂର୍ଣ୍ଣ ମରାମତି କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଚଳିତ ମାସ ୨୭ ତାରିଖ ଉକ୍ତ ଡାକ୍ତରଖାନାକୁ ବିଭାଗୀୟ ମନ୍ତ୍ରୀ ଉଦ୍ଘାଟନ କରିବେ ବୋଲି ଜଣାପଡିଛି। ବଣାଇରେ ବିଭିନ୍ନ ଖଣି ଓ ଶିଳ୍ପ ସଂସ୍ଥାଗୁଡ଼ିକରେ ବହୁ ସଂଖ୍ୟାରେ ବୀମାଭୁକ୍ତ କର୍ମଚାରୀ ଥିଲେ ମଧ୍ୟ ଦୀର୍ଘ ବର୍ଷ ହେଲାଣି ସେମାନେ ସ୍ୱାସ୍ଥ୍ୟ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। କୋଇଡା ବ୍ଲକ୍ ହେଉ କିମ୍ବା ବଣାଇ ଅଞ୍ଚଳ ହେଉ ସାଧାରଣ କର୍ମଚାରୀଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ହେଲେ ଦୀର୍ଘ ୬୦ ରୁ ୮୦ କିଲୋମିଟର ଦୂର ରାଉରକେଲା ମେଡିକାଲ ଉପରେ ନିର୍ଭରଶୀଳ ହେବାକୁ ପଡୁଛି। ତେଣୁ ଶ୍ରମିକଙ୍କ ସ୍ୱାର୍ଥ ଓ ସୁବିଧା ଦୃଷ୍ଟିରୁ ବଣାଇ ଏବଂ ଖଣିଖାଦାନ ଭରା କୋଇଡ଼ାରେ ଦୁଇଟି ଇଏସ୍ଆଇ ମେଡିକାଲ ଖୋଲିବା ଦ୍ୱାରା ହଜାର ହଜାର କର୍ମଚାରୀ ଓ ତାଙ୍କ ପରିବାର ଉପକୃତ ହେବେ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ବଣାଇ ଅଞ୍ଚଳର ଯୁକ୍ତିଯୁକ୍ତ ଦାବିକୁ ରାଜ୍ୟ ସରକାର ପୂରଣ କରିଥିବାରୁ ସେଥିପାଇଁ ବଣାଇବାସୀ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ମନ୍ତ୍ରୀଙ୍କ ଗସ୍ତ ସମୟରେ ତାଙ୍କ ସହିତ ଉଭୟ କେନ୍ଦ୍ର ଓ ରାଜ୍ୟ ଇଏସ୍ଆଇ ନିର୍ଦ୍ଦେଶକ ଓ ଇଏସଆଇ ଡାକ୍ତରଙ୍କ ସହିତ ବୈଷୟିକ ଟିମ୍ ସଦସ୍ୟମାନେ ଉପସ୍ଥିତ ରହିଥିଲେ।

# ବଣାଇ ବନଖଣ୍ଡରେ ପକ୍ଷୀ ଗଣନା ଆରମ୍ଭ




ବଣାଇ ବନଖଣ୍ଡରେ ବନକର୍ମଚାରୀ ପକ୍ଷୀ ଗଣନା କରୁଛନ୍ତି।

**ବଣାଇ,୧୦।୧(ପ୍ରଦୀପ ତ୍ରିପାଠୀ)**

ସୁନ୍ଦରଗଡ଼ ଜିଲା ବଣାଇ ବନଖଣ୍ଡରେ ବୁଧବାର ପକ୍ଷୀ ଗଣନା ଜାରି ରହିଥିଲା। ସକାଳ ୬ଟାରୁ ଦିନ ୧ଟା ପର୍ଯ୍ୟନ୍ତ ଗଣନା ଚାଲିଥିଲା। ତେବେ ପକ୍ଷୀ ଗଣନା ପାଇଁ ବଣାଇଁ ବନଖଣ୍ଡରେ ୩୨ଟି ଟିମ୍ ନିୟୋଜିତ ହୋଇଛନ୍ତି। ପ୍ରତିବର୍ଷ ଭଳି ଚଳିତବର୍ଷ ଗଣନା କାର୍ଯ୍ୟରେ ଜିପିଏସ, ବାଇନା କୁଲାର, ୱାକିଟକି, କ୍ୟାମେରା ବ୍ୟବହାର କରାଯାଉଛି। ସୂଚନା ଅନୁଯାୟୀ, ବଣାଇ ବନଖଣ୍ଡ ଅଧିନସ୍ଥ ସୋଲ, ଜର୍ଡା, ତାମଡା, ବଣାଇ, କୁଲିପୋଷ, ରସୁଆଁ, କୋଇଡା ଇତ୍ୟାଦି ୭ଟି ରେଞ୍ଜରେ ପକ୍ଷୀ ଗଣନା ଚାଲିଛି। ଏହି ପକ୍ଷୀ ଗଣନାରେ ୧୨୦ ଜଣ କର୍ମଚାରୀ ସାମିଲ ଅଛନ୍ତି। ଏନେଇ ବଣାଇ ବନଖଣ୍ଡ ଅଧିକାରୀ ଲଳିତ କୁମାର ପାତ୍ର ସୂଚନା ଦେଇଛନ୍ତି। ତେବେ ଟିମ୍‌ରେ ବନ୍ୟପ୍ରାଣୀ ବିଭାଗ କର୍ମଚାରୀ, ବନବିଭାଗ କର୍ମଚାରୀ, ଓୟୁଏଟିର ଛାତ୍ରୀଛାତ୍ର, ୱାଇଲ୍ଡ ଓଡ଼ିଶାର କାର୍ଯ୍ୟକର୍ତ୍ତା, ବିଭିନ୍ନ ରେଞ୍ଜ ଅନ୍ତର୍ଗତ ବନ ସୁରକ୍ଷା ସମିତିର ସଦସ୍ୟ ସାମିଲ ହୋଇଛନ୍ତି। ଗତବର୍ଷ ବଣାଇ ବନଖଣ୍ଡରେ ୪୭ପ୍ରକାର ୨୮୪୬ ପକ୍ଷୀ ଚିହ୍ନଟ କରାଯାଇଥିବାବେଳେ ପୂର୍ବବର୍ଷ ତୁଳନାରେ ଜଳାଶୟଗୁଡିକରେ ଭଲ ପାଣି ରହିଥିବାରୁ ଚଳିତବର୍ଷ ପକ୍ଷୀ ସଂଖ୍ୟା ବୃଦ୍ଧି ପାଇବ ବୋଲି ବିଭାଗ ଆଶା ରଖିଛି। ଏଥର ବିଦେଶାଗତ କେତେ ନୂଆ ଅତିଥି ପକ୍ଷୀ ଆସିଛନ୍ତି ତା' ଉପରେ ମଧ୍ୟ ବିଭାଗ ନଜର ରଖିଛି। ତେବେ ଗୁରୁବାର ସମସ୍ତ ରେଞ୍ଜରୁ ତଥ୍ୟ ଆସିବା ପରେ ପକ୍ଷୀଙ୍କ ସଂଖ୍ୟା ଜଣାପଡି ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ଶ୍ରୀଅରବିନ୍ଦ ଶିକ୍ଷାକେନ୍ଦ୍ରର ରୌପ୍ୟ ଜୟନ୍ତୀ




ଶ୍ରୀଅରବିନ୍ଦ ଦିବ୍ୟଜ୍ୟୋତି ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ରୌପ୍ୟ ଜୟନ୍ତୀ ସମାରୋହରେ ମଞ୍ଚାସୀନ ଅତିଥି।

**କୁତ୍ରା, ୧୦।୧(ଦେବାଶିଷ ସାହୁ)**

ସୁନ୍ଦରଗଡ଼ ଜିଲା କୁତ୍ରା ଶ୍ରୀଅରବିନ୍ଦ ଦିବ୍ୟଜ୍ୟୋତି ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ରୌପ୍ୟ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହାର ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ମଙ୍ଗଳା କିଷାନ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବରେ ରମାକାନ୍ତ ମିଶ୍ର, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ବିଇଓ ଗୁରୁଚରଣ ସାହୁ, ସହଦେବ ସାହୁ, ଶ୍ରୀବତ୍ସ ଚୌଧୁରୀ, ପ୍ରଭୂଦୟାଲ ଅଗ୍ରୱାଲ ଯୋଗ ଦେଇଥିଲେ। ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଜେଏସ୍‌ଡବ୍ଲ୍ୟୁ ଶିବା ସିମେଣ୍ଟର ୟୁନିଟ ମୁଖ୍ୟ ଅନିଲ କୁମାର ମିଶ୍ର ଯୋଗଦେଇ ଏହି ଅଞ୍ଚଳର ଶିକ୍ଷା ତଥା ଶିକ୍ଷାନୁଷ୍ଠାନର ବିକାଶ ପାଇଁ ଶିବା ସିମେଣ୍ଟ ସଦାସର୍ବଦା ସହଯୋଗ କରିଆସିଛି ଏବଂ ଆଗକୁ ମଧ୍ୟ ସହଯୋଗ ଜାରି ରହିବ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଡାଲମିଆ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ହିରନ ଲୁଗୁନ ଯୋଗଦେଇ ବର୍ତ୍ତମାନର ସମୟରେ ପୂର୍ଣ୍ଣାଙ୍ଗ ଶିକ୍ଷାର ଆବଶ୍ୟକତା ରହିଥିବା ନେଇ ନିଜ ମତ ସାବ୍ୟସ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ କୁତ୍ରା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନଳିନୀକାନ୍ତ ଶାସନୀ, ଶିବା ସିମେଣ୍ଟ ସିଏସ୍‌ଆର ବିଭାଗ ମୁଖ୍ୟ ସଂଗ୍ରାମ କେଶରୀ ରାଉତ, ସମାଜସେବୀ କମଲ ଅଗ୍ରୱାଲ, ଅନୀତା ଅଗ୍ରୱାଲ, ରାଜଗାଙ୍ଗପୁର ଶ୍ରୀଅରବିନ୍ଦ ଶିକ୍ଷା କେନ୍ଦ୍ରର ସଭାପତି ସଞ୍ଜୀବ କୁମାର ବେଉରା ପ୍ରମୁଖ ଯୋଗ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ଛାତ୍ରୀଛାତ୍ରଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ଅର୍ଚ୍ଚନା ପ୍ରିୟଦର୍ଶିନୀ ସାହୁ ଓ ଶିକ୍ଷକ ଡିଲେଶ୍ୱର ସା ପରିଚାଳନା କରିଥିଲେ। ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷା କଳ୍ପନା ପାଣିଗ୍ରାହୀ, ପରିଚାଳନା କମିଟି ସଭାପତି ଶିବଶଙ୍କର ବେହେରା, ସମ୍ପାଦକ ଦେବେନ୍ଦ୍ର ପୁରୋହିତ, ବରିଷ୍ଠ ସଦସ୍ୟ ବିଶିକେସନ ସାହୁ, ମହେନ୍ଦ୍ର ସିଂଙ୍କ ତତ୍ତ୍ୱାବଧାନରେ ସର୍ବଦା ବିଶ୍ୱକର୍ମା, ପୁଷ୍ପଲତା ତିର୍କୀ, ଅଲେଖ କୁଜୁର, ଖ୍ରିଷ୍ଟାବେଲ କେର୍କେଟା, ବିନତି କେଛୁ, ପୂର୍ଣ୍ଣିମା ସିଙ୍କୁ, ସୁଜାତା ଡୁଙ୍ଗଡୁଙ୍ଗ, ଯଶୋବନ୍ତି ଜୟପୁରିଆ ପ୍ରମୁଖ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।

## ସରକାରୀ ମହିଳା ମହାବିଦ୍ୟାଳୟରେ ନୂଆ-ଓ ଓଡ଼ିଆ, ଭାଷା, ସାହିତ୍ୟ, ସଂସ୍କୃତି କାର୍ଯ୍ୟକ୍ରମ

**ସୁନ୍ଦରଗଡ,୧୦।୧(ଜୟନାରାୟଣ ମେଣ୍ଡୁଲି):** ସୁନ୍ଦରଗଡ଼ ସରକାରୀ ମହିଳା ମହାବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂଆ-ଓ ଓଡ଼ିଆ ସାହିତ୍ୟ, ଭାଷ ଓ ସଂସ୍କୃତି ପ୍ରତିଯୋଗିତା କାର୍ଯ୍ୟକ୍ରମ ବୁଧବାରଠାରୁ ଆରମ୍ଭ ହୋଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ଇନ୍ଦିରା ଗଡନାୟକ ଏହି ପ୍ରତିଯୋଗିତାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ଏହି ପ୍ରତିଯୋଗିତା ଛାତ୍ରୀମାନଙ୍କ ମଧ୍ୟରେ ଥିବା ସୃଜନାତ୍ମକ ପ୍ରତିଭାର ବିକାଶ ସହ ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତିକୁ ସେମାନେ ଜାଣିବାରେ ବିଶେଷ ସହାୟକ ହେବ ବୋଲି ମତବ୍ୟକ୍ତ କରିଥିଲେ। ପ୍ରତିଯୋଗିତାର ପ୍ରଥମ ଦିବସରେ ବୁଧବାର ଓଡ଼ିଆ କବିତା ଆବୃତ୍ତି ପ୍ରତିଯୋଗିତା ହୋଇଥିଲା। ଏହି ପ୍ରତିଯୋଗିତାରେ ସାହିତ୍ୟ ଏହି ସାହିତ୍ୟିକା ଲଳିତା ଖଣ୍ଡା ବିଚାରକ ଭାବେ ଯୋଗ ଦେଇ କବିତା ଲିଖନ ସମ୍ପର୍କରେ ଛାତ୍ରୀମାନଙ୍କୁ ମାର୍ଗଦର୍ଶନ ଦେଇଥିଲେ। ପ୍ରତିଯୋଗିତାରେ ଗୁରୁବାର ଓଡ଼ିଆ ଗଳ୍ପ ଲିଖନ, ଶୁକ୍ରବାର ହସ୍ତାକ୍ଷର ପ୍ରତିଯୋଗିତା, ଓଡ଼ିଆ ପ୍ରବନ୍ଧ ଓ ସ୍ଲୋଗାନ ଲିଖନ ଶନିବାର ଓଡ଼ିଆ ରାନ୍ଧଣା ଓ କୁଇଜ ପ୍ରତିଯୋଗିତା ହେବ ବୋଲି ଜଣାପଡ଼ିଛି।

# ସୂଚନା, ଶିକ୍ଷା ଓ ଯୋଗାଯୋଗ ଉପକ୍ରମରେ ଲୋକକଳାର ପ୍ରୟୋଗ ପ୍ରଶିକ୍ଷଣ



ଭାରପ୍ରାପ୍ତ ଜିଲା ସଂସ୍କୃତି ଅଧିକାରୀ ନନ୍ଦିନୀ ମୁଣ୍ଡାରୀ ଦୀପ ଜାଳି ଶିବିର ଉଦ୍‌ଘାଟନ କରୁଛନ୍ତି।

**ସୁନ୍ଦରଗଡ଼,୧୦।୧(ଜୟନାରାୟଣ ମେଣ୍ଡୁଲି)**

ସ୍ଥାନୀୟ ସଂସ୍କୃତି ଭବନ ପରିସରରେ ବୁଧବାର ସୂଚନା, ଶିକ୍ଷା ଓ ଯୋଗାଯୋଗ (ଆଇଇସି ଅଭିଯାନ)ଉପକ୍ରମରେ ଲୋକକଳା ମାଧ୍ୟମରେ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ଯୋଜନା ଆଦି ପହଞ୍ଚାଇବା ସମ୍ବନ୍ଧୀୟ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ଭାଷା, ସାହିତ୍ୟ ସଂସ୍କୃତି ବିଭାଗ, ଓଡ଼ିଶା ଏବଂ ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ସମସ୍ତ ବ୍ଲକ୍‌ର ନୋଡାଲ ଅଧିକାରୀ ତଥା ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ, ସମସ୍ତ ବ୍ଲକ କଳା ସଂସ୍କୃତି ସଂଘର ଉପସଭାପତି ଏବଂ ପ୍ରତ୍ୟେକ ବ୍ଲକରୁ ଜଣେ ଲେଖାଏଁ ବରିଷ୍ଠ କଳାକାର ଯୋଗ ଦେଇଥିଲେ। ଭାରପ୍ରାପ୍ତ ଜିଲା ସଂସ୍କୃତି ଅଧିକାରୀ ନନ୍ଦିନୀ ମୁଣ୍ଡାରୀ ଦୀପ ଜାଳି ଶିବିର ଉଦ୍‌ଘାଟନ କରିଥିଲେ। ପ୍ରକାଶ ଥାଉକି ଏହି ଜିଲାସ୍ତରୀୟ ପ୍ରଶିକ୍ଷଣ ଶିବିର ପରେ ପ୍ରତ୍ୟେକ ବ୍ଲକ ସ୍ତରରେ ମଧ୍ୟ ବ୍ଲକସ୍ତରୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେବ। ଯେଉଁଥିରେ କି ବ୍ଲକ କଳା ସଂସ୍କୃତି ସଂଘର ଉପସଭାପତି ଏବଂ ପ୍ରତ୍ୟେକ ସାଂସ୍କୃତିକ ଦଳର ଦଳପତିମାନେ ଯୋଗଦାନ କରିବେ। ପରେ ଏହି ଲୋକକଳା ମାଧ୍ୟମରେ କଳାକାରମାନଙ୍କ ଦ୍ୱାରା ଜିଲା ବ୍ୟାପି ଏହି ସୂଚନା, ଶିକ୍ଷା ଓ ଯୋଗାଯୋଗ ଅଭିଯାନ ମାଧ୍ୟମରେ ବିଭିନ୍ନ ଜନକଲ୍ୟାଣକାରୀ, ବିକାଶମୂଳକ ଯୋଜନା, କାର୍ଯ୍ୟକ୍ରମ ଆଦିର ତୃଣମୂଳସ୍ତରରେ ପ୍ରଚାରପ୍ରସାର କରାଯିବାର ଯୋଜନା ରହିଛି।

# ହାତୀ ଘର ଭାଙ୍ଗିବାକୁ ନେଇ ରାସ୍ତା ଅବରୋଧ

**ବଣାଇ, ୧୦।୧(ପ୍ରଦୀପ ତ୍ରିପାଠୀ)**



ସୁନ୍ଦରଗଡ଼ ଜିଲା ବଣାଇ ରେଞ୍ଜର ଜକେଇକଳା ଗ୍ରାମରେ ଗତ ୮ ତାରିଖ ପ୍ରତ୍ୟୁଷରେ ଦୁଇଟି ଦନ୍ତା ହାତୀ ଅସାତୁ କିଷାନଙ୍କ ଘର ଭାଙ୍ଗିଥିଲେ। ଘଟଣାରେ ପରିବାର ଲୋକେ ଓ ଗ୍ରାମବାସୀ କ୍ଷତିପୂରଣ ସହ ହାତୀକୁ ଯଥାଶୀଘ୍ର ଏ ଅଞ୍ଚଳରୁ ସ୍ଥାନାନ୍ତରିତ କରାଯାଉ ବୋଲି ନିଆଁଜାଳି ରାସ୍ତା ଅବରୋଧ କରିଥିଲେ। ଏ ନେଇ ବନ ବିଭାଗର ଦୁଇ ଜଣ ରେଞ୍ଜର ଓ ଫରେଷ୍ଟର ଘଟଣାସ୍ଥଳରେ ପହଞ୍ଚି କ୍ଷୟକ୍ଷତିର ଆକଳନ କରୁଥିବା ବେଳେ ଉତ୍ତ୍ୟକ୍ତ ଥିବା ଗ୍ରାମବାସୀ ଅଟକ ରଖିଥିଲେ। ଏ ଘଟଣା ପରେ ବନ ବିଭାଗ କର୍ମଚାରୀଙ୍କ ସହ ଆଲୋଚନା ହୋଇ ଯଥାଶୀଘ୍ର ଘର ମରାମତି କରାଯିବାର ପ୍ରତିଶ୍ରୁତି ପରେ ରାସ୍ତା ଅବରୋଧରୁ ଗ୍ରାମବାସୀ ଓହରିବା ସହିତ ରେଞ୍ଜର ଓ ଫରେଷ୍ଟରଙ୍କୁ ଛାଡି ଦେଇଥିଲେ। ବୁଧବାର ପୁନର୍ବାର ଜକେଇକଳା ଗାଁ ମୁଣ୍ଡରେ ଥିବା ଅଶ୍ୱିନ ସାହୁ ଓ ଅଶୋକ ସାହୁଙ୍କ ଘର ହାତୀ ଭାଙ୍ଗିବା ଘଟଣାକୁ ନେଇ ଗ୍ରାମବାସୀ ଉତ୍ତ୍ୟକ୍ତ ହୋଇ ପୁଣି ରାସ୍ତା ଅବରୋଧ କରିଥିଲେ। ଆମ୍ବୁଲାନ୍ସ ଓ ସ୍କୁଲ ଭ୍ୟାନ୍ ଭଳି ଜରୁରୀକାଳୀନ ଗାଡ଼ିକୁ ଛାଡ଼ି ଅନ୍ୟଗାଡ଼ିକୁ ଛାଡୁ ନ ଥିବା ଦେଖିବାକୁ ମିଳିଥିଲା। ହାତୀ ଦୀର୍ଘଦିନ ହେବ ଅନେକ ଘର ଭାଙ୍ଗିବା ସହ ଚାଷ ନଷ୍ଟ କରୁଥିବାବେଳେ ହାତୀ ଦୁଇଟିଙ୍କୁ ସ୍ଥାନାନ୍ତରିତ ପାଇଁ ବନ ବିଭାଗ କୌଣସି ଉଚିତ ପଦକ୍ଷେପ ନେଉ ନ ଥିବାରୁ ଏମିତି ଘଟଣାର ପୁନରାବୃତ୍ତି ହେଉଥିବା ଗ୍ରାମବାସୀ କହିଛନ୍ତି। ବନ ବିଭାଗ ଯଥାଶୀଘ୍ର ସ୍ଥାୟୀ ପ୍ରତିକାର ନ କରିବା ପର୍ଯ୍ୟନ୍ତ ଏମିତି ରାସ୍ତା ଅବରୋଧ ବାରମ୍ବାର ହେବା ସହ ଦରକାର ପଡିଲେ ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ଚେତାବନୀ ଦିଆଯାଇଛି। ଶେଷରେ ବଣାଇ ବନଖଣ୍ଡର ସହକାରୀ ବନ ସଂରକ୍ଷକ ସମୀର ରଞ୍ଜନ ତିର୍କୀ ଓ ବଣାଇଁ ବନାଞ୍ଚଳ ଅଧିକାରୀ ମନୋଜ ପାତ୍ର ପୋଲିସ ସହାୟତାରେ ଲୋକଙ୍କୁ ବୁଝାଶୁଝା କରି ଥିବାରୁ ରାସ୍ତା ଅବରୋଧ ପ୍ରତ୍ୟାହୃତ ହୋଇଥିଲା।

# ବାବୁଲି ରାଉତରାୟ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆରମ୍ଭ

**ବନ୍ଧମୁଣ୍ଡା, ୧୦।୧(ସୁବ୍ରତ ଡେ)**

ବନ୍ଧମୁଣ୍ଡା ଡି କେବିନ୍‌ସ୍ଥିତ ଜୟ ହିନ୍ଦ କ୍ଲବ ଦ୍ୱାରା ଆୟୋଜିତ ପ୍ରଥମ ବାବୁଲି ରାଉତରାୟ ମେମୋରିଆଲ୍ ଅଲ୍‌ଇଣ୍ଡିଆ ନକ୍ ଆଉଟ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ବୁଧବାର ଜୟ ହିନ୍ଦ କ୍ଲବ ସ୍ପୋର୍ଟସ ଗ୍ରାଉଣ୍ଡରେ ଆରମ୍ଭ ହୋଇଯାଇଛି। ଏହି ଅବସରରେ ରାଉରକେଲାର ପୂର୍ବତନ କାଉନସିଲର ଆଫ୍ରୋଜ ଅହମଦ, ରାଉରକେଲା ବିଜେଡି ସଂଖ୍ୟାଲଘୁ ସଭାପତି ମହମ୍ମଦ ଖାଲିଦ ଅଜିଜ ଏବଂ ଶୁକ୍ରୁ ବିହାର ଅତିଥି ଭାବରେ ଉପସ୍ଥିତ ଥିଲେ। ଟୁର୍ଣ୍ଣାମେଣ୍ଟକୁ ସମ୍ବୋଧିତ କରି ଅତିଥିମାନେ କହିଥିଲେ ଯେ, ବାବୁଲି ରାଉତରାୟ ବନ୍ଧମୁଣ୍ଡାର ପୂର୍ବତନ କାଉନସିଲର ଥିଲେ। ତାଙ୍କ କାର୍ଯ୍ୟକାଳ ସମୟରେ ବନ୍ଧମୁଣ୍ଡାର ଲୋକମାନେ ଅନେକ ସୁବିଧା ପାଇଥିଲେ। ଏଭଳି ପରିସ୍ଥିତିରେ ବାବୁଲି ରାଉତରାୟଙ୍କ ପରି ଜଣେ ସାମାଜିକ ବ୍ୟକ୍ତିଙ୍କ ସ୍ମୃତିରେ ଏକ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଆୟୋଜନ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କହିଛନ୍ତି। ଅତିଥିମାନେ ଖେଳାଳିଙ୍କ ସହିତ ପରିଚୟ ଗ୍ରହଣ କରିବା ପରେ ଟୁର୍ଣ୍ଣାମେଣ୍ଟର ପ୍ରଥମ ମ୍ୟାଚଟି ଉଦ୍‌ଘାଟନ କରିଥିଲେ। ଟୁର୍ଣ୍ଣାମେଣ୍ଟର ପ୍ରଥମ ମ୍ୟାଚ୍ ରାଉରକେଲା ରେଡ ଏବଂ ବଲାଙ୍ଗୀର ଦଳ ମଧ୍ୟରେ ଖେଳାଯାଇଥିଲା। ଯେଉଁଥିରେ ରାଉରକେଲା ରେଡ ଦଳ ୨-୧ ଗୋଲରେ ବିଜୟୀ ହୋଇଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୧୬ଟି ଦଳ ଅଂଶଗ୍ରହଣ କରିଛନ୍ତି। ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ ୧୪ ତାରିଖରେ ଖେଳାଯିବ। ଟୁର୍ଣ୍ଣାମେଣ୍ଟର ସଫଳ ଆୟୋଜନରେ କ୍ଲବର ସମସ୍ତ ସଦସ୍ୟଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି।




ବାବୁଲି ରାଉତରାୟ ମେମୋରିଆଲ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟରେ ଅତିଥିଙ୍କ ସହ ଖେଳାଳି।

# ଗୋପନା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ





ଗୋପନା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥି ଓ ସାଂସ୍କୃତିକ କାର୍ଯ୍ୟକ୍ରମ।

**ଲହୁଣୀପଡ଼ା, ୧୦।୧(ଦାଶରଥି ପଣ୍ଡା)**

ସୁନ୍ଦରଗଡ଼ ଜିଲା କେ. ବଲାଙ୍ଗ ଥାନା ଅନ୍ତର୍ଗତ ଗୋପନା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ବାର୍ଷିକ ଉତ୍ସବରେ ବଣେଇ ଅତିରିକ୍ତ ଜନମଙ୍ଗଳ ଅଧିକାରୀ ଅଜୟ କୁମାର ଜେନା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ବଣେଇ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଅଧିକାରୀ ବିଶ୍ୱଦର୍ଶୀ ସାହୁ, ସମ୍ମାନିତ ଅତିଥି ଭାବେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ଅତିରିକ୍ତ ଜନମଙ୍ଗଳ ଅଧିକାରୀ ବାବୁଲାଲ ମାଝି, ସ୍ୱୟମ୍ଭୁ ଅନୁସୂଚିତ ଜନଜାତି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋଜ ପତି, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁଦର୍ଶନ ହାଁସଦା ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ କୋଇଡା ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଭିମନ୍ୟୁ ବେହେରା ଯୋଗ ଦେଇଥିଲେ। ପ୍ରାରମ୍ଭରେ ବିଦ୍ୟାଳୟର ଛାତ୍ରୀଛାତ୍ର ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ, ଓ ଉପଢ଼ୌକନ ଦେଇ ସ୍ୱାଗତ ସଙ୍ଗୀତ ଗାଇ ସ୍ୱାଗତ କରିଥିଲେ। ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ଶିକ୍ଷକ ଗଗନ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ କର୍ଣ୍ଣ ମାଝି ବାର୍ଷିକ ବିବରଣୀ ପଠନ କରିଥିଲେ। ଯୁକ୍ତ ଦୁଇ ବିଭାଗର ଭାରପ୍ରାପ୍ତ ଅଧ୍ୟକ୍ଷା ନଳିନୀ ମାହାନ୍ତ ମଞ୍ଚାସୀନ ଥିଲେ। ରଶ୍ମିରଞ୍ଜନ ମାହାନ୍ତ ଓ ସଞ୍ଜିବ କୁମାର କିଷାନ ମଞ୍ଚ ପରିଚାଳନା କରିଥିଲେ। ବିଦ୍ୟାଳୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ସଭା ଶେଷରେ ବିଦ୍ୟାଳୟର ଅଧ୍ୟାପିକା ଅନୀତା ସେଠି ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଗୋପନା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟାପିକା ଅଧ୍ୟାପକ ଯୋଗିନ୍ଦ୍ର ରାଉତ, ପବିତ୍ର ଦାସ, ଗଣେଶ୍ୱର ମାଝି, ସୁନିଲ କୁମାର ମାହାନ୍ତ ଶିକ୍ଷୟିତ୍ରୀ ଶିକ୍ଷକ ପ୍ରସନ୍ନ କୁମାର ରାଉତ, ମଞ୍ଜୁଲତା କର, ସୁପ୍ରଭା ମହାକୁଳ, ଲାଲୁ ମାହାନ୍ତ, କୁନୀଲତା ମାଝି, ଲାଲୁ ମାହାନ୍ତ, ଭାରତୀ ସିଂ, ନମିତାରାଣୀ କର, ସୁରେଶ ଠାକୁରଙ୍କ ସହ ବିଦ୍ୟାଳୟର କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଦେବଗଡ଼ ଜିଲାରେ ଚାଷୀଙ୍କୁ ଶୋଷଣ

- ପ୍ରତିବାଦରେ ୧୬ରେ କଂଗ୍ରେସର ଜିଲା ବନ୍ଦ ଡାକରା
- ମିଲର୍ସମାନେ ଚାଷୀଙ୍କୁ କରୁଛନ୍ତି ଶୋଷଣ
- ଜିଲା ପ୍ରଶାସନ, ଯୋଗାଣ ବିଭାଗ ଅଧିକାରୀ ବି ସାମିଲ



ଦେବଗଡ଼ରେ କଂଗ୍ରେସର ଖବରଦାତା ସମ୍ମିଳନୀରେ ଉପସ୍ଥିତ ଦଳୀୟ କର୍ମକର୍ତ୍ତା।

ଦେବଗଡ,୧୦।୧(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲାରେ ଚାଷୀଙ୍କୁ ଶୋଷଣ କରାଯାଉଛି। ମିଲର୍ସମାନେ ଚାଷୀଙ୍କୁ ଶୋଷଣ କରୁଥିବାବେଳେ ଜିଲା ପ୍ରଶାସନ ଓ ଯୋଗାଣ ବିଭାଗର ଅଧିକାରୀମାନେ ନୀରବଦ୍ରଷ୍ଟା ସାଜିଛନ୍ତି। ମିଲର୍ସ ନିକଟରେ ବନ୍ଧା ପଡିଛି ଜିଲା ପ୍ରଶାସନ। ସ୍ଥାନୀୟ ଏକ ଘରୋଇ ହୋଟେଲରେ ବୁଧବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏଭଳି ଅଭିଯୋଗ କରିଛି ଦେବଗଡ଼ ଜିଲା କଂଗ୍ରେସ। ରାଜ୍ୟ ସରକାର ତଥା ଜିଲା ପ୍ରଶାସନର କୃଷକ ମାରଣ ନୀତିର ପ୍ରତିବାଦରେ ଆଗାମୀ ୧୬ ତାରିଖରେ ଅଖଚକ ସମେତ ସମଗ୍ର ଦେବଗଡ ଜିଲା ବନ୍ଦ କରାଯିବ। ଏଥିପାଇଁ ଜିଲା ପ୍ରଶାସନ ଦାୟୀ ରହିବେ ବୋଲି ଜିଲା କଂଗ୍ରେସ ପକ୍ଷରୁ ଘୋଷଣା କରାଯାଇଛି। ସନ୍ଧ୍ୟାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲା କଂଗ୍ରେସ ସଭାପତି ସେମ୍ ହେମ୍ରମ କହିଥିଲେ ଯେ, ଶିଳ୍ପବିହୀନ ଦେବଗଡ଼ ଜିଲାର ଚାଷୀମାନଙ୍କ ଜୀବନଜୀବିକା ନିମନ୍ତେ ଧାନ ଚାଷ ଏକମାତ୍ର ପନ୍ଥା। ଧାନ ଚାଷ କରି ଗରିବ ଚାଷୀମାନେ ଗୁଜୁରାଣ ମେଣ୍ଟାଉଥିବାବେଳେ ଧାନ ସଂଗ୍ରହ ସମୟରେ ମିଲର୍ସମାନେ ସେମାନଙ୍କୁ ଶୋଷଣ କରୁଛନ୍ତି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ଯୋଗାଣ ବିଭାଗ ଓ ଜିଲା ପ୍ରଶାସନ ନୀରବ ଦ୍ରଷ୍ଟା ସାଜିଛନ୍ତି। ଗତମାସ ୧୫ ତାରିଖଠାରୁ ଜିଲାରେ ଧାନ କିଣା ଆରମ୍ଭ ହୋଇଥିଲେ ହେଁ ପ୍ରାୟ ଏକ ମାସ ହେବ ଟୋକନ ପାଇଥିବା ଚାଷୀମାନଙ୍କ ଠାରୁ ଧାନ ସଂଗ୍ରହ କରାଯାଇ ନ ଥିବାରୁ ଟୋକନ ଅବଧି ଶେଷ ହେବାକୁ ବସିଛି। ୨୫ କୁଇଣ୍ଟାଲରୁ ଅଧିକ ଧାନ ଦେବାକୁ ଥିବା ଚାଷୀମାନଙ୍କୁ ମଣ୍ଡିରେ ଧାନ ନ ଦେଇ ମିଲକୁ ନେଇ ଦେବାକୁ ବାଧ କରାଯାଉଛି। ମିଲର୍ସ ମର୍ଜିରେ ମଣ୍ଡିଗୁଡ଼ିକରେ କୁଇଣ୍ଟାଲ ପିଛା ସାଢେ ୩ କିଲୋରୁ ୮କିଲୋ ପର୍ଯ୍ୟନ୍ତ କଟନୀ କରାଯାଉଛି। ଏପରିକି ମିଲର୍ସ ପକ୍ଷରୁ ନିୟୋଜିତ ବ୍ୟକ୍ତି ବା ଏଜେଣ୍ଟମାନେ ମଣ୍ଡିଗୁଡ଼ିକରେ ଉପସ୍ଥିତ ରହି ଅନଧିକୃତ ଭାବେ ଧାନର ମାନ ଯାଞ୍ଚ କରିବା ସହିତ ଧାନଗୁଡିକୁ ଠିକ୍ ମାନର ବୋଲି ଦର୍ଶାଇବାକୁ ଚାଷୀମାନଙ୍କ ଠାରୁ ଲାଞ୍ଚ ସଂଗ୍ରହ କରୁଛନ୍ତି। ସେହିପରି ମିଲର୍ସମାନେ ଚାଷୀମାନଙ୍କୁ ବସ୍ତା ଦେଉ ନ ଥିବାବେଳେ ଧାନଗୁଡିକୁ ମଣ୍ଡିକୁ ନ ନେଇ ସିଧାସଳଖ ଭାବେ ମିଲକୁ ଆଣିବାକୁ ବାଧ କରୁଛନ୍ତି। ଏହା ଦ୍ୱାରା ବସ୍ତା ଓ ପରିବହନ ବାବଦରେ ୧୨କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଟଙ୍କାର ଅନିୟମିତତା ହେଉଥିବା ଓ ଏହି ଅନିୟମିତତାରେ ମିଲର୍ସ- ଯୋଗାଣ ବିଭାଗ ଅଧିକାରୀ ଓ ପ୍ରଶାସନ ସାମିଲ ଥିବା ଜିଲା କଂଗ୍ରେସ ଅଭିଯୋଗ କରିଛି। ଏହା ସହ ଏଭଳି ଦୁର୍ନୀତିର ପ୍ରତିବାଦରେ ଆଗାମୀ ୧୬ ତାରିଖ ସମଗ୍ର ଦେବଗଡ଼ ଜିଲା ବନ୍ଦ କରାଯିବ ବୋଲି ଆନୁଷ୍ଠାନିକ ଭାବେ ଘୋଷଣା କରାଯାଇଛି। ତେବେ ଏହି ବନ୍ଦ ପାଳନରୁ ଅଗ୍ନିଶମ ଓ ସ୍ୱାସ୍ଥ୍ୟ ସେବା ଭଳି ସମସ୍ତ ପ୍ରକାର ଜରୁରୀ ସେବା ଓ ଅତ୍ୟାବଶ୍ୟକ ସାମଗ୍ରୀ ପରିବହନକୁ ବାଦ ଦିଆଯିବ ବୋଲି କଂଗ୍ରେସ ପକ୍ଷରୁ ସୂଚନା ପ୍ରଦାନ କରାଯାଇଥିଲା। ଶେଷରେ ଜିଲା କଂଗ୍ରେସ କମିଟିର ମୁଖ୍ୟ ମୁଖପାତ୍ର ମଞ୍ଜୁଳ କୁମାର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଖବରଦାତା ସମ୍ମିଳନୀରେ ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ଲିତା ଆଚାର୍ଯ୍ୟ, ନଗର କଂଗ୍ରେସ ସଭାପତି ରେବତୀ ମୋହନ ପଟ୍ଟନାୟକ, ରିଆମାଳ ବ୍ଲକ କଂଗ୍ରେସ କମିଟି ସଭାପତି ସୁଶାନ୍ତ କୁମାର ସ୍ୱାଇଁ, ଜିଲା ଯୁବ କଂଗ୍ରେସ ସଭାପତି ସଲମନ ହେନେଜ ଓ ଜିଲା ଛାତ୍ର କଂଗ୍ରେସ ସଭାପତି ଆନନ୍ଦ କୁଲା ମଞ୍ଚାସୀନ ଥିଲେ।

## ସର୍ବଭାରତୀୟ ସ୍ତରରେ ଭିମ୍ସାର ଡାକ୍ତର ସମ୍ମାନିତ

ସମ୍ବଲପୁର,୧୦।୧ (ଭବାନୀ ଶଙ୍କର ଭୋଇ)

ନୂଆଦିଲ୍ଲୀ ଏମ୍ସ ପରିସରରେ ଥିବା ଡାକ୍ତର ରାଜେନ୍ଦ୍ର ପ୍ରସାଦ ଚକ୍ଷୁ ଚିକିତ୍ସା ପ୍ରତିଷ୍ଠାନରେ ଗତ ୭ ଓ ୮ତାରିଖରେ ଦୁଇଦିନିଆ ଭାରତୀୟ ଚକ୍ଷୁ ଶିକ୍ଷକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପଶ୍ଚିମବଙ୍ଗର ପ୍ରଫେସର ସ୍ୱପନ ସାମନ୍ତଙ୍କ ଦିଗଦର୍ଶନ ଓ ପ୍ରଫେସର ଜୀବନ ସିଂହ ଟିଟୟାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ଦେଶର ବିଭିନ୍ନ ରାଜ୍ୟରୁ ପ୍ରାୟ ୫ଶହ ଚକ୍ଷୁ ଶିକ୍ଷକ ସାମିଲ ହୋଇଥିଲେ। ଏହି ଅବସରରେ ବୁର୍ଲା ଭିମ୍ସାରର ପୂର୍ବତନ ଅଧୀକ୍ଷକ ପ୍ରଫେସର ଡା. ଗୁଣସାଗର ଦାଶ, ଭିମ୍ସାର ଅଧ୍ୟକ୍ଷା ତଥା ଡିନ୍ ଜୟଶ୍ରୀ ଦୋରାଙ୍କୁ ଗୁରୁଙ୍କ ଗୁରୁ ଭାବେ ସମ୍ମାନିତ କରାଯାଇଥିଲା। ସେହିପରି ଭିମ୍ସାରର ଡା. ଶର୍ମିଷ୍ଠା ବେହେରାଙ୍କୁ ଗୁରୁ ସମ୍ମାନ ଓ ଡାକ୍ତରୀ ଛାତ୍ରୀ ଲିହାଲିନ ଓ ସୁନନ୍ଦାଙ୍କୁ ଦ୍ୱିତୀୟ ଶ୍ରେଷ୍ଠ ଛାତ୍ରୀ ସମ୍ମାନ ପ୍ରଦାନ କରାଯାଇଛି। ସମ୍ମିଳନୀରେ ଚକ୍ଷୁ ଚିକିତ୍ସା ସମ୍ବନ୍ଧୀୟ ତଥ୍ୟ ଉପସ୍ଥାପନା କରାଯାଇଥିଲା।

## ସଂକ୍ଷେପରେ

### କଂସର ସରକାରୀ ହାଇସ୍କୁଲର ବାର୍ଷିକ ଉତ୍ସବ

ଦେବଗଡ,୧୦।୧(ଶଶାଙ୍କ ଶେଖର ଝାଙ୍କର): ତିଲେଇବଣି ବ୍ଲକ କଂସର ଗ୍ରାମ ପଞ୍ଚାୟତ ସଦର ମହକୁମାରେ ଓଡିଶା ସରକାରଙ୍କ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବିଭାଗ ଅଧିନସ୍ଥ କଂସର ସରକାରୀ ହାଇସ୍କୁଲର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଜିଲା ମଙ୍ଗଳ ଅଧିକାରୀ ବିଭୂ ରଞ୍ଜନ ମହାନ୍ତିଙ୍କ ଅଧ୍ୟକ୍ଷତା ଓ ସଂସ୍କୃତ ଶିକ୍ଷକ ନବୀନ କୁମାର ନନ୍ଦଙ୍କ ସଂଯୋଜନାରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ସମ୍ମାନିତ ଅତିଥି ଭାବେ ତିଲେଇବଣି ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସିକା ସନ୍ଧ୍ୟାରାଣୀ ମାଝି ଓ ମୁଖ୍ୟ ବକ୍ତା ଭାବେ ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଶିଶିର କୁମାର ପୁହାଣ ଯୋଗଦେଇ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଏହି ଅବସରରେ ବାର୍ଷିକ କ୍ରୀଡାରେ ବରିଷ୍ଠ ବର୍ଗ ବାଳିକା ବିଭାଗରେ ଚାମ୍ପିୟନ ହୋଇଥିବା ୧୦ମ ଶ୍ରେଣୀ ଛାତ୍ରୀ ଲଳିତା ଡାଙ୍ଗ, କନିଷ୍ଠ ବର୍ଗ ବାଳିକା ବିଭାଗରେ ଚାମ୍ପିୟନ ହୋଇଥିବା ଅଷ୍ଟମ ଶ୍ରେଣୀ ଛାତ୍ରୀ ସୁହାନୀ ସୁରୀନ, ବରିଷ୍ଠ ବର୍ଗ ବାଳକ ବିଭାଗରେ ଚାମ୍ପିୟନ ହୋଇଥିବା ୧୦ମ ଶ୍ରେଣୀ ଛାତ୍ର ସିଦ୍ଧାନ୍ତ ସାହୁ ଓ କନିଷ୍ଠ ବର୍ଗ ବାଳକ ବିଭାଗରେ ଚାମ୍ପିୟନ ହୋଇଥିବା ଅଷ୍ଟମ ଶ୍ରେଣୀ ଛାତ୍ର ଅଭିରାମ ଭାଙ୍ଗରାଜଙ୍କ ସମେତ ପୂର୍ବରୁ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣପ୍ରଭା ଯାଦବ ବାର୍ଷିକ ବିବରଣୀ ପାଠ କରିଥିଲେ। ଶେଷରେ ଶିକ୍ଷୟିତ୍ରୀ ସୁନୀତା ଧଳ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ବିଦ୍ୟାଳୟର କ୍ରୀଡା ଶିକ୍ଷକ ବିରଞ୍ଚି ନାରାୟଣ ଦାଶ, ଶିକ୍ଷକ ରୋହିତ କୁମାର ସାହୁ, ଉଦ୍ଧବ ପ୍ରଧାନ, ଶିକ୍ଷୟିତ୍ରୀ ମଥୁରା ବେହେରା, ଜୟଶ୍ରୀ ଦେବତା ଓ ଲିଜା ପ୍ରଧାନଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ସହଯୋଗ କରିଥିଲେ।

### ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜମ୍ବୋ ଫନ୍ କ୍ୟାମ୍ପ୍

ରେଙ୍ଗାଲି,୧୦।୧(ଦେବବ୍ରତ ପଣ୍ଡା): ସମ୍ବଲପୁର ଜିଲା ରେଙ୍ଗାଲି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ଜମ୍ବୋ ଫନ୍ କ୍ୟାମ୍ପ୍ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ସମ୍ପାଦକ ସରୋଜ ବିଶୋଇଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ଜମ୍ବୋ ଫନ୍ କ୍ୟାମ୍ପ୍‌ର ନିରଞ୍ଜନ ପଲେଇ, ସିତାଂଶୁ ଦାସ, ଦିଲୀପ କୁମାର ବ୍ରହ୍ମଚାରୀଙ୍କ ସହଯୋଗରେ ତୃତୀୟରୁ ନବମ ଶ୍ରେଣୀ ପର୍ଯ୍ୟନ୍ତ ୯ ବିଦ୍ୟାଳୟରୁ ୬୪୨ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏଥିରେ ଚିତ୍ରାଙ୍କନ, ପ୍ରଶ୍ନ ଉତ୍ତର, ପ୍ରବନ୍ଧ ଆଦି ପ୍ରତିଯୋଗିତା ହୋଇଥିଲା। ପରେ ସମସ୍ତ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶିଶୁ ବିଦ୍ୟା ମନ୍ଦିରର ସମସ୍ତ ଗୁରୁଜୀ ଗୁରୁମା ସହଯୋଗ କରିଥିଲେ।

# ଦେବଗଡ଼ ପୌରାଞ୍ଚଳରେ ଅର୍ପଣ ରଥ ପରିକ୍ରମା



ଦେବଗଡ଼ ସହରରେ ଅର୍ପଣ ରଥ ଶୁଭାରମ୍ଭ କରାଯାଉଛି।

ଦେବଗଡ଼,୧୦।୧(ଶଶାଙ୍କ ଶେଖର ଝାଙ୍କର)

**ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବ ନିମନ୍ତେ ଗୁଆ ଓ ଅରୁଆ ଚାଉଳ ସଂଗ୍ରହ**

ଆସନ୍ତା ୧୭ରେ ହେବାକୁ ଥିବା ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବ ଅବ୍ୟବହିତ ପୂର୍ବରୁ ଦେବଗଡ ଜିଲାର ଗାଁରୁ ସହର ପର୍ଯ୍ୟନ୍ତ ସବୁଠି ଅର୍ପଣ ରଥ ପରିକ୍ରମା କରୁଛି। ମହାପ୍ରଭୁଙ୍କ ପାଇଁ ଗୁଆ ଓ ଅରୁଆ ଚାଉଳ ସଂଗ୍ରହ କରାଯାଉଛି। ଏହି ପରିପ୍ରେକ୍ଷୀରେ ଗତ ୯ ତାରିଖ ଠାରୁ ଦେବଗଡ଼ ଜିଲାର ପୌର ପରିଷଦ ସମେତ ତିନୋଟି ଯାକ ବ୍ଲକର ୭୦ଟି ଗ୍ରାମ ପଞ୍ଚାୟତରେ ରଥ ପରିକ୍ରମା ଶୁଭାରମ୍ଭ ହୋଇଛି। ଏହି କ୍ରମରେ ଦେବଗଡ ପୌର ପରିଷଦ ଅଧ୍ୟକ୍ଷା ଶାନ୍ତିମଞ୍ଜରୀ ଦେଇ ଓ ଦେବଗଡ଼ ଜିଲା ପରିଷଦ ନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା, ଦେବଗଡ଼ ପୌର ପରିଷଦ ଉପାଧ୍ୟକ୍ଷ ପ୍ରଜିତ କୁମାର ଭୋଜ, ଜିଲା ପରିଷଦ ସଦସ୍ୟା ପୁଷ୍ପାଞ୍ଜଳି ସାମଲ, କାଉନସିଲର ଧର୍ମେନ୍ଦ୍ର କୁମାର ଦେବତା, ମଧୁସୂଦନ ବାଘ, ଇତିଶ୍ରୀ ମିଶ୍ର, ସରୋଜିନୀ ମୁଣ୍ଡା, ପିଙ୍କି ସାହୁ, ଏସ୍‌ଡିସିସି ବ୍ୟାଙ୍କର ପୂର୍ବତନ ସଭାପତି ଅମରେନ୍ଦ୍ର ଗଙ୍ଗଦେବ, ଇଂ.ଚିତ୍ତରଞ୍ଜନ ପ୍ରଧାନ, ଶୁକଦେବ ଭଞ୍ଜ ଓ ପୂର୍ବତନ କାଉନସିଲର ମାନସ କୁମାର ପ୍ରଧାନଙ୍କ ଉପସ୍ଥିତିରେ ଶଙ୍ଖ ଓ ଘଣ୍ଟ ବାଦ୍ୟ ସମେତ ସଙ୍କୀର୍ତ୍ତନର ତାଳେ ତାଳେ ଉକ୍ତ ଅର୍ପଣ ରଥ ସ୍ଥାନୀୟ ଶ୍ରୀଜଗନ୍ନାଥ ମନ୍ଦିରରୁ ବାହାରି ପୌରାଞ୍ଚଳର ୭ ନମ୍ବର ଓ ୮ ନମ୍ବର ୱାର୍ଡ ପରିକ୍ରମା କରିଥିଲା। ଏହି ରଥ ପରିକ୍ରମା ସମୟରେ ସମ୍ପୃକ୍ତ ଅଞ୍ଚଳବାସୀଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ପରିଲକ୍ଷିତ ହୋଇଥିଲା।

## ଶ୍ରୀରାମଙ୍କ ନିମନ୍ତ୍ରଣ ରଥକୁ ଭବ୍ୟ ସ୍ୱାଗତ

କୁଚିଣ୍ଡା,୧୦।୧(ବିରଞ୍ଚି ଦର୍ଶା): ପ୍ରଭୁ ଶ୍ରୀରାମଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ନିମନ୍ତେ ବୁଧବାର କୁଚିଣ୍ଡା ବ୍ଲକ ଅନ୍ତର୍ଗତ ପାରୁଆଭାଡି ଗ୍ରାମରେ ପହଞ୍ଚିଥିବା ନିମନ୍ତ୍ରଣ ରଥକୁ ଭବ୍ୟ ସ୍ୱାଗତ କରାଯାଇଛି। ଗ୍ରାମର ଯୁବକ ସଂଘ ପକ୍ଷରୁ ଉକ୍ତ ରଥକୁ ଗ୍ରାମ ପରିକ୍ରମା କରାଇ ସମସ୍ତ ପରିବାରକୁ ମନ୍ଦିର ପ୍ରତିଷ୍ଠା ନିମନ୍ତ୍ରଣ ବଣ୍ଟନ କରାଯାଇଥିଲା। ଫଳରେ ଗ୍ରାମରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ଚିନ୍ମୟ ପଟେଲ, ନରେଶ ଶଙ୍କର ହଂସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଯୁବକ ସଂଘର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ବାବା ଚମ୍ପକେଶ୍ୱର ମହାଦେବ ମନ୍ଦିରରେ ନୂତନ ଟ୍ରଷ୍ଟ ବୋର୍ଡ ଗଠିତ

ଦେବଗଡ଼,୧୦।୧(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ସଦରରେ ଅବସ୍ଥିତ ବାବା ଚମ୍ପକେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସର୍ବସମ୍ମତି କ୍ରମେ କମିଟିର ସଭାପତି ସୁଶିଲ କୁମାର କପରଦାରଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା। ପ୍ରଥମେ ସଭାପତି କପରଦାର ଉପସ୍ଥିତ କମିଟିର ସମସ୍ତ କର୍ମକର୍ତ୍ତା ଏବଂ ଟ୍ରଷ୍ଟି ସଦସ୍ୟମାନଙ୍କୁ ନୂତନ ବର୍ଷର ଶୁଭେଚ୍ଛା ଜଣାଇଥିଲେ। ସଭାକାର୍ଯ୍ୟକୁ ଆଗେଇନେବା ପାଇଁ ସମ୍ପାଦକ ଈଶ୍ୱର ପ୍ରସାଦ ଦାଶଙ୍କୁ ଅନୁରୋଧ କରିଥିଲେ। ବୈଠକରେ ବିଗତ ବର୍ଷର ଆୟବ୍ୟୟର ଅଟକଳ, ମନ୍ଦିରର ଉନ୍ନତିର ସୁପରିଚାଳନା ସହିତ ଆଗାମୀ ମହାଶିବରାତ୍ରି କେମିତି ଆଡମ୍ବର ସହିତ ପାଳନ କରାଯିବ ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ପ୍ରଭାସ ଚନ୍ଦ୍ର ମିଶ୍ରଙ୍କୁ ମନ୍ଦିରର ନୂତନ ମ୍ୟାନେଜିଂ ଟ୍ରଷ୍ଟି ଭାବରେ ମନୋନୀତ କରାଯାଇଥିଲା। ସରୋଜ କୁମାର ପାତ୍ର, ସୁଧିର କୁମାର ଦାସ, ରଞ୍ଜନ କୁମାର ଦାସ, ପ୍ରଜିତ କୁମାର ଭୋଜ, ଈଶ୍ୱର ପ୍ରସାଦ ଦାଶ, ଶ୍ରବଣ ନାୟକ, ବେଣୁଧର ଭଞ୍ଜ, ରାଜେଶ ଦେବ, ବାବୁଲେନ୍ଦ୍ର ନାୟକ, ଶଶାଙ୍କ ଶେଖର ନାୟକ, ସତ୍ୟାନନ୍ଦ ସାହୁ, ସଞ୍ଜିବ କୁମାର ଧର ପ୍ରମୁଖ ବହୁ ସଦସ୍ୟ ଏବଂ ଟ୍ରଷ୍ଟି ଉପସ୍ଥିତ ଥିଲେ। ପୂର୍ବତନ ମ୍ୟାନେଜିଂ ଟ୍ରଷ୍ଟି ସରୋଜ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।



ଚମ୍ପକେଶ୍ୱର ମହାଦେବ ମନ୍ଦିରରେ ଅନୁଷ୍ଠିତ ବୈଠକ।

# କଳା ଗ୍ରାମ ପଞ୍ଚାୟତରେ ଅର୍ପଣ ରଥ ପରିକ୍ରମା

ଦେବଗଡ଼,୧୦।୧(ଶଶାଙ୍କ ଶେଖର ଝାଙ୍କର)

ଆସନ୍ତା ୧୭ରେ ହେବାକୁ ଥିବା ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବ ନିମନ୍ତେ ଗୁଆ ଓ ଚାଉଳ ସଂଗ୍ରହ ପାଇଁ ବୁଧବାର ଦେବଗଡ଼ ଜିଲା ବାରକୋଟ ବ୍ଲକ କଳା ଗ୍ରାମ ପଞ୍ଚାୟତ ସଦର ମହକୁମାରୁ ୨ଟି ଅର୍ପଣ ରଥ ଶୁଭାରମ୍ଭ ହୋଇଯାଇଛି। କଳାସ୍ଥିତ ମଦନ ମୋହନ ମହାପ୍ରଭୁଙ୍କ ମନ୍ଦିରରେ ରଥ ଦ୍ୱୟକୁ ପୂଜାର୍ଚ୍ଚନା କରିବା ପରେ କଳା ଗ୍ରାମ ପଞ୍ଚାୟତର ସରପଞ୍ଚ ସତ୍ୟ ନାରାୟଣ ପାଣି ଓ ବାରକୋଟ ଜିଲା ପରିଷଦ ଜୋନ-୩ର ଜିଲା ପରିଷଦ ସଦସ୍ୟା ଗୀତାଞ୍ଜଳି ପାଣି ପତାକା ଦେଖାଇ ଉଭୟ ରଥର ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ବାରକୋଟ ବ୍ଲକର ପୂର୍ବତନ ଅଧ୍ୟକ୍ଷ ଦେବେନ୍ଦ୍ର କୁମାର ବେହେରା, ଯୁବନେତା ରାଜକିଶୋର ସାହୁ, ଦୀପକ କୁମାର ସାହୁ ଓ କଣ୍ଢେଲ ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରସନ୍ନ କୁମାର ନାୟକଙ୍କ ସମେତ ସମ୍ପୃକ୍ତ ଅଞ୍ଚଳର ବହୁ ଜନସାଧାରଣ ଉପସ୍ଥିତ ଥିଲେ। ଶଙ୍ଖ ଓ ଘଣ୍ଟ ବାଦ୍ୟ ସମେତ ସଂକୀର୍ତ୍ତନର ତାଳେ ତାଳେ ରଥ ଦ୍ୱୟ କଳା ଗ୍ରାମ ପଞ୍ଚାୟତର ବିଭିନ୍ନ ଗ୍ରାମ ପରିକ୍ରମା କରିଥିଲା। ବହୁ ଗ୍ରାମବାସୀ ଘର ସମ୍ମୁଖରେ ଧୂପ ଦୀପ ଜାଳି ରଥ ଦ୍ୱୟକୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରୁଥିବା ଦେଖିବାକୁ ମିଳିଥିଲା।



କଳା ଗ୍ରାମ ପଞ୍ଚାୟତରେ ଅର୍ପଣ ରଥ ଶୁଭାରମ୍ଭ କରାଯାଉଛି।

## ବସୁନ୍ଧରା ଯୋଜନାରେ ୧୩ଜଣଙ୍କୁ ଘରଡ଼ିହ ପଟ୍ଟା ପ୍ରଦାନ

ନାକଟିଦେଉଳ,୧୦।୧(ବୈକୁଣ୍ଠ ନାଥ ସାହୁ)

ନାକଟିଦେଉଳ ବ୍ଲକ ଅନ୍ତର୍ଗତ ବିଭିନ୍ନ ଗ୍ରା.ପ.ର ୧୩ ହିତାଧିକାରୀଙ୍କୁ ବୁଧବାର ରାଜ୍ୟ ସରକାରଙ୍କ ବସୁନ୍ଧରା ଯୋଜନାରେ ଘରଡ଼ିହ ପଟ୍ଟା ପ୍ରଦାନ କରାଯାଇଛି। ଏଥିପାଇଁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ନାକଟିଦେଉଳ ତହସିଲ ଅନ୍ତର୍ଗତ ଢ଼ଇଁଚା ଗ୍ରା.ପ.ର ଜଣେ, କିସିଣ୍ଡା ଗ୍ରା.ପ.ର ଜଣେ, ଗିରିଶ୍ଚନ୍ଦ୍ରପୁର ଗ୍ରା.ପ.ର ୩ଜଣ, ବଳମ ଗ୍ରା.ପ.ର ୫ଜଣ ଓ ନାକଟିଦେଉଳ ଗ୍ରା.ପ.ର ୩ଜଣଙ୍କୁ ଏହି ପଟ୍ଟା ପ୍ରଦାନ କରାଯାଇଛି। ନାକଟିଦେଉଳ ବିଡିଓ ଦନାଇ ଚରଣ ଟୁଡୁ ଓ ତହସିଲଦାର ଅମର ଡୁଙ୍ଗଡୁଙ୍ଗ ହିତାଧିକାରୀଙ୍କୁ ଘରଡ଼ିହ ପଟ୍ଟା ବଣ୍ଟନ କରିଥିଲେ।

# ଦେବଗଡ଼ର ରତବ କ୍ରିକେଟ କ୍ଲବ ଚାମ୍ପିୟନ

ଦେବଗଡ଼,୧୦।୧(ଶଶାଙ୍କଶେଖର ଝାଙ୍କର)

**ନୀଳାଚଳ କ୍ଲବ ଆନୁକୂଲ୍ୟରେ ଚାଲିଥିବା କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପିତ**

ଦେବଗଡ଼ ଜିଲା ବାରକୋଟ ବ୍ଲକ ଗୋଲାବନ୍ଧ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଠିଆନାଳ ଗ୍ରାମରେ ନୀଳାଚଳ କ୍ଲବ ଆନୁକୂଲ୍ୟରେ ଚାଲିଥିବା କ୍ରିକେଟ ପ୍ରତିଯୋଗିତା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଅନୁଗୋଳ ଜିଲାର ଝିମିରିପାଲି କ୍ରିକେଟ କ୍ଲବକୁ ୯୧ ରନରେ ପରାସ୍ତ କରି ଦେବଗଡ଼ ଜିଲାର ରତବ କ୍ରିକେଟ କ୍ଲବ ଚାମ୍ପିୟନ ହୋଇଥିଲା। ଫାଇନାଲ ମ୍ୟାଚକୁ ଅମ୍ପାୟାର ଭାବେ ଘନଶ୍ୟାମ ପ୍ରଧାନ ଓ ପ୍ରନଭ କୁମାର ସାହୁ ପରିଚାଳନା କରିଥିଲେ। ଭାଷ୍ୟକାର ଭାବେ ସୁଶାନ୍ତ କୁମାର ସାହୁ ମ୍ୟାଚର ଧାରାବିବରଣୀ ପ୍ରଦାନ କରିଥିଲେ। ଆୟୋଜକ ନୀଳାଚଳ କ୍ରିକେଟ କ୍ଲବର ସଭାପତି ତିଲକରାଜ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଦେବଗଡ଼ ପୌର ପରିଷଦ ଅଧ୍ୟକ୍ଷା ଶାନ୍ତିମଞ୍ଜରୀ ଦେଇ ଯୋଗଦେଇ ଚାମ୍ପିୟନ ରତବ କ୍ରିକେଟ କ୍ଲବ ଓ ରନର୍ସ ଅପ୍ ଝିମିରିପାଲି କ୍ରିକେଟ କ୍ଲବକୁ ଟ୍ରଫିସହ ନଗଦ ଅର୍ଥ ପୁରସ୍କାର ପ୍ରଦାନ କରିଥିଲେ। ଶେଷରେ କ୍ଲବର ସମ୍ପାଦକ ହ୍ରିତିକ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରତିଯୋଗିତା ଆୟୋଜନରେ କ୍ଲବର ସଦସ୍ୟ ଶେଖ୍ କୁମାର ପ୍ରଧାନ, ଚିନ୍ମୟ କୁମାର ପ୍ରଧାନ, ପ୍ରଣବ ସାହୁ, ତୁଷାର ସାହୁ, ନିଳାମ୍ବର ଗଡନାୟକ, ରିତିକ ସାହୁ ଓ ପ୍ରବୀଣ କୁମାର ସାହୁଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।



କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପନୀରେ ଚାମ୍ପିୟନ ଦଳର ଖେଳାଳିଙ୍କୁ ପୁରସ୍କୃତ କରାଯାଉଛି।

# ଝାରସୁଗୁଡ଼ା ଆଦିବାସୀ କ୍ଲବ ଫାଇନାଲରେ

**ପ୍ରଧାନପାଟ କପ୍ ସର୍ବଭାରତୀୟ ଫୁଟବଲ ପ୍ରତିଯୋଗିତା**

ଦେବଗଡ,୧୦।୧(ଶଶାଙ୍କଶେଖର ଝାଙ୍କର)



ପ୍ରଧାନପାଟ୍ କପ୍ ସର୍ବଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଅତିଥିଙ୍କ ସହ ଖେଳାଳି।

ପ୍ରଧାନପାଟ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଷ୍ଟାଡ଼ିୟମରେ ଚାଲିଥିବା 'ପ୍ରଧାନପାଟ୍ କପ୍' ସର୍ବଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚରେ ବୁଧବାର ଆୟୋଜକ ପ୍ରଧାନପାଟ କ୍ଲବକୁ ୨-୧ଗୋଲରେ ପରାସ୍ତ କରି ଝାରସୁଗୁଡାର ଆଦିବାସୀ ଫୁଟବଲ କ୍ଲବ ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି। ମ୍ୟାଚକୁ ରେଫରୀ ଭାବେ ରାଜକୁମାର ମଣ୍ଡଳ, ଚନ୍ଦ୍ର କିଷାନ, ନୀଳ ନାୟକ ଓ ସୌରଭ କୁମାର ନାୟକ ପରିଚାଳନା କରିଥିଲେ। ଶ୍ରେଷ୍ଠ ଖେଳ ପ୍ରଦର୍ଶନ ନିମନ୍ତେ ଝାରସୁଗୁଡା ଆଦିବାସୀ ଫୁଟବଲ କ୍ଲବର ଖେଳାଳି ସୁଶାନ୍ତ ଜଗତ ମ୍ୟାନ ଅଫ୍ ଦ ମ୍ୟାଚ ବିବେଚିତ ହୋଇଥିଲେ। ପ୍ରଥମ ସେମିଫାଇନାଲ ମ୍ୟାଚକୁ ମୁଖ୍ୟ ଅତିଥି ଭାବେ ଦେବଗଡ଼ ଜିଲା ପରିଷଦ ଅଧ୍ୟକ୍ଷ କୌଶିକ କୁମାର ପ୍ରଧାନ, ସମ୍ମାନିତ ଅତିଥି ଭାବେ ବିଜେଡି ରାଜ୍ୟ ସମ୍ପାଦକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ପାଞ୍ଜିଆ ଭୋଇ ଓ ବାରକୋଟ ବ୍ଲକ ବିଜେଡି ସଭାପତି ହୀରାଲାଲ ସାହୁ ଯୋଗଦେଇ ଆୟୋଜକ ଏବଂ ଉଭୟ ଦଳର ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଝାରସୁଗୁଡା ଆଦିବାସୀ ଫୁଟବଲ କ୍ଲବର ଖେଳାଳି ସୁଶାନ୍ତ ଜଗତଙ୍କୁ ମ୍ୟାନ ଅଫ୍ ଦ ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଗୁରୁବାର ରାଉରକେଲାର ୱାଇବିସି ଓ ସମ୍ବଲପୁର ଫୁଟବଲ କ୍ଲବ ମଧ୍ୟରେ ପୁଲ 'ବି'ର ପ୍ରଥମ ମ୍ୟାଚ ଅନୁଷ୍ଠିତ ହେବ। ଟୁର୍ଣ୍ଣାମେଣ୍ଟ ଆୟୋଜନରେ ପ୍ରଧାନପାଟ କ୍ଲବର ସଭାପତି ସୁବାସ ଚନ୍ଦ୍ର ଭୋଇ, ପ୍ରଧାନପାଟ କପ୍ ଆୟୋଜନ କମିଟିର ସଭାପତି ବିକାଶ କୁମାର ପ୍ରଧାନ, ସମ୍ପାଦକ ପ୍ରଦୀପ କୁମାର ବେହେରା, କୋଷାଧ୍ୟକ୍ଷ ସଞ୍ଜୀବ କୁମାର ବେହେରା, ପ୍ରଧାନପାଟ କ୍ଲବର ସମ୍ପାଦକ ସଞ୍ଜୀବ କୁମାର ନାଏକ, ସଦସ୍ୟ ବିକାଶ ଅଗ୍ରୱାଲା, ଯୋଗେନ୍ଦ୍ର ସାହୁ, ମଛିନ୍ଦ୍ର ନାୟକ, ରୂପକ କୁମାର ମାଝି, ଶରତ ମେହେର, ଯୋଗେଶ ନାୟକ, ବାବୁଲୁ ଜେନା, ଜୟନାରାୟଣ ସାମଲ, ଦୀପକ ବେହେରା, ସନ୍ତୋଷ ଭୋଇ ଓ ଅଲେଖ ନାୟକଙ୍କ ସମେତ ବହୁ ସଦସ୍ୟ ଓ କର୍ମକର୍ତ୍ତା ସହଯୋଗ କରିଥିଲେ।

## ସଂକ୍ଷେପରେ

### ଖପ୍ରାଖୋଲରେ ଅକ୍ଷତ ନିମନ୍ତ୍ରଣ ଶୋଭାଯାତ୍ରା



ଖପ୍ରାଖୋଲ, ୧୦।୧(ଅଭୟ ତ୍ରିପାଠୀ)

ଖପ୍ରାଖୋଲ ବଣିକ ସଂଘ ଓ ଶ୍ରୀରାମ ଭକ୍ତଙ୍କ ଦ୍ୱାରା ଆଗାମୀ ୨୨ରେ ଅଯୋଧ୍ୟା ହେବାକୁ ଥିବା ଶ୍ରୀରାମଙ୍କ ଭବ୍ୟ ମନ୍ଦିର ଓ ରାମଲାଲାଙ୍କଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ପାଇଁ ଅକ୍ଷତ ନିମନ୍ତ୍ରଣ ଶୋଭାଯାତ୍ରା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକ ଶୋଭାଯାତ୍ରାରେ ରାମ, ଲକ୍ଷ୍ମଣ, ସୀତା, ହନୁମାନଙ୍କ ବେଶରେ ଭକ୍ତମାନେ ଘର ଘର ବୁଲି ଅକ୍ଷତ ନିମନ୍ତ୍ରଣ ପ୍ରଦାନ କରିଥିଲେ। ଆଗାମୀ ୨୨ତାରିଖରେ ଘରେ କଳସ ସ୍ଥାପନ ସହ ୫ଟି ଦୀପ ଜାଳି ସ୍ୱାଗତ କରିବାକୁ ନିବେଦନ କରାଯାଇଥିଲା।

### ଏସ୍‌ଏସ୍‌ବିରେ ସଫଳତା ପାଇଲେ ଆଶା

ଲୋଇସିଂହା, ୧୦।୧(ସୁଶାନ୍ତ ବାରିକ)

ଷ୍ଟେଟ ସିଲେକସନ ବୋର୍ଡ(ଏସଏସବି) ଦ୍ୱାରା ପରିଚାଳିତ ଅଧ୍ୟାପିକ ନିଯୁକ୍ତି ପରୀକ୍ଷାର ଫଳାଫଳ ପ୍ରକାଶ ପାଇଛି। ଏଥିରେ ବଲାଙ୍ଗୀର ଜିଲା ଲୋଇସିଂହାର ଆଶା ମେହେର ସଫଳତା ପାଇଛନ୍ତି। ୨୦୨୩ମସିହାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ଓଡିଆରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରଥିଲେ ଆଶ। ପରେ ସେ ୟୁଜିସି ଦ୍ୱାରା ପରିଚାଳିତ ଏନଇଟି ଓ ଜେଆରଏଫ ପରୀକ୍ଷାରେ କୃତିତ୍ୱ ହାସଲ କରିଛନ୍ତି। ଲୋଇସିଂହା ଡେଲିମାର୍କେଟ ସ୍ଥିତ କରମ ମେହେରଙ୍କ ଝିଅ ଆଶା ଲୋଇସିଂହା ମହାବିଦ୍ୟାଳୟରୁ ୨୦୨୧ ମସିହାରେ ଯୁକ୍ତ ୩ ପରୀକ୍ଷାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ଓଡିଆ ସମ୍ମାନରେ ଅଷ୍ଟମ ସ୍ଥାନ ଅଧିକାର କରିଥିଲେ। ପରିବାରରେ ଆର୍ଥିକ ସ୍ଥିତି ଯୋଗୁ ତାଙ୍କ ଉଚ୍ଚଶିକ୍ଷା ଆଶା ମଉଳି ଯାଇଥିଲା । ଏ ସଂକ୍ରାନ୍ତରେ ସେତେବେଳେ ଧରିତ୍ରୀରେ ଏକ ଖବର ପ୍ରକାଶ ପାଇଥିଲା । ଏହାପରେ ବିଭିନ୍ନ ବର୍ଗର ଲୋକେ ତାଙ୍କୁ ଉଚ୍ଚଶିକ୍ଷା ପାଇଁ ସହାୟତାର ହାତ ବଢାଇଥିଲେ।

### ଆଇନଜୀବୀ ବିଜୟ ମିଶ୍ରଙ୍କ ପରଲୋକ



ବିଜୟ ମିଶ୍ର।

କଣ୍ଟାବାଞ୍ଜି, ୧୦।୧(ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ସହରର ବରିଷ୍ଠ ଆଇନଜୀବୀ, ସିନେ କଳାକାର ବିଜୟ ମିଶ୍ରଙ୍କ ମଙ୍ଗଳବାର ରାତିରେ ତାଙ୍କ କଣ୍ଟାବାଞ୍ଜି ନୂଆପଡା ବାସଭବନରେ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୭୪ବର୍ଷ ହୋଇଥିଲା। ସେ ବିଭିନ୍ନ ଜଟିଳ ରୋଗରେ ପୀଡିତ ଥିଲେ। ସ୍ୱର୍ଗତ ମିଶ୍ର ଟିଟିଲାଗଡ ଓ କଣ୍ଟାବାଞ୍ଜି କୋର୍ଟରେ ୪୫ବର୍ଷ ଧରି ଓକିଲାତି ଆରମ୍ଭ କରିଥିଲେ। ଏଥିସହିତ ଜଣେ ସିନେ କଳାକାରଭାବେ ଓଡିଆ ସିନେମା ପଳାତକ, ଜଗା ହାତରେ ପଘାରେ ସେ କାମ କରିଥିଲେ। କଣ୍ଟାବାଞ୍ଜି କେଭି କଲେଜର ପ୍ରତିଷ୍ଠାତା ସମ୍ପାଦକ, ପ୍ରତିଧ୍ୱନି ସାଂସ୍କୃତିକ ଅନୁଷ୍ଠାନ ପ୍ରତିଷ୍ଠାତା ସଭାପତି, କଣ୍ଟାବାଞ୍ଜି ବ୍ରାହ୍ମଣ ସମାଜର ପୂର୍ବତନ ସଭାପତି, କଣ୍ଟାବାଞ୍ଜି ପୁସ୍ତକ ମେଳା ଉପଦେଷ୍ଟା ଭଳି ଅନେକ ଅନୁଷ୍ଠାନର ସେ ପ୍ରତିଷ୍ଠାତ ସଭ୍ୟ ଥିଲେ। ମୃତ୍ୟୁବେଳକ ଦୁଇପୁଅ ଓକିଲ ପୁତ୍ର ଦେବାଶିଷ ମିଶ୍ର, ସୁବାଶିଷ ମିଶ୍ର, ଧର୍ମପତ୍ନୀ ଏବଂ ଦୁଇ ଝିଅ ଉପସ୍ଥିତ ଥିଲେ। ବୁଧବାର ସ୍ଥାନୀୟ ବଙ୍ଗୋମୁଣ୍ଡା ରାସ୍ତା ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ ସମ୍ପନ୍ନ ହୋଇଥିଲା। ଶେଷ ଶେଷଯାତ୍ରାରେ ସହରର ବିଭିନ୍ନ ବର୍ଗର ଲୋକେ ସାମିଲ ହୋଇଥିଲେ। ବଡପୁଅ ଦେବାଶିଷ ମୁଖାଗ୍ନି ଦେଇଥିଲେ ।

# ଶୁଭ ଦେବାବେଳେ ୨ପକ୍ଷ ମୁହାଁମୁହିଁ

## ମାଣ୍ଡିଆପଦରରେ କଲ୍ୟାଣ ମଣ୍ଡପ ନିର୍ମାଣ

ଲୋଇସିଂହା, ୧୦।୧(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ହୀରାପୁର ପଞ୍ଚାୟତ ଅଧୀନ ମାଣ୍ଡିଆପଦର ଗ୍ରାମରେ ସରକାରୀ ଅନୁଦାନରେ ଏକ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ଗୁରୁବାର ଶିଳାନ୍ୟାସ ବେଳେ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଛି। ଗ୍ରାମର ସାହୁ ପରିବାର ଏବଂ ଗ୍ରାମର ଅନ୍ୟ କେତେକ ମୁହାଁମୁହିଁ ହୋଇଥିଲେ। ମାମଲା ଥାନା ପର୍ଯ୍ୟନ୍ତ ଯାଇଛି। ଗହଳ ସାହୁ ସମ୍ପୃକ୍ତ ସାହୁ ପରିବାର ବିରୋଧରେ ଥାନାରେ ଏତାଲା ଦେଇଛନ୍ତି। ଅପରପକ୍ଷରେ ସାହୁ ପରିବାର ମଧ୍ୟ ଗ୍ରାମବାସୀଙ୍କ ବିରୋଧରେ ପାଲଟା ଏତାଲ ଦେଇଛନ୍ତି।

ହୀରାପୁର ପଞ୍ଚାୟତ ଅଧୀନ ମାଣ୍ଡିଆପଦର ଗାରେ ଏକ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ୨୦୨୩-୨୪ ଆର୍ଥିକ ବର୍ଷରେ ଆମ ଓଡ଼ିଶା ନବୀନ ଓଡ଼ିଶା ପାଣ୍ଠିରୁ ୧୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ଏଥିପାଇଁ ଗାଁ ମୁଣ୍ଡ ତଥା ସ୍କୁଲ ନିକଟସ୍ଥ ରାସ୍ତାକଡକୁ ଲାଗି ରହିଥିବା ସରକାରୀ ଜମିରେ ଗ୍ରାମବାସୀଙ୍କ ପକ୍ଷରୁ ଜମି ଚିହ୍ନଟ କରାଯାଇଛି। ସରକାରୀ ଜମିର ପଛପଟେ ଗ୍ରାମର ସାହୁ ପରିବାରର ରୟତି ଜମି ରହିଛି । ଚିହ୍ନଟ ସ୍ଥାନରେ ମଣ୍ଡପ ନିର୍ମାଣକୁ ସାହୁ ପରିବାର ପକ୍ଷରୁ ପ୍ରତିବାଦ କରାଯାଉଛି। କାମ କରୁଥିବା ଠିକାଦାରଙ୍କୁ ସମ୍ପୃକ୍ତ ପରିବାର ବାରଣ କରୁଛନ୍ତି। ଫଳରେ କାମ ଅଗ୍ରଗତି ହୋଇପାରିନାହିଁ । ଚିହ୍ନଟ ସ୍ଥାନ ଉପଯୁକ୍ତ ହେବ କହି ଗ୍ରାମର ବହୁ ଲୋକେ ବୁଧବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ପରେ ପୂର୍ବାହ୍ନରେ ଶୁଭଦେବା ପାଇଁ ଗ୍ରାମର ଶତାଧିକ ମହିଳା ନିରୂପିତ ସ୍ଥାନକୁ ଯାଇଥିଲେ। ସେଠାରେ ଗ୍ରାମର ୱାର୍ଡ ସଭ୍ୟ ଉପସ୍ଥିତ ଥିଲେ । ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଭାନେତ୍ରୀ ଗହଳ ସାହୁ ଶ୍ରୀଫଳ ବାଡେଇ ଶୁଭ ଦେଇଥିଲେ। ଖବର ପାଇ ଗୁଣସାଗର ସାହୁ, ବୃନ୍ଦାବତୀ ସାହୁ, ମୁକେଶ ସାହୁ, ଦିନେଶ ସାହୁ, ସୁଜ୍ଞାନୀ ସାହୁ, ବାନା ସାହୁ, ଅଞ୍ଜଳି ସାହୁ ପ୍ରମୁଖ ସେଠାରେ ପହଞ୍ଚି ଏହାର ପ୍ରତିବାଦ କରିଥିଲେ । ଏତିକି ବେଳେ ବୃନ୍ଦାବତୀ ସାହୁ ଓ ଏସ୍‌ଏଚ୍‌ଜି ସଭାନେତ୍ରୀ ଗହଳ ସାହୁଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ବୃନ୍ଦାବତୀ ଉତ୍‌କ୍ଷିପ୍ତ ହୋଇ ଗହଳଙ୍କୁ କୁଆଡେ ଚାପୁଡା ମାରିଥିଲେ । ପରେ ସେହି ପରିବାର ପରୁଷ ଲୋକେ ତାଙ୍କୁ ଦୁର୍ବ୍ୟବହାର କରିଥିବା ନେଇ ଗହଳ ଥାନାରେ ଅଭିଯୋଗ କରିଛନ୍ତି। ଅପରପକ୍ଷେ ସାହୁ ପରିବାର ଥାନାରେ ପାଲଟା ଅଭିଯୋଗ କରିବା ସହ ବିଡିଓଙ୍କ ନିକଟରେ ଫେରାଦ ହୋଇଛନ୍ତି। ଉକ୍ତ ଜମି ପଛପଟେ ସେମାନଙ୍କ ରୟତି ଜମି ରହିଛି । କଲ୍ୟାଣ ମଣ୍ଡପ ହେଲେ ଜମିକୁ ଯିବା ଆସିବା ପାଇଁ ସମସ୍ୟା ସୃଷ୍ଟି ହେବ ବୋଲି କହିଛନ୍ତି। ସେହି ସ୍ଥାନରେ ଚଟାଣ ଥିବାରୁ କିଛିଦିନ ତଳେ ତହସିଲଦାର କ୍ଷେତ୍ର ପରିଦର୍ଶନ ବେଳେ କଲ୍ୟାଣ ମଣ୍ଡପ ନିର୍ମାଣକୁ ବାରଣ କରିଥିଲେ ବୋଲି ବାନା ସାହୁ କହିଛନ୍ତି।




ଲୋଇସିଂହା ଥାନାକୁ ଫେରାଦ ହେବାକୁ ଆସିଥିବା ମହିଳାମାନେ।

# କଟାହାରି କପ କ୍ରିକେଟ: ମରୁଆ ଚାମ୍ପିୟନ




ଚାମ୍ପିୟନ ଦଳର ଅଧିନାୟକ ଅତିଥିଙ୍କଠାରୁ ଟ୍ରଫି ନେଉଛନ୍ତି।

ଖପ୍ରାଖୋଲ, ୧୦।୧(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ପଞ୍ଚାୟତ କଟାପାଲି ଗାଁରେ ଚାଲିଥିବା କଟାହାରି କପ କ୍ରିକେଟ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଛି। ଫାଇନାଲ ମ୍ୟାଚରେ କପସିପାଲିକୁ ପରାସ୍ତ କରି ମରୁଆ ଦଳ ଚାମ୍ପିୟନ ହୋଇଥିଲା। ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ଧଣ୍ଡାମୁଣ୍ଡା ସରପଞ୍ଚ ବୈଦ୍ୟନାଥ ମିଶ୍ର, ସମ୍ମାନୀତ ଅତିଥିଭାବେ ଚଙ୍ଗରିଆ ସରପଞ୍ଚ ସୁଶିଲ ଗୁରୁ, କର୍ଣ୍ଣସିଂ ଠାକୁର, ସରୋଜ ମିଶ୍ର ଯୋଗଦେଇ ଚାମ୍ପିୟନ ଦଳକୁ ଟ୍ରଫି ସହ ୧୫ ହଜାର ଓ ରନର ଅପ ଦଳକୁ ଟ୍ରଫି ସହ ୧୦ହଜାର ଟଙ୍କା ପ୍ରଦାନ କରିଥିଲେ। ଜୟନ୍ତ କଠାର ଧାରା ବିବରଣୀ ପ୍ରଦାନ କରିଥିଲେ। ଲମ୍ବୋଦର ପୁଟେଲ, ପ୍ରକାଶ ପୁଟେଲ, ଦାମ ଅଦାବର, ଗୌତମ କଠାର, ରଷବ ପୁଟେଲ, ଗୌରବ କଠାର, ସୁଶାନ୍ତ କଠାର, ଦେବାଶିଷ ହଂସ, ଟିକୁ ହଂସ, ମୁକେଶ କଠାର, ତ୍ରିଲୋଚନ ବରିହା, ସଦାନନ୍ଦ ପୁଟେଲ ଟୁର୍ନାମେଣ୍ଟ ଆୟୋଜନରେ ସହଯୋଗ କରିଥିଲେ।

# ବଲାଙ୍ଗୀର ନଗର କଂଗ୍ରେସ କର୍ମୀ ସମ୍ମିଳନୀ

## 'ଭୋଟମାଗୁ ମାନଙ୍କୁ ଲୋକେ ଚିହ୍ନିଛନ୍ତି'

■ରାଜ ପରିବାରକୁ ସିଧା ଟାର୍ଗେଟ କଲେ କଂଗ୍ରେସ ନେତା




କର୍ମୀ ସମ୍ମିଳନୀରେ ମଞ୍ଚାସୀନ ବିଧାୟକ ନରସିଂହ ମିଶ୍ର ଓ ଅନ୍ୟମାନେ।

ବଲାଙ୍ଗୀର, ୧୦।୧ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ନଗର କଂଗ୍ରେସ ପକ୍ଷରୁ ଏକ କର୍ମୀ ସମ୍ମିଳନୀ ସ୍ଥାନୀୟ ଜିଲା କଂଗ୍ରେସ କାର୍ଯ୍ୟାଳୟରେ ବୁଧବାର ଅନୁଷ୍ଠିତ ହୋଇଥିଲା। ନଗର କଂଗ୍ରେସ ସଭାପତି ବୁଲୁ ଦାନୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କର୍ମୀ ସମ୍ମିଳନୀରେ ବିଧାୟକ ନରସିଂହ ମିଶ୍ର, ଜିଲା କଂଗ୍ରେସ ସଭାପତି ଦିଲୀପ କୁମାର ବେହେରା, ଏଆଇସିସି ସଦସ୍ୟ ସମରେନ୍ଦ୍ର ମିଶ୍ର, ଜିଲା କିଷାନ୍ କଂଗ୍ରେସ ଅଧ୍ୟକ୍ଷ ସାନନ୍ଦ ମିଶ୍ର, ଜିଲା ମହିଳା ସଭାନେତ୍ରୀ ମିଳନୀ ସାହୁ, ଜିଲା କଂଗ୍ରେସ ଉପସଭାପତି ମନୀଶ ମିଶ୍ର, ସନ୍ତକ ବହିଦାର, ଛାତ୍ର କଂଗ୍ରେସ ସଭାପତି ଅଙ୍କିତ ସାହୁ ଉପସ୍ଥିତ ଥିଲେ। କର୍ମୀ ସମ୍ମିଳନୀରେ ଶାସକ ବିଜେଡି ବିରୋଧରେ ଗର୍ଜିଥିଲେ କଂଗ୍ରେସ ନେତା, କର୍ମୀ। ୨୦୧୪ ମସିହା ପରେ ବିଧାୟକ ନରସିଂହ ମିଶ୍ରଙ୍କ ନେତୃତ୍ୱରେ ବଲାଙ୍ଗୀରର ଯେଉଁ ବିକାଶ ହୋଇଛି ସେଥିରେ ବିଜେଡିର ସ୍ଥାନୀୟ ନେତା ଛାନିଆ ହୋଇ ହୀନ ରାଜନୀତି କରୁଛନ୍ତି ବୋଲି ଅଭିଯୋଗ କରିଥିଲେ। ନିର୍ବାଚନ ଆସିଗଲା ଏବେ ବିଜେଡିର ଭୋଟମାଗୁମାନେ ଆସିଗଲେଣି ବୋଲି କହିଥିଲେ। ଏଆଇସିସି ସଦସ୍ୟ ସମରେନ୍ଦ୍ର ତାଙ୍କ ବକ୍ତବ୍ୟରେ ଜିଲାକୁ ଶିଳ୍ପବିହୀନ କରିବା ଦିଗରେ ରାଜ ପରିବାରର ବଡ ଭୂମିକା ରହିଛି ବୋଲି ଅଭିଯୋଗ କରିଥିଲେ। ୧୯୯୦ ମସିହାରୁ କ୍ରମାଗତ ଭାବେ ୨୦୧୪ ପର୍ଯ୍ୟନ୍ତ ବଲାଙ୍ଗୀରରୁ ପ୍ରତିନିଧିତ୍ୱ କରି ଏବଂ ବାରମ୍ବାର ମନ୍ତ୍ରୀ ହୋଇଥିଲେ ମଧ ବଲାଙ୍ଗୀରରେ କିଭଳି ଶିଳ୍ପ ପ୍ରତିଷ୍ଠା ହୋଇପାରିଲା ନାହିଁ ବୋଲି ପ୍ରଶ୍ନ କରିଥିଲେ। ବିଧାୟକ ମିଶ୍ରଙ୍କ ବିରୋଧରେ ଯେଉଁମାନେ ମହିଳା ଅସମ୍ମାନ ଅଭିଯୋଗ ଆଣିଛନ୍ତି ସେମାନେ ତାଙ୍କ ଘର ବୋହୂଙ୍କୁ ପ୍ରଥମେ ସମ୍ମାନ ଓ ନ୍ୟାୟ ଦିଅନ୍ତୁ ବୋଲି ଜିଲା କଂଗ୍ରେସ ସଭାପତି ବେହେରା କହିଥିଲେ। ବିଧାୟକ ମିଶ୍ର ୨୦୧୪ମସିହାରେ ବିଧାୟକ ହେବା ପରେ ବଲାଙ୍ଗୀର ସହର ଓ ଗାଁ ଗହଳର ଚିତ୍ର ବଦଳି ଯାଇଛି ବୋଲି କହିଥିଲେ। ଏହି ବିକାଶ ଧାରାକୁ ଲୋକଙ୍କ ଘରେ ଘରେ ପହଞ୍ଚାଇବାକୁ ସେ କର୍ମୀ ମାନଙ୍କୁ ଆହ୍ୱାନ ଜଣାଇଥିଲେ। ବିଧାୟକ ମିଶ୍ର ତାଙ୍କ ବକ୍ତବ୍ୟରେ ରାଜ୍ୟ ସରକାରଙ୍କୁ ସମାଲୋଚନା କରି ଏହି ଅଞ୍ଚଳର ଶିକ୍ଷା, ସ୍ୱାସ୍ଥ୍ୟ, ଜଳସେଚନର ବିକାଶ ଦିଗରେ ସରକାରଙ୍କ ଆନ୍ତରିକତା ଅଭାବ ରହିଛି ବୋଲି କହିଥିଲେ। ବିଧାନସଭାରେ ବାରମ୍ବାର ଦାବି ଉପସ୍ଥାପନ କରିବା ସତ୍ତ୍ୱେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ ୮୦ ରୁ ଉର୍ଦ୍ଧ୍ୱ ପ୍ରତିଶତ ଶିକ୍ଷକ, କର୍ମଚାରୀ ଅଭାବ ରହିଛି। ଡାକ୍ତରଖାନାରେ ଡାକ୍ତର ନାହାନ୍ତି, ସ୍କୁଲରେ ଶିକ୍ଷକ ନାହାନ୍ତି। ଲୋୟର ସୁକଟେଲ ଜଳସେଚନ ପ୍ରକଳ୍ପକୁ ଅଧପନ୍ତରିଆ ଥାଇ ଉଦ୍‌ଘାଟନ କରାଯାଇଛି। ଆଗାମୀ ଦିନରେ ଲୋକେ ଏହାର ଜବାବ ମାଗିବେ ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁଖପତ୍ର ଅଜୟ ବାଲି, କାଉନସିଲର ଅରବିନ୍ଦ ପରୁଆ, ଜ୍ୟୋତି ବାବୁ ବକ୍ତବ୍ୟ ରଖିଥିଲେ। କାଉସିଲର ପ୍ରଦୀପ ମିଶ୍ର, ଯୁବ କଂଗ୍ରେସ ସଭାପତି ନାସିର ଖାନ, ସେବାଦଳ ମୁଖ୍ୟ ଅସିତ ମିଶ୍ର ମଞ୍ଚାସୀନ ଥିଲେ। କର୍ମୀ ସମ୍ମିଳନୀରେ ଏଆଇସିସି ସଦସ୍ୟ ତଥା ପିସିସି ସାଧାରଣ ସମ୍ପାଦକ ବିଧୁଭୂଷଣ ତ୍ରିପାଠୀ ଏବଂ ପିସିସି ସମ୍ପାଦକ ଆକବର ଖାନ୍ ଅନୁପସ୍ଥିତ ଥିବା ଦେଖାଯାଇଥିଲା।

# ଶୁଲିଆ ଯାତ୍ରା, ମହୋତ୍ସବ ପ୍ରସ୍ତୁତି



ପ୍ରସ୍ତୁତି ବୈଠକରେ ଉପସ୍ଥିତ ଶୁଲିଆ କମିଟି ସଦସ୍ୟମାନେ।

ଦେଓଗାଁ, ୧୦।୧(କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କୁଲତାପଡା ପଞ୍ଚାୟତ ଅନ୍ତର୍ଗତ ଖଇରଗୁରା ମହୋତ୍ସବ ପଡିଆରେ ଶୁଲିଆ ଯାତ୍ରା ଓ ତୃତୀୟ ଶୁଲିଆ ମହୋତ୍ସବ ପାଇଁ ଚୂଡାନ୍ତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ମହୋତ୍ସବ କମିଟି ସଭାପତି ମୟ ପ୍ରଧାନୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଉପସଭାପତି ଅନନ୍ତ ଚୌହାନ, ସହ ସମ୍ପାଦକ ରାଜେନ୍ଦ୍ର ପାଣି, ଝସକେତନ କାଲସାଏ, କୋଷାଧ୍ୟକ୍ଷ ସୂର୍ଯ୍ୟକାନ୍ତ ରଣା ଉପସ୍ଥିତ ଥିଲେ । ଚଳିତ ବର୍ଷ ଶୁଲିଆ ଯାତ୍ରାକୁ ଶାନ୍ତଶୃଙ୍ଖଳାର ସହ ପାଳନ କରିବା ସହ ପାନୀୟ ଜଳ ଯୋଗାଣ ଉପରେ ପ୍ରଶାସନ ଗୁରୁତ୍ୱ ଦେବାକୁ ଅନୁରୋଧ କରାଯାଇଥିଲା। ସେହିପରି ଆଦିବାସୀ ସଂସ୍କୃତି ଓ ପରମ୍ପରାକୁ ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ ମହୋତ୍ସବ ଆୟୋଜିତ କରାଯାଉଛି ବୋଲି ମତବ୍ୟକ୍ତ କରିଥିଲେ। ଏହି ବର୍ଷ ଅନିଲ ନାଏକ ଓ ସାଥିଙ୍କ ଦ୍ୱାରା ରାବଣ ଦରବାର ସମେତ କେନ୍ଦ୍ରାପଡା, ଭବାନୀପାଟଣା, ସୁନ୍ଦରଗଡ, ସୁବର୍ଣ୍ଣପୁର ଓ ବଲାଙ୍ଗୀରର ବିଭିନ୍ନ ଆଞ୍ଚଳିକ ଓ ପାରମ୍ପରିକ ସଂସ୍କୃତିକ ଦଳ ମହୋତ୍ସବରେ ଯୋଗଦେବେ ବୋଲି ସୂଚନା ଦେଇଥିଲେ। ଶୁଲିଆ ଯାତ୍ରାରେ ଟ୍ରାଫିକ ମୁଖ୍ୟ ସମସ୍ୟା ଭାବେ ଦେଖା ଦେଉଥିବାରୁ ପ୍ରଶାସନ ଆବଶ୍ୟକ ପଦକ୍ଷେପ ନେବାକୁ କମିଟି ସଭ୍ୟ ଅନୁରୋଧ କରିଥିଲେ । ଉପସଭାପତି ପ୍ରଫୁଲ୍ଲ ଦାସ ଧନ୍ୟବାଦ ଦେଇଥିଲେ। ବୈଠକରେ ମୁଖ୍ୟ ପୂଜକ ସୋମନାଥ ଦେହୁରିଆ, ମଧୁବନ ଭୋଇ, ନିରଞ୍ଜନ କୁଅଁର, ଲୋକନାଥ ନନ୍ଦ, କାଳିନ୍ଦ୍ରି ମାଝି, ଚକ୍ରଧର ମଲ୍ଲିକ, ବିଶ୍ୱଜିତ ପାତ୍ର, କୁନା ସାହୁ, ମଙ୍ଗଳୁ ପାଣି , ଶ୍ରୀପତି ପଧାନ, ହିମାଂଶୁ ଗଡତ୍ୟା, ପଞ୍ଚୁ ମହାନନ୍ଦ, ବଳରାମ କୁମ୍ଭାର, ହରିହର ଝାଙ୍କର, ପରମେଶ୍ୱର ରାଉତ , ଶଶୀଭୂଷଣ ଗଡତ୍ୟା, ରାମଜୀ ଚୌଧୁରୀ, ସୂର୍ଯ୍ୟକାନ୍ତ ଛତ୍ରିଆ ଉପସ୍ଥିତ ଥିଲେ ।

# ବିନା କଟ୍‌ନିରେ ଉଠୁନି ଧାନ

ଟିଟିଲାଗଡ଼, ୧୦।୧(ଶରତ ମିଶ୍ର)

ଚାଷୀମାନେ ଉତ୍ପାଦିତ ଫସଲ ବିକ୍ରି ପାଇଁ ସମସ୍ୟାର ସମ୍ମୁଖୀନ ହେଉଛି। ଫସଲ କରିବାକୁ ଯେତିକି କଷ୍ଟ, ବିକ୍ରି ପାଇଁ ତା'ଠୁ ଢେର ଅଧିକ କଷ୍ଟ ଭୋଗୁଥିବା ବଲାଙ୍ଗୀର ଜିଲା ଟିଟିଲାଗଡ ଅଞ୍ଚଳର ଚାଷୀମାନେ କହୁଛନ୍ତି। ଦିନଦିନ ଧରି ମଣ୍ଡିରେ ଧାନ ରଖି ଅଧିଆ ପଡିବାକୁ ପଡୁଛି। ଯେତେବେଳେ ବି ଧାନ ଉଠୁଛି ୫ରୁ ୭କେଜି ପର୍ଯ୍ୟନ୍ତ କଟ୍‌ନି ହେଉଛି। ଏଥିରେ ଅତିଷ୍ଠ ହୋଇ କେତେକ ଚାଷୀ ମଣ୍ଡିକୁ ଧାନ ନେଇ ହଇରାଣ ହେବା ଅପେକ୍ଷା କମ୍ ଦରରେ ହେଉପଛେ ବେପାରୀକୁ ବିକ୍ରି କରିଦେଉଛି।

ଟିଟିଲାଗଡ ବ୍ଲକର ଶଗଡଘାଟ ମଣ୍ଡିରେ ବିନା କଟ୍‌ନରେ ଧାନ ଉଠୁନାହିଁ। ୫ରୁ ୭କେଜି କଟନିରେ ଧାନ ଉଠୁଥିବା କୁହାଯାଉଛି। ଚାଷୀ ଜିତୁ ସାହୁ କହିଛନ୍ତି ସେ ମଣ୍ଡିକୁ ଆଣିଥିବା ଧାନ ୩କେଜି କଟନରେ ଉଠିଛି। ଅଭିଯୋଗ ସମ୍ପର୍କର ଶଗଡଘାଟ ପ୍ରାଥମିକ କୃଷି ସମବାୟ ସମିତି ସମ୍ପାଦକ ଡମ୍ବରୁଧର ପଟ୍ଟନାୟକଙ୍କୁ ତାଙ୍କ ମୋବାଇଲ ନଂ ୯୭୭୭୫୫୧୩୭୭ରେ ଯୋଗଯୋଗ କରାଯାଇଥିଲା। ରିଙ୍ଗ ହେବା ସତ୍ତ୍ୱେ ସେ ରିସଭ ନ କରିବାରୁ ତାଙ୍କ ପ୍ରତିକ୍ରିୟ ମିଳି ପାରିନାହିଁ। ଟିଟିଲାଗଡ ଉପଜିଲାପାଳ ଦୟାମୟ ପାଢୀଙ୍କୁ ଯୋଗାଯୋଗ କରିବାରୁ ଉପଖଣ୍ଡ ଯୋଗାଣ ଅଧିକାରୀଙ୍କୁ ପଠାଯାଉଛି ବୋଲି କହିଥିଲେ। ଉପଖଣ୍ଡ ଯୋଗାଣ ଅଧିକାରୀ ଶଙ୍କର୍ଷଣ ଭୋଇଙ୍କୁ ପଚାରିବାରୁ ଗୁରୁବାର ଉକ୍ତ ମଣ୍ଡିକୁ ଯାଇ ଘଟଣା ସମ୍ପର୍କରେ ତଦନ୍ତ କରିବି ବୋଲି କହିଛନ୍ତି।

ସୂଚନାଯୋଗ୍ୟ ଯେ, ଗତ ବର୍ଷ ଖରିଫରେ ଶଗଡଘାଟ ମଣ୍ଡିରେ ଚାଷୀ ଭୀମ ସାହୁ ତାଙ୍କ ଧାନର ମାନ ଠିକ ଥିବା ବେଳେ କଟନିକୁ ନେଇ ତୀବ୍ର ପ୍ରତିବାଦ କରିଥିଲେ। ଖବର ପାଇ ତତ୍କାଳୀନ ଉପଜିଲାପାଳ ମନୋଜ ମହାଜନ ମଣ୍ଡିରେ ପହଞ୍ଚି ନିଜେ ଧାନର ମାନ ଯାଞ୍ଚ କରି ସଠିକ ଥିବା କହିବା ପରେ ବିନା କଟନିରେ ଉଠିଥିଲା। ଶଗଡଘାଟ ମଣ୍ଡିରେ ଚାଷୀଙ୍କ ଧାନ ସଂରକ୍ଷିତ ରଖିବା ପାଇଁ ଗୋଦାମ ଗୃହ ନାହିଁ। ସେଡ ନ ଥିବାରୁ ଶହଶହ ବସ୍ତା ଧାନ ଖୋଲା ଆକାଶ ତଳେ ରାତିଦିନ ପଡି ରହିଛି। ପ୍ରତ୍ୟେକ ମଣ୍ଡିରେ ସେଡ ବ୍ୟବସ୍ଥା କରିବାକୁ ଆରଏମସି ସଭାପତି ତଥା ଉପଜିଲାପାଳ ଦାୟିତ୍ୱ ନିର୍ବାହ କରନ୍ତୁ ବୋଲି ସମାଜସେବୀ ସଞ୍ଜୟ ତ୍ରିପାଠୀ କହିଛନ୍ତି। ଗୁରୁବାର ଟିଟିଲାଗଡ ନିର୍ବାଚନ ମଣ୍ଡଳୀ ଅଧୀନ ସଇଁତଳା ଏବଂ କଣ୍ଟାବାଞ୍ଜି ଗସ୍ତରେ ଆସୁଥିବା ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଏ ଦିଗରେ ଦୃଢ ପଦକ୍ଷେପ ନେବାର ଆଶା ଥିବା ଟିଟିଲାଗଡ କୃଷକ ସଂଘର୍ଷ ଅଭିଯାନ ସମିତି ଆବାହକ ବାଲକୃଷ୍ଣ ଷାଣ୍ଢ କହିଛନ୍ତି। ଅନ୍ୟଥା କୃଷକ ସଂଗଠନ ଚାଷୀଙ୍କ ସ୍ୱାର୍ଥ ନେଇ ରାସ୍ତାକୁ ଓହ୍ଲାଇବ ବୋଲି ଷାଣ୍ଢ ଚେତାବନି ଦେଇଛନ୍ତି।

# ହରିବୋଲ, ହୁଳହୁଳିରେ ଅର୍ପଣ ରଥକୁ ସ୍ୱାଗତ



ଲୋଇସିଂହା ବ୍ଲକ ପତ୍ରାପାଲିରେ ଅର୍ପଣ ରଥ ପରିକ୍ରମା କରୁଛି।



ଟୁଷୁରା ଏନଏସିର ୮ନମ୍ବର ୱାର୍ଡରେ ରଥ ପରିକ୍ରମା ବେଳେ ସ୍ୱାଗତ କରାଯାଉଛି।

ଲାଠୋର, ୧୦।୧(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ପଞ୍ଚାୟତ ଅଞ୍ଚଳରେ ବୁଧବାର ଶ୍ରୀଜଗନ୍ନାଥ ଅର୍ପଣ ରଥ ପହଞ୍ଚି ଥିଲା। ଗ୍ରାମର ଜଗନ୍ନାଥ ମନ୍ଦିର ସମ୍ମୁଖରେ ରଥକୁ ଜିଲା ପରିଷଦ ସଭ୍ୟା ସଂଯୁକ୍ତା ମେହେର, ନାଏବ ସରପଞ୍ଚ ନୀଳମଣି ବେହେରା, ୱାର୍ଡ଼ ସଭ୍ୟ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ତପନ ମେହେର, ଗ୍ରାମ ରୋଜଗାର ସେବକ ମଦନ ତାଣ୍ଡି, ଯୋଗାଣ ସହାୟକ ତୁଲାରାମ ମେହେର, ଜିଓଟେଗ ଯୁବରାଜ ଗୁର୍ଲା,ଏମବିକେ ସୁଚିତ୍ରା ବେହେରା ଏବଂ ସିଆରପିମାନେ ସ୍ୱାଗତ କରିଥିଲେ। ରଥକୁ ମନ୍ଦିରଠାରୁ ପିପଲବାହାଲ ଗ୍ରାମର ବହୁ ସଂଖ୍ୟାରେ ମହିଳା ପୁରୁଷ ସଙ୍କୀର୍ତ୍ତନ ମାଧ୍ୟମରେ ପାଛୋଟି ନେଇଥିଲେ। ହରିବୋଲ, ହୁଳହୁଳିରେ ଗଗନ, ପବନ ପ୍ରକମ୍ପିତ ହୋଇଥିଲା। ଘରକୁ ଘର ବୁଲିବା ସମୟରେ ଲୋକେ ଗୁଆ ଏବଂ ଅକ୍ଷତ ପ୍ରଦାନ କରିଥିଲେ।

**ଗୁଡଭେଲା(ମନୋଜ କୁମାର ଜୈନ):** ବୁଧବାର ୨ୟ ଦିନରେ ଗୁଡଭେଲା ବ୍ଲକର ୪ ପଞ୍ଚାୟତ ଓ ଟୁଷୁରା ଏନଏସିର ୪ଟି ୱାର୍ଡରେ ଅର୍ପଣ ରଥ ପରିକ୍ରମା କରିଥିଲା। ସମରା, ତେନ୍ତୁଳିଖୁଣ୍ଟି, ଚିଞ୍ଚୋଡ ଓ ନୂଆପଡା ପଞ୍ଚାୟତର ବିଭିନ୍ନ ଗ୍ରାମ ପରିକ୍ରମା କରିବା ଅବସରରେ ଲୋକେ ଗୁଆ ଓ ଚାଉଳ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମରା ସରପଞ୍ଚ ଗୋଲାପ ସେଠ, ନୂଆଁପଡା ସରପଞ୍ଚ କୁଞ୍ଜବିହାରୀ ସାହୁ, ଚିଞ୍ଚୋଡ ସରପଞ୍ଚ ଡେଲାନ୍ତି ନାଗ, ଗ୍ରାମ ପଞ୍ଚାୟତ କାର୍ଯ୍ୟନିର୍ବାହ ଅଧିକାରୀ ସୁମନ୍ତ ନାଏକ, ପୂର୍ବତନ ଜିଲା ପରିଷଦ ସଭ୍ୟ ମହୋ ନାଗ ସାମିଲ ହୋଇଥିଲେ। କିର୍ତ୍ତନ, ମୃଦୁଙ୍ଗର ତାଳ ସହ ମହିଳାଙ୍କ ହୁଳହୁଳିରେ ଉତ୍ସବ ମୁଖର ପରିବେଶ ସୃଷ୍ଟି ହୋଇଥିଲା। ଟୁଷୁରା ଏନଏସିର ୮ରୁ ୧୧ଟି ୱାର୍ଡ ରଥ ପରିକ୍ରମା କରିବା ସହ ଗୁଆ ଓ ଚାଉଳ ସଂଗ୍ରହ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଏନଏସି ଅଧ୍ୟକ୍ଷ ଅଜୟ କୁମାର ଜୟଶ୍ୱାଲ, ଉପାଧ୍ୟକ୍ଷା ମାମୀ ଦାସ, କାଉନସିଲର ଧିରେନ୍ଦ୍ର ମହାନନ୍ଦ, ବବିତା ସାହୁ ସାମିଲ ଥିଲେ ।

**ଲୋଇସିଂହା(ସୁଶାନ୍ତ ବାରିକ):** ଲୋଇସିଂହା ବ୍ଲକରେ ଗୁରୁବାର ତୃତୀୟ ଦିବସରେ ଅର୍ପଣ ରଥ ୬ ପଞ୍ଚାୟତର ୧୮ ଗାଁ ରଥ ପରିକ୍ରମା କରିଛି। ଲୋଇସିଂହା ସଦର ପଞ୍ଚାୟତର ବନ୍ଧଲିପଡା, ପତରାପାଲି, ସୁଜିଆ, ଜଡାମୁଣ୍ଡା ଓ କର୍ଲିପାଟରେ ରଥ ବୁଲିଥିଲା। ସେହିପରି ବୁଢୀପଦର ପଞ୍ଚାୟତର ଘୁଷୁରାମୁଣ୍ଡ, ସଲତରପାଲି, ହୀରାପୁର ପଞ୍ଚାୟତର ଗୋପାଳପୁର, ଖରମୁଣ୍ଡା ଓ ପନେସରା, କୁଶମେଲ ପଞ୍ଚାୟତର ଲଙ୍କାବହାଲ, ଘୁଙ୍ଗି ଓ ବ୍ରାହ୍ମଣୀପାଲି, ରତାଖଣ୍ଡିପଞ୍ଚାୟତର ଡୁମେରଝରଣ ଓ ତାଲଜୁରୀ, ବାନିପାଲି ପଞ୍ଚାୟତର ସଦର ଗାଁ ବାନିପାଲି, ବେଲପାଲି ଓ ବାଦିପାଲି ପରିକ୍ରମା ସମୟରେ ଗାଁ ଉତ୍ସବ ମୁଖର ହୋଇ ଉଠିଥିଲା। ଲୋଇସିଂହା ପଞ୍ଚାୟତରେ ଅର୍ପଣ ରଥ ପରିକ୍ରମା ସମୟରେ ବ୍ଲକ ଅଧ୍ୟକ୍ଷ ଯତୀନ୍ଦ୍ର ପଟେଲ ଏବଂ ସ୍ଥାନୀୟ ସରପଞ୍ଚ ଉପସ୍ଥିତ ଥିଲେ ।

## ସଂକ୍ଷେପରେ

### ଅର୍ପଣ ରଥକୁ ସ୍ୱାଗତ କଲେ ଜଗନ୍ନାଥପ୍ରେମୀ

ପାଇକମାଳ,୧୦।୧(ବଡ ଶତପଥୀ): ବରଗଡ ଜିଲା ପାଇକମାଳ ବ୍ଲକ ନୃସିଂହନାଥ ମନ୍ଦିର ପରିସରରେ ବୁଧବାର ୧୧ଟି ଅର୍ପଣ ରଥକୁ ପୂଜାର୍ଚ୍ଚନା ପରେ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା। ତେବେ ଆସନ୍ତା ୨ ଦିନ ମଧ୍ୟରେ ଏହି ୧୧ଟି ରଥ ବ୍ଲକର ୨୨ଟି ପଞ୍ଚାୟତକୁ ଯାଇ ଘର ଘର ବୁଲିବ ବୋଲି ପାଇକମାଳ ବିଡ଼ିଓ ପ୍ରଫୁଲ୍ଲ କୁମାର ଓଡୁ ଜଣାଇଛନ୍ତି। ଏହି ରଥ ଗାଁରେ ପହଞ୍ଚିବା ପରେ ଜଗନ୍ନାଥ ପ୍ରେମୀ ଭକ୍ତମାନେ ରଥକୁ ପୂଜା କରି ଚାଉଳ ଓ ଗୁଆ ପ୍ରଦାନ କରୁଛନ୍ତି । ଏହି ଚାଉଳ ଓ ଗୁଆକୁ କୌଣସି ଏକ ଜଗନ୍ନାଥ ମନ୍ଦିରରେ ସାଇତି ରଖାଯିବ ଓ ପରେ ପୁରୀ ଜଗନ୍ନାଥ ମନ୍ଦିରକୁ ପଠାଯିବ ବୋଲି ଜଣାପଡିଛି। ସୂଚନାଥାଉକି, ଗତ କିଛିଦିନ ତଳେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପାଇଁ ସେବାୟତମାନେ ନୃସିଂହନାଥ ମନ୍ଦିରକୁ ନିମନ୍ତ୍ରଣ ପତ୍ର ଦେବାକୁ ଆସିଥିଲେ।

### ଭିଏସ୍ଏସ୍ କ୍ରିକେଟ: ଖଲିଆପାଲି ସେମିରେ

ପଦ୍ମପୁର,୧୦।୧(ପ୍ରଦୀପ୍ତ ଦାଶ): ପଦ୍ମପୁର ନିକଟସ୍ଥ ବୁଧାପାଲିଠାରେ ୧୩ତମ ଭିଏସ୍ଏସ୍ କ୍ରିକେଟ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଅଶୋକ ଦାଶ ମୁଖ୍ୟ ଅତିଥି ଏବଂ ଲୋକନାଥ ପଟେଲ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଆଜିର ଖେଳରେ ଖଲିଆପାଲି ଦଳ କ୍ୱାର୍ଟର ଫାଇନାଲରେ ଖଇରା ଦଳକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। ଉଦଯାପନୀ ଉତ୍ସବରେ ଦୁଷ୍ମନ୍ତ ପଟେଲ ଅତିଥି ଭାବେ ଯୋଗଦେଇ ଖଲିଆପାଲି ଦଳର ସଞ୍ଜୟଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ଆଜିର ମ୍ୟାଚ୍‌ରେ ବିକାଶ, ଗୁପ୍ତା, ବସ୍ତୁ, ନୀଳ ଅମ୍ପାୟାର ଏବଂ ଅନୀଲ ଓ ଦିଲୀପ ଧାରା ବିବରଣୀ ପ୍ରଦାନ କରିଥିଲେ। ଭିଏସ୍ଏସ୍ କ୍ଲବର ମିଥୁନ, ଆଦିତ୍ୟ, ଦୁଷ୍ମନ୍ତ, ବାବୁ, ସମୀର ପ୍ରମୁଖ ସହଯୋଗ କରିଥିଲେ।

### ବାଇକ୍‌କୁ ଧକ୍କାଦେଲା ଟ୍ରକ୍: ଶିଶୁ ମୃତ, ୨ ଗୁରୁତର

ନୂଆପଡ଼ା,୧୦।୧(ମକାରୁ ବେମାଲ): ନୂଆପଡା ଥାନା ଧାମନପୁରୀ ଛକଠାରେ ବାଇକ୍‌କୁ ପଛପଟେ ଟ୍ରକ ଧକ୍କା ଦେବାରୁ ଜଣେ ଶିଶୁଙ୍କ ମୃତ୍ୟୁ ଘଟିଥିବା ବେଳେ ୨ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତ ଶିଶୁ କୋମନା ଥାନା କାଣ୍ଡେତାରା ଗାଁର କାହ୍ନୁଲାଲ ସାହୁ(୩୫)ଙ୍କ ପୁଅ ହିତେଶ (୫)। ସୂଚନା ଯେ, କାଣ୍ଡେତାରା ଗାଁର କାହ୍ନୁଲାଲ ନିଜ ୫ ବର୍ଷର ଶିଶୁ ହିତେଶ ଓ ଭିଣୋଇ ମା' ରାମଶିଳାଙ୍କୁ ଧରି ଚନ୍ଦରପୁର ଗାଁରୁ ବାଇକ୍ (ନଂ.ଓଡି୨୬ସି ୯୪୪୯)ରେ କାଣ୍ଡେତାରା ଗାଁକୁ ଫେରୁଥିଲେ। ଧାମନପୁରି ଛକଠାରେ ଏକ ମାଲ ବୋଝେଇ ଟ୍ରକ ପଛପଟୁ ଧକ୍କା ଦେଇ ଫେରାର ହୋଇଯାଇଥିଲା।

### କିଶୋରୀ ମେଳା, ଆତ୍ମ ସୁରକ୍ଷା ତାଲିମ ଶିବିର




ପାଇକମାଳ,୧୦।୧(ବଡ ଶତପଥୀ): ବରଗଡ ଜିଲା ପାଇକମାଳ ବ୍ଲକ ଯମୁନା କନ୍ଧୁଣୀ ବାଳିକା ଉଚ୍ଚବିଦ୍ୟାଳୟରେ କିଶୋରୀ ମେଳା ଓ ଆତ୍ମ ସୁରକ୍ଷା ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ସମନ୍ୱିତ ଶିଶୁ ବିକାଶ ଯୋଜନା ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଶିବିରକୁ ସିଡିପିଓ ଅନିତା ପାଣିଗ୍ରାହୀ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସଙ୍ଗୀତା ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସୁପରଭାଇଜର ସବିତାମଣି ନାୟକ ଯୋଗଦେଇ ବାଲ୍ୟ ବିବାହ ପ୍ରଥା ଉଚ୍ଛେଦ, ନାରୀ ହିଂସା ନିୟନ୍ତ୍ରଣ ଓ କିଶୋରୀମାନଙ୍କ ପୁଷ୍ଟିସାଧନ ବିଷୟରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ବୁକୁରାମୁଣ୍ଡା ଟିଓୟୁପି ବିଦ୍ୟାଳୟର ଖେଳ ଶିକ୍ଷୟିତ୍ରୀ ସୁମିତ୍ରା ପାତ୍ର ଆତ୍ମସୁରକ୍ଷା ତାଲିମ ପ୍ରଦାନ କରିଥିଲେ। ୧୧୦ଜଣ ଛାତ୍ର ଚିତ୍ରାଙ୍କନ, ବକ୍ତୃତା ଓ କୁଇଜ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଶିକ୍ଷକ ସେବକ ସେଠ ସଭା ପରିଚାଳନା କରିଥିବା ବେଳେ ଶିକ୍ଷୟତ୍ରୀ ରଞ୍ଜିତା ସାହା ଓ ନମିତା ସାହୁ ସହଯୋଗ କରିଥିଲେ।

# ଆଜି ରେଳଷ୍ଟେଶନରେ ଧାରଣା

ବରଗଡ଼,୧୦।୧(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ପ୍ରତି ରେଳ ବିଭାଗ ଅବହେଳା କରୁଛି। ଜିଲା ରେଳ ଉପଭୋକ୍ତା ସଂଘ ଏଭଳି ଅଭିଯୋଗ କରି ଏହାର ପ୍ରତିବାଦରେ ଗୁରୁବାର ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ବରଗଡ଼ ରେଳଷ୍ଟେଶନରେ ଧାରଣା ଦେବ ବୋଲି ନିଷ୍ପତ୍ତି ନେଇଛି। ବୁଧବାର ସଂଘର ଏକ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ବଲାଙ୍ଗୀରରୁ ଭୁବନେଶ୍ୱରକୁ ସକାଳୁଆ ଟ୍ରେନ ତଥା ବରଗଡ଼ ଦେଇ ନୂଆଦିଲ୍ଲୀକୁ ସିଧାସଳଖ ଟ୍ରେନ ଚଳାଇବା ପାଇଁ ସଂଘ ବାରମ୍ବାର ରେଳ କର୍ତ୍ତୃପକ୍ଷକୁ ଅବଗତ କରିଆସିଛି। ମାତ୍ର ଏପର୍ଯ୍ୟନ୍ତ ସେ ଦିଗରେ କିଛି ପଦକ୍ଷେପ ନିଆଯାଇ ନ ଥିବା ଅଭିଯୋଗ ହୋଇଛି। ପ୍ରାଥମିକ ପର୍ଯ୍ୟାରେ ଧାରଣା ଦିଆଯିବ। ଏହାସତ୍ତ୍ୱେ ଦାବି ପୂରଣ ନ ହେଲେ ସଂଘ ରେଲରୋକୋ ଆନ୍ଦୋଳନକୁ ଓହ୍ଲାଇବ ବୋଲି ସଭାପତି


ଷ୍ଟେଶନ ମାଷ୍ଟରଙ୍କୁ ରେଳ ଉପଭୋକ୍ତା ସଂଘର ପ୍ରତିନିଧିମାନେ ଭେଟୁଛନ୍ତି ।

ପ୍ରଦୀପ ଦେବତା ସୂଚନା ଦେଇଛନ୍ତି। ବୈଠକରେ ସଂଘର କାର୍ଯ୍ୟକାରୀ ସଭାପତି କୃଷ୍ଣଚନ୍ଦ୍ର ପଣ୍ଡା, କମଳ ଯୋଷୀ, ଅଭିଜିତ ପ୍ରତିହାର, ଦେବୀ ପଟ୍ଟନାୟକ, ତୁଳସୀ ଚରଣ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଏ ନେଇ ରେଳ କର୍ତ୍ତୃପକ୍ଷଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ସଂଘର ଏକ ପ୍ରତିନିଧି ଦଳ ବୁଧବାର ବରଗଡ଼ ରୋଡ୍ ରେଳ ଷ୍ଟେଶନକୁ ଯାଇ ଷ୍ଟେଶନ ମାଷ୍ଟର ଏନ୍. ମହାରଣାଙ୍କୁ ଭେଟି ଧାରଣା ସମ୍ପର୍କରେ ଅବଗତ କରିଥିଲେ।

# ପାଇକମାଳ ହାଇସ୍କୁଲରେ ପ୍ରଧାନ ଶିକ୍ଷକ ସମ୍ମିଳନୀ

ପାଇକମାଳ,୧୦।୧(ବଡ ଶତପଥୀ)

ବରଗଡ଼ ଜିଲା ପାଇକମାଳ ସରକାରୀ ଉଚ୍ଚବିଦ୍ୟାଳୟରେ ବୁଧବାର ବ୍ଲକସ୍ତରୀୟ ୩ୟ ପର୍ଯ୍ୟାୟ ବିଦ୍ୟାଳୟ ଭିତ୍ତିକ ମାନ ନିର୍ଦ୍ଧାରଣ ପ୍ରଶିକ୍ଷଣ ଶିବିର ଓ ମାଧ୍ୟମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସମ୍ମିଳନୀ ଆରମ୍ଭ ହୋଇଛି। ଏଥିରେ ବିଇଓ ଚୂଡ଼ାମଣି ବାରିକ ଅଧ୍ୟକ୍ଷତା କରିଥିଲେ। ତ୍ରିଦିବସୀୟ ଉକ୍ତ ପ୍ରଶିକ୍ଷଣ ଶିବିରରେ ୧୫ଟି କ୍ଲଷ୍ଟରର ୧୦୫ ଶିକ୍ଷୟିତ୍ରୀ ଶିକ୍ଷକ ଓ ୨୫ ପ୍ରଧାନ ଶିକ୍ଷକ ପ୍ରଶିକ୍ଷଣ ନେଉଛନ୍ତି। ଅତିରିକ୍ତ ତହସିଲଦାର ପ୍ରତାପ ଚନ୍ଦ୍ର ପୁଝାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏବିଇଓ ଧଳେନ୍ଦ୍ର କୁମାର ବାରିକ ପ୍ରଶିକ୍ଷଣର ଆବଶ୍ୟକତା ବିଷୟରେ ବକ୍ତବ୍ୟ ଦେଇଥିଲେ। ପ୍ରଧାନ ଶିକ୍ଷକ ଦ୍ୱାଦଶ କୁମାର ପଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ସାଧନକର୍ମୀ ଡୋଲାମଣି ମାହାର, ବିକାଶ ସ୍ୱାଇଁ, ରଞ୍ଜନ ବାଗ, ବୈଷ୍ଣବ ପଣ୍ଡା, ଚକ୍ରଧର ଅଜଗର, ଲିଙ୍ଗେଶ୍ୱର ମୁଟକିଆ, ରାମନାଥ ବାଗ, ନିରାକାର ପ୍ରଧାନ, ସୁଶାନ୍ତ ବରିହା, ମାଧବ ସାହୁ, ସନ୍ତୋଷ ମେହେର ଓ ଟେକରାଜ ପଟେଲ ପ୍ରମୁଖ ପ୍ରଶିକ୍ଷଣ ପ୍ରଦାନ କରୁଛନ୍ତି। ସୁଶାନ୍ତ କୁମାର ସାହୁ ମଞ୍ଚାସୀନ ଥିଲେ। ତ୍ରିଲୋଚନ ନାଏକ ଶିବିର ପରିଚାଳନା ଓ ବବିତା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ଜଳାଶୟକୁ ପୋତା ନ ଯାଉ

ବରଗଡ଼,୧୦।୧(ପ୍ରେମାନନ୍ଦ ଖମାରୀ)

ବରଗଡ଼ ବ୍ଲକ ଅନ୍ତର୍ଗତ ବୁଦେଲପାଲି ଗ୍ରାମରେ ରହିଥିବା ଏକ ଜଳାଶୟ (ଡୁବୁକିକଟା)କୁ କେତେକ ଲୋକ ମାଟି ପକାଇ ପୋତି ଦେଉଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଗ୍ରାମରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି କ୍ରମରେ ବୁଧବାର ଗ୍ରାମର ଏକ ପ୍ରତିନିଧି ଦଳ ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ଫେରାଦ ହୋଇଥିଲେ। ସେମାନେ ଜିଲାପାଳ ବାନାର୍ଜୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରି ଜଳାଶୟକୁ ପୋତା ନ ଯାଇ ତାର ପୁନରୁଦ୍ଧାର କରିବାକୁ ନିବେଦନ କରିଛନ୍ତି। ପ୍ରକାଶ ଯେ, ଉକ୍ତ ଜଳାଶୟ ୯ଏକର ପରିମିତ ଅଟେ। ଦୀର୍ଘବର୍ଷ ହେଲା, ଜଳାଶୟଟି ରହିଥିବାବେଳେ ବର୍ଷାପାଣି ଏବଂ କେନାଲ ପାଣି ସେଠାରେ ସଂରକ୍ଷିତ ରହେ। ସେହି ପାଣିକୁ ବ୍ୟବହାର କରି


ଜିଲାପାଳଙ୍କୁ ଫେରାଦ ହୋଇଥିବା ଗ୍ରାମବାସୀବୃନ୍ଦ ।

ଅନେକ ସମୟରେ ଅଞ୍ଚଳର ଚାଷୀମାନେ ଚାକାଯରଥ୍ୟ କରି ଆସୁଛନ୍ତି। ତେବେ ଗତ ୬ତାରିଖରୁ କିଛି ଲୋକ ଜେସିବି ଲଗାଇ ଉକ୍ତ ଜଳାଶୟରେ ମାଟି ପକାଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଜଳାଶୟକୁ ପୋତା ନ ଯାଇ ଏହାର ପୁନରୁଦ୍ଧାର କରାଗଲେ ଗ୍ରାମବାସୀ ଚାଷକାର୍ଯ୍ୟ ସହିତ ସ୍ନାନ କରି ଉପକୃତ ହୋଇପାରିବେ ବୋଲି ସ୍ମାରକପତ୍ରରେ ଉଲ୍ଲେଖ ରହିଛି। ରଘୁନାଥ ପ୍ରଧାନ, ମିତ୍ରଭାନୁ ସାହୁ ପ୍ରମୁଖ ସ୍ମାରକପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

### ବୌଦ୍ଧ ସଙ୍କୁଳର ବାର୍ଷିକ କ୍ରୀଡ଼ା ସମାରୋହ

ବାଉଁଶୁଣୀ,୧୦।୧(ଦେବାଶିଷ ନେପାକ)

ବୁଧବାର ଦିନ ସ୍ଥାନୀୟ ଗୋଛାପଡା ହାଇସ୍କୁଲ ଖେଳ ପଡିଆରେ ବୌଦ୍ଧ ସଙ୍କୁଳର ବାର୍ଷିକ କ୍ରୀଡ଼ା ସମାରୋହ ଉଦ୍‌ଘାଟିତ ହୋଇଯାଇଛି । ଏଥିରେ ପରିଷଦର ସଭାପତି ହୃଦୟ ରଞ୍ଜନ ଖମାରୀ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବାଉଁଶୁଣୀ ଥାନା ଅଧିକାରୀ ଅଞ୍ଜଳି ବିଶ୍ୱାଳ ଯୋଗଦେଇ ଶିଶୁମାନେ ଅଧ୍ୟୟନ ସହିତ ଶାରୀରିକ ଶିକ୍ଷା ଗ୍ରହଣର ଉପାଦେୟତା ସମ୍ପର୍କରେ ଆଲୋଚନା କରିଥିଲେ । ସମ୍ମାନିତ ଅତିଥି ଭାବେ ଦଶରଥ ମେହେର, ଧରଣୀଧର ପରିଡ଼ା, ରଞ୍ଜିତା ସାହୁ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବାଉଁଶୁଣୀ ବନାଞ୍ଚଳ ଅଧିକାରୀ (କେନ୍ଦୁପତ୍ର) ଅରୁଣ କୁମାର ପାଣ୍ଡେ ,ସମ୍ମାନିତ ଅତିଥି ଭାବେ ବିଦ୍ୟାଧର ମେହେର ଯୋଗ ଦେଇଥିଲେ। ବୌଦ୍ଧ ସଙ୍କୁଳର ବାର୍ଷିକ କ୍ରୀଡାରେ ଶିଶୁ ବର୍ଗ , ବାଳବର୍ଗ ଓ କିଶୋର ବର୍ଗରେ ମୋଟ ୨୩୦ ଜଣ ଶିଶୁ ଅଂଶଗ୍ରହଣ କରିଥିଲେ। ବୌଦ୍ଧ ସଂକୁଳର କ୍ରୀଡ଼ା ପ୍ରମୁଖ କୁମାର ମେଣ୍ଡିଲିଙ୍କ ତତ୍ତ୍ୱାବଧାନରେ ଶାରୀରିକ ଶିକ୍ଷକ ସୁରେନ୍ଦ୍ର ପ୍ରଧାନ, ହରିହର ହାତୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶେଷରେ ବାଉଁଶୁଣୀ ଶିଶୁ ମନ୍ଦିରର ସମ୍ପାଦକ ସୁନିଲ ବାରିକ ଧନ୍ୟବାଦ ଦେଇଥିଲେ ।

### ବିଭିନ୍ନ କାର୍ଯ୍ୟର ଶିଳାନ୍ୟାସ

ବୌଦ୍ଧ,୧୦।୧(ଅଜିତ କୁମାର ବାରିକ)

ପୂର୍ତ୍ତବିଭାଗ ଓ ଜଳସମ୍ପଦ ବିଭାଗ ଦ୍ୱାରା ଦୁଇଟି ଉନ୍ନୟନ କାର୍ଯ୍ୟର ଶିଳାନ୍ୟାସ କରାଯାଇଛି। ମୁଖ୍ୟଅତିଥି ଭାବେ ଜଙ୍ଗଲ, ପରିବେଶ, ସୂଚନା ଓ ଲୋକସଂପର୍କ ମନ୍ତ୍ରୀ ପ୍ରଦିପ କୁମାର ଅମାତ ଯୋଗଦେଇ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ବୁଟୁପାଲି-ବଘିଆପଡା ରାସ୍ତାର ପନଖିମାଳଠାରେ ସାଲୁଙ୍କୁ କେନାଲ ଉପରେ ଏକ ସୁଉଚ୍ଚ ସେତୁ ନିର୍ମାଣ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରିଥିବା ବେଳେ ସାଲୁଙ୍କି ଦକ୍ଷିଣ ମୁଖ୍ୟକେନାଲ ରାସ୍ତାର ଉନ୍ନତୀକରଣ କାର୍ଯ୍ୟର ଶିଳାନ୍ୟାସ କରିଛନ୍ତି । କାର୍ଯ୍ୟକ୍ରମରେ ଧୂରିଣ କୁମାର ଦେହୁରୀ, ଅରୁଣ ପ୍ରଧାନ, ଶିତାଂଶୁ ମହାକୁଳ, ହରିହର ମିଶ୍ରଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ସଡ଼କ ସୁରକ୍ଷା ପଦଯାତ୍ରାରେ ଜନସଚେତନତା



ସଡ଼କ ସୁରକ୍ଷା କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର ଏବଂ ଶିକ୍ଷୟିତ୍ରୀ ଶିକ୍ଷକ।

ବରପାଲି,୧୦।୧(ଚିତ୍ତରଞ୍ଜନ ସାହୁ)

ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ ବରଗଡ ଜିଲା ବରପାଲି ଲିଟିଲ ଏଞ୍ଜେଲ୍‌ସ ପବ୍ଲିକ ସ୍କୁଲ ପରିସରରେ ଏକ ସଚେତନତା ସଭା ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅତିଥି ବକ୍ତା ଭାବେ ଏ. ଇ. ମିଶନ ସ୍କୁଲ ବରଗଡ଼ର ସଭାପତି ଯଶବୀର ସିଂହ ଯୋଗଦେଇ କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ କରିଥିଲେ। ପରିଚାଳନା ନିର୍ଦ୍ଦେଶିକା ସୁନୀତା ମୁଣ୍ଡଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ବିଦ୍ୟାଳୟର ଅଧ୍ୟକ୍ଷା ମଧୁସ୍ମିତା ମୁଣ୍ଡ, ପ୍ରଶାସନିକ ଅଧିକାରୀ ମୀନତି ପ୍ରଧାନ ଓ ଉପାଧ୍ୟକ୍ଷ ସୁଶୀଲ କୁମାର ରଥ ମଞ୍ଚାସୀନ ଥିଲେ। ଛାତ୍ର ସାହିଲ ଦାଶ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅତିଥି ବକ୍ତା ସଡ଼କ ନିରାପତ୍ତା ଓ ଜନସଚେତନତା ସମ୍ପର୍କରେ ଛାତ୍ରୀଛାତ୍ରୀଙ୍କୁ ବୁଝାଇଥିଲେ। ଛାତ୍ରୀ ଶ୍ରେୟାଂଶୀ ଦାଶ ସଡ଼କ ସୁରକ୍ଷା ଉପରେ କବିତା ଆବୃତ୍ତି କରିଥିଲେ। ଛାତ୍ର ସିଦ୍ଧାର୍ଥ ମେହେରଙ୍କ ସହାୟତାରେ ଏକ ସଡ଼କ ସୁରକ୍ଷା କୁଇଜ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଛାତ୍ରୀ ଓପାଲି ଅପରାଜିତା ନାଗ ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ସଡ଼କ ସୁରକ୍ଷା ପଦଯାତ୍ରା କରି ଜନସଚେତନତା ସୃଷ୍ଟି କରାଯାଇଥିଲା।

# ମୁକ୍ତ ଆଇନ ସେବାକୁ ଗୁରୁତ୍ୱ



କାର୍ଯ୍ୟକ୍ରମରେ ଉପସ୍ଥିତ ଆଲୋଚକ ।

ବରଗଡ଼,୧୦।୧(ପ୍ରେମାନନ୍ଦ ଖମାରୀ)

ବରଗଡ଼ ବିକାଶ ଲ ସ୍କୁଲ ଏବଂ ଜିଲା ଆଇନ ସେବା ପ୍ରାଧିକରଣ ସଂସ୍ଥା ଆନୁକୂଲ୍ୟରେ ବୁଧବାର ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ବିକାଶ ଲ ସ୍କୁଲରେ ମୁକ୍ତ ଆଇନ ସେବା ଶୀର୍ଷକରେ ଅନୁଷ୍ଠିତ ଶିବିରରେ ଅନୁଷ୍ଠାନର ଅଧ୍ୟକ୍ଷ ବିକ୍ରମ କୁମାର ଦାସ ଅଧ୍ୟକ୍ଷତା କରିଥିଲେ। ସଂଯୋଜକ ଅଧ୍ୟାପକ ଶିବାନନ୍ଦ ସାହୁ ଶିବିର ପରିଚାଳନା କରିଥିଲେ। ଶିବିରରେ ଅଧ୍ୟକ୍ଷ ପ୍ରଫେସର ଦାସପ୍ରାରମ୍ଭିକ ଭାଷଣ ପ୍ରଦାନ ସହିତ ଆଇନ ସଚେତନତାର ଆବଶ୍ୟକତା ଓ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଜିଲା ଆଇନ ସେବା ପ୍ରାଧିକରଣ ସଂସ୍ଥାର ସମ୍ପାଦକ କମଳାକାନ୍ତ ରାଉତ ମୁଖ୍ୟବକ୍ତା ଭାବେ ଯୋଗଦେଇ ମୁକ୍ତ ଆଇନ ସେବା ଉପରେ ଆଲୋଚନା କରିଥିଲେ। ଅଧ୍ୟାପକ ପ୍ରତାପ କୁମାର ସାହୁ ଟ୍ରେଡିଂ କ୍ରାଇମ୍ ଉପରେ ଆଲୋକପାତ କରିଥିଲେ। ବିକାଶ ଗ୍ରୁପ୍‌ର ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଡି. ନାଗେଶ୍ୱର ରାଓ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ଆଡ଼ଭୋକେଟ୍ କିରଣ କୁମାର ମିଶ୍ର, ଦେବାଶିଷ ମିଶ୍ର, ଡିଏସ୍‌ପି ନିବେଦିତା ସୋରେନ, ଅଧ୍ୟାପକ ଅଭିନନ୍ଦନ ଖୁଣ୍ଟିଆ, ପ୍ରତାପ କୁମାର ସାହୁ, ଅଧ୍ୟାପିକା ରୋଜି ମେହେର, ସ୍ୱାଗତିକା ସାହୁ, ସୁଶୋଭିତା ଦାଶ, ସାଗରିକା ବିଶ୍ୱାଳ ଏବଂ ବିକାଶ ଲ ସ୍କୁଲର ଛାତ୍ରୀଛାତ୍ର ଉପସ୍ଥିତ ଥିଲେ ।

# ସୁବଳ ସାହୁ ଫୁଟ୍‌ବଲ: ବି. ଏମ୍. ପୁର ବିଜୟୀ



କୃତୀ ଖେଳାଳିଙ୍କୁ ସମ୍ମାନିତ କରାଯାଉଛି।

ବରପାଲି,୧୦।୧(ଚିତ୍ତରଞ୍ଜନ ସାହୁ)

ବରଗଡ ଜିଲା ବରପାଲି କ୍ରୀଡା ସଂସଦ ପକ୍ଷରୁ ଚାଲିଥିବା ତୃତୀୟ ସୁବଳ ସାହୁ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟର ବୁଧବାର ପଞ୍ଚମ ଦିବସରେ ବି. ଏମ୍. ପୁର ଓ ଡେରାଡୁନ ମଧ୍ୟରେ ମ୍ୟାଚ୍ ହୋଇଥିଲା। ମ୍ୟାଚ୍‌ରେ ନିର୍ଦ୍ଧାରିତ ସମୟ ମଧ୍ୟରେ ବି. ଏମ୍. ପୁର ଦଳ ୪-୦ ଗୋଲ ସ୍କୋର କରି ଡେରାଡୁନ ଦଳକୁ ପରାସ୍ତ କରି ବିଜୟୀ ହୋଇଥିଲା। ପୂର୍ବତନ ସାଂସଦ ପ୍ରସନ୍ନ ଆଚାର୍ଯ୍ୟ, ବରଗଡ ଜିଲାପାଳ ମୋନିଷା ବାନାର୍ଜୀ, ମଧୁ ପଧାନ ପ୍ରମୁଖ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ବରପାଲିର ପୂର୍ବତନ ଫୁଟବଲ ଖେଳାଳି ବିଜୟ ସାହୁଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ସମ୍ପାଦକ ସୌରଭ ସାହୁ, ମନ୍ତ୍ରୀ ପ୍ରତିନିଧି ଟିକାୟତ ମହନ୍ତମ, ଉପଗୁପ୍ତ ତ୍ରିପାଠୀ, ସତ୍ୟ ପଧାନ, ସରୋଜ ତ୍ରିପାଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସରିଲା ହସ୍ତତନ୍ତ କର୍ମଶାଳା

ବରଗଡ଼,୧୦।୧(ପ୍ରେମାନନ୍ଦ ଖମାରୀ)

ବରଗଡ଼ସ୍ଥିତ ଭାରତୀୟ ହସ୍ତତନ୍ତ ପ୍ରାଦ୍ୟୋଗିକ ସଂସ୍ଥା(ଆଇଆଇଏଚ୍‌ଟି) ପରିସରରେ ଚାଲିଥିବା ଭାରତରେ ସୂତା ଓ କପଡ଼ା ଉପରେ ବିଭିନ୍ନ ପ୍ରକାର ବାନ୍ଧ ତଥା ରଙ୍ଗ ବ୍ୟବହାର ଶୈଳୀର ସାମାଜିକ ପ୍ରାସଙ୍ଗିକତା ଶୀର୍ଷକ ୩ଦିନିଆ କର୍ମଶାଳା ବୁଧବାର ଉଦ୍‌ଯାପିତ ହୋଇଛି। ଉକ୍ତ କର୍ମଶାଳାରେ ଜିଲାର ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ, ବୁଣାକାର, ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଯୋଧପୁର ଆଇଆଇଏଚ୍‌ଟିରୁ ଆସିଥିବା ବିନୋଦ କୁମାର ବ୍ୟାସ, ମହମ୍ମଦ ୟୁନସ୍, ମହମ୍ମଦ ମୋଇଉଦ୍ଦିନ କର୍ମଶାଳା ପରିଚାଳନା କରିଥିଲେ। ଆଇଆଇଏଚ୍‌ଟିର ଭାରପ୍ରାପ୍ତ ନିର୍ଦ୍ଦେଶକ ଏମ୍. ଆନନ୍ଦନ, ଦିଲୀପ ମେହେର, ଅରବିନ୍ଦ କୁମାର, ଦୀପକ ଦୁବେ, ଦେବେନ୍ଦ୍ର ଯାଦବ, ସତୀଶ କୁମାର, ଜୟକାନ୍ତ ନିର୍ଲା, ବିକ୍ରମ ଘଡ଼େଇ ପ୍ରମୁଖ ଉପସ୍ଥିତ ଥିଲେ । କର୍ମଶାଳାରେ ଯୋଗ ଦେଇଥିବା ଅଂଶଗ୍ରହଣକାରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।


କର୍ମଶାଳାରେ ଯୋଗଦେଇଥିବା ଅଂଶଗ୍ରହଣକାରୀ ଏବଂ ଆୟୋଜକବୃନ୍ଦ ।

# କ୍ଷତିପୂରଣ ନ ମିଳିଲେ ଆନ୍ଦୋଳନ

**କ୍ଷୟକ୍ଷତି ଆକଳନକୁ ନେଇ ଆଶଙ୍କାରେ ଚାଷୀ**

ବରଗଡ଼,୧୦।୧(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲାରେ ଗତବର୍ଷ ଡିସେମ୍ବର ୫ରୁ ୭ତାରିଖ ପର୍ଯ୍ୟନ୍ତ ଅଦିନିଆଁ ଝଡ଼ବର୍ଷା ହୋଇଥିଲା। ଚାଷୀଙ୍କ ଧାନ ଅମଳ ସମୟରେ ହୋଇଥିବା ଝଡ଼ବର୍ଷା ଯୋଗୁ ବ୍ୟାପକ ଫସଲକ୍ଷତି ହୋଇଥିଲା। ତେବେ କ୍ଷୟକ୍ଷତି ଆକଳନକୁ ନେଇ ଚାଷୀମାନେ ଆଶଙ୍କାରେ ରହିଛନ୍ତି । ବ୍ୟାପକ ଫସଲକ୍ଷତି ହୋଇଥିବାବେଳେ ତାକୁ ସରକାରୀ ଭାବେ ଯଥେଷ୍ଟ କମ୍ ଦର୍ଶାଯାଇଥିବା ସେମାନେ ଅଭିଯୋଗ କରିଛନ୍ତି। ଏଭଳି ଅଭିଯୋଗ ନେଇ ବୁଧବାର ବରଗଡ଼ ବ୍ଲକ ଅନ୍ତର୍ଗତ ଖୁଣ୍ଟପାଲି ପଞ୍ଚାୟତର କ୍ଷତିଗ୍ରସ୍ତ ଚାଷୀମାନେ ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ଫେରାଦ ହୋଇଥିଲେ। ଜିଲାପାଳ ବାନାର୍ଜୀଙ୍କ


ଜିଲାପାଳଙ୍କୁ ଫେରାଦ ହୋଇଥିବା ଚାଷୀ ପ୍ରତିନିଧିବୃନ୍ଦ ।

ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ଲଲାଟ କୁମାର ଲୁହାଙ୍କୁ ସେମାନେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଇନପୁଟ ସବ୍‌ସିଡ଼ି ଏବଂ ବୀମା କ୍ଷତିପୂରଣ ନ ମିଳିଲେ ସେମାନେ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ବାଧ୍ୟ ହେବେ ବୋଲି ସ୍ମାରକପତ୍ରରେ ଚେତାବନୀ ଦେଇଛନ୍ତି।

ସେହିପରି ଫସଲକ୍ଷତି ସମୟରେ ରାଜସ୍ୱ ନିରୀକ୍ଷକ, ତହସିଲଦାର କ୍ଷତିଗ୍ରସ୍ତ ଅଞ୍ଚଳ ବୁଲି ରିପୋର୍ଟ ପ୍ରସ୍ତୁତ କରିଥିଲେ। ସେତେବେଳେ ଜିଲାରେ ୪୧ହଜାର ହେକ୍ଟର ଧାନ ଫସଲ ପ୍ରଭାବିତ ହୋଇଥିବା ରିପୋର୍ଟ ଦିଆଯାଇଥିଲା। ମାତ୍ର ପରବର୍ତ୍ତୀ ସମୟରେ ଜିଲାରେ ମାତ୍ର ୪୦୦ ହେକ୍ଟର ଫସଲକ୍ଷତି ହୋଇଥିବା ଦର୍ଶାଯାଇଛି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ଏହାକୁ ନେଇ ସମସ୍ତ କ୍ଷତିଗ୍ରସ୍ତ ଚାଷୀ କ୍ଷତିପୂରଣ ପାଇବା ନେଇ ଆଶଙ୍କାରେ ରହିଛନ୍ତି । ରମେଶ ମହାପାତ୍ର, ବବ୍ରୁବାହନ ସାହୁ, ନିରଞ୍ଜନ ପ୍ରଧାନ ପ୍ରମୁଖ ସ୍ମାରକପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ ।

## ସଂକ୍ଷେପରେ

### ରାଉରକେଲା ବନ ବିଭାଗର ପକ୍ଷୀ ଗଣନା ଆରମ୍ଭ

ରାଉରକେଲା,୧୦।୧(ସଙ୍ଗୀତା ଜେନା): ସୁନ୍ଦରଗଡ଼ ଜିଲାରେ ଥିବା ବିଭିନ୍ନ ନଦୀଉତ୍ସ ଓ ଜଳାଶୟଗୁଡ଼ିକରେ ବିଦେଶୀ ପକ୍ଷୀଙ୍କ ଗଣନା ଆରମ୍ଭ କରାଯାଇଛି। ଏହି କ୍ରମରେ ରାଉରକେଲା ବନ ବିଭାଗ ଅନ୍ତର୍ଗତ ବାଙ୍କୀ ରେଞ୍ଜ୍, ରାଜଗାଙ୍ଗପୁର, ପାନପୋଷ ରେଞ୍ଜ୍‌ରେ ଥିବା ଜଳାଶୟଗୁଡ଼ିକରେ ପକ୍ଷୀ ଗଣନା କରାଯାଇଛି। ମନ୍ଦିରା ଡ୍ୟାମ, ବ୍ରାହ୍ମଣୀ ଓ ଅନ୍ୟ ଜଳାଶୟରେ ପକ୍ଷୀଙ୍କୁ ଚିହ୍ନଟ ଓ ଗଣନା ପାଇଁ ରେଞ୍ଜର, ଫରେଷ୍ଟ ଗାର୍ଡମାନଙ୍କ ସହ ସ୍ୱତନ୍ତ୍ର ଟିମ୍‌କୁ ନିୟୋଜିତ କରାଯାଇଥିବା ସୂଚନା ମିଳିଛି। ଗଣନା ପରେ ପରିସଂଖ୍ୟାନ ପ୍ରକାଶ କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

### ମହିଳାଙ୍କୁ ଆକ୍ରମଣ, ଥାନାରେ ମାମଲା

ରାଉରକେଲା, ୧୦।୧(ସଙ୍ଗୀତା ଜେନା): ପ୍ଲାଣ୍ଟସାଇଟ୍ ଥାନା ଅନ୍ତର୍ଗତ ଗୋପବନ୍ଧୁପାଲି ଅଞ୍ଚଳରେ ବୁଧବାର ଜଣେ ମହିଳା ଫିରୋଜା ବିବି(୩୫)ଙ୍କୁ ଲୁହାଛଡ଼ରେ ଆକ୍ରମଣ ହୋଇଛି। ଆକ୍ରମଣ ବେଳେ ମୁଣ୍ଡରେ ଆଘାତ ଲାଗିବାରୁ ଗୁରୁତର ଅବସ୍ଥାରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏ ନେଇ ପ୍ଲାଣ୍ଟସାଇଟ୍ ଥାନା ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି।

### ବାଲସୁଧାର ଗୃହରେ ପ୍ରଶିକ୍ଷଣ କର୍ମଶାଳା



ରାଉରକେଲା,୧୦।୧(ସଙ୍ଗୀତା ଜେନା): ରାଉରକେଲା ପ୍ରଧାନପାଲି ସ୍ଥିତ ବାଲ୍‌ସୁଧାର ଗୃହରେ ସୁନ୍ଦରଗଡ଼ ଜିଲା ଶିଶୁ ସୁରକ୍ଷା ୟୁନିଟ୍ ପକ୍ଷରୁ ଦ୍ୱିଦିବସୀୟ କ୍ୟାରିୟର କାଉନସେଲିଂ ପ୍ରଶିକ୍ଷଣ କର୍ମଶାଳା ବୁଧବାର ସମ୍ପନ୍ନ ହୋଇଛି। ଏଥିରେ ଅତିଥି ଭାବେ ଜନଶିକ୍ଷଣ ସଂସ୍ଥାନ ନିର୍ଦ୍ଦେଶକ ସୁଜିତ୍ ମିଶ୍ର, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀବନ୍ତ ଜେନା, ବକ୍ତା ଭାବେ ସାମାଜିକ କର୍ମୀ ପରଭେଜ୍ ଅରୋରା, କ୍ୟାରିୟର କାଉନ୍‌ସେଲର ଡି. ପରିଡ଼ା, ସୁପରିଣ୍ଟେଣ୍ଡେଣ୍ଟ ଜୀବନସିଂହ ମୁଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। ଜାଣତରେ ଅବା ଅଜାଣତରେ ଅନ୍ତେବାସୀମାନେ କିଛି ଅପରାଧମୂଳକ କାର୍ଯ୍ୟରେ ଜଡ଼ିତ ହୋଇଛନ୍ତି। ଜୀବନ ଏକ ନଦୀ ସ୍ୱରୂପ। ଭୁଲକୁ ସୁଧାରି ଆଗକୁ ବଢ଼ିବା ହିଁ ମାନବର କର୍ତ୍ତବ୍ୟ। ଶିକ୍ଷା ହିଁ ଏକମାତ୍ର ନୌକା, ଯେଉଁଥିରେ ସବାର ହୋଇ ସଫଳତା ଓ ଭଲ ମଣିଷ ନିର୍ମାଣ ହୋଇପାରିବ ବୋଲି ଅତିଥିମାନେ ମତ ଦେଇଥିଲେ। ସେହିପରି ସରକାରୀ ସ୍ତରରେ ବିଭିନ୍ନ ପାଠ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଥିଲା। ନିଜର ରୁଚି ଅନୁଯାୟୀ ପାଠ୍ୟକ୍ରମ ଗ୍ରହଣ କରି ଶିକ୍ଷା ସମ୍ପନ୍ନ କରାଯାଇପାରେ ବୋଲି ମତପ୍ରକାଶ ପାଇଥଲା। ଏଥିରେ ୮୦ଜଣ ଅନ୍ତେବାସୀ ଅଂଶଗ୍ରହଣ କରିଥିଲେ। ସୂଚନାଯୋଗ୍ୟ, ଏହି ପ୍ରଶିକ୍ଷଣ କର୍ମଶାଳା ମଙ୍ଗଳବାର ଆରମ୍ଭ ହୋଇଥିଲା। କାଉନସେଲର ପ୍ରକାଶ ତ୍ରିପାଠୀ ଓ ପ୍ରକାଶ ଧୂପାଳଙ୍କ ସମେତ ୪ ଜଣ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।

# ପ୍ରଦୂଷିତ ହେଉଛି ପ୍ରାକୃତିକ ଜଳଉତ୍ସ

ରାଉରକେଲା,୧୦।୧(ସଙ୍ଗୀତା ଜେନା)





ପିକ୍‌ନିକ୍ ପରେ ନଦୀକୂଳରେ ଅଳିଆ ପଡିରହିଛି। ଗ୍ରାମବାସୀ ବଣଭୋଜିକୁ ବାରଣ କରି ରାସ୍ତାରେ ତାରବାଡ଼ ଦେଇଛନ୍ତି।

ଶୀତଋତୁରେ ଲୋକମାନେ ବଣଭୋଜି ବା ପିକ୍‌ନିକ୍ କରିବା ପାଇଁ ବଣଜଙ୍ଗଲ, ପାହାଡ଼, ନଦୀକୂଳ ଆଦି ପ୍ରାକୃତିକ ପରିବେଶକୁ ଯାଇଥାନ୍ତି। ପିକ୍‌ନିକ୍ ଶେଷ ହେବା ପରେ ସେମାନେ ପ୍ରକୃତିକୁ ଉପହାର ସ୍ୱରୂପ କୁଢ଼ କୁଢ଼ ଆବର୍ଜନା ଦେଇ ଆସିଥାନ୍ତି। ଏପରି ଭାବେ ଟନ୍ ଟନ୍ ପ୍ଲାଷ୍ଟିକ ପେପର ପ୍ଲେଟ, ଗ୍ଲାସ, ପଲିଥିନ୍, ମଦ ବୋତଲ ଦୀର୍ଘ ଦିନ ଧରି ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହି ସ୍ଥାନୀୟ ପରିବେଶକୁ ପ୍ରଦୂଷିତ କରିଥାଏ। ବର୍ଷା ହେଲେ ସେଗୁଡ଼ିକ ଜଳସ୍ରୋତରେ ନଦୀ, ନାଳରେ ମିଶି ପ୍ରଦୂଷଣ କରିଥାଏ। ଏଭଳି ସ୍ଥିତି ଦେଖିବାକୁ ମିଳିଛି ରାଉରକେଲା ନିକଟରେ ପ୍ରବାହିତ କୋଏଲ ଏବଂ ତାର ଶାଖା ନଦୀ ଦେଓ ଓ ବ୍ରାହ୍ମଣୀ କ୍ଷେତ୍ରରେ। ଫଳରେ ନଦୀକୂଳ ଗ୍ରାମବାସୀ ଗତ ୧ତାରିଖରୁ ନଦୀକୂଳରେ ପିକ୍‌ନିକ୍‌କୁ ବାରଣ କରି ରାସ୍ତାରେ ତାରବାଡ ଘେରାଇଥିବା ଦେଖିବାକୁ ମିଳିଛି।

ସୂଚନା ଅନୁସାରେ, କୋଏଲ, ଦେଓ ଏବଂ ବ୍ରାହ୍ମଣୀ ନଦୀ କୂଳରେ ପ୍ରାୟ ୨୫ରୁ ଉର୍ଦ୍ଧ୍ୱ ଘାଟ ରହିଛି। ଏହି ଘାଟଗୁଡିକରେ ପ୍ରାକୃତିକ ଶୋଭାରାଜିରେ ପରିପୂର୍ଣ୍ଣ ମନୋରମ ସ୍ଥାନ ରହିଛି। ଏଠାକୁ ରାଉରକେଲା ସମେତ ଜିଲାର ବିଭିନ୍ନ ସ୍ଥାନରୁ ହଜାର ହଜାର ଲୋକ ପିକ୍‌ନିକ୍ କରିବାକୁ ଆସିଥାନ୍ତି। ପିକ୍‌ନିକ୍ ସରିବା ପରେ ଉକ୍ତ ସ୍ଥାନଗୁଡ଼ିକ ପ୍ରଦୂଷିତ ହୋଇ ପଡୁଥିବାରୁ ଚଳିତ ବର୍ଷ ସ୍ଥାନୀୟ ଗ୍ରାମବାସୀ ଏଥିରେ ଅତିଷ୍ଠ ହୋଇପଡିଛନ୍ତି। ଫଳସ୍ୱରୂପ କୋଏଲ ନଦୀ କୂଳ ତେତରକେଲା ଓ ଦେଓ ନଦୀ କୂଳରେ ଥିବା ମିଟକୁନ୍ଦରୀ, ଖୁଣ୍ଟଗାଁ ସମେତ ୨୦ଟି ଗ୍ରାମର ବାସିନ୍ଦା ଚଳିତ ବର୍ଷ ପିକ୍‌ନିକ୍ ପାର୍ଟିକୁ ସେଠାକୁ ବାରଣ କରିଛନ୍ତି। ସେମାନେ ରାସ୍ତାରେ ତାରବାଡ଼ ଦେଇ ପିକ୍‌ନିକ୍ କରିବାକୁ ଆସୁଥିବା ଲୋକମାନଙ୍କୁ ଫେରିଯିବାକୁ ପରାମର୍ଶ ଦେଉଛନ୍ତି। ପିକ୍‌ନିକ୍ ସ୍ଥଳରେ ପଶୁପକ୍ଷୀ ପରିତ୍ୟକ୍ତ ଖାଦ୍ୟ ଖାଇ ରୋଗଗ୍ରସ୍ତ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଝାରବେଡ଼ା, କଟାରୁ, ଲହଣ୍ଡା ଓ ଅନ୍ୟ ଗ୍ରାମଗୁଡ଼ିକ ମଧ୍ୟ ଏହାଦ୍ୱାରା ପ୍ରଭାବିତ ହେଉଥିବା ଅଭିଯୋଗ ହୋଇଛି।

**ପିକ୍‌ନିକ୍‌କୁ ବାରଣ କରି ରାସ୍ତାରେ ତାରବାଡ଼**

ଏ ସମ୍ପର୍କରେ ଝାରବେଡା ନିବାସୀ ଇରଫେମ୍ ଲାକ୍ରା କୁହନ୍ତି, ଦୂରଦୂରାନ୍ତରୁ ଲୋକମାନେ ଏଠାକୁ ବଣଭୋଜି କରିବାକୁ ଆସି ନିଶାଗ୍ରସ୍ତ ହୋଇ ଗଣ୍ଡଗୋଳ କରୁଛନ୍ତି। ପରିତ୍ୟକ୍ତ ଅବସ୍ଥାରେ ଖାଦ୍ୟପାନୀୟ ଓ ଆବର୍ଜନା ଛାଡି ଚାଲିଯାଉଛନ୍ତି। ଏହାଦ୍ୱାରା ଚାଷଜମିରେ ମଦ ବୋତଲ ଯୋଗୁ ପ୍ରାଣୀଙ୍କ ଗୋଡରେ ପଶୁଛି। ପଲିଥିନ୍ ଯୋଗୁ ଚାଷ କରିବାରେ ପ୍ରତିବନ୍ଧକ ସୃଷ୍ଟି ହୋଉଛି। ତେଣୁ ତାରବାଡ଼ ବାନ୍ଧି ପିକନିକ୍‌କୁ ବାରଣ କରାଯାଉଛି ବୋଲି ଲାକ୍ରା କହିଥିଲେ। ସେହିପରି ଲହଣ୍ଡାର ମାଙ୍ଗା ଓରାମ କହିଛନ୍ତି, ଆମ ଅଞ୍ଚଳରେ ଲୋକେ ପିକନିକ୍ କରୁଛନ୍ତି। ଏଠାରେ ରୋଷେଇ ପାଇଁ ଚୁଲା ଆଦି ଖୋଳିବା ସହ ପ୍ରଦୂଷଣ କରୁଛନ୍ତି। ସେଥିପାଇଁ ଏଥର ଚାଷକାର୍ଯ୍ୟ ହୋଇନାହିଁ। ନଦୀରେ ମଦ ବୋତଲ ଓ ପଲିଥିନ୍ ଭାସୁଛି। ରବିବାର ଗହଳି ହେଉଥିବାରୁ ରାସ୍ତାରେ ତାରବାଡ ଦିଆଯାଉଛି ବୋଲି ଓରାମ କହିଥିଲେ।

ସେହିପରି ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଉପପରିବେଶ ଯନ୍ତ୍ରୀ ବିଜୟ ଭୋଇ କହିଥିଲେ, ଭୋଜିଭାତ ଯୋଗୁ ନଦୀ ଉତ୍ସରେ ପ୍ରଦୂଷଣ ବୃଦ୍ଧି ପାଇଛି। ଲୋକଙ୍କ ମଧ୍ୟରେ ସଚେତନତା ଅଭାବ ମୁଣ୍ଡବ୍ୟଥାର କାରଣ ହୋଇଛି। ସଚେତନତା ସହ ନଦୀ ଅବବାହିକା ଓ କୂଳ ସଫେଇ ଦାୟିତ୍ୱ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକୁ ପ୍ରଦାନ କରାଯିବ। ଏହାସହ ସଚେତନତା ପାଇଁ ବିଭାଗ ପକ୍ଷରୁ ଡିଏଫ୍‌ଓଙ୍କୁ ମଧ୍ୟ ନିର୍ଦ୍ଦେଶନାମା ଜାରି କରାଯିବ। ଏହାବ୍ୟତୀତ ବୋର୍ଡ ପକ୍ଷରୁ ବିଭିନ୍ନ ସମୟରେ ସଚେତନତାମୂଳକ କାର୍ଯ୍ୟକ୍ରମ କରାଯାଉଛି। କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେଉ ନ ଥିବାରୁ ନଦୀ କୂଳ ପରିବେଶ ନଷ୍ଟ ହେଉଛି। ପ୍ରତେକ ଲୋକ ଏଥିପାଇଁ ସଜାଗ ହେବା ଉଚିତ ବୋଲି ଭୋଇ କହିଥିଲେ। ସୂଚନାଯୋଗ୍ୟ, ଝାଡଖଣ୍ଡରୁ ପ୍ରବାହିତ କୋଏଲ ଓ ଦେଓ ନଦୀ ସହ ଶଙ୍ଖ ନଦୀ ମିଶିବା ପରେ ବ୍ରାହ୍ମଣୀରେ ପରିଣତ ହୋଇଛି। ରାଉରକେଲା ସହରକୁ ଉକ୍ତ ନଦୀଗୁଡ଼ିକରୁ ଜଳଯୋଗାଣ କରାଯାଇଥାଏ। ପ୍ରଦୂଷଣ ଯୋଗୁ ପାନୀୟଜଳ ସ୍ୱଚ୍ଛ କରିବାକୁ ଅଧିକ ଚାପ ପଡୁଛି ବୋଲି ଜଣାପଡ଼ିଛି।

### ଶୀତକାଳୀନ ଶିବିର, ଯୁବବର୍ଗ ଶିଖିଲେ ଦାୟିତ୍ୱବୋଧ

ରାଉରକେଲା,୧୦।୧(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ଛେଣ୍ଡ ସ୍ଥିତ ହୃଷୀକେଶ ରାୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜାତୀୟ ସେବା ସଂସ୍ଥା ବାଳକ ବିଭାଗ ତରଫରୁ ସପ୍ତଦିବସୀୟ ଶୀତକାଳୀନ ସ୍ୱତନ୍ତ୍ର ଶିବିର ଧାମରା ବସ୍ତିରେ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଯୁବବର୍ଗଙ୍କ ଅସଲ ଦାୟିତ୍ୱବୋଧ ଉପରେ ଆଲୋଚନା କରାଯାଇଥିଲା। ଏହି ଉପଲକ୍ଷେ ସଫେଇ କାର୍ଯ୍ୟକ୍ରମ, କଲେରା ସଚେତନତା ରାଲି ଓ ସଭା ସହ ନିଶା ନିବାରଣ ରାଲି ଏବଂ ସାକ୍ଷରତା ସର୍ଭେ ଆଦି କାର୍ଯ୍ୟକ୍ରମ ମାନ ହୋଇଥିଲା। ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମିଂ ଅଫିସର ଅଧ୍ୟାପକ ହରିଶ ଚନ୍ଦ୍ର ମିଶ୍ର, ରଣଜିତ ପ୍ରସାଦ ପଲାଇ, ସୁଧାଂଶୁ ଶେଖର ସାମଲ ସହଯୋଗ କରିଥିଲେ। ଜିଲା ସ୍ୱାସ୍ଥ୍ୟ ବିଭାଗର ସମ୍ପୃକ୍ତ ପ୍ରଭାରୀ ମହେନ୍ଦ୍ର ବାଗ ଓ ତିରୋମଣି ପ୍ରଧାନ ରାଉରକେଲାରେ ବ୍ୟାପୁଥିବା କଲେରା ନିବାରଣ ପାଇଁ ଜନ ସଚେତନତା ସଭା ଏବଂ ରାଲିର ସହଯୋଗୀ ରହିଥିଲେ। ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଭବେଶ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରର ବିଭିନ୍ନ ଦିବସରେ ଅତିଥି ଭାବେ ବିଜୟ କୁମାର ବରାଳ, ସତ୍ୟାନନ୍ଦ ବେହେରା, ଅଧ୍ୟାପକ ଚନ୍ଦ୍ରଧ୍ୱଜ ମାଝୀ ପ୍ରମୁଖ ଯୋଗଦେଇ ପିଲାମାନଙ୍କ ଶୀତୁଆ ସକାଳର ଉପକାରିତା ଓ ସମାଜ ପ୍ରତି ଯୁବବର୍ଗଙ୍କ ଦାୟିତ୍ୱବୋଧ ଉପରେ ଆଲୋଚନା କରିଥିଲେ। ୨୫ଜଣ ଛାତ୍ରଙ୍କ ସମେତ ହରିଶ ଚନ୍ଦ୍ର ମିଶ୍ର ଶିବିର ପରିଚାଳନା ଓ ସଂଯୋଜନା କରିଥିଲେ।

## ରାଉରକେଲାରୁ ଭୁବନେଶ୍ୱରକୁ ଗୁଲ୍‌ଟି ବସ୍‌ସେବା ଆରମ୍ଭ

ରାଉରକେଲା,୧୦।୧(ଦିନେଶ ମିଶ୍ର)



ରାଉରକେଲାରୁ ଭୁବନେଶ୍ୱରକୁ ବସ୍‌ସେବା ଆରମ୍ଭ କରାଯାଉଛି।

ରାଉରକେଲାରୁ ଭୁବନେଶ୍ୱରକୁ ମଙ୍ଗଳବାର ରାତିରେ ଗୁଲ୍‌ଟି ନାମକ ଏକ ବସ୍‌ସେବା ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ପ୍ରଶାନ୍ତ ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯାତ୍ରୀମାନଙ୍କ ଶୁଭକାମନା କରିଥିଲେ। ଏହି ଲକ୍‌ଜୁରୀ ବସ୍‌ରେ ଯାତ୍ରୀମାନଙ୍କ ପାଇଁ ପ୍ରତିଦିନ ମାଗଣା ପାଣିବୋତଲ ସାଙ୍ଗକୁ ୱାଇଫାଇ କନେକ୍ଟର ଓ ମୋବାଇଲ ଚାର୍ଜିଂ ପଏଣ୍ଟ ବ୍ୟବସ୍ଥା ରହିଛି। ଏହି ଯାତ୍ରୀବାହୀ ବସ୍ ୯ଟା ୨୦ରେ ମିନିଟ୍‌ରେ ରାଉରକେଲା ସେକ୍ଟର-୨ ବସ୍‌ଷ୍ଟାଣ୍ଡରୁ ଯାତ୍ରା ଆରମ୍ଭ କରି ଆମ୍ବାଗାନ, ଛେଣ୍ଡ, ଡିଏଭି, ଉଦିତନଗର, ଏସ୍‌ଟିଆଇ, ପାନପୋଷ ଓ ଫର୍ଟିଲାଇଜର ଅଞ୍ଚଳରୁ ଯାତ୍ରୀ ନେଇ ଏନ୍‌ଏଚ୍-୧୪୩ରେ ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିବ। ପୁଣି ଭୁବନେଶ୍ୱରରୁ ରାତି ସାଢେ ୯ଟାରେ ଯାତ୍ରୀ ଧରି ପ୍ରତିଦିନ ରାଉରକେଲାକୁ ଫେରିବ ବୋଲି ବସ୍ ମାଲିକ ମନୋଜ କୁମାର ମହାପାତ୍ର ସୂଚନା ଦେଇଛନ୍ତି। ସୌରଭ ପଟ୍ଟନାୟକ, ଜିତେନ୍ଦ୍ର ସାହୁ, ସୁକାନ୍ତ ସ୍ୱାଇଁ, ଦିବ୍ୟରଞ୍ଜନ ପଟ୍ଟନାୟକ ପ୍ରମୁଖ ଏହି ବସ୍‌ର ପରିଚାଳନା ଦାୟିତ୍ୱରେ ରହିବେ। ଏସ୍. କେ. ପରିଜା, ବାଦଲ ପ୍ରଧାନ, ସଂଗ୍ରାମ ଦାସ, ପ୍ରଶାନ୍ତ ନାୟକ, କୃଷ୍ଣ ଗୌଡ, ତପୁ ଖୁଣ୍ଟିଆ ପ୍ରମୁଖ ସହଯୋଗ କରିଥିଲେ।

### ଚାକିରି ଆଳରେ ୪୧ ଲକ୍ଷ ଠକେଇ, ଜଣେ ଗିରଫ

ରାଉରକେଲା, ୧୦।୧(ସଙ୍ଗୀତା ଜେନା)

ଝିରପାଣି ଥାନା ଅଧୀନ କୋଏଲନଗର ଅଞ୍ଚଳରେ ପ୍ରତିଯୋଗିତାମୂଳକ କୋଚିଂ ନେଉଥିବା ଜଣେ ଯୁବକ ନିଜର ୪ଜଣ ସହଯୋଗୀଙ୍କୁ ଏମ୍‌ସିଏଲ୍‌ରେ ଚାକିରି କରାଇଦେବା କହି ୪୧ ଲକ୍ଷ ଟଙ୍କା ଠକି ନେଇଛନ୍ତି। ଏ ନେଇ ଗତ ୭ ତାରିଖରେ ଅଭିଯୋଗ ହେବା ପରେ ପୋଲିସ ଉକ୍ତ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ସୋନପୁରର ବିଶ୍ୱଜିତ ଦାସ(୨୯)। ବୁଧବାର ତାଙ୍କୁ କୋର୍ଟଚାଲାଣ କରାଯାଇଛି। ଏ ନେଇ ଏକ ମାମଲା (ନଂ.୫/୨୪) ରୁଜୁ ହୋଇଛି।

### ଝାରସୁଗୁଡ଼ା ଆଦିବାସୀ କ୍ଲବ ଫାଇନାଲରେ

ଦେବଗଡ,୧୦।୧(ଶଶାଙ୍କଶେଖର ଝାଙ୍କର)

ପ୍ରଧାନପାଟ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଷ୍ଟାଡ଼ିୟମରେ ଚାଲିଥିବା 'ପ୍ରଧାନପାଟ୍ କପ୍' ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚରେ ବୁଧବାର ଆୟୋଜକ ପ୍ରଧାନପାଟ କ୍ଲବକୁ ୨-୧ଗୋଲରେ ପରାସ୍ତ କରି ଝାରସୁଗୁଡାର ଆଦିବାସୀ ଫୁଟବଲ କ୍ଲବ ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି। ମ୍ୟାଚକୁ ରେଫରୀ ଭାବେ ରାଜକୁମାର ମଣ୍ଡଳ, ଚନ୍ଦ୍ର କିଷାନ, ନୀଳ ନାୟକ ଓ ସୌରଭ କୁମାର ନାୟକ ପରିଚାଳନା କରିଥିଲେ। ଶ୍ରେଷ୍ଠ ଖେଳ ପ୍ରଦର୍ଶନ ନିମନ୍ତେ ଝାରସୁଗୁଡା ଆଦିବାସୀ ଫୁଟବଲ କ୍ଲବର ଖେଳାଳି ସୁଶାନ୍ତ ଜଗତ ମ୍ୟାନ ଅଫ୍ ଦ ମ୍ୟାଚ ବିବେଚିତ ହୋଇଥିଲେ।

### ସାଧାରଣତନ୍ତ୍ର ଦିବସ ପାଳନ ପ୍ରସ୍ତୁତି ବୈଠକ

ରାଉରକେଲା,୧୦।୧(ବିପ୍ଳବ ରଞ୍ଜନ ଦାଶ)

ଆସନ୍ତା ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ରାଉରକେଲା ଆଇଟିଡିଏ ହଲରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରାଉରକେଲା ଅତିରିକ୍ତ ଜିଲାପାଳ ତଥା ମହାନଗର ନିଗମ ଆୟୁକ୍ତ ଡ. ଶୁଭଙ୍କର ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ଚଳିତ ବର୍ଷ ସାଧାରଣତନ୍ତ୍ର ଦିବସ ଯେଭଳି ଶାନ୍ତିଶୃଙ୍ଖଳା, ସ୍ନେହ ଓ ସୌହାର୍ଯ୍ୟପୂର୍ଣ୍ଣ ଭାବେ ସହିତ ପାଳନ ହେବ ତାହା ଉପରେ ଗୁରୁତ୍ୱ ଦିଆଯାଇଥିଲା। ପାରେଡ ପଡିଆର ସାଜସଜ୍ଜା, ସଫେଇ, ପାନୀୟ ଜଳ ଯୋଗାଣ, ଅଭ୍ୟାସ ପରେଡ, ଟ୍ରାଫିକ ନିୟନ୍ତ୍ରଣ, ସହରର ବିଭିନ୍ନ ସ୍ଥାନରେ ସ୍ଥାପିତ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ ଉପରେ ଆଲୋଚନା ହୋଇଥିଲା। ଏହି ସମସ୍ତ କାର୍ଯ୍ୟ ଠିକ୍ ଭାବେ ତୁଲାଇବା ପାଇଁ ଡ. ମହାପାତ୍ର ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଲୋକ ସମ୍ପର୍କ ବିଭାଗ ଡାକବାଜି ଯନ୍ତ୍ର ମାଧ୍ୟମରେ ପ୍ରାତଃ ୫ଟାରେ ରାମଧୂନ୍ ପରିବେଷଣ କରିବା, ସକାଳ ୬ଟା ୩୦ମିନିଟରେ ସ୍କୁଲ ପିଲାମାନଙ୍କ ଦ୍ୱାରା ପ୍ରଭାତ ଫେରି ଓ ସକାଳ ୭ଟା ୩୦ମିନିଟରେ ସମସ୍ତ ସରକାରୀ, ବେସରକାରୀ କାର୍ଯ୍ୟାଳୟ ଓ ଶିକ୍ଷାନୁଷ୍ଠାନରେ ଜାତୀୟ ପତାକା ଉତ୍ତୋଳନ ହେବାକୁ ଧାର୍ଯ୍ୟ କରାଗଲା। ଉଦିତନଗର ପଡିଆରେ ସକାଳ ୮ଟା ୩୦ମିନିଟ୍‌ରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତେଳନ, ପରେଡରେ ଅଭିଭାଦନ ଗ୍ରହଣ ଓ ସମ୍ବୋଧନ ସଭା ଅନୁଷ୍ଠିତ ହେବ। ପରେ ପ୍ରାଥମିକ, ଉଚ୍ଚ ପ୍ରାଥମିକ,ହାଇସ୍କୁଲ ଏବଂ ମହାବିଦ୍ୟାଳୟ ସ୍ତରୀୟ ଛାତ୍ରୀଛାତ୍ରଙ୍କୁ ନେଇ ପ୍ରବନ୍ଧ ଲିଖନ, ବକ୍ତୃତା, ଦେଶାତ୍ମବୋଧକ ସଙ୍ଗୀତ ଗାନ ଆଦି ଆୟୋଜିତ ହେବ। ସେହିପରି ବିଭିନ୍ନ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ମାନୀତ କରାଯିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ବୈଠକରେ ପାନପୋଷ ଡେପୁଟି କଲେକ୍ଟର ଅର୍ପିତା ମହାନ୍ତି, ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ ଟିପୁ ସିଂହ, ଆରଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ପ୍ରକାଶ ମହାନ୍ତି, ଆରଜିଏଚ୍ ମହାପ୍ରବନ୍ଧକ ମୋହିତ ଶ୍ରୀବାସ୍ତବ, ଆର୍‌ଏସ୍‌ପି ସୋସିଆଲ ୱେଲଫେୟାରର ଡି. ଭାଟିଆ ଓ ସିଜିଏମ୍ ଜେ. ପି ମିଶ୍ର, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୀମା ଫାତିମା ଏକ୍କା ପ୍ରମୁଖ ଉପସ୍ଥିତ ଥିଲେ।

## ସମସ୍ୟା ସମାଧାନ ପାଇଁ ଆର୍‌ଏମ୍‌ସି କମିଶନରଙ୍କୁ ଫେରାଦ

ରାଉରକେଲା,୧୦।୧(ବିପ୍ଳବ ରଞ୍ଜନ ଦାଶ)




ଆର୍‌ଏମ୍‌ସି କମିଶନରଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ରଘୁନାଥପାଲ୍ଲୀ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଫର୍ଟିଲାଇଜର ଅଞ୍ଚଳର ବିଭିନ୍ନ ସମସ୍ୟାକୁ ନେଇ ବୁଧବାର ରାଉରକେଲା ମହାନଗର ନିଗମ ଆୟୁକ୍ତ ଡ. ଶୁଭଙ୍କର ମହାପାତ୍ରଙ୍କ ନିକଟରେ ଫେରାଦ ହୋଇଛନ୍ତି ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ସେଠୀ ଏବଂ ତାଙ୍କ ସମର୍ଥକ। ଏହାସହ ସେମାନେ ଡ. ମହାପାତ୍ରଙ୍କୁ ଏକ ସ୍ମାରକପତ୍ର ମଧ୍ୟ ଦେଇଛନ୍ତି। ସ୍ମାରକପତ୍ରରେ ଉଲ୍ଲେଖ ରହିଛି, ଫର୍ଟିଲାଇଜର ଅଞ୍ଚଳର ଜନସାଧାରଣ ରାଉରକେଲା ଯାଏ ଯାତାୟାତ ପାଇଁ ନିୟୋଜିତ ରହିଥିବା ମୋ ବସ ସେବା କେବଳ ମଙ୍ଗଳା ଛକ ଯାଏଁ ଯାଉଛି। ଏହି ସେବାକୁ ଆଇଡିଏଲ ଓ ଲୋକନାଥ ମାର୍କେଟ ଦେଇ ତାରାପୁର ଗେଟ ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବାକୁ ଦାବି ହୋଇଛି। ସେହିପରି ମର୍ଡନ ଇଣ୍ଡିଆ, ଲେବର କଲୋନି, ଲକ୍ଷ୍ମୀ ମାର୍କେଟ ବସ୍ତି ଅଞ୍ଚଳରେ ଡଷ୍ଟବିନ୍ ସୁବିଧା, ଫର୍ଟିଲାଇଜର ଅଞ୍ଚଳକୁ ତୁରନ୍ତ ଅଳିଆ ଉଠା ଗାଡି ପ୍ରେରଣ ପାଇଁ ବିହିତ ପଦକ୍ଷେପ ନେବାକୁ ଦାବି କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ପ୍ରଶାନ୍ତଙ୍କ ସମେତ ବନିତା ଜେନା, ସରୋଜ ନାୟକ, ବିଶ୍ୱ ରଞ୍ଜନ ରାଉତ, ତନ୍ମୟ ସେଠୀ, ପ୍ରତାପ ପାଢୀ ପ୍ରମୁଖ ଉପସ୍ଥିତ ଥିଲେ।

## ଗ୍ରାମୀଣ ଫୁଟବଲ: ଉଶ୍ରା ଗ୍ରାମ ଚାମ୍ପିୟନ

ରାଉରକେଲା,୧୦।୧(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପି ସିଏସ୍‌ଆର ବିଭାଗ ଦ୍ୱାରା କୁଆଁରମୁଣ୍ଡା ବ୍ଲକ ଅଧୀନ ଡୁମେରଜୋର ମଡେଲ ଷ୍ଟିଲ ଗ୍ରାମ ଖେଳ ପଡିଆରେ ଜୋନାଲ ସ୍ତରୀୟ ସମ୍ବର୍ଦ୍ଧନା ଗ୍ରାମୀଣ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟରେ ଉଶ୍ରା ଗ୍ରାମୀଣ ଫୁଟବଲ ଦଳ ଚାମ୍ପିୟନ ହୋଇଛି। ସର୍ଭିସେସ ବିଭାଗର ସିଜିଏମ୍ ନିର୍ବାହୀ ନିର୍ଦ୍ଦେଶକ ଏମ.ଏନ.ଭି ଏସ୍ ପ୍ରଭାକର ଉଦଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଶ୍ରା ଦଳକୁ ଚାମ୍ପିୟନ ଟ୍ରଫି ସହ ନଗଦ ଅର୍ଥରାଶି ପ୍ରଦାନ କରିଥିଲେ। ସମ୍ମାନୀତ ଅତିଥି ଭାବେ କାର୍ମିକ କାର୍ଯ୍ୟ ବିଭାଗର ଜିଏମ୍ ସଞ୍ଜୟ ମେହେରୋତ୍ରା ଯୋଗ ଦେଇଥିଲେ। ଟୁର୍ନାମେଣ୍ଟରେ ସମୁଦାୟ ୩୨ଟି ଫୁଟବଲ ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ଖେଳ ଉଶ୍ରା ବନାମ ତେଲିପୋଷ ଗ୍ରୀନ କ୍ଲବ ମଧ୍ୟରେ ହୋଇଥିଲା। ଉଭୟ ଦଳ କେହି କାହାକୁ ଗୋଲ କରି ନ ପାରିବାରୁ ପେନାଲ୍‌ଟି ସୁଟ୍‌ଆଉଟ୍‌ରେ ଉଶ୍ରା ଦଳ ତେଲିପୋଷ ଗ୍ରୀନ କ୍ଲବ ଦଳକୁ ୩-୧ ଗୋଲରେ ପରାସ୍ତ କରି ବିଜେତା ହୋଇଥିଲା। ବିଜେତା ଦଳକୁ ୧୦ ହଜାର, ଉପବିଜେତା ତେଲିପୋଷ ଗ୍ରୀନ କ୍ଲବକୁ ୮ହଜାର ଏବଂ ରନର୍ସ ଅପ୍ ଲୋଡେସେରା ଓ ରିସେଟଲମେଣ୍ଟ ଫୁଟବଲ ଦଳକୁ ନଗଦ ଅର୍ଥରାଶି ପ୍ରଦାନ କରାଯାଇଥିଲା। ଏଥିସହିତ ଶ୍ରେଷ୍ଠ ଖେଳାଳି, ସ୍କୋରର, ଗୋଲ ରକ୍ଷକ ଏବଂ ଡିଫେଣ୍ଡର କ୍ରୀଡାବିତ୍‌ମାନଙ୍କୁ ମଧ ଟ୍ରଫି ସହିତ ପୁରସ୍କୃତ କରାଯାଇଥିଲା। ପୁରସ୍କାର ବିତରଣ ଉତ୍ସବ ସମାରୋହରେ ସିଏସ୍‌ଆର ବିଭାଗର ଜିଏମ୍ ମୁନମୁନ ମିତ୍ରା ସ୍ୱାଗତ ଭାଷଣ ଦେଇଥିବା ବେଳେ ଏଜିଏମ୍ ଟି. ବି. ଟପ୍ପୋ ଧନ୍ୟବାଦ ଅର୍ପଣ କରିଥିଲେ। ସିନିୟର ଫିଲ୍ଡ ଆସିଷ୍ଟାଣ୍ଟ ବେନାଡିକ୍ଟ ଏକ୍କା ସମାରୋହ ସଂଯୋଜନା କରିଥିଲେ। ଉଦଘାଟନୀ ସମାରୋହରେ ସ୍ୱାସ୍ଥ୍ୟ ଏବଂ ସ୍ୱଚ୍ଛତା ଆଧାରିତ ଥିମ୍‌କୁ ନେଇ ଏକ ଷ୍ଟ୍ରିଟ ପ୍ଲେ ମୁଖ୍ୟ ଆକର୍ଷଣ ସାଜିଥିଲା। ୫ ଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଆୟୋଜନରେ ଡୁମେରଜୋର ମଡେଲ ଷ୍ଟିଲ ଗ୍ରାମର ଇନ୍ଦୁ ସ୍ୱୟଂ ସହାୟକ ମହିଳା ଗୋଷ୍ଠୀ ମୁଖ୍ୟ ସହଯୋଗୀ ରହିଥିଲେ।




ଚାମ୍ପିୟନ ଦଳ ସହିତ ଅତିଥିଗଣ।

**ଆଶୀର୍ବାଦ ଯୋଜନାରେ ସାହାଯ୍ୟ ରାଶି ମିଳୁନି**

## ଦୁର୍ଦ୍ଦିନରେ ଅସହାୟ ପରିବାର

ରାଉରକେଲା,୧୦।୧(ବିପ୍ଳବ ରଞ୍ଜନ ଦାଶ)



ଘର ସମ୍ମୁଖରେ ଶାନ୍ତିଲତା ଓ ତାଙ୍କର ୩ ଝିଅ।

ସରକାର ଅସହାୟ ଗରିବ ପିଲାମାନଙ୍କ ପାଇଁ ମାଳ ମାଳ ଯୋଜନା ପ୍ରଣୟନ କରୁଛନ୍ତି। ମାତ୍ର ବିଭିନ୍ନ ସମୟରେ ଯୋଜନାଗୁଡିକର ଲାଭ ସେମାନଙ୍କୁ ମିଳିପାରୁନାହିଁ। ଏଭଳି ଏକ ଘଟଣା ଘଟିଛି ରାଉରକେଲା ଲେବର ଟେନାମେଣ୍ଟ ରାମନଗରରେ। ଅସହାୟ ଜଣେ ବିଧବାଙ୍କ ୩ ନାବାଳିକା ଝିଅଙ୍କୁ ଆଶୀର୍ବାଦ ଯୋଜନାରେ କିଛିଦିନ ସହାୟତା ମିଳିବା ପରେ ଏବେ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ଫଳରେ ଉକ୍ତ ପରିବାର ଉପରେ ଚଡ଼କ ପଡିଛି।

ରାମନଗରର ଶାନ୍ତିଲତା ହୋତା(୪୦)। ବର୍ତ୍ତମାନ ପରିବାର କହିଲେ ସେ ଓ ତାଙ୍କ ତିନି ଝିଅ ପୁନମ (୧୧), ସନମ(୮), ଜାନମ(୭)। ସ୍ୱାମୀଙ୍କ ମୃତ୍ୟୁ ପରେ ଶାନ୍ତିଲତା ଓ ତାଙ୍କ ୩ ଝିଅ ସମ୍ପୂର୍ଣ୍ଣ ବେସାହାରା ହୋଇପଡିଛନ୍ତି। ଏହି ଅସହାୟ ପରିବାରକୁ ରାଜ୍ୟ ସରକାରଙ୍କ ଆଶୀର୍ବାଦ ଯୋଜନାରେ ସାମିଲ କରାଯିବା ପରେ ୨୦୨୧ରେ ତିନି ଝିଅଙ୍କୁ ଅନୁକମ୍ପା ରାଶି ବାବଦ ୧୫ଶହ ଟଙ୍କା ହାରରେ ୪୫ ଶହ ଟଙ୍କା ମିଳିଥିଲା। ଫଳରେ ପରିବାରର ଅଭାବ ଅନଟନ କିଛିକାଂଶରେ ଦୂର ହେଲା। ୨୦୨୨ରେ ଏହି ରାଶି ମିଳିଥିବା ବେଳେ ୨୦୨୩ରୁ ଆଉ ମିଳିନାହିଁ। ଫଳରେ ବାପ ଛେଉଣ୍ଡ ୩ ସନ୍ତାନଙ୍କ ପ୍ରତିପୋଷଣ କରିବା ଶାନ୍ତିଲତାଙ୍କ ପାଇଁ କଷ୍ଟକର ହୋଇପଡିଲା। ଏହାପରେ ଶାନ୍ତିଲତା ୩ ସନ୍ତାନଙ୍କୁ ଧରି ସୁନ୍ଦରଗଡ ଜିଲାପାଳଙ୍କ କାର୍ଯ୍ୟାଳୟରେ ଫେରାଦ ହେଲେ। ମାତ୍ର ସେଠାରେ ଆଶୀର୍ବାଦ ଯୋଜନା ସ୍ଥଗିତ ହୋଇଯାଇଥିବା କୁହାଯାଇଥିଲା। ଫଳରେ ଶାନ୍ତିଲତା ନିରାଶ ହୋଇପଡିଛନ୍ତି। ଅନ୍ୟପକ୍ଷେ ମଧ୍ୟମା ଝିଅ ସନମଙ୍କ କଣ୍ଠ ଘଟିକା ନଷ୍ଟ ହୋଇଯାଇଥିବା ବେଳେ ଦିନକୁ ଦିନ ସେ ମାନସିକ ସ୍ତରରେ ଦୁର୍ବଳ ହୋଇପଡୁଛନ୍ତି। ତାଙ୍କର ତୁରନ୍ତ ଅସ୍ତ୍ରୋପଚାରର ଆବଶ୍ୟକତା ରହିଛି। ଏ ନେଇ ରାଉରକେଲା ସାମାଜିକ ସୁରକ୍ଷା ଅଧିକାରୀ ମେକ୍ସ ୱେଲଙ୍କୁ ପଚାରିବାରୁ ସେ କହିଲେ, ଅଭିଯୋଗ ଉପରେ ବିହିତ ତଦନ୍ତ ହେବ। ତଦନ୍ତ ପରେ ଉକ୍ତ ପରିବାରକୁ ସବୁପ୍ରକାର ସାହାଯ୍ୟ ଏବଂ ସହଯୋଗ ତୁରନ୍ତ ଯୋଗାଇବା ଦିଗରେ ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ।

# ସ୍ଥାଣୁ ପାଲଟିଛି ନିଯୋଜନ କାର୍ଯ୍ୟାଳୟ

## ଜିଲ୍ଲାର ୪ କାର୍ଯ୍ୟାଳୟରେ ୨୭ ବଦଳରେ ଅଛନ୍ତି ୪ କର୍ମଚାରୀ

ସମ୍ବଲପୁର,୧୦।୧ (ଭବାନୀ ଶଙ୍କର ଭୋଇ):

ଶିକ୍ଷିତ ଯୁବକମାନଙ୍କ ଦକ୍ଷତା ବୃଦ୍ଧି ଓ କର୍ମନିଯୁକ୍ତି ଯୋଗାଇଦେବା ପାଇଁ ପ୍ରତି ଜିଲାରେ ନିଯୋଜନ ଓ ଦକ୍ଷତା ବିକାଶ କାର୍ଯ୍ୟାଳୟ ରହିଛି। ସମ୍ବଲପୁର ଜିଲା ମୁଖ୍ୟାଳୟ ସମେତ କୁଚିଣ୍ଡା, ରେଢାଖୋଲ ଓ ସ୍ୱତନ୍ତ୍ର ଭାବେ ବୁର୍ଲାଠାରେ ଖୋଲିଥିବା ନିଯୋଜନ ଓ ଦକ୍ଷତା ବିକାଶ କାର୍ଯ୍ୟାଳୟରେ ଏବେ କର୍ମଚାରୀ ଅଭାବ ଦେଖାଦେଇଛି। ଜିଲା କାର୍ଯ୍ୟାଳୟରେ ୧୮ଜଣ ଓ ଅନ୍ୟ ୩ କାର୍ଯ୍ୟାଳୟରେ ୩ଜଣ ଲେଖାଏ ୯ଜଣଙ୍କୁ ମିଶାଇ ମୋଟ ୨୭ ବଦଳରେ ଅଛନ୍ତି ମାତ୍ର ୪ କର୍ମଚାରୀ। କର୍ମଚାରୀ ଅଭାବ ଯୋଗୁ ଏହି କାର୍ଯ୍ୟାଳୟଗୁଡ଼ିକ ଏକପ୍ରକାର ସ୍ଥାଣୁ ପାଲଟିଛି। ଉକ୍ତ କାର୍ଯ୍ୟାଳୟଗୁଡ଼ିକ ଅଧିକାଂଶ ସମୟରେ ବନ୍ଦ ରହୁଥିବା ବେଳେ କେବେ କେମିତି ସମ୍ବଲପୁର ମୁଖ୍ୟାଳୟରୁ କେହି ସେଠାକୁ ଗଲେ ତାଲା ଖୋଲୁଥିବା ଅଭିଯୋଗ ହେଉଛି।

ତାଲିମ ଓ କର୍ମନିଯୁକ୍ତି ପାଇଁ ସଦର ମହକୁମାରେ ଥିବା ଜିଲା କାର୍ଯ୍ୟାଳୟ ଉପରେ ଶିକ୍ଷିତ ଯୁବକମାନଙ୍କୁ ନିର୍ଭର କରିବାକୁ ପଡିଥାଏ। ଜିଲା କାର୍ଯ୍ୟାଳୟରେ ପୂର୍ବରୁ ୧୮ଜଣ କର୍ମଚାରୀ କାମ କରୁଥିଲେ। ମାତ୍ର ଅବସର ନେବା ପରେ ସେମାନଙ୍କ ସ୍ଥାନରେ କାହାରିକୁ ନିଯୁକ୍ତ ଦିଆଯାଇ ନ ଥିବାରୁ ଏବେ କର୍ମଚାରୀ ସଂଖ୍ୟା ୫ରେ ସୀମିତ ରହିଛି। ସେଥିରେ ପୁଣି ଦୀର୍ଘଦିନ ହେଲା ଜିଲା ନିଯୋଜନ ଅଧିକାରୀ ଭୁବନେଶ୍ୱର ଡେପୁଟେଶନରେ ରହିଛନ୍ତି। ଜଣେ ଉପନିର୍ଦ୍ଦେଶକଙ୍କ ସହିତ ଜଣେ ଲେଖାଏ ଷ୍ଟେନୋ, ଆକାଉଣ୍ଟାଣ୍ଟ ଓ ପିଅନରେ ଚାଲିଛି କାର୍ଯ୍ୟାଳୟ। ଏଠାରେ ଜଣେ ବି କିରାଣୀ କିମ୍ବା ନିଯୁକ୍ତି ପଞ୍ଜିକରଣ ଅଧିକାରୀ ନାହାନ୍ତି। ସେଥିପାଇଁ ଷ୍ଟେନୋ ଓ ଆକାଉଣ୍ଟାଣ୍ଟଙ୍କୁ କିରାଣୀଠାରୁ ଆରମ୍ଭ କରି ପଞ୍ଜିକରଣ, ନବୀକରଣ ଏବଂ ତାଲିମ କାର୍ଯ୍ୟକ୍ରମ ଆଦି ସମସ୍ତ କାର୍ଯ୍ୟ କରିବାକୁ ପଡୁଛି । ପୂର୍ବରୁ ଜିଲା ନିଯୋଜନ କାର୍ଯ୍ୟାଳୟରେ ପଞ୍ଜୀକରଣ ଓ ନବୀକରଣ ପାଇଁ ପ୍ରତିଦିନ ଶତାଧିକ ଶିକ୍ଷିତ ଛାତ୍ରୀଛାତ୍ରଙ୍କ ଭିଡ଼ ଜମୁଥିଲା। ବର୍ତ୍ତମାନ ରାଜ୍ୟ ସରକାର ଅନ୍‌ଲାଇନ ବ୍ୟବସ୍ଥା କରିବା ପରେ ସେମାନଙ୍କୁ ଆଉ ନିଯୋଜନ କାର୍ଯ୍ୟାଳୟକୁ ଆସିବାକୁ ପଡୁନାହିଁ। ତେବେ ଅନ୍‌ଲାଇନ ପଞ୍ଜିକରଣରେ କୌଣସି ତ୍ରୁଟି ଦେଖାଦେଲେ ପ୍ରତ୍ୟକ୍ଷ ଭାବେ ନିଯୋଜନ କାର୍ଯ୍ୟାଳୟରେ ହିଁ ସଂଶୋଧନ କରାଯାଇଥାଏ। ସେହିପରି ପୂର୍ବ ପଞ୍ଜିକରଣର ନବୀକରଣ ମଧ୍ୟ ନିଯୋଜନ କାର୍ଯ୍ୟାଳୟରେ ହୋଇଥାଏ। ବୁର୍ଲାରେ ଥିବା ନିଯୋଜନ କାର୍ଯ୍ୟାଳୟ ଉପରେ ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ପାଠ ପଢୁଥିବା ପଶ୍ଚିମାଞ୍ଚଳର ଛାତ୍ରୀଛାତ୍ର ନିର୍ଭର କରିଥାନ୍ତି। ହେଲେ ଏଠାରେ କେହି କର୍ମଚାରୀ ନ ଥିବାରୁ ସମସ୍ତେ ସମ୍ବଲପୁର କାର୍ଯ୍ୟାଳୟକୁ ଆସିବାକୁ ବାଧ୍ୟ ହେଉଛନ୍ତି। ନିଯୁକ୍ତି ପଞ୍ଜିକରଣ ଓ ନବୀକରଣକୁ ଛାଡି ଜିଲା ନିଯୋଜନ ଓ ଦକ୍ଷତା ବିକାଶ କାର୍ଯ୍ୟାଳୟ ନିଯୁକ୍ତି ସମ୍ବନ୍ଧୀୟ ତାଲିମ କାର୍ଯ୍ୟକ୍ରମ ଆୟୋଜନ କରିଥାଏ। ହେଲେ କର୍ମଚାରୀ ଅଭାବରୁ କାର୍ଯ୍ୟାଳୟଗୁଡ଼ିକ କିଭଳି ପରିଚାଳନା ହେଉଥିବ ତାହା ସହଜରେ ଅନୁମେୟ। ଏ ନେଇ ଜିଲା ନିଯୋଜନ ଓ ଦକ୍ଷତା ବିକାଶ କାର୍ଯ୍ୟାଳୟର ଉପନିର୍ଦ୍ଦେଶକ ଶଙ୍କର ଚନ୍ଦ୍ର ମୁର୍ମୁଙ୍କୁ ପଚାରିବାରୁ ସେ କହିଛନ୍ତି, ବ୍ଲକ ଅଧିକାରୀ ଓ ଜିଲା ପ୍ରଶାସନ ସହାୟତାରେ ବିଭିନ୍ନ ସ୍ଥାନରେ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଆମେ ତିନିଜଣ ଅଧିକାରୀ ଓ କର୍ମଚାରୀ ମିଶି ଯାହା ସମ୍ଭବ ଦାୟିତ୍ୱ ତୁଲାଇବାକୁ ଚେଷ୍ଟା କରୁଛୁ। ତେବେ ରେଢାଖୋଲ, କୁଚିଣ୍ଡା ଓ ବୁର୍ଲା କାର୍ଯ୍ୟାଳୟ ଖୋଲାଯାଉ ନ ଥିବା ଅଭିଯୋଗକୁ ସେ ସ୍ୱୀକାର କରିଥିବାବେଳେ ଆଗାମୀ ଦିନରେ ରାଜ୍ୟସ୍ତରୀୟ ନିଯୁକ୍ତି ମେଳାରେ ନୂଆ ନିଯୁକ୍ତି ହେବା ସମ୍ଭାବନା ଥିବାରୁ ବନ୍ଦ ରହୁଥିବା କାର୍ଯ୍ୟାଳୟ ନିୟମିତ ଖୋଲାଯିବା ନେଇ ସେ ଆଶାବାଦୀ ଥିବା କହିଥିଲେ।


ଜିଲା ନିଯୋଜନ ଓ ଦକ୍ଷତା ବିକାଶ କାର୍ଯ୍ୟାଳୟ।

## ସଂକ୍ଷେପରେ

### ବିଶ୍ୱାତ୍ମ ଚେତନା ପରିଷଦ ପକ୍ଷରୁ ଭାଗବତ ସ୍ୱାଧ୍ୟାୟ ସତ୍ର

ସମ୍ବଲପୁର,୧୦।୧ (ବି.ଶଙ୍କର)

ବିଶ୍ୱାତ୍ମ ଚେତନା ପରିଷଦ ସମ୍ବଲପୁର ଶାଖା ପକ୍ଷରୁ ଭାଗବତ ସ୍ୱାଧ୍ୟାୟ ସତ୍ର କାର୍ଯ୍ୟକ୍ରମ ବୁଧବାର ଆରଣ୍ୟକ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ପରମହଂସ ସ୍ୱାମୀ ସତ୍ୟପ୍ରଜ୍ଞାନନ୍ଦ ସରସ୍ୱତୀ ଶ୍ରୀମଦ୍ ଭଗବାତ ମହାପୁରାଣର ଏକାଦଶ ସ୍କନ୍ଧ ବିଷୟରେ ଚର୍ଚ୍ଚା କରିଥିଲେ। ସେ କହିଥିଲେ, ପ୍ରଭୁ ଶ୍ରୀକୃଷ୍ଣ ହେଉଛନ୍ତି ଶ୍ରେଷ୍ଠ ଗୁରୁ। ତେଣୁ ତାଙ୍କୁ ଜଗତ ଗୁରୁ କୁହାଯାଏ। ଅର୍ଜୁନଙ୍କ ମାଧ୍ୟମରେ ମହାଭାରତ ଯୁଦ୍ଧକ୍ଷେତ୍ରରେ ଥାଇ ସାରା ବିଶ୍ୱବାସୀଙ୍କୁ ଧର୍ମ, ନୀତି, ମାନବତା, ସତ୍ୟ ଜ୍ଞାନ ଦେଇଥିଲେ, ଯାହା ମାନବ ସମାଜକୁ ଦିଗ୍‌ଦର୍ଶନ ଦେଇଆସୁଛି। ଆସନ୍ତା ୧୪ ତାରିଖରେ କାର୍ଯ୍ୟକ୍ରମ ଉଦ୍‌ଯାପିତ ହେବ ବୋଲି ପରିଷଦର ସମ୍ବଲପୁର ଶାଖା ସଭାପତି ପରମେଶ୍ୱର ଦାସ ସୂଚିତ କରିଛନ୍ତି। ଦାମୋଦର କର, ଡା. ପୁରୁଷୋତ୍ତମ ଅଗ୍ରୱାଲ, ଡା. ରାଜକୁମାର ବଡପଣ୍ଡାଙ୍କ ସମେତ ଭକ୍ତମାନେ ସ୍ୱାମୀଜୀଙ୍କୁ ପୁଷ୍ପ ପ୍ରଦାନ ପୂର୍ବକ ସ୍ୱାଗତ କରିଥିଲେ।

### ଛାତ୍ରୀ ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ

ନାକଟିଦେଉଳ,୧୦।୧ (ବୈକୁଣ୍ଠ ନାଥ ସାହୁ)

ନାକଟିଦେଉଳ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ବୁଧବାର ଛାତ୍ରୀ ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଭାରପ୍ରାପ୍ତ ଅଧ୍ୟକ୍ଷ ତଥା ଉଦ୍ଭିଦ ବିଜ୍ଞାନ ବିଭାଗ ଅଧ୍ୟାପକ ହେମାନନ୍ଦ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିର ଉଦ୍‌ଘାଟନ କରିବା ସହ ଛାତ୍ରୀମାନେ ତାଲିମ ଗ୍ରହଣ କରି ଆବଶ୍ୟକ ସ୍ଥଳେ ଏହାର ଉପଯୋଗ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସଂଯୋଜିକା ଅଧ୍ୟାପିକା ବିନୀତା ମୁର୍ମୁଙ୍କ ସଂଯୋଜନାରେ ଆୟୋଜିତ ଶିବିରରେ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ୧୩୦ ଛାତ୍ରୀ ଅଂଶଗ୍ରହଣ କରି ତାଲିମ ଗ୍ରହଣ କରିଛନ୍ତି। ଏଥିରେ ମାଷ୍ଟର ଟ୍ରେନର ଭାବେ ବୃନ୍ଦାବତୀ ମୁଣ୍ଡା ଯୋଗଦେଇଛନ୍ତି। ଏହି ତାଲିମ ଶିବିର ଆସନ୍ତା ୨୦ତାରିଖରେ ଉଦ୍‌ଯାପିତ ହେବ। ଶିବିର ପରିଚାଳନାରେ କ୍ରୀଡ଼ା ଶିକ୍ଷକ ଜିତେନ୍ଦ୍ରିୟ ପ୍ରଧାନ ସହଯୋଗ କରିଥିଲେ।

### ନୂଆରମ୍ଭେଲାରେ ଗଡ଼ିଲା ଜଗନ୍ନାଥ ଅର୍ପଣ ରଥ

ରେଙ୍ଗାଲି,୧୦।୧ (ଦେବବ୍ରତ ପଣ୍ଡା):

ରେଙ୍ଗାଲି ବ୍ଲକର ନୂଆରମ୍ଭେଲାଠାରେ ଜଗନ୍ନାଥ ଅର୍ପଣ ରଥ ପରିକ୍ରମା କରିଛି। ସାଲଡ଼ ସରପଞ୍ଚ ସତ୍ୟନାରାୟଣ ମହାନନ୍ଦିଆ, ବିନୋଦ ବିହାରି ନନ୍ଦ, ପ୍ରଶାନ୍ତ ପଣ୍ଡା, ପୀତବାସ ତଣ୍ଡକାର, ଅକ୍ଷୟ ମାହାଣା, ଫିରୋଜ ବାଗଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ। ପ୍ରଥମେ ଜଗନ୍ନାଥ ମନ୍ଦିର ସମ୍ମୁଖରେ ପୂଜାର୍ଚ୍ଚନା କରିବା ପରେ ଏହି ରଥ ଘରକୁ ଘର ବୁଲି ଗୁଆ ଓ ଚାଉଳ ସଂଗ୍ରହ କରିଥିଲା। ସେହିପରି ଗୋଲାମାଲ ଜଗନ୍ନାଥ ମନ୍ଦିରରେ କତରବଗା ସରପଞ୍ଚ ନିଳାମ୍ବର ରୋହିଦାସ, ବିଜେଡି ରାଜ୍ୟ ପରିଷଦ ସଭ୍ୟ ଗାନ୍ଧୀ ବେହେରା, ମୋନିକା ବେହେରା, ଜିଲା ସାଧାରଣ ସମ୍ପାଦକ ଡୋଲାମଣି ଖମାରି, ଗୋବର୍ଦ୍ଧନ ସାହୁ ପ୍ରମୁଖ ପୂଜାର୍ଚ୍ଚନା କରିବା ପରେ ରଥ ବିଭିନ୍ନ ଗ୍ରାମ ବୁଲିଥିଲା।

### ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ନାଗରିକ ଅନୁଷ୍ଠାନର ଦାବିପତ୍ର

ସମ୍ବଲପୁର,୧୦।୧ (ବି.ଶଙ୍କର)

ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳନ ସହ ସମସ୍ତ ସ୍କୁଲରେ ଗୋଟିଏ କକ୍ଷକୁ ତାଙ୍କ ନାମରେ ନାମିତ କରିବା ନେଇ ଦାବି ଯୋର ଧରିଛି । ସମ୍ବଲପୁର ସଚେତନ ନାଗରିକ ଅନୁଷ୍ଠାନ ପକ୍ଷରୁ ବୁଧବାର ଏ ନେଇ ଜିଲାପାଳ ଅନନ୍ୟା ଦାସଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦେଶର ସ୍ୱାଧୀନତା ସଂଗ୍ରାମକୁ ବୀର ସୁରେନ୍ଦ୍ର ସାଏଙ୍କ ଅବଦାନ ଅତୁଳନୀୟ। ଏହି ମହାନ ସ୍ୱାଧୀନତା ସଂଗ୍ରାମୀ ସିପାହୀ ବିଦ୍ରୋହ ପୂର୍ବରୁ ଇଂରେଜମାନଙ୍କ ବିରୋଧରେ ଲଢ଼େଇ କରି ଦୀର୍ଘ ୩୭ବର୍ଷ କାରାବରଣ କରିଥିଲେ। ଏହା ସତ୍ତ୍ୱେ ତାଙ୍କୁ ଉଚିତ ସମ୍ମାନ ମିଳିନାହିଁ। ରାଜ୍ୟର ପ୍ରତ୍ୟେକ ବିଦ୍ୟାଳୟରେ ଅନ୍ତତଃ ଗୋଟିଏ କକ୍ଷ ତାଙ୍କ ନାମରେ ନାମିତ କରିବା ସହ ତାଙ୍କ ଫଟୋଚିତ୍ର ସ୍ଥାନିତ କରାଗଲେ ଛାତ୍ରୀଛାତ୍ର ତାଙ୍କ ସମ୍ପର୍କରେ ସହଜରେ ଅବଗତ ହୋଇପାରିବେ। ତାଙ୍କ ଜୟନ୍ତୀ ସମାରୋହ ପାଳନ ବାଧ୍ୟତାମୂଳକ କରିବା ନିମନ୍ତେ ନିର୍ଦ୍ଦେଶ ଦେବାକୁ ପ୍ରଦତ୍ତ ସ୍ମାରକ ପତ୍ରରେ ଉଲ୍ଲେଖ ରହିଛି। ପ୍ରତିନିଧି ଦଳରେ ସମୀର ରଞ୍ଜନ ବାବୁ, ମାନସ ରଞ୍ଜନ ବକ୍ସି, ପ୍ରଫୁଲ୍ଲ କୁମାର ହୋତା, ସୁନ୍ଦରମଣୀ ବାରିକ ସାମିଲ ଥିଲେ।

# କେନ୍ଦ୍ରମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲା ପଶ୍ଚିମାଞ୍ଚଳ ଏକତା ମଞ୍ଚ

ସମ୍ବଲପୁର,୧୦।୧ (ଭବାନୀ ଶଙ୍କର ଭୋଇ):

ଗତ ଡିସେମ୍ବର ୩୦ରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମ୍ବଲପୁରର ରକ୍ତତୀର୍ଥ ଭାବେ ପରିଚିତ କୁଦୋପାଲିରେ ପହଞ୍ଚି ବୀର ଛବିଳ ସାଏଙ୍କ ଶହୀଦ ସ୍ମାରକୀ ବୁଲି ଦେଖିବା ସହ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ। କୁଦୋପାଲିରେ ୧୮୫୭ରେ ଇଂରେଜଙ୍କ ଗୁଳିରେ ବୀର ଛବିଳ ସାଏଙ୍କ ସମେତ ୫୭ଜଣ ସଂଗ୍ରାମୀ ଶହୀଦ ହୋଇଥିବା ବିଷୟ ଲୋକଲୋଚନକୁ ଆସି ନ ଥିବାରୁ ଏହା ଉପରେ ଅଧିକ ଗବେଷଣା କରାଯିବ ବୋଲି ସେ ଘୋଷଣା କରିଥିଲେ। ପ୍ରତିଶ୍ରୁତି ପୂରଣ କରିଥିବାରୁ କେନ୍ଦ୍ରମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିଛି ପଶ୍ଚିମାଞ୍ଚଳ ଏକତା ମଞ୍ଚ। ସୂଚନାଯୋଗ୍ୟ, କୁଦୋପାଲିରେ ୨୦୧୩ ମସିହାରୁ ବୀର ଛବିଳ ସାଏ ଓ ତାଙ୍କ ସହଯୋଗୀଙ୍କ ବଳିଦାନକୁ ସ୍ମରଣ କରି ପଶ୍ଚିମାଞ୍ଚଳ ଏକତା ମଞ୍ଚ ବଳିଦାନ ଦିବସ ପାଳନ କରିଆସୁଛି। ହେଲେ ସରକାରୀ ସ୍ତରରେ ଏହାକୁ ମାନ୍ୟତା ମିଳିପାରି ନ ଥିଲା। ବୀର ଛବିଳ ସାଏ ଓ ଶହୀଦ ହୋଇଥିବା ଅନ୍ୟ ସ୍ୱାଧୀନତା ସଂଗ୍ରାମୀଙ୍କ ଭୂମିକା ଉପରେ ଅଧ୍ୟୟନ କରିବା ପାଇଁ ଆଇସିଏଚ୍‌ଆର୍ ଚେୟାରମ୍ୟାନ ପ୍ରଫେସର ରଘୁବେନ୍ଦ୍ର ତନ୍‌ୱାରଙ୍କୁ କେନ୍ଦ୍ରମନ୍ତ୍ରୀ ପତ୍ର ଲେଖିବା ପରେ ଆଗକୁ ଆହୁରି ଅନେକ ଅନାଲୋଚିତ ପ୍ରସଙ୍ଗ ଲୋକଲୋଚନକୁ ଆସିବ ବୋଲି ବୁଧବାର ସାକ୍ଷୀପଡାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପଶ୍ଚିମାଞ୍ଚଳ ଏକତା ମଞ୍ଚର ଉପଦେଷ୍ଟା ଡ. ପ୍ରମୋଦ ରଥ ଓ ମୁଖ୍ୟ ସଂଯୋଜକ ମାନସ ରଞ୍ଜନ ବକ୍ସି କହିଛନ୍ତି। ଏହାସହ ଦୀର୍ଘ ୪୭ବର୍ଷ ଧରି କାରାବରଣ କରିଥିବା ମହାନ ସ୍ୱାଧୀନତା ସଂଗ୍ରାମୀ ବୀର ଉଦନ୍ତ ସାଏଙ୍କ ଭଳି ସଂଗ୍ରାମୀଙ୍କ ବଳିଦାନର କାହାଣୀ ଜନସାଧାରଣ ଜାଣିପାରିବେ ବୋଲି ମଞ୍ଚ ପକ୍ଷରୁ କୁହାଯାଇଛି। ସେହିପରି ରେଙ୍ଗାଲି ବିଧାୟକ ନାଉରୀ ନାୟକ ମଧ୍ୟ କୁଦୋପାଲିର ବଳିଦାନ ଘଟଣା ସହ ଇତିହାସ ଉପରେ ଅଧିକ ଗବେଷଣା ହେବା ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କହିଛନ୍ତି। କିଛିଦିନ ପୂର୍ବରୁ ବୀର ସୁରେନ୍ଦ୍ର ସାଏଙ୍କ ଜନ୍ମମାଟି ଖିଣ୍ଡାକୁ ସ୍ୱଦେଶ ଦର୍ଶନ ଯୋଜନାରେ ସାମିଲ କରାଇ ଅଞ୍ଚଳର ଗୌରବ ବୃଦ୍ଧି କରିଥିବା ଯୋଗୁ ସେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି।

### ଉଚ୍ଚବିଦ୍ୟାଳୟ ପ୍ରଧାନ ଶିକ୍ଷକଙ୍କ ବୈଠକ

ପଡିଆବାହାଲ,୧୦।୧ (ରାଧାମୋହନ ଷଡ଼ଙ୍ଗୀ)

ଝୁଝୁମୁରା ବ୍ଲକ ବଡ଼ସାହି ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ବ୍ଲକସ୍ତରୀୟ ୫- ଟିଅନ୍ତର୍ଭୁକ୍ତ ୧୮ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ନେଇ ଚତୁର୍ଥ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏବିଇଓ ସଂଯୁକ୍ତା ବେହେରା ଉପସ୍ଥିତ ଥିବାବେଳେ ବଡ଼ସାହି ହାଇସ୍କୁଲ ପ୍ରଧାନ ଶିକ୍ଷକ ଯୁଗଳ କିଶୋର ନାୟକ ପରିଚାଳନା କରିଥିଲେ। ବୈଠକରେ ନୂତନ ପାଠ୍ୟକ୍ରମ ଉପରେ ବିଷଦ ଆଲୋଚନା ହୋଇଥିଲା। ଆଗାମୀ ବୈଠକ କବରାପାଲି ଭିଏସ୍‌ଏସ୍ ହାଇସ୍କୁଲରେ କରାଯିବାକୁ ସ୍ଥିର ହୋଇଥିଲା।

### କଲେଜ ଛାତ୍ରୀଛାତ୍ରଙ୍କ ସଚେତନତା କାର୍ଯ୍ୟକ୍ରମ

ପଡିଆବାହାଲ,୧୦।୧ (ରାଧାମୋହନ ଷଡ଼ଙ୍ଗୀ)

ସମନ୍ୱିତ ଯୁବ ବିକାଶ ଯୋଜନାରେ ମାନେଶ୍ୱର ବ୍ଲକ ମୁରାସ୍ଥିତ ଡିପିଏ କଲେଜ ଛାତ୍ରୀଛାତ୍ରଙ୍କ ଦ୍ୱାରା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ର ବିଭିନ୍ନ ଗ୍ରାମକୁ ଯାଇ ପଥପ୍ରାନ୍ତ ନାଟକ ଓ ନୃତ୍ୟ ମାଧ୍ୟମରେ ବାଲ୍ୟ ବିବାହ, ନିଶାସେବନ, ଯୌତୁକ ପ୍ରଥା ପ୍ରଭୃତି ହଟାଇବା ନେଇ ସଚେତନ କରିଥିଲେ। ମୁରା ଗ୍ରାମରେ ନୃତ୍ୟନାଟିକା ନିଶାନିବାରଣ ଓ କଲମୀ ଗ୍ରାମରେ ବାଲ୍ୟବିବାହ ଆଧାରିତ ନାଟକ ମଞ୍ଚସ୍ଥ କରିଥିଲେ। କୃଷ୍ଣଚନ୍ଦ୍ର ବାରିକ, କ୍ଷମାସିଲ ଭୋଇ, ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଉପସ୍ଥିତ ରହି ଉତ୍ସାହିତ କରିଥିଲେ।

### ବସୁନ୍ଧରା ଯୋଜନାରେ ଭୂମିହୀନଙ୍କୁ ପଟ୍ଟା ବଣ୍ଟନ

କୁଚିଣ୍ଡା,୧୦।୧ (ବିରଞ୍ଚି ଦର୍କା)

କୁଚିଣ୍ଡା ତହସିଲ କାର୍ଯ୍ୟାଳୟରେ ବୁଧବାର ବସୁନ୍ଧରା ଯୋଜନାରେ ଭୂମିହୀନ ହିତାଧିକାରୀଙ୍କୁ ଜମି ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୁଚିଣ୍ଡା ବିଡିଓ ନିରଞ୍ଜନ କୁମାର ସା ମୁଖ୍ୟଅତିଥି ଭାବେ ଯୋଗଦେଇ ୩୩ ଜଣ ଭୂମିହୀନ ହିତାଧିକାରୀଙ୍କୁ ୪ଡେସିମିଲ ଲେଖାଏ ଜମିପଟ୍ଟା ବଣ୍ଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ତହସିଲଦାର ଅନିମା ସୋରେନଙ୍କ ସମେତ ତହସିଲ କର୍ମଚାରୀ ଉପସ୍ଥିତ ଥିଲେ।

## ବିସ୍ଥାପିତଙ୍କୁ ପାତରଅନ୍ତର ଅଭିଯୋଗ
# ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା


ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି।

ସମ୍ବଲପୁର,୧୦।୧ (ପ୍ରମୋଦ ବହିଦାର):

ସମଲେଇ ଯୋଜନାରେ ବିସ୍ଥାପିତ ଘୁଂଘୁଟିପଡ଼ା ବାସିନ୍ଦାଙ୍କୁ ପାତରଅନ୍ତର ଅଭିଯୋଗରେ ଘୁଂଘୁଟିପଡ଼ା ସୁରକ୍ଷା କମିଟି ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି। କମିଟି କର୍ମକର୍ତ୍ତାଙ୍କ ଅଭିଯୋଗକ୍ରମେ ସମ୍ବଲପୁର ରାଜା ବଳରାମ ଦେବ ମା’ ସମଲେଇଙ୍କ ମନ୍ଦିରରେ ରୀତିନୀତିରେ ବାଜା ବଜାଇବା ପାଇଁ ପାଟଣାଗଡ଼ ଘୁଂଘୁଟିପାଲିରୁ କେତେକ ପରିବାରକୁ ଏଠାରେ ରହିବାକୁ ସ୍ଥାନ ଦେଇ ଏହି ସ୍ଥାନକୁ ଘୁଂଘୁଟିପଡ଼ା ଓ ବଜନିଆପଡ଼ା ଭାବେ ନାମିତ କରିଥିଲେ। ସେମାନଙ୍କ ପରିବେଷିତ ବାଜା ଏଠାରେ ଗଁଡ଼ାବଜା ଓ ଦୁଲଦୁଲି ବାଜା ଭାବେ ପରିଚିତ। ଅପରପକ୍ଷରେ ଗତ ୨୦୨୧ ଫେବୃଆରୀରେ ସମଲେଇ ଯୋଜନା ଘୋଷିତ ହେବା ପରେ ବିସ୍ଥାପନ ଆରମ୍ଭ ହୋଇଥିବା ବେଳେ ଘୁଂଘୁଟିପଡ଼ାବାସୀଙ୍କୁ ମଧ୍ୟ ବିସ୍ଥାପିତ କରାଯାଇଛି। ମାତ୍ର ବିସ୍ଥାପିତ ପରିବାରଙ୍କୁ ସରକାରଙ୍କ ପକ୍ଷରୁ ଯାହା କ୍ଷତିପୂରଣ ଦିଆଯାଇଛି ତାହା ସାମାନ ଭାବେ ଦିଆ ନ ଯାଇ ଏଥିରେ ପାତରଅନ୍ତର କରାଯାଇଥିବା ସେମାନେ ଅଭିଯୋଗ କରିଛନ୍ତି। ଏହାକୁ ନେଇ ବାରମ୍ବାର ଗୁହାରି କଲେ ମଧ୍ୟ କେହି ତାଙ୍କ କଥା ଶୁଣୁ ନ ଥିବା ସେମାନେ କହିଛନ୍ତି। ସମଲେଇ ଯୋଜନାରେ ସାମିଲ କରିବା ସହ ସେମାନଙ୍କୁ ମା’ ସମଲେଇ ସେବକର ମାନ୍ୟତା ଦେଇ ଅନ୍ୟମାନଙ୍କ ଭଳି କ୍ଷତିପୂରଣ ଦେବାକୁ ଦାବି କରିଛନ୍ତି। ଧାରଣାରେ ରାମଚନ୍ଦ୍ର ଦୀପ, ରଜନୀ ରାଘବଙ୍କ ସହିତ ଶତାଧିକ ଘୁଂଘୁଟିପଡ଼ା ପରିବାର ସାମିଲ ଥିଲେ।

# ଫେବୃଆରୀ ୧୧ରେ ମହାନଦୀ ହାଫ୍ ମାରାଥନ୍



ଖବରଦାତା ସମ୍ମିଳନୀରେ ଜିଲାପାଳ ସୂଚନା ଦେଉଛନ୍ତି ।

ସମ୍ବଲପୁର,୧୦।୧ (ଭବାନୀ ଶଙ୍କର ଭୋଇ):

ଜିଲା ପ୍ରଶାସନ, ଓଡ଼ିଶା ଆଥଲେଟିକ୍ ଆସୋସିଏଶନ ଓ ଟାଟା ଷ୍ଟିଲ ମିଳିତ ସହଯୋଗରେ ଆସନ୍ତା ଫେବୃଆରୀ ୧୧ରେ ‘ମହାନଦୀ ହାଫ୍ ମାରାଥନ୍’ ଆୟୋଜନ କରାଯିବ। ସ୍ଥାନୀୟ ତପସ୍ୱିନୀ ହଲରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଏ ନେଇ ସୂଚନା ଦିଆଯାଇଛି। ମହାନଦୀ ହାଫ ମାରାଥନ କ୍ରୀଡ଼ାପ୍ରେମୀଙ୍କୁ ଉତ୍ସାହିତ କରିବା ସହ ସ୍ୱାସ୍ଥ୍ୟ, ସାମ୍ପ୍ରଦାୟିକ ସଦ୍‌ଭାବ ଓ ମହାନଦୀ ପ୍ରତି ସାମୂହିକ ପ୍ରତିବଦ୍ଧତା ସୃଷ୍ଟି କରିବ ବୋଲି ଜିଲାପାଳ ଅନନ୍ୟା ଦାସ କହିଥିଲେ। ମାରାଥନରେ ୨୧ କିମି ଓ ୧୦ କିମି ବର୍ଗରେ ୧୯ ବର୍ଷରୁ ଅଧିକ ବୟସର ବ୍ୟକ୍ତି ନିଜର ନାମ ପଞ୍ଜିକରଣ କରିପାରିବେ ବୋଲି ଜିଲାପାଳ ସୂଚନା ଦେଇଛନ୍ତି। ୨୧ କିମି ମାରାଥନରେ ନାମ ପଞ୍ଜିକରଣ ଦେୟ ୪୦୦ ଟଙ୍କା ଓ ୧୦ କିମି ପାଇଁ ୩୦୦ ଟଙ୍କା ଦେୟ ଧାର୍ଯ୍ୟ କରାଯାଇଛି। ସେହିଭଳି ୫କିମିରେ ୧୪ରୁ ୧୯ ବର୍ଷ ବୟସର ପିଲାଙ୍କ ପାଇଁ ଦେୟ ୧୫୦ ଟଙ୍କା ଓ ୧କିମି ପାଇଁ ଦେୟ ୧୦୦ ଟଙ୍କା ଧାର୍ଯ୍ୟ କରାଯାଇଛି। ଏହି ମାରାଥନ୍ କେବଳ ଏକ ଦୌଡ଼ ନୁହେଁ, ଏହା ଫିଟନେସ୍, ଏକତା ଭାବନାର ଏକ ଉତ୍ସବ ବୋଲି ମହାନଗର କମିଶନର ବେଦଭୂଷଣ କହିଥିଲେ। ଖବରଦାତା ସମ୍ମିଳନୀରେ ଜିଲାପାଳ ଅନନ୍ୟା ଦାସ, ଏସ୍‌ପି ମୁକେଶ ଭାମୁ, ମହାନଗର କମିଶନର ବେଦ ଭୂଷଣ, ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ଓ ଟାଟା ଷ୍ଟିଲ୍‌ର ମୁଖ୍ୟ କ୍ରୀଡ଼ା ଅଧିକାରୀ ମୁକୁଲ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଜିଲା ହସ୍ତଶିଳ୍ପ ଓ ବୟନଶିଳ୍ପ ପ୍ରଦର୍ଶନୀ ଉଦ୍‌ଘାଟିତ

ସମ୍ବଲପୁର,୧୦।୧ (ପ୍ରମୋଦ ବହିଦାର):

ସମ୍ବଲପୁର ନୃସିଂହ ଗୁରୁ ଟାଉନ ଉଚ୍ଚ ବିଦ୍ୟାଳୟରେ ବୁଧବାର ହସ୍ତଶିଳ୍ପ ଓ ବୟନଶିଳ୍ପ ପ୍ରଦର୍ଶନୀ ଉଦ୍‌ଘାଟିତ ହୋଇଯାଇଛି। କେନ୍ଦ୍ର ଉନ୍ନୟନ କମିଶନର ହସ୍ତଶିଳ୍ପ ମନ୍ତ୍ରଣାଳୟ ଓ ହସ୍ତଶିଳ୍ପ ସେବାକେନ୍ଦ୍ର, ଶାନ୍ତିନଗର, ସମ୍ବଲପୁରର ମିଳିତ ଆନୁକୂଲ୍ୟରେ ପ୍ରଦର୍ଶନୀ ଆୟୋଜିତ ହୋଇଛି। ଏହାକୁ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ସୁଜାତା ନନ୍ଦ ଉଦ୍‌ଘାଟନ କରିଥିଲେ। ଏଥିରେ ଧାନରେ କାରୁକାର୍ଯ୍ୟ, ଚିତ୍ରକଳା, ବାଉଁଶ ଓ ବେତକାମ ଆଦି ହସ୍ତକଳା ପ୍ରଦର୍ଶିତ ହୋଇଥିଲା। ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ରଙ୍କୁ ଏମ୍ବ୍ରୋଡରିରେ ସୁଜାତା ବିଶ୍ୱାସ, ବେତ ଓ ବାଉଁଶ କଳା ପାଇଁ ମୀନା ପ୍ରଧାନ ଓ ସୁଜାତା ଦୁଆନ, ଧାନରେ କାରୁକାର୍ଯ୍ୟ ପାଇଁ ସୋନିକା ସେଠୀ ଓ ବିମଳା ମେହେର ପ୍ରମୁଖ ତାଲିମ ଦେଇଥିଲେ। କାର୍ଯ୍ୟକ୍ରମକୁ ହସ୍ତଶିଳ୍ପ ବିଭାଗ ସହକାରୀ ନିର୍ଦ୍ଦେଶକ କୁମାରୀ ଶୈଳଜା ପରିଚାଳନା କରିଥିଲେ।

# ବ୍ଲକ୍ ପ୍ରଶାସନର ମନମୁଖି କାର୍ଯ୍ୟକୁ ସରପଞ୍ଚ ସଂଘର ବିରୋଧ


ସରପଞ୍ଚମାନେ ଦାବିପତ୍ର ପ୍ରଦାନ କରୁଛନ୍ତି।

କୁଚିଣ୍ଡା,୧୦।୧ (ବିରଞ୍ଚି ଦର୍କା)

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ନିମନ୍ତେ ବାମରା ବ୍ଲକର ପ୍ରତି ପଞ୍ଚାୟତରେ ଅର୍ପଣ ରଥ ପରିଭ୍ରମଣ କରୁଛି। ଏହା ଏକ ସରକାରୀ କାର୍ଯ୍ୟକ୍ରମ ହୋଇଥିବା ସତ୍ତ୍ୱେ ବ୍ଲକ ପ୍ରଶାସନ ଏହାର ରୂପରେଖ ପ୍ରସ୍ତୁତ ନ କରି ମନମୁଖି ଭାବେ ପରିଚାଳନା କରୁଥିବା ବାମରା ବ୍ଲକ ସରପଞ୍ଚ ସଂଘ ଅଭିଯୋଗ କରିଛି। ଏହି ମର୍ମରେ ସରପଞ୍ଚ ସଂଘ ସଭାପତି ବିମଳ ଲାକ୍ରାଙ୍କ ନେତୃତ୍ୱରେ ବାମରା ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଅର୍ପଣ ରଥ ପରିକ୍ରମା ନିମନ୍ତେ ୨ଲକ୍ଷ ଟଙ୍କା ବ୍ୟୟ ଅଟକଳ ରହିଥିବା ବେଳେ ବିଡିଓ କୌଣସି ସରପଞ୍ଚଙ୍କ ପରାମର୍ଶ ନ ନେଇ ମନଇଚ୍ଛା କାର୍ଯ୍ୟକ୍ରମକୁ ପରିଚାଳନା କରୁଥିବା ଦାବିପତ୍ରରେ ଦର୍ଶାଯାଇଛି। ଏହାଛଡା ହୋଇଥିବା ଯୁବ ଓଡିଶା, ନବୀନ ଓଡିଶା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ବିଜେତା ଦଳଗୁଡିକୁ ଏ ପର୍ଯ୍ୟନ୍ତ ପୁରସ୍କାର ପ୍ରଦାନ କରାଯାଇଥବା ସଂଘ କହିଛି। ତେଣୁ ଯୁବ ଓଡିଶା, ନବୀନ ଓଡିଶା କାର୍ଯ୍ୟକ୍ରମ ସହ ଅର୍ପଣ ରଥ ପରିକ୍ରମାର ଖର୍ଚ୍ଚ ବିବରଣୀ ସମସ୍ତ ସରପଞ୍ଚଙ୍କୁ ପ୍ରଦାନ କରିବାକୁ ଏଥିରେ ଦାବି କରାଯାଇଛି। ବିଡିଓଙ୍କ ଅନୁପସ୍ଥିତିରେ ଡବ୍ଲ୍ୟୁଇଓ ରଞ୍ଜନା ଦାବିପତ୍ର ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସରପଞ୍ଚ ବୈଜୟନ୍ତୀ ନାଏକ, ସୁବନ୍ତି କେଛୁ, ତ୍ରିଲିଙ୍ଗ ଛତ୍ରିଆ, ସମୀର ବରିହା, ବିରଞ୍ଚି ମାଝି, ଗୋଲାପି ବାଘ, ମଙ୍ଗଳି କୁଜୁର, ଭବାନୀ ରାଉଡ଼ିଆ, ଲାବଣ୍ୟ ନାଏକ, ସୁଭଦ୍ରା କିଷାନ, ଭଗିନ୍ଦ୍ର କିଷାନ, ପ୍ରିୟମ୍ବଦା ସା, ଜଗଦୀଶ ନାଏକ, ସୁନିତା ଲାକ୍ରା ପ୍ରମୁଖ ସାମିଲ ଥିଲେ। ବାମରା ବିଡିଓ ପୁଷ୍ପକ ପ୍ରଧାନଙ୍କୁ ଏ ସମ୍ପର୍କରେ ପଚାରିବାରୁ ଏହା ଭିତ୍ତିହୀନ ଅଭିଯୋଗ ଏବଂ ନିୟମ ମୁତାବକ ଖର୍ଚ୍ଚ ହେଉଥିବା କହିଛନ୍ତି।

# ସ୍ୱାସ୍ଥ୍ୟକେନ୍ଦ୍ର ପରିସର ପାଲଟିଛି ପାର୍କିଂସ୍ଥଳ

ସମ୍ବଲପୁର,୧୦।୧ (ପ୍ରମୋଦ ବହିଦାର):

ସମ୍ବଲପୁର ଅଇଁଠାପାଲିସ୍ଥିତ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସର ଏବେ ପାର୍କିଂସ୍ଥଳ ପାଲଟିଛି। ଏଠାରେ ସକାଳୁ ରାତି ପର୍ଯ୍ୟନ୍ତ ଅନଧିକୃତ ପାର୍କିଂ କରାଯାଉଥିବାରୁ ରୋଗୀସେବା ବ୍ୟାହତ ହେବା ସହ ରୋଗୀଙ୍କ ପରିଜନ ଯାନବାହନ, ଆମ୍ବୁଲାନ୍ସ ଆଦି ପାର୍କିଂରେ ସମସ୍ୟା ସୃଷ୍ଟି ହେଉଛି।

ପୂର୍ବରୁ ଏଠାରେ ଏକ ତାଲିମ କେନ୍ଦ୍ର ସହିତ ତାଲିମ ନେଉଥିବା ସ୍ୱାସ୍ଥ୍ୟସେବୀଙ୍କ ପାଇଁ ହଷ୍ଟେଲ ମଧ୍ୟ ରହିଥିଲା। ପରବର୍ତ୍ତୀ କାଳରେ ଏଠାରେ କର୍ମଚାରୀ ଅଭାବ ଜନିତ କାରଣରୁ ଏହା ବନ୍ଦ ହୋଇଯିବା ପରେ ଏହାକୁ ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ରରେ ରୂପାନ୍ତରିତ କରାଯାଇଥିଲା। ମାତ୍ର ଏହି ସ୍ୱାସ୍ଥ୍ୟକେନ୍ଦ୍ର ପରିସର ବର୍ତ୍ତମାନ କମ୍ପାନୀ କର୍ମଚାରୀଙ୍କ ବାଇକ୍ ପାର୍କିଂସ୍ଥଳ ପାଲଟିଛି। ଏଠାରେ ପ୍ରତିଦିନ ପାର୍କିଂ ହେଉଥିବା ଅଧିକାଂଶ ଯାନ ଝାରସୁଗୁଡ଼ା ରାସ୍ତାରେ ରହିଥିବା ବିଭିନ୍ନ ଶିଳ୍ପସଂସ୍ଥାରେ କାର୍ଯ୍ୟରତ କର୍ମଚାରୀଙ୍କର। ବିଭିନ୍ନ ଶିଳ୍ପସଂସ୍ଥାର ନିଜସ୍ୱ ବସ୍ ସମ୍ବଲପୁର ଆସି ଅଇଁଠାପାଲିରେ କର୍ମଚାରୀଙ୍କୁ ଅପେକ୍ଷା କରିଥାଏ। ସହରର ବିଭିନ୍ନ ଅଞ୍ଚଳରେ ରହୁଥିବା କର୍ମଚାରୀମାନେ ଏଠାରେ ବସ୍ ଧରିଥାନ୍ତି। ସୁବିଧା ଦୃଷ୍ଟିରୁ ବାଇକ୍‌ରେ ଆସି କମ୍ପାନୀ କର୍ମଚାରୀମାନେ ଏଠାରେ ବାଇକ୍ ପାର୍କିଂ କରି ବସ୍‌ରେ କାର୍ଯ୍ୟକ୍ଷେତ୍ରକୁ ଚାଲି ଯାଇ ଥାଆନ୍ତି। ଦିନତମାମ ବାଇକ୍‌ଗୁଡ଼ିକ ରହୁଥିବା ବେଳେ ଏଠାରେ ନିୟୋଜିତ ସୁରକ୍ଷା କର୍ମୀଙ୍କ ପାଇଁ ସେମାନେ ନିଜ ବାଇକର ସୁରକ୍ଷାକୁ ନେଇ ନିଶ୍ଚିନ୍ତ ରହିଥାଆନ୍ତି। ମାତ୍ର ଏଭଳି ଅନଧିକୃତ ପାର୍କିଂ ରୋଗୀସେବା ଉପରେ କି ପ୍ରଭାବ ପକାଉଛି ସେଥିପ୍ରତି ସେମାନଙ୍କ ଧ୍ୟାନ ନାହିଁ। ଏପରି କି ଏଠାରେ ସେମାନଙ୍କୁ ତାଗିଦ କରିବାକୁ ମଧ୍ୟ କେହି ନ ଥିବା ମନେହୁଏ। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପୂର୍ଣ୍ଣଚନ୍ଦ୍ର ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି, ଏହା ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଏକ ତାଲିମ କେନ୍ଦ୍ରଥିଲା। ପରେ ଏଠାରେ ଥିବା ଖାଲି ସ୍ଥାନକୁ ବିକାଶ କରାଯାଇ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲାଯାଇ ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଉଛି। ଏଠାରେ ଥିବା ପାର୍କିଂ ସ୍ଥଳଟି କେବଳ ରୋଗୀ, ପରିଜନ ଓ ଆମ୍ବୁଲାନ୍ସ ତଥା ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ କର୍ମଚାରୀଙ୍କ ବ୍ୟବହାର ପାଇଁ ଉଦ୍ଦିଷ୍ଟ। ଅନ୍ୟକେହି ବାଇକ୍ ବା ଅନ୍ୟ ଯାନବାହନ ରଖିବା ବେଆଇନ। ଏଠାରେ ପାର୍କିଂ ହୋଇଥିବା ଶତାଧିକ ବାଇକ୍ ବାହାର ଲୋକଙ୍କର ନା ରୋଗୀ ବା ଅଭିଭାବକଙ୍କର ତାହା ଜଣାପଡୁ ନ ଥିଲା। ଏ ନେଇ ସୂଚନା ରହିଛି, ଖୁବଶୀଘ୍ର ଏ ନେଇ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଓ ସମ୍ପୃକ୍ତ ବିଭାଗକୁ ମଧ୍ୟ ଅବଗତ କରାଯିବ ବୋଲି ସେ କହିଛନ୍ତି।



ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ପାର୍କିଂ କରାଯାଇଛି।



# ଭୁଲାନ୍ତି ନାହିଁ ଶିଳ୍ପା

ଥରେ ମନେପକାନ୍ତୁ ନା ସୁପରହିଟ୍ ଫିଲ୍ମ 'ଧଡକନ୍'ର ଅଞ୍ଜଳି ଚରିତ୍ରକୁ। ଏଥିଲାଗି ଶିଳ୍ପା ସେଟ୍ଟିଙ୍କୁ ଯେତେ ପ୍ରଶଂସା କରାଯିବ ତାହା ସେତେ କମ୍ ହେବ। ଘର ସଂସାର କରିଥିଲେ ମଧ୍ୟ ସେ ଅଭିନୟ ସହ ଜଡିତ ଅଛନ୍ତି। ଗତ ବର୍ଷ ତାଙ୍କ ଅଭିନୀତ ତଥା କମେଡି ଫିଲ୍ମ 'ସୁଖୀ' ରିଲିଜ ହୋଇଥିଲା। ଏବେ ସେ ଏକ କନ୍ନଡ ଫିଲ୍ମ 'କେଡି-ଦ ଡେଭିଲ୍'ରେ ଅଭିନୟ କରୁଛନ୍ତି। ଏହାର ଶୁଟିଂ ସହ ପୋଷ୍ଟ ପ୍ରଡକ୍ସନ କାମ ମଧ୍ୟ ଚାଲୁ ରହିଛି। ଦିନତମାମ ଯେତେ ବ୍ୟସ୍ତ ରହିଲେ ମଧ୍ୟ ଶିଳ୍ପା ଗୋଟିଏ ଜିନିଷକୁ କଦାପି ଭୁଲି ନ ଥାନ୍ତି। ତାହା କ'ଣ ଜାଣନ୍ତି ? ଯୋଗ। ଅର୍ଥାତ୍, ସେ ପ୍ରତିଦିନ ଯେମିତି ହେଲେ ଘଣ୍ଟାଏ ଯୋଗ କରନ୍ତି। ନିଜକୁ ଫିଟ୍ ରଖିବାର ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହନ୍ତି ସେ। ସକାଳୁ ଉଠିବା ପରେ ନିତ୍ୟକର୍ମ ଶେଷ କରି ପ୍ରଥମେ ଯୋଗ କରନ୍ତି, ଆଉ ତା'ପରେ ନିଜର ଅନ୍ୟାନ୍ୟ କାମ ସମ୍ପନ୍ନ କରନ୍ତି। ଶିଳ୍ପାଙ୍କ ବଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା 'ବାଜିଗର'ରୁ। ତା'ପରେ ସେ 'ମେଁ ଖିଲାଡି ତୁ ଅନାଡି', 'ହାତକଡି', 'ଗ୍ୟାମ୍ବଲର', 'ଇନ୍‌ସାଫ', 'ହିମ୍ମତ', 'ସୁଲ୍', 'ଧଡକନ୍' ଆଦି ଫିଲ୍ମରେ ଅଭିନୟ କରିଛନ୍ତି।

# ସିଲ୍‌ଭର ଜୁବିଲି ଅପେକ୍ଷାରେ...

ହୋମ୍ ବ୍ୟାନରରୁ ନିଜର ବଲିଉଡ୍ କ୍ୟାରିୟର ଆରମ୍ଭ କରିଥିଲେ ହ୍ରିତିକ ରୋଶନ। ତାଙ୍କ ପିତା ତଥା ହିନ୍ଦୀ ସିନେମାର ଅନ୍ୟତମ ଆଗଧାଡିର ପ୍ରଯୋଜକ ଏବଂ ନିର୍ଦ୍ଦେଶକ ରାକେଶ ରୋଶନଙ୍କ 'କହୋନା ପ୍ୟାର୍ ହେ'ରେ ସେ ନାୟକ ଭୂମିକାରେ ଅଭିନୟ କରି ରାତାରାତି ସଫଳତା ଅର୍ଜନ କରିଥିଲେ। ପ୍ରଥମ ସିନେମାରୁ ତାଙ୍କ ଭିତରେ ଥିବା ଅଭିନୟ ଦକ୍ଷତା ପ୍ରମାଣ ମଧ୍ୟ ଦେଇଥିଲେ। ଇତିମଧ୍ୟରେ ସେ ବଲିଉଡ୍‌ରେ ୨୪ ବର୍ଷ ପୂରଣ କରିଛନ୍ତି। ଆଉ ବର୍ଷକ ପରେ ସେ ପାଳନ କରିବେ ତାଙ୍କ ଆକ୍ଟିଂ କ୍ୟାରିୟରର ସିଲ୍‌ଭର ଜୁବିଲି। ଏ ନେଇ ହ୍ରିତିକ କହନ୍ତି, ''ଏସବୁ ସମ୍ଭବ ହୋଇଛି ଦର୍ଶକଙ୍କ ପାଇଁ। ସେମାନେ ଯଦି ମୋତେ ଆରମ୍ଭରୁ ଭଲ ପାଇବା ଦେଇ ନ ଥାନ୍ତେ ତେବେ ମୁଁ ଏପର୍ଯ୍ୟନ୍ତ ଇଣ୍ଡଷ୍ଟ୍ରିରେ ଟିକ୍ସି ନ ଥାନ୍ତି। ମୁଁ ସବୁବେଳେ ଭେରାଇଟି ଭୂମିକାରେ ଅଭିନୟ କରିବାକୁ ପସନ୍ଦ କରେ। ସେଗୁଡିକ ମଧ୍ୟ ଦର୍ଶକାଦୃତ ହୋଇସାରିଛି। ତେଣୁ ମୋ ପରିଶ୍ରମର ପ୍ରକୃତ ମୂଲ୍ୟ ମୁଁ ପାଇଛି ବୋଲି କହିବି।'' ଅବସର ସମୟରେ ହ୍ରିତିକ ଚିତ୍ର ଆଙ୍କିବାକୁ ପସନ୍ଦ କରନ୍ତି। କେବଳ ହିନ୍ଦୀ ନୁହେଁ, ଇଂରାଜୀ, ବଙ୍ଗଳା ଏବଂ ସ୍ପାନିସ ଭାଷାରେ ତାଙ୍କର ଦକ୍ଷତା ରହିଛି।



ହ୍ରିତିକ

# ଓଡ଼ିଆ ଚଳଚ୍ଚିତ୍ରର ଗତି-ପ୍ରଗତି

ଓଡ଼ିଆ ଚଳଚ୍ଚିତ୍ରକୁ ନେଇ ଏବେ ଆଲୋଚନା ବେଶ୍ ସରଗରମ ହୋଇଛି। ତା' ସାଙ୍ଗକୁ ପରସ୍ପର ଭିତରେ ଆରୋପ ପ୍ରତ୍ୟାରୋପ ଏହି ଶିଳ୍ପକୁ ପଛକୁ ଟାଣିନେଉଛି କହିଲେ ଆଦୌ ଭୁଲ ହେବ ନାହିଁ। ମୋର ଅନୁଭୂତି କଥା କହୁଛି। ବହୁ ବର୍ଷ ପୂର୍ବେ ଓଡ଼ିଆ ସିନେମାଟିଏ ଦେଖିବାକୁ ଲୋକମାନେ ଗାଁ ଗହଳିରୁ ଶଗଡରେ ଆସୁଥିଲେ। କିନ୍ତୁ ସେତେବେଳେ ସିନେମା ଟିକେଟର ମୂଲ୍ୟ କମ୍ ଥିଲା। ହେଲେ ଏବେ ଆଗ ତୁଳନାରେ ବାଣିଜ୍ୟ କର ବହୁତ କମ୍, ଏହାଦ୍ୱାରା ପ୍ରଯୋଜକମାନଙ୍କର ଆୟ ଅଧିକ ହେବା କଥା। କିନ୍ତୁ ଦୁର୍ଭାଗ୍ୟବଶତଃ ଓଡ଼ିଆ ଚଳଚ୍ଚିତ୍ରର ଦର୍ଶକ ସଂଖ୍ୟା ପୂର୍ବାପେକ୍ଷା ବହୁତ କମିଯାଇଛି। ବର୍ତ୍ତମାନ ଓଡ଼ିଆ ସିନେମା କାହିଁକି କମ୍ ବିଜ୍‌ନେସ କରୁଛି ତାହା ବଡ ଚିନ୍ତାର ବିଷୟ। ଏବେ ଓଡ଼ିଆ ସିନେମା ନିର୍ମାଣ ସଂଖ୍ୟା ଏବଂ ରିଲିଜ ସଂଖ୍ୟା ବଢ଼ିଛି। ଚଳିତବର୍ଷ ଏହା ୪୦ ଟପିଛି। କିନ୍ତୁ ସେଗୁଡିକ ମଧ୍ୟରୁ ହାତଗଣତି କେତୋଟି ସିନେମାକୁ ବ୍ୟବସାୟିକ ସଫଳତା ମିଳୁଛି।

ଗୋଟିଏ ଚଳଚ୍ଚିତ୍ରର ସଫଳତା ପଛରେ ଏହା ସହ ସଂଶ୍ଲିଷ୍ଟ ବ୍ୟକ୍ତିମାନଙ୍କର ବିଶେଷଭାବରେ ପ୍ରଯୋଜକଙ୍କର ବିଶେଷ ଭୂମିକା ରହିଥାଏ। ଯେକୌଣସି ଚଳଚ୍ଚିତ୍ରଟିଏ ତିଆରି କରିବାକୁ ହେଲେ ଚିତ୍ରନାଟ୍ୟ ଭଲ ଲେଖାହେବା ନିହାତି ଆବଶ୍ୟକ। କାରଣ ଚିତ୍ରନାଟ୍ୟ ହେଉଛି ଚଳଚ୍ଚିତ୍ରର ମେରୁଦଣ୍ଡ। ତା'ସହ ଦର୍ଶକଙ୍କ ମନକୁ ଛୁଇଁଲା ଭଳି କାହାଣୀଟିଏ ସଂଳାପରେ ରୂପାନ୍ତରିତ ହେବା ଦରକାର। ଏହା ସହ ବେଶପୋଷାକ, ପ୍ରସାଧନ ସାମଗ୍ରୀ, ଶୁଟିଂ ସ୍ଥାନ ପ୍ରତି ଗୁରୁତ୍ୱ ଦେବା ଦରକାର।

ଏବେ ଅନ୍ୟ ଆଞ୍ଚଳିକ ସିନେମାରୁ କେତେକ ଓଡ଼ିଆ ଚଳଚ୍ଚିତ୍ର ଫ୍ରେମ୍-ଟୁ-ଫ୍ରେମ୍ କପି ହେଉଛି। ଏଭଳି କପି ପେଷ୍ଟ ଫିଲ୍ମରେ ଆମ ଓଡ଼ିଆ ସଂସ୍କୃତି, ପରମ୍ପରାର ଝଲକ ଦେଖିବାକୁ ମିଳୁନାହିଁ। ଫଳରେ ସିନେମାଟି ଦର୍ଶକାଦୃତ ହୋଇପାରୁନାହିଁ। ତେଣୁ ନିଛକ ଓଡ଼ିଆ ସିନେମାଟିଏ ଦେଖିବାକୁ ମିଳୁ ନ ଥିବାରୁ ଅଧିକାଂଶ ଦର୍ଶକ ମୁହଁ ଫେରାଇ ନେଉଛନ୍ତି।

ଓଡ଼ିଆ ଚଳଚ୍ଚିତ୍ରର ବିତରଣ ଦାୟିତ୍ୱ ନେବା ପୂର୍ବରୁ ବିତରକ ଚଳଚ୍ଚିତ୍ରଟିକୁ ଭଲ ଭାବରେ ଦେଖି ମୂଲ୍ୟାଙ୍କନ କରିବାର ଆବଶ୍ୟକତା ରହିଛି। ତା'ସହ ଚଳଚ୍ଚିତ୍ରଟିର ପ୍ରଚାର, ପ୍ରସାର ପାଇଁ ପ୍ରଯୋଜନା ସଂସ୍ଥା ନିର୍ଦ୍ଧାରିତ ବଜେଟ ରଖିବା ଆବଶ୍ୟକ। କେବଳ ଭିତ୍ତିଭୂମି ସୁଦୃଢ଼ ହୋଇଗଲେ ଯେ ଚଳଚ୍ଚିତ୍ର ସାର୍ବଜନୀନ ଭାବରେ ଉନ୍ନତ ହୋଇଯିବ, ତାହା ଭାବିବା ଭୁଲ। ବର୍ତ୍ତମାନ ଅଧିକାଂଶ ପ୍ରେକ୍ଷାଳୟର ଅବସ୍ଥା ନ କହିବା ଭଲ। ସେଗୁଡିକର ପୁନରୁଦ୍ଧାର ଆବଶ୍ୟକତା ରହିଛି। ସରକାରଙ୍କ ସହାୟତା ଏଥିପାଇଁ ନିହାତି ଦରକାର। ତା'ସହ ପିପିପି ମୋଡ୍‌ରେ ସିନେମା ହଲ୍ ନିର୍ମାଣ କରାଗଲେ ତାହା ଚଳଚ୍ଚିତ୍ର ଶିଳ୍ପ ପାଇଁ ଶୁଭପ୍ରଦ ସାବ୍ୟସ୍ତ ହୁଅନ୍ତା।

ଓଡ଼ିଆ ଚଳଚ୍ଚିତ୍ର ଶିଳ୍ପର ସାମଗ୍ରିକ ଉନ୍ନତି ପାଇଁ ଏଥିସହ ସଂଶ୍ଲିଷ୍ଟ ସବୁ ବିଭାଗ ଉଚିତ ସମନ୍ୱୟ ରକ୍ଷା କରି କାନ୍ଧରେ କାନ୍ଧ ମିଳାଇ ଆଗେଇବାର ସମୟ ଆସିଛି। ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ପ୍ରତି ନଜର ଦେବା ନିହାତି ଦରକାର। କେଉଁ ମାର୍ଗ ଅବଲମ୍ବନ କଲେ ପ୍ରଯୋଜକ, ବିତରକ, ପ୍ରେକ୍ଷାଳୟ ମାଲିକ, କଳାକାର, ଟେକ୍ନିସିଆନ- ସମସ୍ତେ ସ୍ୱାବଲମ୍ବୀ ହୋଇପାରିବେ ତାହାର ଏକ ଖସଡା ପ୍ରସ୍ତୁତ ହେବା ନିହାତି ଆବଶ୍ୟକ। ମୋର ଅଭିଜ୍ଞତାକୁ ପାଥେୟ କରି ମୁଁ ମଧ୍ୟ ଏକ ଖସଡା ପ୍ରସ୍ତୁତ କରିଛି। ଏଥିପାଇଁ ଦରକାର ଦୃଢ଼ ମନୋବଳ, ସରକାରଙ୍କ ତରଫରୁ ସକାରାତ୍ମକ ପ୍ରୋତ୍ସାହନ ଓ ଉଚ୍ଚସ୍ତରୀୟ ସମନ୍ୱୟ। ସରକାରଙ୍କ ପକ୍ଷରୁ ଉଚିତ ସହଯୋଗ ମିଳିଲେ ଏବଂ ଚଳଚ୍ଚିତ୍ର ସହ ଜଡିତ ସମସ୍ତ ବ୍ୟକ୍ତିବିଶେଷ ଏକାଠି ଆଗେଇଲେ ଏହି ଶିଳ୍ପର ଭବିଷ୍ୟତ ଆହୁରି ଉଜ୍ଜ୍ୱଳମୟ ହେବ। ଚଳଚ୍ଚିତ୍ର ଶିଳ୍ପର ରାଜସ୍ୱ ବୃଦ୍ଧି ହେବ। ସମୟ ଆସିବ ଓଡ଼ିଆ ଚଳଚ୍ଚିତ୍ର ଶିଳ୍ପ ସରକାରଙ୍କ ଏକ ଅଗ୍ରଣୀ ଲାଭଦାୟକ ସଂସ୍ଥା ଭାବରେ ପରିଗଣିତ ହେବ- ଏଥିରେ ତିଳେମାତ୍ର ସନ୍ଦେହ ନାହିଁ।

–ଦିଲୀପ କୁମାର ମିଶ୍ର
ନିର୍ଦ୍ଦେଶକ, ଓଡ଼ିଶା ଫିଲ୍ମ ଡେଭଲପମେଣ୍ଟ କର୍ପୋରେଶନ (ଓଏଫ୍‌ଡିସି)
ମୋ : ୯୯୩୭୬୮୯୧୫୨

# ମଡେଲରୁ ଅଭିନେତ୍ରୀ

ଚର୍ଚ୍ଚିତ ଫିଲ୍ମ 'ଏମ୍.ଏସ୍.ଧୋନି: ଦ ଅନଟୋଲ୍ଡ ଷ୍ଟୋରି'ରୁ ତାଙ୍କର ବଲିଉଡ୍ ଯାତ୍ରା ଆରମ୍ଭ ହୋଇଥିଲା। ଆଉ ତା'ପରେ ବେଶ୍ କେତୋଟି ସିନେମାର ନାୟିକା ସାଜିସାରିଛନ୍ତି ସେ। ଏହି ଅଭିନେତ୍ରୀ ଜଣଙ୍କ ହେଉଛନ୍ତି ଦିଶା ପଟାନି। ପ୍ରଥମେ ମଡେଲିଂ କରୁଥିଲେ ସେ। ୨୦୧୫ରେ ତାଙ୍କୁ ପ୍ରଥମେ ବଡ ପରଦାରେ ଅଭିନୟ କରିବାର ସୁଯୋଗ ମିଳିଥିଲା। ଆଉ ତାହା ଥିଲା ନାମୀ ନିର୍ଦ୍ଦେଶକ ପୁରୀ ଜଗନ୍ନାଥଙ୍କ ନିର୍ଦ୍ଦେଶିତ ଏକ ତେଲୁଗୁ ଫିଲ୍ମ, ଯାହାର ଟାଇଟଲ ହେଉଛି 'ଲୋଫର'। ଠିକ୍ ଏହାର ବର୍ଷେ ପରେ ବଲିଉଡ୍‌ରେ ଏଣ୍ଟ୍ରି କରିଥିଲେ ଦିଶା। ଲୋକପ୍ରିୟ କ୍ରିକେଟ ଖେଳାଳି ମହେନ୍ଦ୍ର ସିଂ ଧୋନିଙ୍କ ଜୀବନୀକୁ ନେଇ ପ୍ରସ୍ତୁତ 'ଏମ୍.ଏସ୍. ଧୋନି : ଦ ଅନଟୋଲ୍ଡ ଷ୍ଟୋରି'ରେ ତାଙ୍କୁ ବ୍ରେକ୍ ମିଳିଥିଲା। ଏହାପରେ ସେ ଆଉ ପଛକୁ ଫେରି ଚାହିଁ ନ ଥିଲେ। ତା'ସହ ଆକ୍ଟିଂ କ୍ୟାରିୟର ପ୍ରାରମ୍ଭରେ ସେ ଏକ ଚାଇନା ଫିଲ୍ମ 'କୁଙ୍ଗ ଫୁ ୟୋଗା'ରେ ଜ୍ୟାକି ଚାନ୍‌ଙ୍କ ନାୟିକା ସାଜିଥିଲେ। ଅଭିନୟ ବ୍ୟତୀତ ନିଜର ଫିଟ୍‌ନେସ୍‌କୁ ନେଇ ସବୁବେଳେ ସଚେତନ ଥାଆନ୍ତି ସେ। ମାର୍ଶାଲ ଆର୍ଟରେ ସେ ସିଦ୍ଧହସ୍ତା। ତା' ସହ କିକ୍ ବକ୍ସିଂ ମଧ୍ୟ ଶିଖିଛନ୍ତି। ତାଙ୍କ ଅଭିନୀତ ପ୍ରମୁଖ ସିନେମାଗୁଡିକ ମଧ୍ୟରେ ରହିଛି 'ୱେଲକମ୍ ଟୁ ନ୍ୟୁୟର୍କ', 'ବାଗୀ-୨', 'ଭାରତ', 'ମଲଙ୍ଗ', 'ବାଗୀ-୩', 'ରାଧେ' ଏବଂ 'ଏକ ଭିଲେନ୍ ରିଟର୍ନ୍‌ସ'। ରିଲିଜ ଅପେକ୍ଷାରେ ରହିଛି ତେଲୁଗୁ-ହିନ୍ଦୀ ଫିଲ୍ମ 'କଲ୍‌କି ୨୮୯୮ ଏଡି', 'ୟୋଦ୍ଧା', 'କଙ୍ଗୁଭା' ଏବଂ 'ୱେଲକମ୍ ଟୁ ଜଙ୍ଗଲ'।



ଦିଶା

# ଅପେକ୍ଷାର ଫଳ ମିଠା

କଥାରେ ଅଛି-ଅପେକ୍ଷାର ଫଳ ମିଠା। କିନ୍ତୁ ସେ ପର୍ଯ୍ୟନ୍ତ ଧୈର୍ଯ୍ୟର ଆବଶ୍ୟକତା ରହିଛି। ଦେଖୁନାହାନ୍ତି, ନିଜର ଆମାଗୀ ଫିଲ୍ମ 'ମିଶନ ଲାୟନ'ର ପ୍ରମୋରେ ସେ ଏବେଠାରୁ ଲାଗି ପଡିଲେଣି। ସେ ହେଲେ ସାରା ଅଲ୍ଲୀ ଖାଁ। ଏକ ରୋମାଞ୍ଚକର ତଥା ଆକ୍ସନଭିତ୍ତିକ କାହାଣୀକୁ ଆଧାର କରି ଫିଲ୍ମଟି ନିର୍ମିତ ହୋଇଛି। ଏଥିରେ ନିଜ ଭୂମିକା ସମ୍ପର୍କରେ ସାରା କହନ୍ତି, 'ଏଥିରେ ମୋ ଭୂମିକା ବିଷୟରେ ଏବେଠାରୁ କହିବା ଆଦୌ ଠିକ୍ ହେବ ନାହିଁ। ହେଲେ ଏତିକି କହିବି, ଯେଉଁଭଳି ଭୂମିକାଟିଏ ଖୋଜୁଥିଲି ତାହା ମୋତେ ମିଳିଯାଇଛି। ଫିଲ୍ମଟି ରିଲିଜ ହେବା ପରେ ଦର୍ଶକ ଏହାକୁ ପସନ୍ଦ କରିବେ ବୋଲି ଆଶା ରଖିଛି।' ଏହି ଫିଲ୍ମଟିର ପ୍ରଯୋଜନା କରିଛନ୍ତି ଜ୍ୟାକି ଭଗନାନି ଏବଂ ଜଗନ ଶକ୍ତି। କେବଳ ସେତିକି ନୁହେଁ ଏହାର ନିର୍ଦ୍ଦେଶନା ମଧ୍ୟ ଦେଇଛନ୍ତି ଜଗନ। ଏକ ଦୃଢ଼ ପ୍ରତିପକ୍ଷ ବିରୋଧରେ ଜଣେ ଯୁବକ କିପରି ଲଢୁଛି ଏବଂ ଶେଷରେ ଏହାର ପରିଣତି କ'ଣ ହେଉଛି, ତାହା ଏହି ସିନେମାରେ ଦେଖିବାକୁ ମିଳିବ। ଉକ୍ତ ଫିଲ୍ମରେ ଟାଇଗର ଶ୍ରଫ ମୁଖ୍ୟ ଭୂମିକାରେ ଅଭିନୟ କରୁଥିବା ବେଳେ ତାଙ୍କ ସହ ସ୍କ୍ରିନ୍ ଶେୟାର କରିଛନ୍ତି ସାରା। ଏହି ଯୋଡି ବ୍ୟତୀତ ଡାନିଏଲ ଏଥନ୍, ଅତୁଲ ଶର୍ମା ଏବଂ ହିତେନ୍ ପଟେଲ ପ୍ରମୁଖ କଳାକାରଙ୍କୁ ଏଥିରେ ଦେଖିବାକୁ ମିଳିବ। ଫିଲ୍ମଟି ଫେବୃୟାରୀ ୨୮ରେ ରିଲିଜ ହେବାର ଯୋଜନା ରହିଛି।



ସାରା

# ଆଶାରେ ଆକାଶ

ଆକାଶ ଦାସ ନାୟକ ଇତିମଧ୍ୟରେ ବେଶ୍ କେତୋଟି ଓଡ଼ିଆ ସିନେମାରେ ଅଭିନୟ କରିସାରିଛନ୍ତି। ଯଦିଓ ସେ ରାଜନୀତି ସହ ଏବେ ଜଡିତ ଅଛନ୍ତି, ତଥାପି ଅଭିନୟର ମାୟାରୁ ମୁକୁଳିପାରି ନାହାନ୍ତି। ତାଙ୍କ ଅଭିନୀତ ପ୍ରଥମ ସିନେମା ଥିଲା 'କଳିଙ୍ଗପୁତ୍ର'। ଏହି ଫିଲ୍ମ ପାଇଁ ତାଙ୍କୁ ସେହି ବର୍ଷ ଶ୍ରେଷ୍ଠ ଅଭିନେତା ଭାବରେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ମିଳିଥିଲା। ଏବେ ତାଙ୍କୁ ନେଇ ନିର୍ମିତ 'କେମିତି ଏ ସମ୍ପର୍କ' ରିଲିଜ ଅପେକ୍ଷାରେ ରହିଛି। ଆଉ ଏଥିରେ ନିଜ ଭୂମିକାର ସଫଳତାକୁ ନେଇ ବେଶ୍ ଆଶା ବାନ୍ଧିଛନ୍ତି ଆକାଶ। ସମ୍ପର୍କ ଯେତେବେଳେ ମଧୁର ଥାଏ ତାହା ମନକୁ ବେଶ୍ ପୁଲକିତ କରି ରଖେ। ହେଲେ ଯେତେବେଳେ ଏଥିରେ ସନ୍ଦେହର ଭାଇରସ୍ ପ୍ରବେଶ କରେ ସେତେବେଳେ ତାହା ଭିନ୍ନ ରୂପ ନିଏ। ଠିକ୍ ସେହିଭଳି ସମ୍ପର୍କକୁ ନେଇ ରଚିତ ହୋଇଛି ଏକ ଭିନ୍ନ ଧରଣର କାହାଣୀ। ଆଉ ତାକୁ ଆଧାର କରି ନିର୍ମିତ ହୋଇଛି ଏହି ନୂଆ ଓଡ଼ିଆ ସିନେମା। ରୂପେଶ କୁମାର ଏହି ଫିଲ୍ମରୁ ନିଜର ପ୍ରଯୋଜନା କ୍ୟାରିୟର ଆରମ୍ଭ କରୁଛନ୍ତି। ତା' ସହ ଏହାର କାହାଣୀ ମଧ୍ୟ ସେ ରଚନା କରିଛନ୍ତି। ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇଛନ୍ତି ବରିଷ୍ଠ ନିର୍ଦ୍ଦେଶକ ହିମାଂଶୁ ପରିଜା(ଚଣ୍ଡୀ)। ଡା. ନିର୍ମଳ ନାୟକଙ୍କ ରଚିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଅଭିଜିତ୍ ମଜୁମ୍‌ଦାର। ଜେଜେଏନ୍‌ଜେ ବ୍ୟାନରରେ ପ୍ରସ୍ତୁତ ଏହି ଚିତ୍ରର ସଂଳାପ ରଚନା କରିଛନ୍ତି ଚିନ୍ମୟ ଦାସପଟ୍ଟନାୟକ। ଖାସ୍ କଥା ହେଲା, ଏହାର ଲିଡ୍ ରୋଲ୍‌ରେ ଅଭିନୟ କରିଛନ୍ତି ଆକାଶ ଦାସନାୟକ। ତାଙ୍କ ଅପୋଜିଟ୍‌ରେ ଦୁଇଜଣ ନାୟିକା- ଏଲିନା ସାମନ୍ତରାୟ ଏବଂ ଲିପ୍ସା ମିଶ୍ରଙ୍କୁ ଦେଖିବାକୁ ମିଳିବ। ଏମାନଙ୍କ ବ୍ୟତୀତ ପ୍ରଦ୍ୟୁମ୍ନ ଲେଙ୍କା, ଅସିତ୍ ପତି, ଜୀବନ ପଣ୍ଡା, ଉଷଶୀ ମିଶ୍ର, ନମିତା ଦାସ, ଗୁଲ୍ଲୁ, ସନ୍ତୁ, ମିଲନ ଏବଂ ଶିଶୁ କଳାକାର ଲତାଶା ଖୁରାନା ପ୍ରମୁଖ ଅଭିନୟ କରିଛନ୍ତି। ଫିଲ୍ମଟିର କ୍ରିଏଟିଭ ହେଡ୍ ଅଛନ୍ତି ପ୍ରଣୟ ଜେଠୀ।

'କେମିତି ଏ ସମ୍ପର୍କ' ଫିଲ୍ମରେ ଏଲିନା-ଆକାଶ



# ଇସ୍କ ସରେଣ୍ଡର ହେଲା

ପ୍ରେମ ହେଉଛି ଶାଶ୍ୱତ, ନିର୍ମଳ। ଯଦି ଜଣେ ସଚ୍ଚା ହୃଦୟରେ ପ୍ରେମ କରେ ତେବେ ସେ ଏଥିରେ ସଫଳ ହେବାର ଯଥେଷ୍ଟ ଚାନ୍ସ ରହିଛି। ଏକ ଭିନ୍ନ ଧରଣର ପ୍ରେମ କାହାଣୀକୁ ଆଧାର କରି ନିର୍ମିତ ହୋଇଛି ନୂଆ ଓଡ଼ିଆ ସିନେମା 'ଇସ୍କ ସରେଣ୍ଡର ହେଲା'। ବିଶ୍ୱାସ ପ୍ରଡକସନ୍ସ ବ୍ୟାନରରେ ପ୍ରସ୍ତୁତ ଫିଲ୍ମଟି ଚଳିତ ବର୍ଷ ଭାଲେଣ୍ଟାଇନ୍ ଡେ' ଅବସରରେ ମୁକ୍ତିଲାଭ କରିବାର ଯୋଜନା ରହିଛି ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଏହାର ପ୍ରଯୋଜନା କରିଛନ୍ତି ବିଶ୍ୱାସ ଏଣ୍ଟରଟେନ୍‌ମେଣ୍ଟ। ଅନ୍ୟପକ୍ଷରେ ଚିତ୍ରନାଟ୍ୟ ରଚନା ସହ ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ରାଜା ଡି। ସିନେମାଟୋଗ୍ରାଫି ଦାୟିତ୍ୱ ତୁଲାଇଛନ୍ତି ବିଶ୍ୱଭୂଷଣ ମହାପାତ୍ର। ଖାସ୍ କଥା ହେଲା ଏଥିରେ ସଂଯୋଜିତ ଗୀତଗୁଡିକ ଦର୍ଶକଙ୍କ ମନକୁ ଛୁଇଁବ ବୋଲି ଆଶା ରଖିଛନ୍ତି ଓଲିଉଡ୍‌ର ଅନ୍ୟତମ ଆଗଧାଡିର ସ୍ୱର ସଂଯୋଜକ ପ୍ରେମାନନ୍ଦ। ଗୀତଗୁଡିକ ପାଇଁ କଣ୍ଠଦାନ କରିଛନ୍ତି ହ୍ୟୁମାନ ସାଗର, ଅନନ୍ୟା ଶ୍ରୀତମ ନନ୍ଦ, ଦୀପ୍ତିରେଖା ପାଢ଼ୀ, ସବିଶେଷ, ଆଶୁତୋଷ ଏବଂ ସତ୍ୟଜିତ। ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି ସମ୍ଭବ ମାନସିଂ, ଜୟା ବିଶ୍ୱାସ, ପିୟାଲି, ମନୋଜ ମିଶ୍ର, ମିହିର ଦାସ, ବଣ୍ଟି ଅନୁଗୁଳିଆ, ଅଶୋକ ଦାସ ଏବଂ ପ୍ରତିଭା ପଣ୍ଡା ପ୍ରମୁଖ କଳାକାର।



ସମ୍ଭବ-ଜୟା

# ନୂଆ ଭୋଟରଙ୍କୁ ନେଇ ଚାଲିଛି ଅଙ୍କକଷା

## ମୋରଡ଼ା ବିଧାନସଭା ନିର୍ବାଚନମଣ୍ଡଳୀ

ବାରିପଦା(ନୀଳାଦ୍ରି ବିହାରୀ ଦଣ୍ଡପାଟ)/ମୋରଡ଼ା (ସ୍ମାରକ ମାଜୀ)୧୦।୧

ମୟୂରଭଞ୍ଜ ଜିଲା ମୋରଡ଼ା ବିଧାନସଭା ନିର୍ବାଚନମଣ୍ଡଳୀ ସାଧାରଣ ବର୍ଗଙ୍କ ପାଇଁ ଉଦ୍ଦିଷ୍ଟ। ନିର୍ବାଚନ ମୁଣ୍ଡ ଉପରେ ଥିବାରୁ ଆଶାୟୀମାନେ ନିଜ ଦଳରୁ କିଭଳି ଟିକେଟ ପାଇବେ ସେଥିଲାଗି ସବୁ ପ୍ରକାର ଚେଷ୍ଟା ଆରମ୍ଭ କରିଦେଇଛନ୍ତି। ଏଥିସହିତ ଆଶାୟୀମାନେ ଭୋଟରଙ୍କ ସହିତ ଯୋଡ଼ି ହେବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରୁଛନ୍ତି କିମ୍ବା ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଉଥିବା ଦେଖିବାକୁ ମିଳୁଛି।

ଉପଯୁକ୍ତ ପ୍ରାର୍ଥୀ ଚୟନ ପ୍ରତି ସବୁଦଳର ନଜର କେନ୍ଦ୍ରୀଭୂତ ହୋଇଥିବା ବେଳେ ନୂଆ ଭୋଟରଙ୍କୁ ନେଇ ଅଙ୍କକଷା ଚାଲିଛି। କାରଣ ଉପଯୁକ୍ତ ପ୍ରାର୍ଥୀ ଚୟନ କରା ନ ଗଲେ ନୂତନ ତଥା ଯୁବ ମତଦାତାଙ୍କ ଭୋଟ ହାତଛଡ଼ା ହୋଇପାରେ ବୋଲି କୁହାଯାଉଛି। ଏପରି ସ୍ଥଳେ ନୂଆ ଭୋଟରଙ୍କ ନିକଟତର ହେବାକୁ ସବୁ ଦଳର କର୍ମକର୍ତ୍ତା ଜୋର ଲଗାଇଥିବା ବେଳେ କିଏ କେଉଁ ଦଳରେ ରହିବେ ତାହାକୁ ନେଇ ଚାଲିଛି କଳ୍ପନାଜଳ୍ପନା ।

ଜିଲାର ୯ ବିଧାନସଭା କ୍ଷେତ୍ର ମଧ୍ୟରୁ



ମୋରଡ଼ା ନିର୍ବାଚନମଣ୍ଡଳୀ ମୋରଡ଼ା ବ୍ଲକର ୨୦, ଶୁଳିଆପଦା ବ୍ଲକର ୧୬ ଓ ରାସଗୋବିନ୍ଦପୁର ବ୍ଲକର ୧୬ ପଞ୍ଚାୟତକୁ ନେଇ ଗଠିତ। ୨୦୦୯ରୁ ଏହା ବିଜେଡିର ଦୁର୍ଗ ଭାବେ ବିବେଚିତ ହୋଇଆସିଛି। ଗତ ୩ଟି ନିର୍ବାଚନରେ ଏଠାରେ ବିଜେଡି ପ୍ରାର୍ଥୀ କ୍ରମାଗତ ବିଜୟୀ ହୋଇଛନ୍ତି। ମୟୂରଭଞ୍ଜ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ ୨୦୦୯ ଓ ୨୦୧୪ରେ ବିଜେଡି ଟିକେଟରେ ନିର୍ବାଚିତ ହୋଇ ମନ୍ତ୍ରୀପଦ ହାତେଇଥିଲେ। ପରବର୍ତ୍ତୀ ସମୟରେ ୨୦୧୯ ନିର୍ବାଚନରେ ବର୍ତ୍ତମାନର ବିଧାୟକ ରାଜକିଶୋର ଦାସ ଭାଜପା ଛାଡ଼ି ବିଜେଡିରୁ ପ୍ରାର୍ଥୀହୋଇ ନିର୍ବାଚିତ ହୋଇଥିଲେ। ଏବର ସ୍ଥିତି ଦେଖିଲେ ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା(ଜେଏମ୍‌ଏମ୍) ଓ କଂଗ୍ରେସର ସାଙ୍ଗଠନିକ କାର୍ଯ୍ୟକ୍ରମ ସେଭଳି ତ୍ୱରାନ୍ୱିତ ହୋଇ ନ ଥିବା ପରିଲକ୍ଷିତ ହେଉଛି। ଅନ୍ୟପକ୍ଷରେ ବିଜେଡିର ବିକଳ୍ପ ଭାବେ ଭାଜପା ସଂଗଠନ ବଢ଼ାଇ ଚାଲିଥିବା ଆଲୋଚନା ହେଉଛି।

ପ୍ରତି ନିର୍ବାଚନରେ ଏଠାରେ ଭୋଟ ବ୍ୟବଧାନ ୬ରୁ ୭ହଜାର ମଧ୍ୟରେ ରହି ଆସୁଛି। ୨୦୦୯ ନିର୍ବାଚନରେ ୧୯ଜଣ ପ୍ରାର୍ଥୀ ମଇଦାନରେ ଥିବା ବେଳେ ବିଜେଡି ପ୍ରାର୍ଥୀ ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ ୩୭,୬୦୯ ଓ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଝାଡଖଣ୍ଡ ମୁକ୍ତି ମୋର୍ଚ୍ଚାର ବିମଳ ଲୋଚନ ଦାସ ୩୧,୪୦୮ଭୋଟ ପାଇଥିଲେ। ଭୋଟ ବ୍ୟବଧାନ ୬,୨୦୧ ରହିଥିଲା । ସେହିପରି ୨୦୧୪ ନିର୍ବାଚନରେ ୧୫ଜଣ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବେଳେ ବିଜେଡି ପ୍ରାର୍ଥୀ ୫୨,୨୦୭ ଓ ଭାଜପାର ରାଜକିଶୋର ଦାସ ୪୫,୨୫୧ ଭୋଟ ପାଇଥିଲେ। ଭୋଟ ବ୍ୟବଧାନ ୬,୯୫୬ ରହିଥିଲା। ସେହିପରି ୨୦୧୯ ନିର୍ବାଚନରେ ୧୩ଜଣ ପ୍ରାର୍ଥୀଙ୍କ ମଧ୍ୟରୁ ବିଜେଡି ପ୍ରାର୍ଥୀ ରାଜ କିଶୋର ଦାସ ୬୮,୫୫୧ ଓ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପାର ଡ.କୃଷ୍ଣଚନ୍ଦ୍ର ମହାପାତ୍ର ୬୧,୮୪୭ଖଣ୍ଡ ଭୋଟ ପାଇଥିଲେ। ଭୋଟ ବ୍ୟବଧାନ ୬,୭୦୪ ଥିଲା।

ବିଗତ ଦୁଇଟି ନିର୍ବାଚନରେ କଂଗ୍ରେସର ପ୍ରଭାସ କରମହାପାତ୍ର ଯଥାକ୍ରମେ ୨୩,୬୦୦ ଓ ୨୪,୭୯୦ ଭୋଟ ପାଇଥିଲେ। ସେହିପରି ଜେଏମ୍‌ଏମ୍‌ର ଭୋଟ ହାର ୧୫.୮୦ରୁ କମି ୬.୬୧ରେ ପହଞ୍ଚିଛି। ଅନ୍ୟପକ୍ଷରେ ଏହି ନିର୍ବାଚନମଣ୍ଡଳୀରେ ଆଶାୟୀଙ୍କ ସଂଖ୍ୟା ବୃଦ୍ଧି ଚିନ୍ତାର କାରଣ ପାଲଟିଛି। ଜିଲାର ଏହା ଏକମାତ୍ର ସାଧାରଣ ବର୍ଗ ଆସନ ହୋଇଥିବାରୁ ଆଶାୟୀଙ୍କ ସଂଖ୍ୟା ବଢ଼ିଚାଲିଛି। ଶାସକ ବିଜେଡିର ଆଶାୟୀ ସଂଖ୍ୟା ୩୦ ଅତିକ୍ରମ ହେବାକୁ ବସିଲାଣି ବୋଲି ଆଲୋଚନା ହେଉଛି।

ଏଠାରେ ୨୦୧୯ ନିର୍ବାଚନରେ ଭାଜପା ଦ୍ୱିତୀୟ ସ୍ଥାନରେ ଥିବାବେଳେ ଗତ ପଞ୍ଚାୟତ ନିର୍ବାଚନରେ ପଦ୍ମଦଳର ପ୍ରଦର୍ଶନ ଅତ୍ୟନ୍ତ ନୈରାଶ୍ୟଜନକ ଥିଲା। ତେବେ ଆସନ୍ତା ସାଧାରଣ ନିର୍ବାଚନରେ ଭୋଟରଙ୍କ ମତ ପରିବର୍ତ୍ତନ ହେବ ବୋଲି ଭାଜପା ନେତାମାନେ ଦୃଢ଼ୋକ୍ତି ପ୍ରକାଶ କରୁଛନ୍ତି। ତେବେ ସମୟ ବଦଳିବା ସହିତ ବଦଳୁଛି ରାଜନୈତିକ ପାଣିପାଗ। ଭୋଟ ବ୍ୟବଧାନକୁ ନେଇ ଭାଜପା ଓ ବିଜେଡି କର୍ମକର୍ତ୍ତା ନୂଆ ଭୋଟରଙ୍କୁ ଆପଣେଇବା ଲାଗି ଗୁରୁତ୍ୱ ଦେଉଥିବା ଦେଖିବାକୁ ମିଳିଛି।

# ଅମରେନ୍ଦ୍ରଙ୍କ ସମାବେଶ

## ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନମଣ୍ଡଳୀ ବିଜେଡି ରାଜନୀତି

ଜଗତ୍‌ସିଂହପୁର, ୧୦।୧ (ପ୍ରମୋଦ କୁମାର ନାୟକ)

୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନମଣ୍ଡଳୀ ବିଜେଡି ରାଜନୀତି ରୋଚକ ହେବାରେ ଲାଗିଛି। ଦଳର ପୂର୍ବତନ ଜିଲା ସଭାପତି ତଥା ପୂର୍ବତନ କାଜୁ ନିଗମ ଅଧ୍ୟକ୍ଷ ଅମରେନ୍ଦ୍ର ଦାସ ସ୍ଥାନୀୟ ଚର୍ଚ୍ଚିକା ବଜାରସ୍ଥିତ ଅନୁଷ୍ଣା ମଣ୍ଡପ ସାମ୍ନା ପଡ଼ିଆରେ ନିର୍ବାଚନମଣ୍ଡଳୀସ୍ତରୀୟ କର୍ମୀ ସମାବେଶ କରିଛନ୍ତି। ଅମରେନ୍ଦ୍ର ଗାନ୍ଧୀ ଛକରୁ ଶୋଭାଯାତ୍ରାରେ ବାହାରି ସାନବଜାରସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ଶୋଭାଯାତ୍ରାରେ ଚର୍ଚ୍ଚିକା ବଜାରସ୍ଥିତ ସଭାସ୍ଥଳକୁ ଯାଇଥିଲେ। ଏଥିରେ ୧୦ହଜାରରୁ ଅଧିକ ଦଳୀୟ କର୍ମୀ ସାମିଲ ହୋଇଥିଲେ। ସମାବେଶରେ ଅମରେନ୍ଦ୍ର ବିଜେଡିର ସୁଶାସନ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫–ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ, ପୂର୍ବତନ ମନ୍ତ୍ରୀ ବିଷ୍ଣୁ ଚରଣ ଦାସଙ୍କ ସ୍ତୁତିଗାନ କରିଥିଲେ। ପୂର୍ବତନ ଜିଲା ପରିଷଦ ସଭାପତି ଦେବୀଦତ୍ତ ମହାନ୍ତିଙ୍କ ପୌରୋହିତ୍ୟରେ ଏହି ସମାବେଶ ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଜଗତ୍‌ସିଂହପୁର ବ୍ଲକ ଅଧ୍ୟକ୍ଷ ପ୍ରସନ୍ନ ସ୍ୱାଇଁ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଲକ୍ଷ୍ମୀକାନ୍ତ ସ୍ୱାଇଁ, ବିଜେଡି ବରିଷ୍ଠ କର୍ମୀ ସୁରେଶ ନନ୍ଦ ପ୍ରମୁଖ ସାମିଲ ହୋଇଥିଲେ।

# ଜଗତ୍‌ସିଂହପୁର ଜିଲା ବିଧାନସଭା ପର୍ଯ୍ୟବେକ୍ଷକ ନିଯୁକ୍ତ

ଭୁବନେଶ୍ୱର,୧୦।୧ (ଅନିଲ ଦାସ)

ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜଗତ୍‌ସିଂହପୁର ଜିଲାର ବିଭିନ୍ନ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ପର୍ଯ୍ୟବେକ୍ଷକ ନିଯୁକ୍ତ କରିଛନ୍ତି। ବୁଧବାର ଏ ନେଇ ବିଜେଡି ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଗିରିଶ ଚନ୍ଦ୍ର ଦାସଙ୍କୁ ଜଗତସିଂହପୁର ଜିଲା କୋ–ଅବ୍‌ଜରଭର ଭାବେ ନିଯୁକ୍ତ କରାଯାଇଥିବା ବେଳେ ମୀନକେତନ ଅମାତଙ୍କୁ ଜଗତ୍‌ସିଂହପୁର ଜିଲା ବାଲିକୁଦା ବିଧାନସଭା ନିର୍ବାଚନମଣ୍ଡଳୀ, ମନୋଜ କୁମାର ନାୟକ ଜଗତ୍‌ସିଂହପୁର ବିଧାନସଭା ନିର୍ବଚାନମଣ୍ଡଳୀ, ସୋଲାର ମିଶ୍ରଙ୍କୁ ତିର୍ତ୍ତୋଲ ବିଧାନସଭା ନିର୍ବାଚନମଣ୍ଡଳୀ ପର୍ଯ୍ୟବେକ୍ଷକ ଏବଂ ସନ୍ତୋଷ ବେଜ୍ ପାରାଦୀପ ବିଧାନସଭା ନିର୍ବାଚନମଣ୍ଡଳୀ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦିଆଯାଇଛି।

# ବିଜେଡିରୁ ନିଲମ୍ବିତ ହେଲେ ରବୀନ୍ଦ୍ର, ହେମନ୍ତ



ରବୀନ୍ଦ୍ର ନାଥ ଅଣ୍ଡିଆ



ହେମନ୍ତ ଦାସ

ବାଲେଶ୍ୱର(ମାନସ ବିଶ୍ୱାଳ)/ବାଲିଆପାଳ(ଗୋପାଳ ଚନ୍ଦ୍ର ସାହୁ/ଅମୂଲ୍ୟ କୁମାର ଦାସ)/କାଳିପଦା,୧୦।୧

ବାଲେଶ୍ୱର ଜିଲାର କେତେକ ନିର୍ବାଚନମଣ୍ଡଳୀରେ ବିଜେଡିର ଗୋଷ୍ଠୀକନ୍ଦଳ ଦେଖାଦେଇଥିବା ବେଳେ ଆଗାମୀ ବିଧାନସଭା ନିର୍ବାଚନକୁ ନେଇ ଦଳ ଚିନ୍ତାରେ ଥିବା ଆଲୋଚନା ହେଉଛି। ଗତ କିଛିଦିନ ଧରି ବସ୍ତା ନିର୍ବାଚନମଣ୍ଡଳୀରେ ରାଜ୍ୟ ମହିଳା ମୋର୍ଚ୍ଚା କାର୍ଯ୍ୟକାରିଣୀ ସଭାପତି ସୁବାସିନୀ ଜେନା ଓ ବିଧାୟକ ନିତ୍ୟାନନ୍ଦ ସାହୁଙ୍କ ମଧ୍ୟରେ ଚାଲିଥିବା କନ୍ଦଳ ତୀବ୍ର ରୂପ ଧାରଣ କରିଥିଲା। ବିଧାୟକଙ୍କ ଗୋଷ୍ଠୀର କେତେକ ନେତା ବିରୋଧୀଙ୍କ ସହ ମିଶି ଦଳ ବିରୋଧୀ ବିଭିନ୍ନ କାର୍ଯ୍ୟକ୍ରମ କରୁଥିବା ପରିଲକ୍ଷିତ ହୋଇଥିଲା। ଗତ କିଛିଦିନ ପୂର୍ବରୁ ବାଲିଆପାଳ ବିଡିଓଙ୍କ ବଦଳି ଦାବିରେ ସରପଞ୍ଚ ଓ ସମିତିସଭ୍ୟମାନେ ଆମରଣ ଅନଶନରେ ବସିଥିଲେ। ଏହି ଅନଶନରେ ବିଜେଡି ସମର୍ଥିତ ସରପଞ୍ଚ ମଧ୍ୟ ସାମିଲ ଥିଲେ। ଅନ୍ୟପକ୍ଷରେ ଦଳର ପ୍ରତ୍ୟେକ କାର୍ଯ୍ୟକ୍ରମରେ ସମାନ୍ତରାଳ ଭାବେ ଅନ୍ୟସ୍ଥାନରେ କାର୍ଯ୍ୟକ୍ରମ କରିଆସୁଥିଲେ। ଦଳର ନିର୍ଦ୍ଦେଶ ନ ମାନି ବାରମ୍ବାର ଏଭଳି କରୁଥିବାରୁ ବିଜେଡି ଜିଲା ସଭାପତି ତଥା ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଚିଠି ନଂ. ୧୦୧(୨) ଦଳ ବିରୋଧୀ କାର୍ଯ୍ୟ ପାଇଁ ପୂର୍ବତନ ଜିଲା ପରିଷଦ ସଭ୍ୟ ରବୀନ୍ଦ୍ର ନାଥ ଅଣ୍ଡିଆ ଓ ବାଲିଆପାଳ ସରପଞ୍ଚ ବନଲତା ଦାସଙ୍କ ସ୍ୱାମୀ ହେମନ୍ତ ଦାସଙ୍କୁ ବୁଧବାର ବିଜେଡିରୁ ନିଲମ୍ବିତ କରିଛନ୍ତି। ଏହାର ଏକ ନକଲ ଦଳର ଜିଲା ପର୍ଯ୍ୟବେକ୍ଷକ ମନ୍ତ୍ରୀ ପ୍ରତାପ କେଶରୀ ଦେବ ଓ ରାଜ୍ୟ ସଙ୍ଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କୁ ଅବଗତି ସକାଶେ ଜଣାଇଛନ୍ତି। ଏ ବାବଦରେ ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ ଏବଂ ତାଙ୍କର ସହକର୍ମୀ ପୂର୍ବତନ ପୂର୍ବତନ ଜିଲା ପରିଷଦ ସଭ୍ୟ ଅଣ୍ଡିଆଙ୍କୁ ପଚାରିବାରୁ ସେମାନେ ନିଲମ୍ବନ ସମ୍ପର୍କରେ କୌଣସି ସୂଚନା ପାଇ ନ ଥିବାର ପ୍ରକାଶ କରିଛନ୍ତି।

ଅନ୍ୟପକ୍ଷରେ ଗତ ୬ ତାରିଖରେ ଅନୁଷ୍ଠିତ 'ଆମ ଓଡ଼ିଶା, ନବୀନ ଓଡ଼ିଶା' କାର୍ଯ୍ୟକ୍ରମରେ ବାଲେଶ୍ୱର ନିର୍ବାଚନମଣ୍ଡଳୀରେ ମଧ୍ୟ ବିଜେଡିର ଦୁଇଗୋଷ୍ଠୀ ମଧ୍ୟରେ କନ୍ଦଳ ଦେଖାଦେଇଥିଲା। ଏହାକୁ ନେଇ ଦଳର ପର୍ଯ୍ୟବେକ୍ଷକ ତଥା ମନ୍ତ୍ରୀ ପ୍ରତାପ ଦେବ ଦଳର ଶୃଙ୍ଖଳାଭଙ୍ଗ କଲେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଛନ୍ତି। ବୁଧବାର ଜିଲାରେ ଏହି ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ଏନେଇ ବିଶୃଙ୍ଖଳିତ ନେତା ଓ କର୍ମୀଙ୍କ ମଧ୍ୟରେ ଭାଳେଣି ପଡ଼ିଛି।

# ଖଣି ଦୁର୍ନୀତିର ସିବିଆଇ ତଦନ୍ତ କରାଯାଉ: ଜୟନାରାୟଣ

ଭୁବନେଶ୍ୱର, ୧୦।୧(ସୁନିତ୍ ମିଶ୍ର)

ମାଟି ତଳେ ଥିବା ସମ୍ପତ୍ତିର ମନଇଚ୍ଛା ଖୋଳା ଚାଲିଛି। ରାଜ୍ୟ ସରକାର ଖଣିଜ ଖନନ ପରିମାଣ ଉପରେ କୌଣସି ଅଙ୍କୁଶ ଲଗାଉନାହାନ୍ତି। ଅନ୍ୟପକ୍ଷରେ ଖଣିଜ ଖନନକୁ ଦେଖିଲେ ରାଜ୍ୟର ବିକାଶ କିନ୍ତୁ ବହୁ ପଛରେ ପଡ଼ିଛି। ଓଡ଼ିଶାରେ ୨୦୦୨–୨୦୧୪ ଏହି ୧୨ ବର୍ଷରେ ୯ ଲକ୍ଷ କୋଟି ଟଙ୍କାର ଖଣି ଦୁର୍ନୀତି ରାଜ୍ୟ ସରକାରଙ୍କ ଜ୍ଞାତସାରରେ ହୋଇଛି। ରାଜ୍ୟ ସରକାର ଖଣି ଦୁର୍ନୀତି କରି ଓଡ଼ିଶାର ରାଜକୋଷକୁ ନଷ୍ଟ କରୁଛନ୍ତି। ତେଣୁ ଯଥାଶୀଘ୍ର ଖଣି ଦୁର୍ନୀତି ପ୍ରସଙ୍ଗର ସିବିଆଇ ତଦନ୍ତ କରାଯାଉ ବୋଲି ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ବୁଧବାର ତାଙ୍କ ବାସଭବନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କହିଛନ୍ତି।

# ପରାଜୟ ଭୟରେ ଜୟନାରାୟଣଙ୍କ ବାଚଳାମୀ ବଢିଯାଇଛି: ରୋହିତ ପୂଜାରୀ

ଭୁବନେଶ୍ୱର,୧୦।୧(ଅନିଲ ଦାସ)

ସଭିଏଁ ଜାଣିଛନ୍ତି ବିରୋଧୀଦଳ ନେତା ଜୟନାରାୟଣ ମିଶ୍ରଙ୍କର ସ୍ୱାସ୍ଥ୍ୟାବସ୍ଥା ଭଲ ନାହିଁ। କଲିକତାରେ ଚିକିତ୍ସିତ ହେଉଥିଲେ। ନିର୍ବାଚନ ଆସିବାରୁ,ଚିକିତ୍ସା ଅଧାରୁ ପଳାଇ ଆସିଛନ୍ତି। ଆପରାଧିକ କାର୍ଯ୍ୟକଳାପ ପାଇଁ ବଦନାମ ହୋଇଥିବା ଜୟନାରାୟଣ ବେଶ୍ ଭଲ ଭାବେ ଜାଣିଛନ୍ତି, ଆଗାମୀ ନିର୍ବାଚନରେ ହାରିଯିବେ। ସେଥିପାଇଁ ଚାନ୍ଦା ଯୋଗାଡ କରିବାକୁ ଖଣି ବ୍ୟବସାୟୀଙ୍କୁ ବ୍ଲାକ୍‌ମେଲ କରିବା ଭଳି ହୀନ ପ୍ରୟାସ ଆରମ୍ଭ କରି ଦେଇଛନ୍ତି ବୋଲି ବିଜେଡି ବିଧାୟକ ରୋହିତ ପୂଜାରୀ ବୁଧବାର ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି। ପୂଜାରୀ ଆହୁରି ମଧ୍ୟ କହିଛନ୍ତି ଯେ, ଆସନ୍ନ ପରାଜୟ ଭୟରେ ଜୟ ନାରାୟଣଙ୍କର ବାଚଳାମୀ ଏବେ ପୁଣି ବଢିଯାଇଛି। ସେଥିପାଇଁ ଆକାଶରୁ ତୋଳିଆଣି ଫାଲ୍‌ତୁ କଥା କହିବାର ଧାରା ଆରମ୍ଭ କରିଛନ୍ତି। ସଚେତନ ସମ୍ବଲପୁରବାସୀ ସବୁ ଜାଣିଛନ୍ତି, କେହି ତାଙ୍କ ମିଛ ଜାଲରେ ପଡ଼ିବେନି ବୋଲି ପୂଜାରୀ କହିଛନ୍ତି ।

# ନିଲମ୍ବିତ ନେତାଙ୍କ ଶିବିରରେ ଅସନ୍ତୁଷ୍ଟ ଗୋଷ୍ଠୀ



ବୈଠକରେ ଯୋଗଦେଇଥିବା ଜିଲା ପରିଷଦ ସଭ୍ୟା ଓ ଅନ୍ୟମାନେ।

ପାଟଣା,୧୦।୧(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ସାହାରପଡ଼ା ବ୍ଲକ୍‌ର ଯୁବନେତା ତଥା ଜିଲା ଯୁବ ବିଜେଡିର ଉପ ସଭାପତି ଥିବା କରୁଣାସାଗର ଖଟୁଆ(ଦୀପୁ)ଙ୍କୁ ଦଳ ବିରୋଧୀକାର୍ଯ୍ୟପାଇଁଗତଗୁରୁବାରବିଜେଡିରୁ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ନିଲମ୍ବନ କରିଛନ୍ତି। ମାତ୍ର କରୁଣାସାଗର ଏବେ ବି ବୈଠକ ଓ ସଭା କରୁଥିବା ବେଳେ ସେଥିରେ ବିଜେଡି ଅସନ୍ତୁଷ୍ଟଙ୍କ ଯୋଗଦାନ ନେଇ ଚର୍ଚ୍ଚା ଜୋର ଧରିଛି।

ସୂଚନା ଅନୁଯାୟୀ, ଗତ ମଙ୍ଗଳବାର ସାହାରପଡ଼ା ବ୍ଲକ୍ ଦାମାହୁଦା ଫୁଟ୍‌ବଲ ପଡ଼ିଆରେ ବିଜେଡିରୁ ନିଲମ୍ବିତ ନେତା କରୁଣାସାଗରଙ୍କ ନେତୃତ୍ୱରେ ଅଞ୍ଚଳରେ କ୍ରିକେଟ ଓ ଅନ୍ୟାନ୍ୟ ଖେଳ ଆୟୋଜନ ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଧାୟକ ଓ ବ୍ଲକ୍ ସଭାପତିଙ୍କୁ ବିରୋଧ କରୁଥିବା ୩୦ ନଂ. ଜୋନ୍ ଜିଲା ପରିଷଦ ସଦସ୍ୟା ଚମ୍ପାବତୀ ଟୁଡ୍ଡୁ, ତାଙ୍କ ସ୍ୱାମୀ ରୂପେନ ଟୁଡ୍ଡୁ ଏବଂ ସ୍ଥାନୀୟ ସମିତି ସଭ୍ୟ ପରେଶ୍ୱର ସେଠୀ, ନାଏବ ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ଟୁଡ୍ଡୁ ଉପସ୍ଥିତ ରହିଥିଲେ। ଏଥିରେ ଦାମା ହୁଦା, ଖଡ଼ିକାପଦା, ଡାଳପକା ପଞ୍ଚାୟତର ୮୦ରୁ ଉର୍ଦ୍ଧ୍ୱ କ୍ରିକେଟ ଖେଳାଳି ମଧ୍ୟ ଯୋଗଦେଇଥିଲେ। ଏନେଇ ଚମ୍ପାବତୀଙ୍କୁ ପଚାରିବାରୁ ସେ ନବୀନ ପଟ୍ଟନାୟକ ଓ ବିଜେଡିକୁ ଭଲ ପାଆନ୍ତି, ବିଜେଡିରେ ରହିଛନ୍ତି। କିନ୍ତୁ ଦୀପୁଙ୍କୁ ନିଲମ୍ବନ ଅଗଣତାନ୍ତ୍ରିକ। ସେ ଲୋକଙ୍କ ସହ ଅଛନ୍ତି। ବ୍ଲକ୍ ବିଜେଡି ସଭାପତି ଆମ କ୍ରିକେଟ୍ ଟିମ୍‌କୁ ବାରମ୍ବାର ପ୍ରତାରଣା କରୁଛନ୍ତି। ହେଲେ ଦୀପୁ ଆମକୁ ସାହାଯ୍ୟ କରୁଛନ୍ତି। ସାହାରପଡ଼ା ବ୍ଲକ୍ ବିଜେଡି ସଭାପତି ଦିଲୀପ କୁମାର ସାହୁଙ୍କୁ ପଚାରିବାରୁ ତାଙ୍କ ପାଖରେ ଏ ନେଇ କୌଣସି ସୂଚନା ନାହିଁ। ବିଜେଡି ଏକ ଶୃଙ୍ଖଳିତ ଦଳ, ଏଠି ବିଶୃଙ୍ଖଳାଙ୍କୁ କଦାପି ବରଦାସ୍ତ କରାଯିବ ନାହିଁ ବୋଲି ସେ କହିଛନ୍ତି।

ଫୁର୍‌ସତ୍

# ଲୋକଙ୍କ ସୁରକ୍ଷା ଅପରିହାର୍ଯ୍ୟ

## ଜାତୀୟ ମାନବ ଚାଲାଣ ସଚେତନତା ଦିବସ



ଦୁନିଆର ପ୍ରତ୍ୟେକ ବ୍ୟକ୍ତିଙ୍କର ନିର୍ଭୟରେ ଭଲ ଜୀବନ, ସୁସ୍ଥ ଜୀବନଶୈଳୀ ଏବଂ ଜୀବନଯାପନ କରିବାର ଅଧିକାର ରହିଛି। ମାତ୍ର ମାନବ ଚାଲାଣ ଭଳି ଘୃଣ୍ୟ କାର୍ଯ୍ୟ ଯୋଗୁଁ ଅନେକ ସମୟରେ ଲୋକମାନେ ସେମାନଙ୍କର ଜୀବନର ଆନନ୍ଦରୁ ବଞ୍ଚିତ ହୋଇଥାନ୍ତି ଏବଂ ସେମାନଙ୍କର ଜୀବନଶୈଳୀରୁ ଦୂରେଇ ଯାଇ ଅପରାଧର ଜୀବନ ଚୟନ କରିବାକୁ ବାଧ୍ୟ ହୋଇଥାନ୍ତି। ଅନେକ ସମୟରେ ଆତଙ୍କବାଦ, କିମ୍ବା ସେକ୍ସ ର୍‍ୟାକେଟ କିମ୍ବା ଅଙ୍ଗ କାରବାର ପାଇଁ ମାନବ ଚାଲାଣ କରାଯାଇଥାଏ। ତେବେ ଲୋକଙ୍କ ସୁରକ୍ଷା ଅପରିହାର୍ଯ୍ୟ।

ଏନେଇ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ଜାନୁଆରୀ ୧୧ ରେ ଜାତୀୟ ମାନବ ଚାଲାଣ ସଚେତନତା ଦିବସ ପ୍ରତିବର୍ଷ ପାଳନ କରାଯାଇଥାଏ। ପୀଡିତଙ୍କ ଦୁଃଖ ତଥା ଜୀବନ ବଞ୍ଚାଇବା ଏହି ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ।

ବାଧ୍ୟତାମୂଳକ ଶ୍ରମ, ବାଧ୍ୟତାମୂଳକ ଅପରାଧିକ କାର୍ଯ୍ୟକଳାପ, ଯୌନ ଶୋଷଣ, ଅଙ୍ଗ ଅପସାରଣ ଏବଂ ଚୋରା ଚାଲାଣ ହେଉଛି ମାନବ ଚାଲାଣ ହେବାର କେତେକ କାରଣ। ଦାସତ୍ୱ ମଧ୍ୟ ଏହାର ଅନ୍ୟତମ କାରଣ। ୨୦୦୭ ରେ, ଜାତୀୟ ମାନବ ଚାଲାଣ ସଚେତନତା ଦିବସକୁ ଆମେରିକା ସିନେଟ ଦ୍ୱାରା ଜାନୁଆରୀ ୧୧ ରେ ପାଳନ କରାଯିବାକୁ ଘୋଷଣା କରାଯାଇଥିଲା। ତତ୍କାଳୀନ ରାଷ୍ଟ୍ରପତି ବାରାକ ଓବାମା ମାନବ ଚାଲାଣ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ଜାନୁଆରୀ ୨୦୧୦ ର ସମଗ୍ର ମାସକୁ ଉତ୍ସର୍ଗ କରିଥିଲେ।

ପ୍ରତିବର୍ଷ ଲକ୍ଷ ଲକ୍ଷ ଲୋକ ନିଜ ଘରୁ ଦୂର ଦେଶକୁ ବିସ୍ଥାପିତ ହୋଇ ମାନବ ଚାଲାଣ ହୋଇଥାନ୍ତି। ଏହାରର ଏକ ସାଧାରଣ ରୂପ ହେଉଛି ଯୌନ ଶୋଷଣ ଏବଂ ଏଥିରେ ମୁଖ୍ୟତଃ ମହିଳାମାନଙ୍କୁ ଟାର୍ଗେଟ କରାଯାଇଥାଏ। ସଚେତନତା ସୃଷ୍ଟି କରିବା, ସୁରକ୍ଷାକୁ କଡାକଡି କରିବା। ଏହି ଦିବସ ଆମକୁ ପୀଡିତଙ୍କର ଦୁଃଖ ବୁଝିବାରେ ସାହାଯ୍ୟ କରେ ଏବଂ ସେମାନଙ୍କ ପ୍ରତି ସହାନୁଭୂତି ଦେଖାଇଥାଏ ତଥା ସେମାନଙ୍କୁ ନିୟମିତ ଜୀବନକୁ ଫେରିବାରେ ସାହାଯ୍ୟ କରିଥାଏ।

# ସୁରକ୍ଷା, ଖାଦ୍ୟ ନିରାପତ୍ତା ଦେଶ ପାଇଁ ଗୁରୁତ୍ୱପୂର୍ଣ୍ଣ

## ଲାଲ ବାହାଦୁର ଶାସ୍ତ୍ରୀଙ୍କ ତିରୋଧାନ ଦିବସ



ଭାରତର ଦ୍ୱିତୀୟ ପ୍ରଧାନମନ୍ତ୍ରୀ ଲାଲ ବାହାଦୁର ଶାସ୍ତ୍ରୀ ଗୁଜରାଟ ଆନନ୍ଦର ଅମୁଲ ଦୁଗ୍ଧ ସମବାୟ ସମିତିକୁ ସମର୍ଥନ କରି ଏବଂ ଜାତୀୟ ଦୁଗ୍ଧ ବିକାଶ ବୋର୍ଡ ଗଠନ କରି ଦୁଗ୍ଧର ଉତ୍ପାଦନ ତଥା ଯୋଗାଣ ବୃଦ୍ଧି ପାଇଁ ଏକ ଜାତୀୟ ଅଭିଯାନ ଆରମ୍ଭ କରିଥିଲେ। ଏହା ସହିତ ସେ ଭାରତର ଖାଦ୍ୟ ଉତ୍ପାଦନକୁ ବୃଦ୍ଧି କରିବାର ଆବଶ୍ୟକତାକୁ ଦର୍ଶାଇ ଶାସ୍ତ୍ରୀ ୧୯୬୫ରେ ଭାରତରେ ସବୁଜ ବିପ୍ଳବକୁ ମଧ୍ୟ ପ୍ରୋତ୍ସାହିତ କରିଥିଲେ। ଏହି ଯୋଜନା ଦ୍ୱାରା ବିଶେଷ କରି ତାଙ୍କ ସମୟରେ ପଞ୍ଜାବ, ହରିୟାଣା ଏବଂ ଉତ୍ତରପ୍ରଦେଶରେ ଖାଦ୍ୟ ଶସ୍ୟ ଉତ୍ପାଦନରେ ବୃଦ୍ଧି ଘଟିଥିଲା। ସେ ଭଲ ଭାବେ ହୃଦୟଙ୍ଗମ କରିଥିଲେ ଯେ, ଦେଶର ସୁରକ୍ଷା ଏବଂ ଖାଦ୍ୟ ନିରାପତ୍ତା ଉଭୟ ଦେଶର ବିକାଶ ପାଇଁ ଗୁରୁତ୍ୱପୂର୍ଣ୍ଣ।

୧୯୦୪ ଅକ୍ଟୋବର ୨ରେ ମୁଗଲସରାଇଠାରେ ଲାଲ ବାହାଦୂର ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତାଙ୍କ ନାମ ଶାରଦା ପ୍ରସାଦ ଶ୍ରୀବାସ୍ତବ ଏବଂ ମାତାଙ୍କ ନାମ ରାମଦୁଲାରୀ ଦେବୀ ଥିଲା। ୧୯୬୫ ଭାରତ–ପାକିସ୍ତାନ ଯୁଦ୍ଧରେ ସେ ଦେଶବାସୀଙ୍କ ମନୋବଳ ବଢ଼ାଇବା ପାଇଁ "ଜୟ ଯବାନ, ଜୟ କିଷାନ" ସ୍ଲୋଗାନ ଦେଇଥିଲେ। ୧୦ ଜାନୁଆରୀ ୧୯୬୬ରେ ତାସକେଣ୍ଟ ଚୁକ୍ତିନାମା ସହିତ ଯୁଦ୍ଧ ଶେଷ ହୋଇଥିଲା। ଜାନୁୟାରୀ ୧୧ରେ ତାଙ୍କର ହୃଦଘାତରେ ପରଲୋକ ଘଟିଥିଲା।

# 'ବିଲ୍‌କିସ୍ ବାନୋ'ଙ୍କ ଉପରେ ସିନେମା କରିବାକୁ ଚାହାନ୍ତି କଙ୍ଗନା



ମୁମ୍ବାଇ

ଅଭିନେତ୍ରୀ କଙ୍ଗନା ରାଣାୱତ୍ ସବୁବେଳେ ତାଙ୍କ ମନ୍ତବ୍ୟ ପାଇଁ ବିବାଦରେ ରହିଥାନ୍ତି। ନିକଟରେ ସୁପ୍ରିମ୍‌କୋର୍ଟ 'ବିଲ୍‌କିସ୍ ବାନୋ' ମାମଲାରେ ରାୟ ଶୁଣାଇଛନ୍ତି। ଏବେ କଙ୍ଗନା ସେହି ରାୟ ଉପରେ ନିଜର ଇଚ୍ଛାପ୍ରକଟ କରିଛନ୍ତି। 'ଏକ୍ସ'ରେ ଜଣେ ୟୁଜରଙ୍କ ପ୍ରଶ୍ନ 'ବିଲ୍‌କିସ୍ ବାନୋ'ଙ୍କ କାହାଣୀ ଲୋକଙ୍କୁ ଜଣାଇବାକୁ ଆଗ୍ରହୀ ଅଟନ୍ତି କି? ଏଥିରେ କଙ୍ଗନା ପୂରା ପ୍ରସଙ୍ଗ ଉପରେ ଏକ ସିନେମା କରିବାକୁ ଚାହାନ୍ତି ବୋଲି କହିଥିଲେ। ତାଙ୍କ କହିବା ଅନୁସାରେ, ସେ ଦୀର୍ଘଦିନରୁ ଏଭଳି ଫିଲ୍ମ କରିବାକୁ ଚାହୁଁଛନ୍ତି। ଗତ ୩ ବର୍ଷ ହେବ ସେ ଏହି ବିଷୟରେ ତଦନ୍ତ କରିବା ସହ ଏହା ଉପରେ କାମ ମଧ୍ୟ କରୁଛନ୍ତି। କୌଣସି ଟପ୍ ଷ୍ଟୁଡିଓ ଓ ଭଲ ଓଟିଟି ପ୍ଲାଟ୍‌ଫର୍ମର ସପୋର୍ଟ ନ ମିଳିବାରୁ କଙ୍ଗନା ଏହି ଫିଲ୍ମ ତିଆରି କରିପାରୁ ନ ଥିବା କହିଛନ୍ତି। କିନ୍ତୁ ନେଟ୍‌ଫ୍ଲିକ୍ସ, ଆମାଜନ୍ ପ୍ରାଇମ୍ ଭିଡିଓ ଓ ଅନ୍ୟ ଷ୍ଟୁଡିଓଙ୍କ ଗାଇଡ୍‌ଲାଇନ ହିସାବରେ ସେମାନେ ଏଭଳି ରାଜନୀତି ସହ ଜଡ଼ିତ ଥିମ୍‌କୁ ନେଇ ଫିଲ୍ମ କରନ୍ତି ନାହିଁ। କଙ୍ଗନା ଭାଜପାକୁ ସମର୍ଥନ କରୁଥିବାରୁ ଜିଓ ସିନେମା ମଧ୍ୟ ତାଙ୍କ ସହ କାମ କରିବାକୁ ଚାହୁଁନାହିଁ ବୋଲି ସେ କହିଛନ୍ତି। ତେବେ କଙ୍ଗନା ୨୦୦୬ରୁ ତାଙ୍କ ଫିଲ୍ମ କ୍ୟାରିୟର ଆରମ୍ଭ କରିଥିଲେ। ସେ ଅନେକ ଚଳଚ୍ଚିତ୍ରରେ କାମ କରି ନିଜ ଅଭିନୟର ଯାଦୁ ଦେଖାଇଛନ୍ତି। ଶେଷଥର ପାଇଁ ତାଙ୍କୁ ଫିଲ୍ମ 'ତେଜସ୍'ରେ ଦେଖିବାକୁ ମିଳିଥିଲା। ଆଗକୁ ତାଙ୍କ ହାତରେ ଆଉ ୨ଟି ଫିଲ୍ମ ରହିଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ: ....................................
ଜନ୍ମ ତାରିଖ: ..............................


ଆହାନା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ନ୍ୟାୟ ପାଇଁ ଏସ୍‌ପିଙ୍କୁ ଫେରାଦ

### ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା ଅଭିଯୋଗ ଆଣିଛନ୍ତି ପରିବାର

ବଲାଙ୍ଗୀର,୧୦।୧(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ସଇଁତଲା ଥାନା ତୁଷ୍ଟାପାଲି ଗାଁର ଜଣେ ନାବାଳିକାଙ୍କ ସନ୍ଦେହଜନକ ମୃତ୍ୟୁକୁ ନେଇ ପରିବାର ଲୋକେ ସାଂଘାତିକ ଅଭିଯୋଗ ଆଣିଛନ୍ତି। ସଇଁତଲା ଥାନା ପୋଲିସ ଘଟଣାକୁ ବିଶେଷ ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ ଆଣି ବୁଧବାର ପୀଡିତ ପରିବାର ଲୋକେ ଏସ୍‌ପି ଅଫିସ ଆସି ଅଭିଯୋଗପତ୍ର ପ୍ରଦାନ କରି ନ୍ୟାୟ ମାଗିଛନ୍ତି। ମୃତାଙ୍କ ପିତା, ଝିଅ ଓ ପରିବାରର ଅନ୍ୟ ସଦସ୍ୟା ସଦସ୍ୟଙ୍କ ଅଭିଯୋଗ ହେଲା ଯେ, ଯେଉଁ ତିନିଜଣ ଯୁବକ ନାବାଳିକାଙ୍କୁ ହତ୍ୟା କରିଛନ୍ତି ସେମାନଙ୍କୁ ଗିରଫ କରିବା ଦିଗରେ ସଇଁତଲା ପୋଲିସ କିଛି ଠୋସ୍ ପଦକ୍ଷେପ ନେଉନାହିଁ। ଗତ ୨ ତାରିଖରେ ପୀଡ଼ିତା ଶୌଚ ପାଇଁ ଗାଁ ନିକଟ ନଦୀକୂଳକୁ ଯାଇଥିଲେ। ପରେ ସେ ଅଚେତ ଓ ଉଲଗ୍ନ ଅବସ୍ଥାରେ ଏକ ବୁଦା ମୂଳରେ ପଡିଥିବା ଖବର ପାଇ ପରିବାର ଲୋକେ ଘଟଣାସ୍ଥଳକୁ ଯାଇ ଉଦ୍ଧାର କରିଥିଲେ। ସେଠାରୁ ପ୍ରଥମେ ସଇଁତଲା ଡାକ୍ତରଖାନା ଓ ପରେ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରିବାର ଲୋକଙ୍କ ଅଭିଯୋଗ ହେଲା ଯେ, ନାବାଳିକା ଝିଅକୁ ବଳାତ୍କାର ପରେ ହତ୍ୟା କରାଯାଇଛି। ସେମାନେ ତୁଷ୍ଟାପାଲି, ବଥର୍ଲା ଓ ଛନଛଡା ଗାଁର ତିନି ଜଣ ଯୁବକଙ୍କୁ ଅଭିଯୁକ୍ତ ଦର୍ଶାଇ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ସଇଁତଲା ପୋଲିସ ଘଟଣାର ତଦନ୍ତ କରି ପୀଡିତା ବ୍ୟବହାର କରୁଥିବା ମୋବାଇଲ ଫୋନ୍ ଜବତ କରିଛି। ଜିଲା ପୋଲିସ କାର୍ଯ୍ୟାଳୟରେ ଆଡିସନାଲ ଏସ୍‌ପି ସୁରେଶ ନାଏକ ପୀଡିତା ପରିବାରଙ୍କଠାରୁ ଦାବିପତ୍ର ଗ୍ରହଣ କରିଥିଲେ। ଉଚିତ୍ ତଦନ୍ତ କରାଯିବ ଏବଂ ଅଭିଯୁକ୍ତମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବା ପ୍ରତିଶ୍ରୁତି ଦେବା ପରେ ସେମାନେ ଘରକୁ ଫେରିଥିବା ପୀଡିତାଙ୍କ ବାପା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।


## ୪ର୍ଥ ଜନ୍ମଦିନ ଶୁଭେଚ୍ଛା



**ଆହାନା ନାୟକ**

ବ୍ରାହ୍ମଣପାଳ, ଧୁସୁରି, ଭଦ୍ରକ
ଆଜି ତୋର ୪ର୍ଥ ବର୍ଷ ଜନ୍ମଦିନରେ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ଅପାର କରୁଣାରୁ ତୋ ଚଲାପଥ କୁସୁମିତ ହେଉ, ଏତିକି କାମନା।
ଶୁଭେଚ୍ଛା ସହ: ଜେଜେବାପା, ଜେଜେମା, ଅଜା, ଆଈ, ମାମୁ, ମାଉସୀ, ବାପା, ମାଆ, ପିଉସା, ପିଉସୀ, କକା, ଖୁଡୀ, ବନ୍ଧୁ ଓ ପରିବାରବର୍ଗ।

ଧ-୨୨୩୨


## ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭକ୍ତ ଚରଣ ଦାସଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ଖଡ଼ିଆଳ,୧୦।୧(ସୁଜିତ୍ କୁମାର ପ୍ରଧାନ)

ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭକ୍ତ ଚରଣ ଦାସଙ୍କୁ ଅଖିଳ ଭାରତୀୟ କଂଗ୍ରେସ କମିଟି ପକ୍ଷରୁ ୮ଟି ରାଜ୍ୟର ସ୍କ୍ରିନିଂ କମିଟି ଅଧ୍ୟକ୍ଷ ଭାବେ ନିଯୁକ୍ତ ଦିଆଯାଇଛି। ଦାସଙ୍କୁ ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ, ହରିୟାଣା, ହିମାଚଳ ପ୍ରଦେଶ, ପଞ୍ଜାବ, ଚଣ୍ଡିଗଡ, ଜାମ୍ମୁ ଓ କାଶ୍ମୀର ଏବଂ ଲଦାଖ ପ୍ରଦେଶ ପାଇଁ ନିଯୁକ୍ତ ଦିଆଯାଇଛି। ଏନେଇ ବୁଧବାର ନୂଆପଡ଼ା ଜିଲା ଖଡ଼ିଆଳଠାରେ ଶତାଧିକ କଂଗ୍ରେସ କର୍ମୀ ଏକ ବିରାଟ ରାଲିରେ ତାଙ୍କୁ ପାଛୋଟି ଆଣିଥିଲେ। ସ୍ଥାନୀୟ କଂଗ୍ରେସ ଭବନରେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ବ୍ଲକ କଂଗ୍ରେସ ସଭାପତି ଶ୍ୟାମ ସୁନ୍ଦର କୁଲଦୀପଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ଦାସଙ୍କ ନେତୃତ୍ୱରେ କଂଗ୍ରେସ ଏକ ନୂଆଁ ଜୀବନ ପାଇବ ଓ ଆଗାମୀ ଦିନରେ ଶାସନ କ୍ଷମତାକୁ ଆସି ପାରିବ ବୋଲି କହିଥିଲେ। ଭକ୍ତ ଚରଣ ଦାସ ଦଳ ପକ୍ଷରୁ ତାଙ୍କ ଉପରେ ଦିଆ ଯାଇଥିବା ଦାୟିତ୍ୱ ସେ ନିଷ୍ଠାପର ଭାବରେ ପାଳନ କରିବେ ଓ ଅତିଶିଘ୍ର ଲୋକଙ୍କୁ କଂଗ୍ରେସ ସହ ଯୋଡିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି କହିଥିଲେ। ଲୋକେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉପରୁ ଆସ୍ଥା ହରାଇଛନ୍ତି ଓ ଏବେ କଂଗ୍ରେସ ହିଁ ଲୋକଙ୍କ ପାଇଁ ଏକମାତ୍ର ବିକଳ୍ପ ବୋଲି ସେ କହିଥିଲେ। ଲୋକେ ଚାହିଁଲେ ସେ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରିବେ। ଆଗାମୀ ଲୋକ ସଭା ନିର୍ବାଚନରେ ସେ ଆଉ ପ୍ରତିଦ୍ୱନ୍ଦିତା କରିବେ ନାହିଁ ବୋଲି ପୂର୍ବରୁ ଘୋଷଣା କରିଥିଲେ ପୂର୍ବତନ କଳାହାଣ୍ଡି ଏମ୍‌ପି ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭକ୍ତ ଚରଣ ଦାସ। ଏ ନେଇ ତାଙ୍କୁ ପଚାରିବାରୁ ଲୋକେ ଚାହିଁଲେ ସେ ଏ ନେଇ ଚିନ୍ତା କରିବେ ବୋଲି କହିଥିଲେ।

# ‘ବାକ୍ ସ୍ୱାଧୀନତା ସୁରକ୍ଷା ଦିଗରେ ନାଟକ କାମ କରୁ’






ପାରା ଅଲିମ୍ପିକ୍ କ୍ରୀଡାବିତ୍ ବୈଷ୍ଣବ ରାଜପଲିଆଙ୍କୁ ଅତିଥିମାନେ ମଠଖାଇ ସମ୍ମାନ ପ୍ରଦାନ କରୁଛନ୍ତି(ବାମ)। ନାଟକ ଝରକାର ଏକ ଦୃଶ୍ୟ।

### ମଠଖାଇ ମହୋତ୍ସବର ଚତୁର୍ଥ ସନ୍ଧ୍ୟା

- ନାଟକ ଝର୍‌କା ମଞ୍ଚସ୍ଥ
- ପାରା ଅଲିମ୍ପିକ ଖେଳାଳୀ ବୈଷ୍ଣବ ରାଜପଲିଆଙ୍କ ମଠଖାଇ ସମ୍ମାନ

ବଲାଙ୍ଗୀର,୧୦।୧(ବୀରେନ୍ଦ୍ର କୁମାର ଝାଙ୍କର)

ବୁଧବାର ସର୍ବଭାରତୀୟ ନାଟକ ସମାରୋହ ମଠଖାଇ ମହୋତ୍ସବର ଚତୁର୍ଥ ସନ୍ଧ୍ୟାରେ ସ୍ଥାନୀୟ କୋଶଳ କଳାମଣ୍ଡଳ ପଡିଆ ନୂଆ ରଙ୍ଗମଞ୍ଚରେ ମଠଖାଇ ମହୋତ୍ସବ କମିଟି ଅଧ୍ୟକ୍ଷ ତଥା ବିଧାୟକ ନରସିଂହ ମିଶ୍ରଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତିଷ୍ଠିତ ସାମ୍ବାଦିକ ରୁବେନ୍ ବାନାର୍ଜୀ କହିଥିଲେ ସାମ୍ପ୍ରତିକ ସମୟରେ ବାକ୍ ସ୍ୱାଧୀନତାର ସୁରକ୍ଷା ଏବେ ସବୁଠୁ ବଡ ଆହ୍ୱାନ ହୋଇ ଉଭା ହୋଇଛି। ଏଭଳି ଏକ ଘଡିସନ୍ଧି ମୁହୂର୍ତ୍ତରେ ବାକ୍ ସ୍ୱାଧୀନତାର ସୁରକ୍ଷା ଦିଗରେ ମଞ୍ଚ ନାଟକର ଏକ ବଡ ଭୂମିକା ରହିଛି। ସେ କହିଥିଲେ ଯେ, ଆମର ସମୃଦ୍ଧ ଅତୀତ ଆମ ପାଇଁ ସୁବବେଳେ ସମ୍ମାନନୀୟ। କିନ୍ତୁ ଆଜିର ନାଟକ ବାସ୍ତବତା ଆଧାରିତ ହେବା ନିହାତି ଜରୁରୀ। ବଲାଙ୍ଗୀରରେ ଏପରି ଅନେକ ବାସ୍ତବ କଥା ରହିଛି ଯାହାକୁ ନାଟକରେ ଉପସ୍ଥାପନ କରାଯାଇପାରିବ ବୋଲି ସେ କହିଥିଲେ। ସଭାରେ ବୀରେନ୍ଦ୍ର ବନଛୋର ସଭାପତିତ୍ୱ କରିଥିଲେ। ଚତୁର୍ଥ ଦିନର ବିବରଣୀ ଉପସ୍ଥାପନ କରିଥିଲେ ସୋମ ନାୟକ। ଏହି ଅବସରରେ ପାରା ଅଲିମ୍ପିକର ସଫଳ କ୍ରୀଡାବିତ୍ ବୈଷ୍ଣବ ରାଜପଲିଆଙ୍କୁ ମଠଖାଇ ସମ୍ମାନ ପ୍ରଦାନ କରାଯାଇଥିଲା। ଶେଷରେ କୋଶଲୀ ସଂସ୍କୃତି ଗବେଷକ ନିମାଇଁ ଚରଣ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ସଭା ପୂର୍ବରୁ ସାଇ ସ୍ୱର୍ଣ୍ଣ କଳା ପରିଷଦ ଲୋକନୃତ୍ୟ ପରିବେଷଣ କରାଯାଇଥିଲା। ଚତୁର୍ଥ ଦିବସ ମଞ୍ଚକୁ ଦିବଙ୍ଗତ ଚିତ୍ରଶିଳ୍ପୀ ତଥା ମଞ୍ଚ କଳାକାର ପଦ୍ମନାଭ ମିଶ୍ରଙ୍କ ସ୍ମୃତିରେ ସମର୍ପଣ କରାଯାଇଥିଲା। ତାଙ୍କ ପରିବାର ସଦସ୍ୟା, ସଦସ୍ୟଙ୍କୁ ମଞ୍ଚରେ ଅତିଥିମାନେ ସମର୍ପଣ ପତ୍ର ପ୍ରଦାନ କରିବା ସହ ସମ୍ମାନିତ କରିଥିଲେ।

ସଭା ପରେ କଳାହାଣ୍ଡି ଜିଲା ଭବାନୀପାଟଣା ସ୍ଥିତ କାରୁଣ୍ଡ କଳା ମଞ୍ଚ ପକ୍ଷରୁ ନାଟକ ଝରକା ମଞ୍ଚସ୍ଥ ହୋଇଥିଲା। ପ୍ରଦୀପ ଡି ମାଝିଙ୍କ ରଚିତ ଓ ନିର୍ଦ୍ଦେଶିତ ଏହି ନାଟକରେ କୌଣସି ବ୍ୟକ୍ତିଙ୍କ ବିଷୟରେ କିଛି ନ ଜାଣି ତାଙ୍କର ବ୍ୟକ୍ତିତ୍ୱ ଚିତ୍ରଣ କରିବା ଭଳି ଏକ ମାନସିକତା ସାମ୍ପ୍ରତିକ ସମୟରେ କିଭଳି ବଢ଼ି ଚାଲିଛି ଏବଂ ତାହା ଦ୍ୱାରା ଆମ ସାମାଜିକ ଜୀବନ ଏବଂ ବ୍ୟକ୍ତି ଜୀବନ କିଭଳି ପ୍ରଭାବିତ ହେଉଛି ତାହା ପ୍ରଦର୍ଶିତ ହୋଇଥିଲା। ପୂର୍ବାହ୍ନରେ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟରେ ମଠଖାଇ ମହୋତ୍ସବ ଅବସରରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ନାଟକ ଲାଗି ଛାତ୍ରୀଛାତ୍ରଙ୍କୁ କେନ୍ତେହି ମତେଇ ପାର୍‌ମା ଶୀର୍ଷକ ଆଲୋଚନାଚକ୍ରରେ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ପ୍ରଫେସର ମଧୁସୂଦନ ପତି, ସାମ୍ବାଦିକ ରୁବେନ୍ ବାନାର୍ଜୀ, ଅଧ୍ୟାପକ ଜିତେନ୍ଦ୍ର ତ୍ରିପାଠୀ, ଡ ଲଳିତ କୁମାର ପାତ୍ର ଆଲୋଚକ ଭାବେ ଯୋଗଦେଇଥିଲେ। ନାଟକ ଜରିଆରେ ସମାଜକୁ ବାର୍ତ୍ତା ଦେବାକୁ ଛାତ୍ରୀଛାତ୍ରଙ୍କ ଏକ ବଡ ଭୂମିକା ରହିଛି ବୋଲି ଆଲୋଚକମାନେ କହିଥିଲେ। ଆଲୋଚନାରେ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ ଅଧ୍ୟକ୍ଷ ଅନନ୍ତ କୁମାର ନାଏକ ଅଧ୍ୟକ୍ଷତା କରିଥିଲେ। ମହାବିଦ୍ୟାଳୟର ବହୁ ଛାତ୍ରୀଛାତ୍ର ଏଥିରେ ଯୋଗ ଦେଇଥିଲେ।

## ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ ଉଦ୍‌ଘାଟିତ



ବ୍ଲକସ୍ତରୀୟ କଳାହାଣ୍ଡି ମହୋତ୍ସବରେ ଆୟୋଜିତ ମଶାଲ ଶୋଭାଯାତ୍ରା।

କୋକସରା,୧୦।୧(ଦୁଷ୍ମନ୍ତ କୁମାର ପାଙ୍ଗଯୋଶୀ)

କଳାହାଣ୍ଡି ଜିଲା କୋକସରାରେ ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ବୁଧବାର ଉଦ୍‌ଘାଟିତ ହୋଇଛି। ଉଦଘାଟନୀରେ ବ୍ଲକ ଅଧ୍ୟକ୍ଷା ରିତା ଅଗ୍ରୱାଲଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ରାଜ୍ୟ ସଭା ସଦସ୍ୟ ସୁଜିତ କୁମାର, ସମ୍ମାନିତ ଅତିଥି ଭାବେ ଧର୍ମଗଡ଼ ବିଧାୟକ ମୋଷଧି ବାଗ, ବିଡିଓ ସ୍ନେହାପ୍ରଭା ମାଝି, ସ୍ଥାନୀୟ ସରପଞ୍ଚ କିଶୋର ଚନ୍ଦ୍ର ପ୍ରଧାନୀ, ତହସିଲଦାର ନବୀନ କିଶୋର ପାଢ଼ୀ ପ୍ରଦୀପ ପ୍ରଜ୍ୱଳନ ସହ ମଞ୍ଚ ଉଦଘାଟନ କରିଥିଲେ। କଳାହାଣ୍ଡି ଉତ୍ସବ ୨୬ତମ ବର୍ଷରେ ପହଞ୍ଚିଥିବା ବେଳେ ଅନେକ ପ୍ରତିଭା କଳା ପ୍ରଦର୍ଶନ କରି ଦେଶ ବିଦେଶରେ ରାଜ୍ୟ ଓ ଜିଲା ପାଇଁ ଗୌରବ ଆଣିଛନ୍ତି ବୋଲି ଉପସ୍ଥିତ ଅତିଥିମାନେ କହିଥିଲେ। ସନ୍ଧ୍ୟାକାଳୀନ ସାଂସ୍କୃତିକ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡା, ମୁଖ୍ୟବକ୍ତା ଭାବେ ଲଖିରାମ କଲେଜ ବେହେରା ଅଧ୍ୟକ୍ଷ ନିର୍ମଳ ଚନ୍ଦ୍ର ନାଏକ, ସମ୍ମାନିତ ଅତିଥି ଭାବେ ଧର୍ମଗଡ଼ ବିଧାୟକ ମୋଷଧି ବାଗ, ଓମଫେଡ ରାଜ୍ୟ ଅଧ୍ୟକ୍ଷ କିଶୋର ଚନ୍ଦ୍ର ପ୍ରଧାନୀ, ତହସିଲଦାର ନବୀନ କିଶୋର ପାଢ଼ୀ ଉପସ୍ଥିତଥିଲେ। ଗୁଡହାଣ୍ଡି ମଞ୍ଚରେ ରାଜ୍ୟ ଓ ଜିଲା ବାହାରୁ ଆସିଥିବା କଳାକାରମାନେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ମଞ୍ଚ ଉଦଘୋଷକ ଭାବେ ଶିକ୍ଷକ ସଞ୍ଜୀବ କୁମାର ପାଢୀ, ଅଧ୍ୟାପକ ସୁବ୍ରତ ବେହେରା, ଅଧ୍ୟାପକ ମୋହନ ବିଶି ପଙ୍କଜ ମୁଖ ଚୌଧୁରୀ, ଦେବାନନ୍ଦ ରାଉତ, କ୍ଷୀରସିନ୍ଧୁ ବାଣୁଆ, ଶୁଭଶ୍ରୀ ଚୌଧୁରୀ, ଗୀତାଞ୍ଜଳି ରାଉତ ମଞ୍ଚ ସଂଯୋଜନା କରିଥିଲେ। ବ୍ଲକ ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ କୁମାର ବେହେରା ଓ ଗୁଡହାଣ୍ଡି ଉତ୍ସବ କମିଟି ସଦସ୍ୟମାନେ ସହଯୋଗ କରିଥିଲେ।

## ଜୟ ଜଗନ୍ନାଥ ଅର୍ପଣ ରଥର ଶୁଭାରମ୍ଭ

ଲାଞ୍ଜିଗଡ଼,୧୦।୧(ରମେଶ ଚନ୍ଦ୍ର ନାୟକ)

ପୁରୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଚଳିତ ମାସ ୧୭ ତାରିଖରେ ଲୋକାର୍ପଣ ହେବାକୁ ଥିବା ବେଳେ ଶ୍ରୀ ଜଗନ୍ନାଥ ଚେତନା ଜାଗ୍ରତ ଓ ପରିକ୍ରମା ପ୍ରକଳ୍ପ କାର୍ଯ୍ୟକ୍ରମ ସଫଳ ପାଇଁ ରାଜ୍ୟର ପ୍ରତ୍ୟେକ ବ୍ଲକର ପଞ୍ଚାୟତର ବିଭିନ୍ନ ଗାଁ ବୁଲି ଭବ୍ୟ ପରିବେଶରେ ଗୁଆ ଚାଉଳ ସଂଗ୍ରହ କରୁଛି। ଏହି ପରିପେକ୍ଷୀରେ ବୁଧବାର କଳାହାଣ୍ଡି ଜିଲା ଲାଞ୍ଜିଗଡଠାରେ ଜୟ ଜଗନ୍ନାଥ ଅର୍ପଣ ରଥ ଶୁଭାରମ୍ଭ ହୋଇଯାଇଛି। ଲାଞ୍ଜିଗଡ ପଞ୍ଚାୟତର ପ୍ରତ୍ୟେକ ପଡା ଓ ଗାଁ ବୁଲି ଗୁଆ ଓ ଚାଉଳ ସଂଗ୍ରହ କରୁଛି। ଅଞ୍ଚଳବାସୀ ଭାବବିହ୍ୱଳ ଭାବେ ପ୍ରଚୁର ପରିମାଣରେ ଚାଉଳ ଅର୍ପଣ କରୁଥିବା ସୂଚନା ମିଳିଛି। କାର୍ଯ୍ୟକ୍ରମରେ ଲାଞ୍ଜିଗଡ ସରସ୍ୱତୀ ମୁଣ୍ଡା, ଲାଞ୍ଜିଗଡ ପୂର୍ବତନ ସରପଞ୍ଚ ଚନ୍ଦ୍ରଧ୍ୱଜ ପେଶନିଆ, ପୂର୍ବତନ ଜିଲା ପରିଷଦ ସଦସ୍ୟ ରାଜେନ୍ଦ୍ର ପ୍ରତାପ ସିଂଦେଓ, ଅବସର ପ୍ରାପ୍ତ ଶିକ୍ଷକ କାମରାଜ ଦଳବେହେରା, ଲାଞ୍ଜିଗଡ ପଞ୍ଚାୟତ ଯୋଗାଣ ସହାୟକ ରାଜେନ୍ଦ୍ର ମହାକୁଡ଼, ଶ୍ରୀମୁଖ ଅଗସ୍ତି, ମାନବେନ୍ଦ୍ର ଜେନା, ପ୍ରତ୍ୟେକ ୱାର୍ଡର ସଭ୍ୟ ସଭ୍ୟା ଓ ଗ୍ରାମର ମହିଳା ମଣ୍ଡଳୀ ପ୍ରମୁଖ ଉପସ୍ଥିତ ରହିଥିଲେ।


Azadi Ka Amrit Mahotsav
ସେଣ୍ଟ୍ରଲ ବୈଙ୍କ ଅଫ୍ ଇଣ୍ଡିଆ Central Bank of India
CENTRAL TO YOU SINCE 1911
G20

ଚନ୍ଦରମୁଖୀ, ନରିମନ ପଏଣ୍ଟ, ମୁମ୍ବାଇ-୪୦୦୦୨୧,
ଫୋନ: ୦୨୨-୬୬୩୮୭୬୮୦, ଫ୍ୟାକ୍ସ:୦୨୨-୨୨୦୪୪୩୩୬,
ୱେବ୍‌ସାଇଟ୍: www.centralbankofindia.co.in

**ସଫେଇ କର୍ମଚାରୀ ତଥା ସବ୍-ଷ୍ଟାଫ୍ ଏବଂ/କିମ୍ବା ସବ୍ ଷ୍ଟାଫ୍ ୨୦୨୪-୨୫ ନିଯୁକ୍ତି**

ତା.୧୯.୧୨.୨୦୨୩ରିଖର ବିଜ୍ଞପ୍ତି ଅନୁଯାୟୀ ବ୍ୟାଙ୍କର ୪୮୪ଟି ପଦବୀ ପାଇଁ ପ୍ରାର୍ଥୀମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଇଥିଲା ଯାହାର ଅନ୍‌ଲାଇନ୍ ଦରଖାସ୍ତ ଦାଖଲ କରିବାର ଅନ୍ତିମ ତାରିଖ ୦୯.୦୧.୨୦୨୪ ଥିଲା। ଉକ୍ତ ପଦବୀ ପାଇଁ ଅଧିକରୁ ଅଧିକ ପ୍ରାର୍ଥୀଙ୍କୁ ଆବେଦନର ସୁଯୋଗ/ସମୟ ଦେବା ପାଇଁ ଅନ୍ତିମ ତାରିଖର ସମୟସୀମାକୁ ବଢାଇବା ପାଇଁ ବ୍ୟାଙ୍କ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।

| | |
|---|---|
| ଅନ୍‌ଲାଇନ୍ ଦରଖାସ୍ତ ଦାଖଲ କରିବାର ସଂଶୋଧିତ ଅନ୍ତିମ ତାରିଖ : | ୧୬.୦୧.୨୦୨୪ (ମଙ୍ଗଳବାର) |
| ଦରଖାସ୍ତ ଫି/ସୂଚନା ଦେୟ (କେବଳ ଅନ୍‌ଲାଇନ୍ ମୋଡରେ) ପୈଠ କରିବାର ସଂଶୋଧିତ ଅନ୍ତିମ ତାରିଖ : | ୧୬.୦୧.୨୦୨୪ (ମଙ୍ଗଳବାର) |

ଆମର ତା.୧୯.୧୨.୨୦୨୩ରିଖର ବିଜ୍ଞପ୍ତିର ଅନ୍ୟ ସମସ୍ତ ନିୟମ ଅପରିବର୍ତ୍ତିତ ରହିବ। ଦୟାକରି ଧ୍ୟାନ ଦିଅନ୍ତୁ କି, ଯେଉଁ ପ୍ରାର୍ଥୀମାନେ ଆମର ତା.୧୯.୧୨.୨୦୨୩ରିଖର ବିଜ୍ଞପ୍ତି ପରେ ଦରଖାସ୍ତ ଆବେଦନ କରିସାରିଛନ୍ତି ଏବଂ ଆବଶ୍ୟକୀୟ ଫି ପୈଠ କରିସାରିଛନ୍ତି, ସେମାନଙ୍କୁ ପୁନଶ୍ଚ ଆବେଦନ କରିବାର ଆବଶ୍ୟକତା ନାହିଁ।
ମୁମ୍ବାଇ
ତାରିଖ: ୦୯.୦୧.୨୦୨୪ ଉପମହାପ୍ରବନ୍ଧକ (ଏଚ୍‌ଆରଏମ୍)



# Classified Everyday
0674-2580101, 2549949


REAL ESTATE

**SALE**

ପାତ୍ରପଡ଼ା NHରୁ 400 mtr. ବ୍ରହ୍ମକୁମାରୀ ଆଶ୍ରମକୁ ଲାଗି 30ft. Road, Eelctric, Water ଥାଇ Sqft. 2600/– ରେ ପ୍ଲଟ୍ କିଣନ୍ତୁ। 7788888879, 8249034529. D–75291

**Ready to move luxurious flat for sale at Acharya Vihar. Contact- 9437307086, 7978209277.** D-2190

ଭୁବନେଶ୍ୱର ଜଟଣୀ ଗେଟ୍‌ରୁ ଅଳ୍ପ ଦୂରତାରେ 1200 sqft. 3,60,000/-, ଛତାବର– 1200 sqft.- 6,00,000/-. 9348232008. D-75289


HEALTH CARE

Newly open SPA positively health benefits (expert therapist). Contact: 9124527170. D-75188

Newly open health benefits SPA special offer @ 799 Bapuji Nagar. 8018429809. D-75183

Newly open Jyoti SPA positively health benefits (expert therapist). 8458067955. D-75182

Mesmerizing, energetic body, mind qualitative relaxing massage experienced therapists. 7325907905. D-67127

**Relax, Refresh your Body, Mind at Saikrupa Spa with best therapies. 8984068077.** D-2209

Newly open SPA positively health benefits with expert therapist. 9938843929. D-75184

Newly health benefited SPA expert therapist at Mastercanteen. Contact: 7749034655. D-75185

Refreshments Rejuvenation body massage therapy with experience therapists, Ashirvad Panchakarma Herbal Spa, Keshari Mall, Bhubaneswar, 8926173473. D-2235

**AFFIDAVIT**

By virtue of an affidavit sworn before the Notary Public, Jajpur Road, dtd. 09.01.2024. I Anasuya Dasah, W/o Akshya Kumar Dash, At- Dhabalgiri, P.O.- Sobara, Dist.- Jajpur, Pin- 755019 have changed my name from Anasuya Dasah to Ahalya Sarangi. Henceforth, I shall be known as Ahalya Sarangi for all purposes. Ahalya Sarangi D-2234

ପାଠକଙ୍କ ପାଇଁ ସୂଚନା– କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

I, Arjan Dev Jain, S/o Late Banarsi Das Jain, resident of Bara Bazar, P.O./P.S. Khetrajpur, Dist. Sambalpur, PIN- 768003 (Odisha) declared by this affidavit No. 18 dated 10.1.24, that now onwards I shall be known as Arjun Dev Jain for all future purposes. D-2238

By virtue of an affidavit sworn before the Executive Magistrate, Bhubaneswar, dated 04.01.2024, I, Soumyaranjan Behera, S/o Bibhutananda Parida, Vill.- Panibhandar, P.O.- Roda, P.S.- Parjang, Dist.- Dhenkanal, Odisha declare that, I have changed my surname from Soumyaranjan Parida to Soumyaranjan Behera. Henceforth, I shall be known as Soumyaranjan Behera for all purpose. Soumyaranjan Behera D-2236

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।



# ମନେ ପଡ଼ନ୍ତି

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ ଶଶିମଣୀ ବିଶୋଇ**
ଆବିର୍ଭାବ- ୦୯।୧୧।୧୯୩୫
ତିରୋଧାନ- ୨୩।୧୨।୨୦୨୨
ତା।୧୧।୦୧।୨୦୨୪
ବକୁଳ ଅମାବାସ୍ୟା
ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା।
ପରିବାର ଓ ବନ୍ଧୁବର୍ଗ
ଧ-୨୨୩୭

**୧୩ତମ ଶ୍ରାଦ୍ଧବାର୍ଷିକୀ**



**୰ ସୁବାସିନୀ ମଲିକ**
ଗୁଆଗଡ଼ିଆ, ବାସୁଦେବପୁର, ଭଦ୍ରକ
ତିରୋଧାନ: ୧୧।୦୧।୨୦୧୧
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି କାମନା ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣାରବିନ୍ଦରେ ପ୍ରାର୍ଥନା।
ପୁତ୍ର- ଅକ୍ଷୟ, ଗଙ୍ଗାଧର, ରମାକାନ୍ତ ଏବଂ ବରୁଣ ଓ ପରିବାରବର୍ଗ
ଧ-୨୧୫୯

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ ବାଇଧର ବେହେରା**
ମାଣଦ୍ରୀ (ମାଳିହାଟୀ), ମୟୂରଭଞ୍ଜ
ଆବିର୍ଭାବ- ୦୨।୦୫।୧୯୫୫
ତିରୋଧାନ- ୦୧।୦୧।୨୦୨୪
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି କାମନା ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣାରବିନ୍ଦରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଅଛୁ। ଆପଣଙ୍କର କର୍ତ୍ତବ୍ୟନିଷ୍ଠା, ଆଦର୍ଶ, ଉପଦେଶ ଆମ୍ଭମାନଙ୍କୁ ସବୁଦିନ ପାଇଁ ପ୍ରେରଣା ଦେଉଥାଉ।
ଆପଣଙ୍କର ହତଭାଗ୍ୟ
ପୁତ୍ର-ତ୍ରିନାଥ, ପୁତ୍ରବଧୂ- ସସ୍ମିତା
ଝିଅ- କୁନି, ଗୀତା, ମାମି
ଜ୍ୱାଇଁ- ଜୟନ୍ତ, ଉମେଶ, ସରୋଜ
ନାତି- ଶ୍ରୀହାନ, ସୁମିତ୍, ଅଭିଜିତ୍, ସ୍ୱାନନ୍ଦ
ନାତୁଣୀ- ଲିପ୍ସିତା, ଆଦିତି
ସ୍ତ୍ରୀ- ଦେବକୀ ଓ ପରିବାର
ଧ-୨୨୩୧

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ ସୁନ୍ଦରମଣୀ ଜେନା**
ସ୍ଥାନ: କାକରପୁଟ, ବାଲିଦୋକାନ
ଆବିର୍ଭାବ ତା: ୦୫: ୦୨:୧୯୪୧
ତିରୋଧାନ ତା: ୦୧: ୦୧: ୨୦୨୪
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗତର ନାଥ ଜଗନ୍ନାଥଙ୍କ ଚରଣ ବିନ୍ଦୁରେ ବିନମ୍ର ପ୍ରାର୍ଥନା,
ଆପଣଙ୍କ ଶୋକସନ୍ତପ୍ତ:
ଜେନା ପରିବାର ବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ ବୃନ୍ଦ।
ଧ-୨୨୩୩

**ସଂକ୍ଷେପରେ**

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ଆହାନା
ପରିବାରବର୍ଗ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ । ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ ।

# ବୌଦ୍ଧ ଜିଲାରେ ପକ୍ଷୀ ଗଣନା ଆରମ୍ଭ

**ତଳଗାଁ,୧୦ା୧(କୁନା ବେହେରା)**

ପ୍ରତିବର୍ଷ ଭଳି ଚଳିତବର୍ଷ ବୁଧବାର ବୌଦ୍ଧ ଜିଲାରେ ପକ୍ଷୀ ଗଣନା କରାଯାଇଛି । ଜିଲାର ବନଖଣ୍ଡ ଅଧିକାରୀ ଦେବପ୍ରିୟ କମ୍ପ ଓ ମହାନଦୀ ବନ୍ୟ ପ୍ରାଣୀ ଅଧିକାରୀ ଫାଲଗୁନୀ ପାର୍ଥ ସାରଥୀ ମଲ୍ଲିକଙ୍କ ନେତୃତ୍ୱରେ ବିଭିନ୍ନ ଅଞ୍ଚଳରେ ପକ୍ଷୀ ଗଣନା କରାଯାଇଛି । ବୌଦ୍ଧ ବନଖଣ୍ଡ ଅଧୀନର ଏକ ୬ ଜଣିଆ ପ୍ରତିନିଧି ମଣ୍ଡଳୀ ମହାନଦୀ ଆଳତୀ ଘାଟଠାରେ ପକ୍ଷୀ ଗଣନା କାର୍ଯ୍ୟର ଶୁଭାରମ୍ଭ କରିଛନ୍ତି। ମହାନଦୀରେ ଚକୁଆ, ଚକୋଇ, ପାଣିକୋଇଲି, ରିଭର ଲାପିଙ୍ଗ ପ୍ରଭୃତି ପକ୍ଷୀ ଦେଖିବାକୁ ମିଳିଥିଲା । ଏହି ପ୍ରତିନିଧି ମଣ୍ଡଳୀରେ ଏସିଏଫ ମିନାକ୍ଷୀ କୁମୁରା, ରେଞ୍ଜ ଅଫିସର ଅର୍ଜନା ଗମାଙ୍ଗ, ଫରେଷ୍ଟର ସ୍ୱାଧୀନ ସାମଲ, ବନରକ୍ଷୀ ସନ୍ତୋଷ ବାରିକ, ଡ୍ରୋନ ଅପରେଟର ରଞ୍ଜନ ପାଣ୍ଡେ ସାମିଲ ହୋଇଥିଲେ । ସେହିପରି ହରଭଙ୍ଗା ବ୍ଲକର ସରସରା ସାଗର, ଡମକୁଜ ଡ୍ୟାମ, ନୂଆପଡା ଡ୍ୟାମ, ଜିଲାର ମହାନଦୀ ଉପତ୍ୟକା, ପୁରୁଣା ପୋଖରୀ, ଝରଣା ପ୍ରଭୃତି ସ୍ଥାନରେ ବନବିଭାଗ ଦ୍ୱାରା ପକ୍ଷୀ ଗଣନା କରାଯାଇଛି ।

ଅନ୍ୟପକ୍ଷରେ ମହାନଦୀ ବନ୍ୟପ୍ରାଣୀ ବିଭାଗ ଦ୍ୱାରା ସାତକୋଶିଆ ଅଭୟାରଣ୍ୟ ଗଣ୍ଡରେ କୁସଙ୍ଗ ବନ୍ୟପ୍ରାଣୀ ବନାଞ୍ଚଳ ରେଞ୍ଜ ଅଧୀନସ୍ଥ ୩ ଗୋଟି ଦଳ ପକ୍ଷୀ ଗଣନାରେ ସାମିଲ ରହିଥିଲେ । ମହାନଦୀର ସାତକୋଶିଆ ଗଣ୍ଡ ମାରଡ଼ାଠାରୁ ଶୀତଳପାଣି, ଶୀତଳପାଣିଠାରୁ ହରଭଙ୍ଗା ଓ ହରଭଙ୍ଗା ଠାରୁ ଅଏଡ଼ା ପର୍ଯ୍ୟନ୍ତ ଏହି ତିନୋଟି ଦଳ ପକ୍ଷୀ ଗଣନା କରିଥିଲେ । ସାତକୋଶିଆ ଗଣ୍ଡରେ ଟେଣ୍ଟେଇ, ପାଣିଚିରା, ପାଣି କୁଆ, ଗଙ୍ଗୋଇ , ଟୁଆଁଟୁଇଁ, କିଙ୍ଗ ଫିସର ଓ ଗୋଠ ବଗ ପ୍ରଜାତିର ବିଦେଶୀ ପକ୍ଷୀଙ୍କ ଗଣନା କରାଯାଇଥିବା ବିଭାଗୀୟ ସୂତ୍ରରୁ ଜଣାପଡିଛି । ଏହି ଗଣନାରେ ଓୟୁଏଟି ଭୁବନେଶ୍ୱରରୁ ଆସିଥିବା ସ୍ୱପ୍ନିଲ ଶତପଥୀ, ଲକ୍ଷ୍ୟସିଦ୍ଧି ବେହେରା, କୁସଙ୍ଗ ରେଞ୍ଜ ଅଧିକାରୀ ସଂସାର ବର୍ଗିଆ, ଫରେଷ୍ଟର ଅନ୍ତର୍ଯ୍ୟାମୀ ଜାନି, ଗୋବିନ୍ଦ ଚନ୍ଦ୍ର ମହାକୁଡ଼,ବିଷ୍ଣୁ ପ୍ରିୟା ଦେଇ, ବ୍ରଜରାଜ ବିଶ୍ୱାଳ, ଅକ୍ଷୟ ସାହୁ ସାମିଲ ଥିଲେ। ବିଗତବର୍ଷ ଗୁଡିକରେ ଶୀତ ଦିନରେ ମହାନଦୀ ଜଳଧାରା ଶୁଖି ଯାଉଥିବା ବେଳେ ଚଳିତବର୍ଷ ମହାନଦୀର ବିଭିନ୍ନ ସ୍ଥାନରେ ଗଣ୍ଡ ସୃଷ୍ଟି ହେବା ସହିତ ଗଭୀର ପାଣି ରହିଥିବାରୁ ଚଳିତବର୍ଷ ବିଭିନ୍ନ ଦେଶ ବିଦେଶ ପକ୍ଷୀମାନଙ୍କ ମହାନଦୀରେ ଆଗମନ ହୋଇଥିବା ଗଣନାରୁ ଜଣାପଡିଛି । କିନ୍ତୁ ମହାନଦୀରେ ଅବାଧ ପକ୍ଷୀ ଶିକାର, ଡିନାମାଇଟ ବିସ୍ଫୋରଣ, ବିଷାକ୍ତ ରାସାୟନିକ ସାର, ଔଷଧ ପ୍ରୟୋଗ କରି ମାଛ ଧରୁଥିବାରୁ ପାଣି ବିଷାକ୍ତ ହେବା ସହ ପକ୍ଷୀ, ସରୀସୃପ, ଜଳଚର ପ୍ରାଣୀ ଅସୁରକ୍ଷିତ ରହୁଛନ୍ତି । ଏଥିପ୍ରତି ଜିଲା ପ୍ରଶାସନର ବିଭିନ୍ନ ବିଭାଗ କଡା ନଜର ରଖିବାକୁ ଦାବି ହେଉଛି ।




ମହାନଦୀରେ ବିଭିନ୍ନ ପ୍ରଜାତିର ପକ୍ଷୀ ।

# ଜୟ ଭୀମାବୁଢ଼ା କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ଘଣ୍ଟାପଡ଼ା,୧୦ା୧(ପ୍ରଭାତ କୁମାର ସାହୁ)**

**ଉଦ୍‌ଘାଟନୀ ମ୍ୟାଚରେ ସିଲେଟପଡାକୁ ହରାଇ ଲଣ୍ଡାବାହାଲ ବିଜୟୀ**

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ା ଥାନା ଅଧୀନ ଉମା ଖେଳପଡିଆରେ ୧୨ତମ ଜୟ ଭୀମାବୁଢା କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି । ପଡୋଶୀ କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକର ଉପାଧ୍ୟକ୍ଷ ଅଜିତ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟ ଉଦ୍‌ଘାଟନ କରିଥିଲେ । ଉଦ୍‌ଘାଟନୀ ଦିବସର ପ୍ରଥମ ଖେଳ ଲଣ୍ଡାବାହାଲ ଓ ସିଲେଟପଡା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଲଣ୍ଡାବାହାଲ ଦଳ ଟସ ଜିଣି ପ୍ରଥମେ ବ୍ୟାଟିଂ ଆରମ୍ଭ କରି ନିର୍ଦ୍ଧାରିତ ୮ ଓଭର ଖେଳରେ ୪ ଉଇକେଟ ହରାଇ ୯୧ ରନ ସଂଗ୍ରହ କରିଥିଲା । ଜବାବରେ ସିଲେଟପଡା ଦଳ ୭ ଉଇକେଟ ହରାଇ ୪୬ ରନ ସଂଗ୍ରହ କରି ପରାଜିତ ହୋଇଥିଲା । ମୁଖ୍ୟଅତିଥି ସାହୁ ଏବଂ ସମ୍ମାନିତ ଅତିଥି ଭାବେ ବଂଶୀଧର ମାଝୀ, ସାମାଜିକ କର୍ମୀ ବଳରାମ ବାଘ, ସୁରେନ୍ଦ୍ର ସାହୁ, ତପନ ସାହୁ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ । ଦୀପକ ସାହୁ ଓ ଅଜୟ ଭୋଇ ଖେଳ ପରିଚାଳନା କରିଥିଲେ । ଶିବଶଙ୍କର ସାହୁ ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ । କାହ୍ନୁ ମହାନନ୍ଦ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ଭୀମାବୁଢା କ୍ରିକେଟ କ୍ଲବର ସମସ୍ତ ସଦସ୍ୟ ଖେଳ ପରିଚାଳନାରେ ସହଯୋଗ କରିଥିଲେ ।

**୪ର୍ଥ ଜନ୍ମଦିନ ଶୁଭେଚ୍ଛା**

**ଆହାନା ନାୟକ**

ବ୍ରାହ୍ମଣପାଳ, ଧୁଷୁରି, ଭଦ୍ରକ

ଆଜି ତୋର ୪ର୍ଥ ବର୍ଷ ଜନ୍ମଦିନରେ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ଅପାର କରୁଣାରୁ ତୋ ଚଲାପଥ କୁସୁମିତ ହେଉ, ଏତିକି କାମନା ।

ଶୁଭେଚ୍ଛା ସହ: ଜେଜେବାପା, ଜେଜେମା, ଅଜା, ଆଈ, ମାମୁ, ମାଉସୀ, ବାପା, ମାଆ, ପିଉସା, ପିଉସୀ, କକା, ଖୁଡୀ, ବନ୍ଧୁ ଓ ପରିବାରବର୍ଗ ।

ଧ-୨୨୩୨

# ଚାଉଳ ପାଇଁ ଏନ୍‌ଏସି ଅଫିସରେ ତାଲା

**ବିନିକା,୧୦ା୧(ରାମ ଗୋପାଳ ବାଘ)**

ଚାଉଳ ନ ମିଳିବା ପ୍ରତିବାଦରେ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ହିତାଧିକାରୀ ବୁଧବାର ଏନଏସି ଅଫିସରେ ତାଲା ପକାଇ ଧାରଣା ଦେଇଥିଲେ । ୱାର୍ଡ ନମ୍ବର ୧୦ର ଗୋପୀନାଥ ପଣ୍ଡାଙ୍କ ନେତୃତ୍ୱରେ ଧାରଣା ଦେଇଥିବା ହିତାଧିକାରୀମାନେ ଚାଉଳ ନ ଦେବା ପର୍ଯ୍ୟନ୍ତ ଧାରଣାରୁ ଉଠିବୁ ନାହିଁ କହି ଜିଦ ଧରିଥିଲେ । ହିତାଧିକାରୀଙ୍କ କହିବା ଅନୁସାରେ ଗତ ସେପ୍ଟେମ୍ବର ମାସରୁ ଆଜି ପର୍ଯ୍ୟନ୍ତ ଚାଉଳ ମିଳି ନାହିଁ । ଏ ବିଷୟରେ ଜାଣିବା ପାଇଁ ବ୍ଲକ ଯୋଗାଣ ଅଧିକାରୀ ପିଙ୍କୁ ଭୋଇଙ୍କୁ ଯୋଗାଯୋଗ କରିବାକୁ ଉଦ୍ୟମ କରାଯାଇଥିଲେ ହେଁ ସମ୍ଭବ ହୋଇ ନ ଥିଲା । ରାତିରେ ଏକ୍‌ଜିକ୍ୟୁଟିଭି ଅଫିସର ସତ୍ୟନାରାୟଣ ପଧାନ ପହଞ୍ଚି ୩ ଦିନ ମଧ୍ୟରେ ଚାଉଳ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା ।

# ସାଧାରଣତନ୍ତ୍ର ଦିବସ ପାଳନ ପ୍ରସ୍ତୁତି



ପ୍ରସ୍ତୁତି ବୈଠକରେ ଜିଲାପାଳ ଏବଂ ଅନ୍ୟମାନେ ।

**ବରଗଡ଼,୧୦ା୧(ପ୍ରେମାନନ୍ଦ ଖମାରୀ)**

ବରଗଡ଼ରେ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ବୁଧବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ମୋନିଷା ବାନାର୍ଜୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକକୁ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ ସଂଯୋଜନା କରିଥିଲେ । ସାଧାରଣତନ୍ତ୍ର ଦିବସ ପାଳନ ପରିପ୍ରେକ୍ଷୀରେ ରାମଧୂନ, ପ୍ରଭାତଫେରି, ପ୍ରତିଯୋଗିତା ପାଇଁ ସମୟ, ସ୍ଥାନ ନିରୂପଣ କରାଯାଇଥିଲା । ପରେଡ୍ ପ୍ରତିଯୋଗିତାକୁ ଆକର୍ଷଣୀୟ କରିବା ପାଇଁ ଅଭ୍ୟାସକୁ ଗୁରୁତ୍ୱ ଦିଆଯାଇଥିଲା । ବିଭିନ୍ନ ଅନୁଷ୍ଠାନର ଛାତ୍ରୀଛାତ୍ରମାନେ ପରେଡ୍ ପଡ଼ିଆରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବା ସହିତ ଜାତୀୟସ୍ତରରେ ପୁରସ୍କୃତ ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ପରେଡ୍ ସିଭିଲିୟାନ ଦଳକୁ ଜୁନିୟର, ସିନିୟର ଗ୍ରୁପ୍‌ରେ ବିଭକ୍ତ କରି ପ୍ରଦର୍ଶନ କରିବା ପାଇଁ ସିଦ୍ଧାନ୍ତ ହୋଇଥିଲା । ସମସ୍ତ ବିଭାଗୀୟ ଅଧିକାରୀ ସୂଚାରୁ ରୂପେ ନିଜ ଦାୟିତ୍ୱ ସମ୍ପାଦନ କରିବାକୁ ଜିଲାପାଳ ବାନାର୍ଜୀ ପରାମର୍ଶ ଦେଇଥିଲେ । ଧନୁଯାତ୍ରା ମହୋତ୍ସବ ପାଇଁ ଏଥର ଜର୍ଜ ହାଇସ୍କୁଲ ପଡ଼ିଆ ବଦଳରେ ବରଗଡ଼ ପଞ୍ଚାୟତ କଲେଜ ପ୍ରାଙ୍ଗଣରେ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ଟ୍ରାଫିକ୍ ଏବଂ ଆଇନ ଶୃଙ୍ଖଳା ନିୟନ୍ତ୍ରଣ ପାଇଁ ଏସ୍‌ପି ପି.ଏସ୍ ମୀନାଙ୍କୁ ଅନୁରୋଧ କରାଯାଇଥିଲା । ବୈଠକରେ ଏସ୍‌ପି ମୀନାଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ, ପ୍ରତେକ ମହାବିଦ୍ୟାଳୟର ଅଧ୍ୟକ୍ଷ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଏବଂ ବିଭାଗୀୟ କର୍ମଚାରୀ ଉପସ୍ଥିତ ଥିଲେ । ଯଶବୀର ସିଂ, ସଞ୍ଜୟ ଶତପଥୀ, ଡୋଲାମଣି ସାହୁ, ସୁଦର୍ଶନ ବାରିକ୍, ଡୋଲାମଣିଶତପଥି ପ୍ରମୁଖ ଉପସ୍ଥିତ ଥିଲେ ।

# ଭାଜପାର କର୍ମୀ ସମ୍ମିଳନୀ

**ବୌଦ୍ଧ,୧୦ା୧(ଅଜିତ କୁମାର ବାରିକ)**

ବୌଦ୍ଧ ଜିଲା ଭାଜପା ପକ୍ଷରୁ ବୁଧବାର ହରଭଙ୍ଗା ବ୍ଲକର ବିରନରସିଂହପୁରସ୍ଥିତ ବନ ବିଭାଗର ନର୍ସରୀଠାରେ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲା ସଭାପତି ବିପ୍ର ଚରଣ ମହାନ୍ତି ଅଧକ୍ଷତା କରି ଆଗାମୀ ନିର୍ବାଚନ ପାଇଁ ସମସ୍ତେ ପ୍ରସ୍ତୁତ ହେବାକୁ ଆହ୍ୱାନ ଦେବା ସହିତ ନିଜ ନିଜ ମଧ୍ୟରେ ସମନ୍ୱୟ ରକ୍ଷା କରିବାକୁ ପରାମର୍ଶ ଦେଇଥିଲେ । ପ୍ରଧାନମନ୍ତ୍ରୀଙ୍କ ୯ ବର୍ଷ ଧରି ଶାସନ କାଳରେ ହୋଇଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ନିବେଦନ କରିଥିଲେ । ବରିଷ୍ଠ ନେତା ଅକ୍ଷୟ ସାହୁ, ମାଗୁଣୀ ଗାଇଗୌରିଆ, ସୁଶାନ୍ତ ପ୍ରଧାନ, ଶିଶିର ଘୋଷ, ପ୍ରେମାନନ୍ଦ ମିଶ୍ର, ଶ୍ୟାମସୁନ୍ଦର ପୁରୋହିତ, ବନମାଳୀ ରଣା, ରମେଶ ମହାନ୍ତି, ବିକାଶ ମହାକୁଡ, ରବି ଦେଓ, ଚିତ୍ତ ରଞ୍ଜନ ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ । ଶେଷରେ ମହିଳା ମୋର୍ଚ୍ଚା ସଭାପତି ମୀନାରାଣୀ ମିଶ୍ର ଧନ୍ୟବାଦ ଦେଇଥିଲେ ।

# ନ୍ୟାୟ ପାଇଁ ଏସ୍‌ପିଙ୍କୁ ଫେରାଦ

**ବଲାଙ୍ଗୀର,୧୦ା୧(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ଜିଲା ସଇଁତଲା ଥାନା ତୁଷ୍ଟାପାଲି ଗାଁର ଜଣେ ନାବାଳିକାଙ୍କ ସନ୍ଦେହଜନକ ମୃତ୍ୟୁକୁ ନେଇ ପରିବାର ଲୋକେ ସାଂଘାତିକ ଅଭିଯୋଗ ଆଣିଛନ୍ତି । ସଇଁତଲା ଥାନା ପୋଲିସ ଘଟଣାକୁ ବିଶେଷ ଗରୁତ୍ୱ ଦେଉ ନ ଥିବା ଅଭିଯୋଗ ଆଣି ବୁଧବାର ପୀଡିତ ପରିବାର ଲୋକେ ଏସ୍‌ପି ଅଫିସ ଆସି ଅଭିଯୋଗପତ୍ର ପ୍ରଦାନ କରି ନ୍ୟାୟ ମାଗିଛନ୍ତି । ମୃତାଙ୍କ ପିତା, ଝିଅ ଓ ପରିବାରର ଅନ୍ୟ ସଦସ୍ୟା ସଦସ୍ୟଙ୍କ ଅଭିଯୋଗ ହେଲା ଯେ, ଯେଉଁ ତିନିଜଣ ଯୁବକ ନାବାଳିକାଙ୍କୁ ହତ୍ୟା କରିଛନ୍ତି ସେମାନଙ୍କୁ ଗିରଫ କରିବା ଦିଗରେ ସଇଁତଲା ପୋଲିସ କିଛି ଠୋସ୍ ପଦକ୍ଷେପ ନେଉନାହିଁ । ଗତ ୨ ତାରିଖରେ ପୀଡ଼ିତା ଶୌଚ ପାଇଁ ଗାଁ ନିକଟ ନଦୀକୂଳକୁ ଯାଇଥିଲେ । ପରେ ସେ ଅଚେତ ଓ ଉଲଗ୍ନ ଅବସ୍ଥାରେ ଏକ ବୁଦା ମୂଳରେ ପଡିଥିବା ଖବର ପାଇ ପରିବାର ଲୋକେ ଘଟଣାସ୍ଥଳକୁ ଯାଇ ଉଦ୍ଧାର କରିଥିଲେ । ସେଠାରୁ ପ୍ରଥମେ ସଇଁତଲା ଡାକ୍ତରଖାନା ଓ ପରେ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ ନିଆଯାଇଥିଲା । ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ପରିବାର ଲୋକଙ୍କ ଅଭିଯୋଗ ହେଲା ଯେ, ନାବାଳିକା ଝିଅକୁ ବଳାତ୍କାର ପରେ ହତ୍ୟା କରାଯାଇଛି । ସେମାନେ ତୁଷ୍ଟାପାଲି, ବଥର୍ଲା ଓ ଛନଛଡା ଗାଁର ତିନି ଜଣ ଯୁବକଙ୍କୁ ଅଭିଯୁକ୍ତ ଦର୍ଶାଇ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ।

75 Azadi Ka Amrit Mahotsav
सेन्ट्रल बैंक ऑफ़ इंडिया Central Bank of India CENTRAL TO YOU SINCE 1911
G20

ଚନ୍ଦରମୁଖୀ, ନରିମନ ପଏଣ୍ଟ , ମୁମ୍ବାଇ-୪୦୦୦୨୧,
ଫୋନ୍: ୦୨୨-୬୬୩୮୭୬୮୦, ଫ୍ୟାକ୍ସ:୦୨୨-୨୨୦୪୪୩୩୬,
ୱେବ୍‌ସାଇଟ୍ : www.centralbankofindia.co.in

**ସଫେଇ କର୍ମଚାରୀ ତଥା ସବ୍-ଷ୍ଟାଫ୍ ଏବଂ/କିମ୍ବା ସବ୍ ଷ୍ଟାଫ୍ ୨୦୨୪-୨୫ ନିଯୁକ୍ତି**

ତା.୧୯.୧୨.୨୦୨୩ରିଖର ବିଜ୍ଞପ୍ତି ଅନୁଯାୟୀ ବ୍ୟାଙ୍କର ୪୮୪ଟି ପଦବୀ ପାଇଁ ପ୍ରାର୍ଥୀମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଇଥିଲା ଯାହାର ଅନ୍‌ଲାଇନ୍ ଦରଖାସ୍ତ ଦାଖଲ କରିବାର ଅନ୍ତିମ ତାରିଖ ୦୯.୦୧.୨୦୨୪ ଥିଲା । ଉକ୍ତ ପଦବୀ ପାଇଁ ଅଧିକରୁ ଅଧିକ ପ୍ରାର୍ଥୀଙ୍କୁ ଆବେଦନର ସୁଯୋଗ/ସମୟ ଦେବା ପାଇଁ ଅନ୍ତିମ ତାରିଖର ସମୟସୀମାକୁ ବଢାଇବା ପାଇଁ ବ୍ୟାଙ୍କ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି ।

| | |
|---|---|
| ଅନ୍‌ଲାଇନ୍ ଦରଖାସ୍ତ ଦାଖଲ କରିବାର ସଂଶୋଧିତ ଅନ୍ତିମ ତାରିଖ : | ୧୬.୦୧.୨୦୨୪ (ମଙ୍ଗଳବାର) |
| ଦରଖାସ୍ତ ଫି/ସୂଚନା ଦେୟ (କେବଳ ଅନ୍‌ଲାଇନ୍ ମୋଡରେ) ପୈଠ କରିବାର ସଂଶୋଧିତ ଅନ୍ତିମ ତାରିଖ : | ୧୬.୦୧.୨୦୨୪ (ମଙ୍ଗଳବାର) |

ଆମର ତା.୧୯.୧୨.୨୦୨୩ରିଖର ବିଜ୍ଞପ୍ତିର ଅନ୍ୟ ସମସ୍ତ ନିୟମ ଅପରିବର୍ତ୍ତିତ ରହିବ । ଦୟାକରି ଧ୍ୟାନ ଦିଅନ୍ତୁ କି, ଯେଉଁ ପ୍ରାର୍ଥୀମାନେ ଆମର ତା.୧୯.୧୨.୨୦୨୩ରିଖର ବିଜ୍ଞପ୍ତି ପରେ ଦରଖାସ୍ତ ଆବେଦନ କରିସାରିଛନ୍ତି ଏବଂ ଆବଶ୍ୟକୀୟ ଫି ପୈଠ କରିସାରିଛନ୍ତି, ସେମାନଙ୍କୁ ପୁନଶ୍ଚ ଆବେଦନ କରିବାର ଆବଶ୍ୟକତା ନାହିଁ ।

ମୁମ୍ବାଇ
ତାରିଖ: ୦୯.୦୧.୨୦୨୪
ଉପମହାପ୍ରବନ୍ଧକ (ଏଚ୍‌ସିଏମ୍)

**Classified Everyday** 0674-2580101, 2549949

**REAL ESTATE**

**SALE**

ପାତ୍ରପଡ଼ା NHରୁ 400 mtr. ବ୍ରହ୍ମକୁମାରୀ ଆଶ୍ରମକୁ ଲାଗି 30ft. Road, Eelctric, Water ଥାଇ Sqft. 2600/- ରେ ପ୍ଲଟ୍ କିଣନ୍ତୁ । 7788888879, 8249034529. D-75291

**Ready to move luxurious flat for sale at Acharya Vihar. Contact- 9437307086, 7978209277.** D-2190

ଭୁବନେଶ୍ୱର ଜଟଣୀ ଗେଟ୍‌ରୁ ଅଳ୍ପ ଦୂରତାରେ 1200 sqft. 3,60,000/-, ଛତାବର- 1200 sqft.- 6,00,000/-. 9348232008. D-75289

**HEALTH CARE**

Newly open SPA positively health benefits (expert therapist). Contact: 9124527170. D-75188

Newly open health benefits SPA special offer @ 799 Bapuji Nagar. 8018429809. D-75183

Newly open Jyoti SPA positively health benefits (expert therapist). 8458067955. D-75182

Mesmerizing, energetic body, mind qualitative relaxing massage experienced therapists. 7325907905. D-67127

**Relax, Refresh your Body, Mind at Saikrupa Spa with best therapies. 8984068077.** D-2209

Newly open SPA positively health benefits with expert therapist. 9938843929. D-75184

Newly health benefited SPA expert therapist at Mastercanteen. Contact: 7749034655. D-75185

Refreshments Rejuvenation body massage therapy with experience therapists, Ashirvad Panchakarma Herbal Spa, Keshari Mall, Bhubaneswar, 8926173473. D-2235

**AFFIDAVIT**

By virtue of an affidavit sworn before the Notary Public, Jajpur Road, dtd. 09.01.2024. I Anasuya Dasah, W/o Akshya Kumar Dash, At- Dhabalgiri, P.O.- Sobara, Dist.- Jajpur, Pin- 755019 have changed my name from Anasuya Dasah to Ahalya Sarangi. Henceforth, I shall be known as Ahalya Sarangi for all purposes. Ahalya Sarangi D-2234

**ପାଠକଙ୍କ ପାଇଁ ସୂଚନା–** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି । ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ । ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

I, Arjan Dev Jain, S/o Late Banarsi Das Jain, resident of Bara Bazar, P.O./P.S. Khetrajpur, Dist. Sambalpur, PIN- 768003 (Odisha) declared by this affidavit No. 18 dated 10.1.24, that now onwards I shall be known as Arjun Dev Jain for all future purposes. D-2238

By virtue of an affidavit sworn before the Executive Magistrate, Bhubaneswar, dated 04.01.2024, I, Soumyaranjan Behera, S/o Bibhutananda Parida, Vill.- Panibhandar, P.O.- Roda, P.S.- Parjang, Dist.- Dhenkanal, Odisha declare that, I have changed my surname from Soumyaranjan Parida to Soumyaranjan Behera. Henceforth, I shall be known as Soumyaranjan Behera for all purpose. Soumyaranjan Behera D-2236

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।

**ମନେ ପଡ଼ନ୍ତି**

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**
ଓଁ ଶଶିମଣୀ ବିଶୋଇ
ଆବିର୍ଭାବ- ୦୩।୧୧।୧୯୩୫
ତିରୋଧାନ- ୨୩।୧୨।୨୦୨୨
ତା।୧୧।୦୧।୨୦୨୪
ବକୁଳ ଅମାବାସ୍ୟା
ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା ।
ପରିବାର ଓ ବନ୍ଧୁବର୍ଗ
ଧ-୨୨୩୭

**୧୩ତମ ଶ୍ରାଦ୍ଧବାର୍ଷିକୀ**
ଓଁ ସୁବାସିନୀ ମଲିକ
ଗୁଆଗଡ଼ିଆ, ବାସୁଦେବପୁର, ଭଦ୍ରକ
ତିରୋଧାନ: ୧୧।୦୧।୨୦୧୧
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି କାମନା ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣାରବିନ୍ଦରେ ପ୍ରାର୍ଥନା ।
ପୁତ୍ର- ଅକ୍ଷୟ, ଗଙ୍ଗାଧର, ରମାକାନ୍ତ ଏବଂ ବରୁଣ ଓ ପରିବାରବର୍ଗ
ଧ-୨୧୫୯

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**
ଓଁ ବାଇଧର ବେହେରା
ମାଣଡ୍ରୀ (ମାଳିହାଟୀ), ମୟୂରଭଞ୍ଜ
ଆବିର୍ଭାବ- ୦୨।୦୫।୧୯୫୫
ତିରୋଧାନ- ୦୧।୦୧।୨୦୨୪
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି କାମନା ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣାରବିନ୍ଦରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଅଛୁ । ଆପଣଙ୍କର କର୍ତ୍ତବ୍ୟନିଷ୍ଠା, ଆଦର୍ଶ, ଉପଦେଶ ଆମ୍ଭମାନଙ୍କୁ ସବୁଦିନ ପାଇଁ ପ୍ରେରଣା ଦେଉଥାଉ ।
ଆପଣଙ୍କର ହତଭାଗ୍ୟ
ପୁତ୍ର-ତ୍ରିନାଥ, ପୁତ୍ରବଧୂ- ସସ୍ମିତା
ଝିଅ- କୁନି, ଗୀତା, ମାମି
ଜ୍ୱାଇଁ- ଜୟନ୍ତ, ଉମେଶ, ସରୋଜ
ନାତି- ଶ୍ରୀହାନ, ସୁମିତ୍, ଅଭିଜିତ୍, ସ୍ୱାନନ୍ଦ
ନାତୁଣୀ- ଲିପ୍ସିତା, ଆଦିତି
ସ୍ତ୍ରୀ- ଦେବକୀ ଓ ପରିବାର
ଧ-୨୨୩୧

**ଏକାଦଶାହ ଉପଲକ୍ଷେ**
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
ଓଁ ସୁନ୍ଦରମଣୀ ଜେନା
ସ୍ଥାନ: କାକରପୁଟ, ବାଲିଦୋକାନ
ଆର୍ବିଭାବ ତା: ୦୫: ୦୨:୧୯୪୧
ତିରୋଧାନ ତା: ୦୧: ୦୧: ୨୦୨୪
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗତର ନାଥ ଜଗନ୍ନାଥଙ୍କ ଚରଣ ବିନ୍ଦୁରେ ବିନମ୍ର ପ୍ରାର୍ଥନା,
ଆପଣଙ୍କ ଶୋକସନ୍ତପ୍ତ:
ଜେନା ପରିବାର ବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ ବୃନ୍ଦ ।
ଧ-୨୨୩୩

# ସାଇନାଙ୍କ ଆଉ ଏକ କୃତିତ୍ୱ

## ନର୍ଥ ଜୋନ୍ ଆନ୍ତଃ ବିଶ୍ୱବିଦ୍ୟାଳୟ ଚେସ୍‌ରେ ଜିତିଲେ ଡବଲ ସ୍ୱର୍ଣ୍ଣ

ଭୁବନେଶ୍ୱର, ୧୦।୧(ତପନ ସ୍ୱାଇଁ)

ଓଡ଼ିଶାର ମହିଳା ଅନ୍ତର୍ଜାତୀୟ ମାଷ୍ଟର ଚେସ୍ ତାରକା ସାଇନା ସାଲୋନିକା କ୍ୟାରିୟରରେ ଆଉ ଏକ କୃତିତ୍ୱର ଅଧିକାରିଣୀ ହୋଇଛନ୍ତି। ନିଜ ନେତୃତ୍ୱରେ ସେ ନର୍ଥ ଜୋନ୍ ଆନ୍ତଃ ବିଶ୍ୱବିଦ୍ୟାଳୟ ଚେସ୍ ଟୁର୍ନାମେଣ୍ଟରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟକୁ ଚାମ୍ପିୟନ କରାଇଛନ୍ତି। ଝାନ୍ସୀର ବୁନ୍ଦେଲଖଣ୍ଡ ବିଶ୍ୱବିଦ୍ୟାଳୟ ପରିସରରେ ଚଳିତ ମାସ ୮ରୁ ୧୦ ପର୍ଯ୍ୟନ୍ତ ଏହି ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଛି। ଏଥିରେ ପଟିଆଲାର ପଞ୍ଜାବୀ ବିଶ୍ୱବିଦ୍ୟାଳୟ ରୌପ୍ୟ ଓ ହିମାଚଳ ପ୍ରଦେଶ ବିଶ୍ୱବିଦ୍ୟାଳୟ ଶିମ୍ଲା ବ୍ରୋଞ୍ଜ ପଦକ ହାସଲ କରିଛି। ସାଇନା ସମ୍ପ୍ରତି ଦିଲ୍ଲୀର ମିରାଣ୍ଡା ହାଉସ୍ କଲେଜରେ ଅଧ୍ୟୟନ କରୁଛନ୍ତି। ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଦଳରେ ସାଇନାଙ୍କ ବ୍ୟତୀତ ଆରୁଶୀ କୋଟୱାଲ, ତନିସ୍କା କୋଟିଆ, ଅଞ୍ଜିଆ କ୍ରିଷ୍ଣା କୁମାର ଓ ପୂର୍ଣ୍ଣିମା ଗୁପ୍ତା ସାମିଲ ଥିଲେ। ପ୍ରତିଯୋଗିତାରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଏହାର ୫ ପ୍ରତିଦ୍ୱନ୍ଦ୍ୱୀ ଦଳ ଶ୍ରୀନଗରର ଗେରୱାଲ ବିଶ୍ୱବିଦ୍ୟାଳୟ, ସିମ୍ଲାର ହିମାଚଳ ପ୍ରଦେଶ ବିଶ୍ୱବିଦ୍ୟାଳୟ, ପଟିଆଲାର ପଞ୍ଜାବୀ ବିଶ୍ୱବିଦ୍ୟାଳୟ, ଚଣ୍ଡିଗଡ଼ର ପଞ୍ଜାବ ବିଶ୍ୱବିଦ୍ୟାଳୟ ଓ ଦିଲ୍ଲୀର ଏନ୍ଏସ୍ୟୁଟିକୁ ହରାଇ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲା। ସମସ୍ତ ୫ଟି ଯାକ ଗେମ୍ ଜିତିଥିବାରୁ ସାଇନା ବୋର୍ଡ-୧ରେ ବ୍ୟକ୍ତିଗତ ସ୍ୱର୍ଣ୍ଣ ପଦକ ମଧ୍ୟ ହାସଲ କରିଛନ୍ତି। ଗତବର୍ଷ ମଧ୍ୟ ସାଇନାଙ୍କ ନେତୃତ୍ୱରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲା। ବ୍ୟକ୍ତିଗତ ଓ ଦଳଗତ ସଫଳତା ପାଇଁ ସାଇନା ଏବଂ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଦଳକୁ ମିରାଣ୍ଡା ହାଉସ କଲେଜ ପ୍ରଫେସର ବିଜୟଲକ୍ଷ୍ମୀ ନନ୍ଦ, କ୍ରୀଡ଼ା ନିର୍ଦ୍ଦେଶକ ଅମ୍ରିତା ରାଣା, କ୍ରୀଡ଼ା ସଂଯୋଜକ ନୀରୁ ଯାଦବ ଅଭିନନ୍ଦନ ଜଣାଇଛନ୍ତି।



ଟ୍ରଫି ସହ ସାଇନା ସାଲୋନିକା।

# କେରଳ ବ୍ଲାଷ୍ଟର୍ସ ୩-୧ରେ ବିଜୟୀ



କଳିଙ୍ଗ ଷ୍ଟାଡିୟମରେ ବୁଧବାର କେରଳ ବ୍ଲାଷ୍ଟର୍ସ ଓ ଶିଲଂ ଲାଜଂ ମଧ୍ୟରେ ଅନୁଷ୍ଠିତ ମ୍ୟାଚ। (ଫଟୋ: ବିକାଶ ନାୟକ)

ଭୁବନେଶ୍ୱର, ୧୦।୧
(ତପନ ସ୍ୱାଇଁ)

**କଳିଙ୍ଗ ସୁପର କପ୍**

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା କଳିଙ୍ଗ ସୁପର କପ୍ ଫୁଟବଲ ଟୁର୍ନାମେଣ୍ଟରେ କେରଳ ବ୍ଲାଷ୍ଟର୍ସ ବିଜୟ ସହ ଅଭିଯାନ ଆରମ୍ଭ କରିଛି। ଅପରାହ୍ନ ୨ଟାରେ ପିଚ୍-୧ରେ ଅନୁଷ୍ଠିତ ମ୍ୟାଚରେ ଏହି ଦଳ ୩-୧ ଗୋଲରେ ଶିଲଂ ଲାଜଂ ଏଫ୍‌ସିକୁ ପରାସ୍ତ କରିଛି। ଫଳରେ ଦଳକୁ ପୂରା ୩ ପଏଣ୍ଟ ମିଳିଛି। ବିଜୟୀ ଦଳ ପକ୍ଷରୁ ଡବଲ ଗୋଲ ସ୍କୋର କରିଥିବା କ୍ୱାମେ ପେପ୍ରା ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।

ମ୍ୟାଚ୍ ଆରମ୍ଭରୁ ଆକ୍ରମଣାତ୍ମକ ଆଭିମୁଖ୍ୟରେ ଖେଳିଥିଲା କେରଳ ବ୍ଲାଷ୍ଟର୍ସ। ଏଥିରୁ ଦଳକୁ ଫାଇଦା ମଧ୍ୟ ମିଳିଥିଲା। ୧୫ତମ ମିନିଟରେ କ୍ୱାମେ ପେପ୍ରା ଏକ ଗୋଲ ଦେଇ ଦଳକୁ ଅଗ୍ରଣୀ କରିଥିଲେ। ବିପଜ୍ଜନକ ଖେଳ ପାଇଁ ୨୪ତମ ମିନିଟରେ ଶିଲଂ ଲାଜଂର ହମେଦମାନଭା ୱାଲାଙ୍ଗଙ୍କୁ ରେଫରି ୟେଲୋ କାର୍ଡ ଦେଖାଇଥିଲେ। ଏହାର ୩ ମିନିଟ ପରେ ଅର୍ଥାତ୍ ୨୭ତମ ମିନିଟରେ ପେପ୍ରା ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ସ୍କୋର କରି ଦଳକୁ ୨-୦ରେ ଅଗ୍ରଣୀ କରିଥିଲେ। ମାତ୍ର ୩୦ତମ ମିନିଟରେ ଶିଲଂ ଲାଜଂର ରେନାନ ପାଉଲିନୋ ଡି'ସୁଜା ଗୋଟିଏ ଗୋଲ ପରିଶୋଧ କରିବାରେ ସକ୍ଷମ ହୋଇଥିଲେ। ଫଳରେ ପ୍ରଥମାର୍ଦ୍ଧ ଶେଷ ବେଳକୁ କେରଳ ଦଳ ୨-୧ରେ ଆଗୁଆ ରହିଥିଲା। ଦ୍ୱିତୀୟାର୍ଦ୍ଧ ଆରମ୍ଭରେ ଅର୍ଥାତ୍ ୪୬ତମ ମିନିଟରେ ମହମ୍ମଦ ଅମିନ ଏକ ଗୋଲ ଦେଇ କେରଳ ବ୍ଲାଷ୍ଟର୍ସ ଅଗ୍ରଣୀ ବ୍ୟବଧାନକୁ ୩-୧ରେ ପହଞ୍ଚାଇଥିଲେ। ମ୍ୟାଚ ଶେଷ ପର୍ଯ୍ୟନ୍ତ ଏହି ସ୍କୋର ବଳବତ୍ତର ରହିଥିଲା। ଗୋଲ ପରିଶୋଧ ପାଇଁ ଲାଜଂ ଦଳ ଉଦ୍ୟମ କରିଥିଲେ ହେଁ ସଫଳ ହୋଇପାରି ନ ଥିଲା। ଇଞ୍ଜୁରି ଟାଇମ୍ ଅର୍ଥାତ୍ ୯୦+୨ ମିନିଟ୍‌ରେ ବ୍ଲାଷ୍ଟର୍ସର ସନ୍ଦୀପ ସିଂ ସୋରାଇଶାମଙ୍କୁ ହଳଦିଆ କାର୍ଡ ମିଳିଥିଲା।

### ଦର୍ଶକଙ୍କ ପାଇଁ ବ୍ୟବସ୍ଥା

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା କଳିଙ୍ଗ ସୁପର କପ୍ ଫୁଟବଲ ଟୁର୍ନାମେଣ୍ଟର ଅଧିକାଂଶ ମ୍ୟାଚକୁ ଦର୍ଶକମାନେ ଯେପରି ମାଗଣାରେ ଦେଖି ପାରିବେ ସେଥିପାଇଁ ବ୍ୟବସ୍ଥା କରାଯାଇଛି। ଓଡ଼ିଶା ଏଫ୍‌ସିର ୩ଟି ମ୍ୟାଚ, ଡର୍ବି ମ୍ୟାଚ (ମୋହନ ବାଗାନ ସୁପର ଜାଏଣ୍ଟ ବନାମ ଇଷ୍ଟ ବେଙ୍ଗଲ) ଏବଂ ୨ଟି ସେମିଫାଇନାଲ ଓ ଫାଇନାଲକୁ ଛାଡ଼ିଦେଲେ ଅନ୍ୟ ସମସ୍ତ ମ୍ୟାଚ ଦର୍ଶକମାନେ ମାଗଣାରେ ଦେଖି ପାରିବେ ବୋଲି ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ସମ୍ପାଦକ ଆଶୀର୍ବାଦ ବେହେରା ପ୍ରକାଶ କରିଛନ୍ତି।

## ଓଡ଼ିଶା ରଣ୍‌ଜୀ ଦଳରେ ରାଠୋଡ ସାମିଲ

ଭୁବନେଶ୍ୱର, ୧୦।୧ (ତପନ ସ୍ୱାଇଁ): ଚଳିତ ରଣ୍‌ଜୀ ଟ୍ରଫି ସିଜନରେ ଓଡ଼ିଶା ଏହାର ଦ୍ୱିତୀୟ ମ୍ୟାଚ୍ ମଧ୍ୟପ୍ରଦେଶ ବିପକ୍ଷରେ ଖେଳିବ। ଏଲିଟ୍ ଗ୍ରୁପ୍ 'ଡି'ର ଏହି ମ୍ୟାଚ୍ ଇନ୍ଦୋରରେ ଆସନ୍ତା ୧୨ରୁ ୧୫ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ମ୍ୟାଚ୍ ପାଇଁ ଓଡ଼ିଶା ଦଳରେ ହର୍ଷିତ୍ ରାଠୋଡଙ୍କୁ ସାମିଲ କରାଯାଇଛି। ଓଡ଼ିଶା ଏହାର ପ୍ରଥମ ମ୍ୟାଚ୍‌ରେ ୧୪୭ ରନ୍‌ରେ ବରୋଦାଠାରୁ ପରାଜିତ ହୋଇଥିଲା। ବୟସ ଜାଲିଆତି ଯୋଗୁ ଏହି ମ୍ୟାଚ୍ ପୂର୍ବରୁ ସୁମିତ ଶର୍ମାଙ୍କୁ ବାଦ୍ ଦିଆଯାଇ ତାରିଣୀ ସ'ଙ୍କୁ ଓଡ଼ିଶା ଦଳରେ ସାମିଲ କରାଯାଇଥିଲା।

# ଓଏଫ୍‌ସିର ବିଜୟଧାରା ଜାରି



ଓଡ଼ିଶା ଏଫ୍‌ସି-ହୋପ୍ସ ଏଫ୍‌ସି ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

ଭୁବନେଶ୍ୱର,୧୦।୧
(ସରୋଜ ଜେନା)

**ଇଣ୍ଡିଆନ୍ ଓମେନ୍ସ ଲିଗ୍**

ଇଣ୍ଡିଆନ୍ ଓମେନ୍ସ ଲିଗ୍‌ରେ ଅପରାଜେୟ ଧାରା ବଜାୟ ରଖିଛି ଓଡ଼ିଶା ଏଫ୍‌ସି(ଓଏଫ୍‌ସି)। ବୁଧବାର ଅନୁଷ୍ଠିତ ମ୍ୟାଚ୍‌ରେ ଦଳ ୧-୦ରେ ହୋପ୍ସ ଏଫ୍‌ସିକୁ ପରାସ୍ତ କରିଛି। ୪୪ତମ ମିନିଟରେ ପ୍ୟାରୀ ଖାଖା ଏକମାତ୍ର ଗୋଲଟି ସ୍କୋର କରିଥିଲେ।

ଉଭୟ ଦଳ ଆକ୍ରମଣାତ୍ମକ ଢଙ୍ଗରେ ମ୍ୟାଚ୍ ଆରମ୍ଭ କରିଥିଲେ। ଷଷ୍ଠ ମିନିଟରେ ଓଏଫ୍‌ସି ପକ୍ଷରୁ ସଞ୍ଜୁ ସ୍କୋରିଂ ସୁଯୋଗ ସୃଷ୍ଟି କରିଥିଲେ। ଲେଫ୍ଟ ଫ୍ଲାଙ୍କରୁ ସଞ୍ଜୁଙ୍କ ପାଖକୁ ୱିନ୍ ହେଡ କରିଥିଲେ ମଧ୍ୟ ସ୍କୋର କରିବାରେ ବିଫଳ ହୋଇଥିଲେ। ଏହାର ଦୁଇ ମିନିଟ୍ ପରେ ଆଉ ଏକ ସ୍କୋରିଂ ସୁଯୋଗ ଥିଲେ ମଧ୍ୟ ହୋପ୍ସ ଏଫ୍‌ସି ଡିଫେଣ୍ଡର ଏହାକୁ ରୋକି ଦେଇଥିଲେ। ୨୫ତମ ମିନିଟରେ ଲିଣ୍ଡା କମ୍ ଓ ୨୯ତମ ମିନିଟରେ ସଞ୍ଜୁଙ୍କ ଶଟ୍ ରୋକିବାରେ ସଫଳ ହୋଇଥିଲେ ହୋପ୍ସ ଗୋଲକିପର। ୩୬ତମ ମିନିଟ୍‌ରେ ଇନ୍ଦୁମତୀ କାଥିରସେନ ଓ ୱିନ୍‌ଙ୍କ ମିଳିତ ପ୍ରୟାସକୁ ହୋପ୍ସ ଡିଫେଣ୍ଡର ରୋକି ଦେଇଥିଲେ। ତେବେ ୪୪ତମ ମିନିଟ୍‌ରେ ଓଏଫ୍‌ସି ପକ୍ଷରୁ ନିର୍ଣ୍ଣାୟକ ଗୋଲ ସ୍କୋର କରିଥିଲେ ପ୍ୟାରୀ ଖାଖା। ରାଇଟ୍ ଫ୍ଲାଙ୍କରୁ ୱିନଙ୍କ କ୍ରସ୍‌କୁ ଗୋଲରେ ପରିଣତ କରି ସେ ଓଏଫ୍‌ସିକୁ ଆଗୁଆ କରିଥିଲେ। ଦ୍ୱିତୀୟାର୍ଦ୍ଧରେ ଗୋଲ ପରିଶୋଧ ପାଇଁ ଉଦ୍ୟମ କରିଥିଲେ ମଧ୍ୟ ହୋପ୍ସ ସଫଳ ହୋଇ ନ ଥିଲା। ଓଏଫ୍‌ସି ଏହାର ପରବର୍ତ୍ତୀ ମ୍ୟାଚ୍ ୧୮ ଜାନୁଆରୀରେ ଇଷ୍ଟବେଙ୍ଗଲ ବିପକ୍ଷରେ ଖେଳିବ।

## ଆଜି ପ୍ରଥମ ଟି୨୦: ନଜରରେ ରୋହିତ

ମୋହାଲି,୧୦।୧(ପି.ଟି): ଗୁରୁବାର ଭାରତ ଓ ଆଫଗାନିସ୍ତାନ ମଧ୍ୟରେ ୩ ମ୍ୟାଚ୍ ବିଶିଷ୍ଟ ସିରିଜର ପ୍ରଥମ ମ୍ୟାଚ ପଞ୍ଜାବର ମୋହାଲିରେ ଖେଳାଯିବ। ଟି୨୦ ବିଶ୍ୱକପ ପୂର୍ବରୁ ଏହା ଭାରତର ଅନ୍ତିମ ପ୍ରସ୍ତୁତି ସିରିଜ୍ ହୋଇଥିବା ବେଳେ ଅଧିନାୟକ ରୋହିତ ଶର୍ମା ଙ୍କ ଉପରେ ସମସ୍ତଙ୍କ ନଜର ରହିଛି। ଦୀର୍ଘ ୧୪ ମାସ ପରେ ଉଭୟ ରୋହିତ ଓ କୋହଲିଏକ ଅନ୍ତର୍ଜାତୀୟ ଟି୨୦ ମ୍ୟାଚ ଖେଳିବାକୁ ଯାଉଛନ୍ତି। ତେବେ ବ୍ୟକ୍ତିଗତ କାରଣରୁ ବିରାଟ କୋହଲି ପ୍ରଥମ ଟି୨୦ ଖେଳିବେ ନାହିଁ ବୋଲି ଭାରତୀୟ ଦଳର ମୁଖ୍ୟ କୋଚ୍ ରାହୁଲ ଦ୍ରାବିଡ ଘୋଷଣା କରିନ୍ତି। ଯଦିଓ ଆଇପିଏଲ ପ୍ରଦର୍ଶନ ପରେ ହିଁ ବିଶ୍ୱକପ୍‌ର ଚୂଡାନ୍ତ ୧୫ ଚୟନ କରାଯିବ ତେବେ ଏହି ସିରିଜ୍ ଅନେକ ଗୁରୁତ୍ୱ ବହନ କରେ। ଅଧିନାୟକ ଭାବେ ରୋହିତ ପ୍ରଥମ ମ୍ୟାଚ୍‌ରେ ଖେଳିବା ନିଶ୍ଚିତ। ରୋହିତ ନିଜର ଆକ୍ରମଣାତ୍ମକ ଆଭିମୁଖ୍ୟ ବଜାୟ ରଖିବା ନେଇ ଆଶା କରାଯାଏ। ଦିନିକିଆ ବିଶ୍ୱକପ୍‌ରେ ରୋହିତ ଯେଉଁ ଅନ୍ଦାଜରେ ବ୍ୟାଟିଂ କରୁଥିଲେ ସେପରି ବ୍ୟାଟିଂ କରିବା ନେଇ ଫ୍ୟାନ୍‌ମାନେ ଆଶା କରିବେ।

**ମ୍ୟାଚ୍ ସ୍ଥାନଃ ମୋହାଲି**
**ସମୟଃ ସନ୍ଧ୍ୟା ୭.୦୦**
**ପ୍ରସାରଣଃ ସ୍ପୋର୍ଟ୍ସ ୧୮**

## ଲାମିଚାନେଙ୍କୁ ୮ ବର୍ଷ ଜେଲ

କାଠମାଣ୍ଡୁ,୧୦।୧(ପି.ଟି)

ନେପାଳ ସ୍ପିନର ସନ୍ଦୀପ ଲାମିଚାନେଙ୍କୁ ବୁଧବାର କାଠମାଣ୍ଡୁର ଏକ କୋର୍ଟ ୮ ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ପୂର୍ବରୁ ଏକ ବଳାତ୍କାର ମାମଲାରେ ଲାମିଚାନେ ଦୋଷୀ ସାବ୍ୟସ୍ତ ହୋଇଥିଲେ। ଜଣେ ୧୮ ବର୍ଷୀୟା ମହିଳାଙ୍କୁ ଲାମିଚାନେ ବଳାତ୍କାର କରିଥିଲେ। ସିଙ୍ଗଲ ଜଜ୍ ଖଣ୍ଡପୀଠ ମାମଲାର ରାୟ ଶୁଣାଇବା ସହ ୨୩ ବର୍ଷୀୟ ଲାମିଚାନେଙ୍କୁ ୩ ଲକ୍ଷ ଟଙ୍କାର ଫାଇନ୍ ଓ ପୀଡ଼ିତାଙ୍କୁ ୨ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଉଚ୍ଚ ନ୍ୟାୟାଳୟରେ ମାମଲାର ପୁନଃ ଆବେଦନ କରିବା ନେଇ ଲାମିଚାନେଙ୍କ ଓକିଲ ସରୋଜ ଘିମିରେ ସୂଚନା ଦେଇଛନ୍ତି। ସେପ୍ଟେମ୍ବର ୨୦୨୩ରେ ପ୍ରଥମ ଲାମିଚାନେଙ୍କ ନାମରେ ଏକ ଆରେଷ୍ଟ ୱାରେଣ୍ଟ ଜାରି ହୋଇଥିଲା। ସେ ସମୟରେ ନେପାଳର ଅଧିନାୟକ ରହିଥିବା ବେଳେ ତାଙ୍କୁ ଅଧିନାୟକ ପଦରୁ ସସ୍‌ପେଣ୍ଡ କରିଥିଲା କ୍ରିକେଟ ଆସୋସିଏଶନ୍ ଅଫ୍ ନେପାଳ। ସେ କାରିବିଆନ୍ ପ୍ରିମିୟର୍ ଲିଗ୍‌ରେ ଜାମାଇକା ତଲାୱାସ ପକ୍ଷରୁ ଖେଳୁଥିବା ବେଳେ ଫ୍ରାଞ୍ଚାଇଜ ତାଙ୍କୁ ତୁରନ୍ତ ରିଲିଜ୍ କରିଥିଲା। ସେ ନେପାଳ ଫେରିବା ପରେ ତାଙ୍କୁ ତୁରନ୍ତ ଗିରଫ କରାଯାଇଥିଲା।



ଏକ ଫେସବୁକ୍ ପୋଷ୍ଟ ଜରିଆରେ ନିଜକୁ ନିର୍ଦ୍ଦୋଷ ବୋଲି ଦାବି କରିବା ସହ ସମସ୍ତ ପ୍ରକାର ତଦନ୍ତରେ ସହଯୋଗ କରିବେ ବୋଲି ମଧ୍ୟ ସେ ଲେଖିଥିଲେ। ଏହାପରେ ନେପାଳ ପାଇଁ ବିଶ୍ୱକପ ଯୋଗ୍ୟତା ପର୍ଯ୍ୟାୟରେ ମଧ୍ୟ ଖେଳିଥିଲେ। ସେ ନେପାଳ ପାଇଁ ୧୦୦ ଦିନିକିଆ ମ୍ୟାଚ୍ ଖେଳି ୧୦୦ ଉଇକେଟ ନେଇଛନ୍ତି। ଏହା ବାଦ୍ ସେ ଆଇପିଏଲ୍‌ରେ ଦିଲ୍ଲୀ ଡେୟାର ଡେଭିଲ୍ସ ପାଇଁ ଦୁଇଟି ସିଜନ ଖେଳିଛନ୍ତି। ୨୦୧୮-୨୦ ମଧ୍ୟରେ ସେ ୧୩ ଉଇକେଟ ଅକ୍ତିଆର କରିଛନ୍ତି।

## ସିରିଜ୍‌ରୁ ବାଦ୍ ପଡ଼ିଲେ ରଶିଦ

ମୋହାଲି,୧୦।୧(ପି.ଟି): ଭାରତ ବିପକ୍ଷ ଟି୨୦ ସିରିଜ୍ ପୂର୍ବରୁ ଆଫଗାନିସ୍ତାନ ଦଳକୁ ବଡ଼ ଝଟ୍‌କା। ଷ୍ଟାର ସ୍ପିନର ରଶିଦ୍ ଖାନ ସମ୍ପୂର୍ଣ୍ଣ ସିରିଜରୁ ବାଦ୍ ପଡ଼ିଛନ୍ତି। ନଭେମ୍ବର ମାସରେ ରଶିଦଙ୍କ ବ୍ୟାକ୍ ସର୍ଜରି ହୋଇଥିଲା। ସିରିଜ୍ ପୂର୍ବରୁ ସେ ସୁସ୍ଥ ହୋଇଯିବା ନେଇ ଆଶା କରାଯାଉଥିଲା। ତେବେ ରଶିଦ ଫିଟ୍ ନ ହେବା କାରଣରୁ ତାଙ୍କୁ ବାଦ୍ ଦିଆଯାଇଥିବା ନେଇ ସୂଚନା ଦେଇଛନ୍ତି ଆଫଗାନିସ୍ତାନ ଅଧିନାୟକ ଇବ୍ରାହିମ୍ ଜାଦ୍ରାନ। ଆଫଗାନିସ୍ତାନର ଟ୍ରମ୍ପ କାର୍ଡ ରଶିଦ ଭାରତରେ ଦିନିକିଆ ବିଶ୍ୱକପ ପରେ ପିଠି ଅସ୍ତ୍ରୋପଚାର କରାଇଥିଲେ। ରଶିଦ ବର୍ତ୍ତମାନ ନିଜ ରିହାବ୍ କରୁଥିଲେ ମଧ୍ୟ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ନାହାନ୍ତି। ତେବେ ତାଙ୍କ ଅନୁପସ୍ଥିତିରେ ଅନ୍ୟ ଯୁବ ଖେଳାଳିଙ୍କୁ ସୁଯୋଗ ମିଳିବ ବୋଲି ସେ କହିଛନ୍ତି। ଦଳରେ ମୁଜିବ୍ ଉର ରେହମାନ ଓ ନୁର ଅହମଦଙ୍କ ଭଳି ସ୍ପିନର ରହିଛନ୍ତି। ଉଭୟ ସ୍ପିନର ଭାରତୀୟ ପରିବେଶରେ ଅଧିକ ଖେଳିଥିବାରୁ ଏହା ଲାଭଦାୟକ ରହିବ ବୋଲି ସେ କହିଛନ୍ତି।

## ଭାରତୀୟ ଅଡିଟ୍ ଓ ଆକାଉଣ୍ଟ୍ସ ପୂର୍ବାଞ୍ଚଳ ବ୍ୟାଡ୍‌ମିଣ୍ଟନ ଉଦ୍‌ଘାଟିତ

ଭୁବନେଶ୍ୱର, ୧୦।୧
(ତପନ ସ୍ୱାଇଁ)

ସ୍ଥାନୀୟ ମହାଲେଖାକାର ଅଡିଟ୍-୨ ଆନୁକୂଲ୍ୟରେ ଏବଂ ଏଜି ରିକ୍ରିଏଶନ କ୍ଲବ ସହଯୋଗରେ ଅଡିଟ୍ ଓ ଆକାଉଣ୍ଟ୍ସ ପୂର୍ବାଞ୍ଚଳ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ବୁଧବାର ରେଲୱେ ଇନ୍‌ଡୋର ଷ୍ଟାଡିୟମରେ ଉଦ୍‌ଘାଟିତ ହୋଇଛି। ଟୁର୍ନାମେଣ୍ଟ କମିଟି ଅଧ୍ୟକ୍ଷ ମହାଲେଖାକାର ବିଶ୍ୱନାଥ ସିଂ ଜାଦୋନଙ୍କ ଅଧ୍ୟକ୍ଷତାରେ ଓଡ଼ିଶାର କ୍ରୀଡ଼ା ଓ ଯୁବ ସେବା ବିଭାଗ ମନ୍ତ୍ରୀ ତୁଷାରକାନ୍ତି ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇ ଟୁର୍ନାମେଣ୍ଟ ଉଦ୍‌ଘାଟନ କରିଥିଲେ। ଓଡ଼ିଶା ପ୍ରଧାନ ମହାଲେଖାକାର ଅଡିଟ୍-୧ କାର୍ଯ୍ୟାଳୟର ପ୍ରଧାନ ମହାଲେଖାକାର ରାଜକୁମାର, ପୂର୍ବତଟ ରେଲୱେ ଅଡିଟର ମହାନିର୍ଦ୍ଦେଶକ କୁଲୱନ୍ତ ସିଂ, ବରିଷ୍ଠ ଉପ ମହାଲେଖାକାର ଦୀପକ ରଘୁ, ଶ୍ରୀରାଜ ଅଶୋକ ସମ୍ମାନନୀୟ ଅତିଥିଭାବେ ଯୋଗଦେଇଥିଲେ। ପ୍ରାରମ୍ଭରେ ଏଜି କାର୍ଯ୍ୟାଳୟର କଲ୍ୟାଣ ଅଧିକାରୀ ଅଶୋକ କୁମାର ପଣ୍ଡା ଟୁର୍ନାମେଣ୍ଟ ଆୟୋଜନ ସମ୍ପର୍କରେ ସମ୍ୟକ୍ ସୂଚନା ଦେବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଉପ ମହାଲେଖାକାର ଏକତା ସିଂହ, ତାନ୍ୟା ଅସ୍ଥନା, ସଚିନ କ୍ରିଷ୍ଣା କୌଶିକ, ରାଧିକା ସୁରେଶ, ଏସ. ଅରୁଣା, ପି. ଅଶୋକନ, ସ୍ୱାମୀ ଶୁଭମ ବୈଦ୍ୟନାଥ ଉପସ୍ଥିତ ଥିଲେ। ଟୁର୍ନାମେଣ୍ଟରେ ପୂର୍ବାଞ୍ଚଳ ରାଜ୍ୟ ଓଡ଼ିଶା, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ବିହାର, ଅରୁଣାଚଳ ପ୍ରଦେଶ, ନାଗାଲାଣ୍ଡ, ଆସାମ, ତ୍ରିପୁରା, ମେଘାଳୟ, ମଣିପୁର, ସିକ୍କିମ, ମିଜୋରାମ ଏଜି ଏବଂ ରେଲୱେ ଅଡିଟ୍ କାର୍ଯ୍ୟାଳୟର ଭୁବନେଶ୍ୱର, କୋଲକାତା ଏବଂ ଗୋରଖପୁରର ୧୫ଟି ମହିଳା ଓ ପୁରୁଷ ବ୍ୟାଡ୍‌ମିଣ୍ଟନ ଦଳର ୯୦ ଖେଳାଳି ଯୋଗ ଦେଇଛନ୍ତି।

# ଆଜି ସେମିଫାଇନାଲ

ଭୁବନେଶ୍ୱର, ୧୦।୧
(ତପନ ସ୍ୱାଇଁ)

**ଅଲ୍‌ଟିମେଟ ଖୋ ଖୋ ସିଜନ-୨**
- ଗୁଜରାଟ ଜାଏଣ୍ଟ୍ସକୁ ଭେଟିବ ଡିଫେଣ୍ଡିଂ ଚାମ୍ପିୟନ ଓଡ଼ିଶା ଜଗରନଟ୍ସ
- ଚେନ୍ନାଇ କୁଇକ୍ ଗନ୍ସ ସହ ତେଲୁଗୁ ଯୋଦ୍ଧାସ ମୁକାବିଲା

କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ଅଲ୍‌ଟିମେଟ ଖୋ ଖୋ ସିଜନ-୨ର ୨ଟି ଯାକ ସେମିଫାଇନାଲ ଗୁରୁବାର ଅନୁଷ୍ଠିତ ହେବ। ସନ୍ଧ୍ୟା ୭ଟା ୩୦ରେ ହେବାକୁଥିବା ପ୍ରଥମ ସେମିଫାଇନାଲରେ ଗୁଜରାଟ ଜାଏଣ୍ଟ୍ସକୁ ଭେଟିବ ଡିଫେଣ୍ଡିଂ ଚାମ୍ପିୟନ ଓଡ଼ିଶା ଜଗରନଟ୍ସ। ରାତି ୮ଟା ୩୦ରେ ଦ୍ୱିତୀୟ ସେମିଫାଇନାଲରେ ଚେନ୍ନାଇ କୁଇକ୍ ଗନ୍ସ ଓ ତେଲୁଗୁ ଯୋଦ୍ଧାସ ମଧ୍ୟରେ ମୁକାବିଲା ହେବ। ତୃତୀୟ ସ୍ଥାନ ପାଇଁ ପ୍ଲେ-ଅଫ୍ ଓ ଫାଇନାଲ ୧୩ ତାରିଖରେ ଖେଳାଯିବ।

ଓଡ଼ିଶା ଜଗରନଟ୍ସ ଏଥର ଦ୍ୱିତୀୟ ସ୍ଥାନରେ ରହି ଲିଗ୍ ପର୍ଯ୍ୟାୟ ଶେଷ କରିଥିଲା। ଏହି ଦଳ ଖେଳିଥିବା ୧୦ ମ୍ୟାଚରୁ ୬ ବିଜୟ, ୨ ପରାଜୟ ଓ ୨ ଡ୍ର ସହ ୨୩ ପଏଣ୍ଟ ପାଇଥିଲା। ସବୁଠାରୁ ଉଲ୍ଲେଖନୀୟ ହେଲା ଶେଷ ୫ ମ୍ୟାଚରେ ଅପରାଜେୟ ରହିଛି ଘରୋଇ ଦଳ। ଏହା ମଧ୍ୟରେ ୪ ବିଜୟ ଅନ୍ତର୍ଭୁକ୍ତ। ନିଜର ଶେଷ ଲିଗ୍ ମ୍ୟାଚରେ ଏହି ଦଳ ମୁମ୍ବାଇ ଖିଲାଡିଜ୍‌କୁ ୩୪-୨୪ ପଏଣ୍ଟରେ ହରାଇ ଦେଇଥିଲା। ଚଳିତ ସିଜନର ଅନ୍ୟତମ ଶ୍ରେଷ୍ଠ ବଜିର ଦୀପକ ସାହୁ, ଗୌତମ ଏମ.କେ. ଓ ଦିଲୀପ ଖାଣ୍ଡଭିଙ୍କ ଭଳି ଖେଳାଳିମାନେ ଗୁରୁତ୍ୱପୂର୍ଣ୍ଣ ସମୟରେ ଦଳ ପାଇଁ ଉନ୍ନତ ପ୍ରଦର୍ଶନ କରିବାରେ ସକ୍ଷମ ହୋଇଛନ୍ତି। ଘରୋଇ ଦର୍ଶକଙ୍କ ସମ୍ମୁଖରେ ସେମିଫାଇନାଲରେ ଏମାନଙ୍କ ପ୍ରଦର୍ଶନ ଆହୁରି ଉତ୍ସାହଜନକ ରହିବା ଆଶା କରାଯାଉଛି। ଗୁଜରାଟ ଜାଏଣ୍ଟ୍ସ ୧୦ ମ୍ୟାଚ ଖେଳିଥିବାବେଳେ ୬ ବିଜୟ, ୩ ପରାଜୟ ଓ ୧ ଡ୍ର ସହ ୨୧ ପଏଣ୍ଟରେ ରହି ଲିଗ୍ ପର୍ଯ୍ୟାୟ ଶେଷ କରିଛି। ଏହି ଦଳ ଯେଉଁ ଦଳଠାରୁ ପରାଜିତ ହୋଇଥିଲା ପରିବର୍ତ୍ତୀ ରିଭର୍ସ ମ୍ୟାଚରେ ତାକୁ ହରାଇ ପ୍ରତିଶୋଧ ନେବାରେ ସକ୍ଷମ ହୋଇଛି। ତେଣୁ ଓଡ଼ିଶା ଜଗରନଟ୍ସ ନିଜ ଗୁଜରାଟ ପ୍ରତିଦ୍ୱନ୍ଦ୍ୱୀକୁ ଗୁରୁତ୍ୱର ସହ ନେଉଛି। ଡିସେମ୍ବର ୩୦ରେ ଅନୁଷ୍ଠିତ ଲିଗ୍ ମ୍ୟାଚରେ ଓଡ଼ିଶା ଦଳ ୨୯-୩୪ରେ ଗୁଜରାଟଠାରୁ ହାରି ଯାଇଥିଲା। ଦୁଇ ଦଳ ମଧ୍ୟରେ ଜାନୁୟାରୀ ୬ରେ ଅନୁଷ୍ଠିତ ଦ୍ୱିତୀୟ ମୁକାବିଲାରେ କିନ୍ତୁ ଓଡ଼ିଶା ଜଗରନଟ୍ସ ୩୦-୨୭ରେ ଗୁଜରାଟକୁ ହରାଇବାରେ ସକ୍ଷମ ହୋଇଥିଲା। ତେଣୁ ଦୁଇ ସମକକ୍ଷ ପ୍ରତିଦ୍ୱନ୍ଦ୍ୱୀଙ୍କ ମଧ୍ୟରେ ଆଗାମୀ ମୁକାବିଲା ସଂଘର୍ଷପୂର୍ଣ୍ଣ ହେବା ଆଶା କରାଯାଉଛି। ଅଲ୍‌ଟିମେଟ ଖୋ ଖୋ ସୋନି ସ୍ପୋର୍ଟ୍ସ ନେଟୱର୍କ ଓ ସୋନି ଲିଭ୍‌ରେ ପ୍ରସାରିତ ହେଉଛି।



ଲିଗ୍ ମ୍ୟାଚ ଶେଷରେ ଉଲ୍ଲସିତ କୋଚ୍ ଓ ଖେଳାଳିମାନେ।

# ଖୋର୍ଦ୍ଧାକୁ ହରାଇ ଫରେଷ୍ଟ ଭିଲାଇ ଚାମ୍ପିୟନ



ଚାମ୍ପିୟନ ଦଳକୁ ଅତିଥିମାନେ ପୁରସ୍କାର ପ୍ରଦାନ କରୁଛନ୍ତି।

ନୂଆପଡ଼ା,୧୦।୧(ମକାରୁ ବେମାଲ)

**ୱାଇଏମ୍‌ସି କପ୍ କ୍ରିକେଟ**

ସ୍ଥାନୀୟ ମିନି ଷ୍ଟାଡିୟମରେ ଚାଲିଥିବା ସର୍ବଭାରତୀୟ ୩୨ତମ ୱାଇଏମ୍‌ସି କପ୍ କ୍ରିକେଟ ବୁଧବାର ଫାଇନାଲ ମ୍ୟାଚ୍‌ରେ ଇଷ୍ଟକୋଷ୍ଟ ଖୋର୍ଦ୍ଧାକୁ ହରାଇ ଫରେଷ୍ଟ ଭିଲାଇ ଚାମ୍ପିୟନ ହୋଇଛି। ଖୋର୍ଦ୍ଧା ବ୍ୟାଟିଂ କରି ନିର୍ଦ୍ଧାରିତ ୩୦ ଓଭରରେ ୧୦ ଉଇକେଟ ହରାଇ ୨୦୭ ସଂଗ୍ରହ କରିଥିଲା। ଭିଲାଇ ଦଳ ୨୮.୪ ଓଭରରେ ୫ ଉଇକେଟ ହରାଇ ୨୧୧ ରନ ସଂଗ୍ରହ କରି ଚାମ୍ପିୟନ ହୋଇଛି। ଚାମ୍ପିୟନ ଭିଲାଇ ଦଳକୁ ନଗଦ ୮୦ ହଜାର ଟଙ୍କା ସହ ଟ୍ରଫି ଓ ରନର ଅପ୍ ଖୋର୍ଦ୍ଧାକୁ ନଗଦ ୫୦ ହଜାର ଟଙ୍କା ସହ ଟ୍ରଫି ମୁଖ୍ୟ ଅତିଥି ପ୍ରଦାନ କରିଛନ୍ତି। ଉଦଯାପନୀରେ ୱାଇଏମସି କପ କ୍ରିକେଟ ଆବାହକ ସରୋଜକୁମାର ସାହୁଙ୍କ ଅଧ୍ୟକ୍ଷତାରେ ନୂଆପଡା ଅତିରିକ୍ତ ଜିଲାପାଳ ଭୀମସେନ ଶବର ମୁଖ୍ୟଅତିଥି, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ମିଶ୍ର, ବିଜେଡି ରାଜ୍ୟ ସମ୍ପାଦକ ରାଜେଶ ନିଗମ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଅପରାହ୍ନରେ ପୁରସ୍କାର ବିତରଣୀ ଉତ୍ସବରେ ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ମୁଖ୍ୟଅତିଥି, ବିଧାୟକ ପ୍ରତିନିଧି ଜୟ ଧୋଲକିଆ, ସଦର ଏନ୍ଏସି ଅଧ୍ୟକ୍ଷ ମହମ୍ମଦ ଆଦାମ, ଅବସରପ୍ରାପ୍ତ କ୍ରୀଡା ଅଧିକାରୀ ରାଜେନ୍ଦ୍ର ବଡେଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ମ୍ୟାନ ଅଫ ଦି ମ୍ୟାଚ ଓ ସିରିଜ ଫରେଷ୍ଟ ଭିଲାଇ ଦଳର ମନୋଜ ସିଂ ପୁରସ୍କୃତ ହୋଇଥିଲେ। ଜିଲା କ୍ରିକେଟ ସଂଘ ସଭାପତି ପ୍ରକାଶ ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ସଞ୍ଜୟ ନାଏକ, ଚୂଡାମଣି ପାଢୀ, ବିଶ୍ୱମ୍ଭର ମହାକୁଡ, ଅନୀଲ ଦାସ ଓ ନାରାୟଣ ମେହେର ଖେଳ ପରିଚାଳନା କରିଥିଲେ। ଶୈଳଶ ଶତପଥୀ ଓ ଆୟୁଷ୍ମାନ ଗୁପ୍ତା ସ୍କୋର ଦାୟିତ୍ୱ ତୁଲାଇଥିଲେ। ପୁନିତ ରାଉତ, ଜୟ କିଷନ ସୁନାନୀ, ମୁକେଶ ସିଂ, ସୀମାଞ୍ଚଳ ମହାପାତ୍ର ଧାରାବିବରଣୀ ଶୁଣାଇଛନ୍ତି। ୟୁଥ ମାସ କ୍ଲବ ସଭାପତି ଅମରେଶ ଚନ୍ଦ୍ର ଦାସ, ସମ୍ପାଦକ ତପନ କୁମାର ବଗର୍ତ୍ତି, ଉପ ସଭାପତି ରଞ୍ଜିତ ସୁନା, ଶ୍ରୀରାମ ମିଶ୍ର, ସଞ୍ଜୟ ପଟ୍ଟନାୟକ, ସନ୍ତୋଷ ସୁପକାର, ପ୍ରତୀକ ପଟ୍ଟନାୟକ, ବାଲେଶ୍ୱର ମାଝି, ଜାନୁ ମିଶ୍ର, ମାଇକେଲ ସୁଧିର, ଜାବେଦ ଖାନ, ଜିତୁ ହୋତା, ଆସୁତୋଷ ପଟ୍ଟନାୟକ, ଅଂଶୁମାନ ଗୁପ୍ତା, ସାଗର ହଂସ, ଟିପୁ ଖାନ, ପିଣ୍ଟୁ ଭୋଇ, ରାଜ କିରଣ ସିଂଦେଓ ପ୍ରମୁଖ ସହଯୋଗ କରିଥିଲେ। ଫାଇନାଲ ଦିନର ବିଶେଷ ମୁଖ୍ୟ ଆକର୍ଷଣ ଚୁଲବୁଲି ନାୟିକା ଶିତଳ ପାତ୍ର ଯୋଗଦେଇ ଓଡିଆ ଆଲବମ ଓ ସମ୍ବଲପୁରୀ ନୃତ୍ୟରେ ଦର୍ଶକ ଝୁମି ଉଠିଥିଲେ।

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

# ବେଦ ଧ୍ୱନିରେ କମ୍ପିବ ମଣ୍ଡପ

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାପର୍ଣ ଉତ୍ସବକୁ ଆଉ ଅଳ୍ପଦିନ ବାକିଥିବା ବେଳେ ପ୍ରସ୍ତୁତି କାର୍ଯ୍ୟ ଜୋରସୋରରେ ଆଗେଇ ଚାଲିଛି। ସମସ୍ତ ପ୍ରକଳ୍ପ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ୧୭ ତାରିଖରେ ପରିକ୍ରମା ପ୍ରକଳ୍ପର ଲୋକାପର୍ଣ ପୂର୍ବରୁ ଗଜପତି ମହାରାଜା ଦିବ୍ୟସିଂହ ଦେବ ଯଜ୍ଞରେ ପୂର୍ଣ୍ଣାହୁତି ଦେବା ପରେ ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ଲୋକାପର୍ଣ କରିବେ। ତେଣୁ ୧୨ ତାରିଖ୍ରଠାରୁ ବିଧିବଦ୍ଧ ଭାବରେ ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ ହେବ। ଏଥିପାଇଁ ଶ୍ରୀମନ୍ଦିର ତଥା ପରିକ୍ରମା ପ୍ରକଳ୍ପର ଐଶାନ୍ୟ କୋଣରେ ଯଜ୍ଞ ମଣ୍ଡପ ନିର୍ମାଣ କରାଯାଉଛି । ମଣ୍ଡପର ନିର୍ମାଣ କାର୍ଯ୍ୟ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଯଜ୍ଞ ମଣ୍ଡପକୁ ଅପୋଡ଼ା ଇଟାରେ ନିର୍ମାଣ କରାଯାଇଥିବାବେଳେ ମାଟି ଓ ଗୋବରରେ ଲିପା କାର୍ଯ୍ୟ ଶେଷ କରାଯାଇଛି। ବର୍ତ୍ତମାନ ବାଉଁଶରେ ଯଜ୍ଞ ଘର ନିର୍ମାଣ କାର୍ଯ୍ୟ ଶେଷ ହୋଇଥିବାବେଳେ ଛପର କାର୍ଯ୍ୟ ମଧ୍ୟ ଶେଷ ହୋଇଛି। ଯଜ୍ଞ କୁଣ୍ଡ ଚାରିପାଖରେ ଚାରିଗୋଟି ଛୋଟ ଛୋଟ ଯଜ୍ଞକୁଣ୍ଡ ନିର୍ମାଣ ଚାଲିଛି। ୧୨ତାରିଖରୁ ପ୍ରତିଷ୍ଠା ଉତ୍ସବର ପୂଜାବିଧି ଆରମ୍ଭ ହେବ। ବାସ୍ତୁଶାସ୍ତ୍ର ଅନୁସାରେ ଯଜ୍ଞ ମଣ୍ଡପର ଦୈର୍ଘ୍ୟ ଓ ପ୍ରସ୍ଥ ୨୪ଫୁଟ ୩ଇଞ୍ଚ ଥିବାବେଳେ ଉଚ୍ଚତା ଅଢେଇ ଫୁଟ ରହିଛି। ସେହିଭଳି ଯଜ୍ଞକୁଣ୍ଡର ଦୈର୍ଘ୍ୟ ଓ ପ୍ରସ୍ଥ ୮ଫୁଟ୍ ୧ଇଞ୍ଚ ଲେଖାଏ ରଖାଯାଇଛି। ଆଉ ସମ୍ପୂର୍ଣ୍ଣ ଶାସ୍ତ୍ରବିଧି ଅନୁସାରେ ଯଜ୍ଞ ମଣ୍ଡପ ନିର୍ମାଣ କରାଯାଉଛି। ୧୨ତାରିଖରେ ଗଜପତି ମହାରାଜା ବ୍ରାହ୍ମଣମାନଙ୍କୁ ବରଣ କରିବେ। ସେହିପରି ୧୩ ଓ ୧୪ରେ ଅଙ୍କୁରାରୋପଣ କରାଯିବ। ୧୫ରୁ ବିଧିବଦ୍ଧ ଭାବରେ ଯଜ୍ଞ କାର୍ଯ୍ୟ କରାଯିବ। ୧୦୮ ବ୍ରାହ୍ମଣ ବେଦ ପାଠ କରିବା ସହ ଯଜ୍ଞ କାର୍ଯ୍ୟ ସମ୍ପାଦନ କରିବେ। ସେହିପରି ଶ୍ରୀମନ୍ଦିର ଐଶାନ୍ୟ କୋଣରେ ଯଜ୍ଞ କରାଯିବା ସହ ଶ୍ରୀମନ୍ଦିରର ଚାରିଦ୍ୱାରରେ ଚାରିବେଦ ଅନୁଷ୍ଠାନ କରାଯିବ। ଅପରପକ୍ଷରେ ଯଜ୍ଞ କାର୍ଯ୍ୟ ହେବା ସହ ଶ୍ରୀମନ୍ଦିର ଚାରିଦ୍ୱାର ନିକଟରେ ବେଦପାଠ କରାଯିବ। ଏଥିସହ ଚାରିଦ୍ୱାରରେ ବେଦ ପାରାୟଣ କରାଯିବ। ଏଥିପାଇଁ ପ୍ରଶାସନ ପକ୍ଷରୁ ବେଦ ପାରାୟଣ ଯଜ୍ଞକୁଣ୍ଡ ଶ୍ରୀମନ୍ଦିର ଚାରିଦ୍ୱାର ନିକଟରେ ନିର୍ମାଣ କାର୍ଯ୍ୟ ଜାରି ରହିଛି। ଐଶାନ୍ୟ କୋଣରେ ଯଜ୍ଞ କାର୍ଯ୍ୟ କରାଯିବା ସହ ଶ୍ରୀମନ୍ଦିର ଚାରିଦ୍ୱାରରେ ଚାରିବେଦ ପାରାୟଣ କରାଯିବ। ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ଋଗ୍‌ବେଦ, ଦକ୍ଷିଣ ଦ୍ୱାର ପାର୍ଶ୍ୱରେ ଯଜୁର୍ବେଦ, ପଶ୍ଚିମ ଦ୍ୱାର ପାର୍ଶ୍ୱରେ ସାମବେଦ ଏବଂ ଉତ୍ତର ପାର୍ଶ୍ୱରେ ଅଥର୍ବବେଦ ପାଠ କରାଯିବ। ଶ୍ରୋତ୍ରିୟ ବ୍ରାହ୍ମଣ ଓ ବେଦପାଠ ଛାତ୍ରମାନେ ବେଦପାଠ କରିବେ।






# ସହରକୁ ଜଗିବ ସିସିଟିଭି



ଆସନ୍ତା ୧୭ ତାରିଖରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାପର୍ଣ ଉତ୍ସବ ଅନୁଷ୍ଠିତ ହେବାକୁ ଯାଉଛି। ତେବେ ୧୨ତାରିଖଠାରୁ ପ୍ରସ୍ତୁତି ପର୍ବ ଆରମ୍ଭ ହେବ। ତେଣୁ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଉତ୍ସବରେ ଯୋଗଦେବା ପାଇଁ ଦେଶ ବାହାର ତଥା ରାଜ୍ୟ ରାଜ୍ୟ ବାହାରୁ ଭକ୍ତ ଓ ଶ୍ରଦ୍ଧାଳୁମାନେ ଆସିବା କାର୍ଯ୍ୟକ୍ରମ ରହିଛି। ତେଣୁ ଅତିଥିମାନଙ୍କ ସୁରକ୍ଷା ପ୍ରତି ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଯାଉଛି। ପୋଲିସ ପ୍ରଶାସନ ପକ୍ଷରୁ ପୁରୀକୁ ସୁରକ୍ଷା ବଳୟ ମଧ୍ୟରେ ରଖାଯିବା ପାଇଁ ପୋଲିସ ବିଭାଗ ପକ୍ଷରୁ ପୂର୍ବରୁ ସୂଚନା ଦିଆଯାଇଥିଲା। ପୁରୀ ସହରକୁ ନଜର ରଖିବା ପାଇଁ ସହରର ପ୍ରମୁଖ ସ୍ଥାନ ଏବଂ ଶ୍ରୀମନ୍ଦିର ଚାରିପାଖକୁ ଉନ୍ନତ ଧରଣର ସିସିଟିଭିରେ ଛାଉଣି କରାଯାଉଛି। ଫଳରେ କୌଣସି ଅପ୍ରୀତିକର ପରିସ୍ଥିତି ଉପରେ ପୋଲିସ ନଜର ରଖାଯାଇପାରିବ।

# ଆଧୁନିକ ମେଶିନରେ ଆବର୍ଜନା ସଫା

ମହାପ୍ରଭୁଙ୍କ ଦର୍ଶନ କରିବା ପାଇଁ ପ୍ରତ୍ୟେକ ଦିନ ଲକ୍ଷାଧିକ ଭକ୍ତ ପୁରୀକୁ ଆସିଥାନ୍ତି। ମହାପ୍ରଭୁଙ୍କ ଦର୍ଶନ କରିବା ସହ ମହାପ୍ରସାଦ ସେବନ କରିଥାନ୍ତି। ମହାପ୍ରସାଦ ସେବନ କରିବା ପରେ ପତ୍ର ଏବଂ କୁଡୁଆଗୁଡିକୁ ଛାଡ଼ି ଯାଇଥାନ୍ତି। ସେହିପରି ମହାପ୍ରଭୁଙ୍କ ମହାପ୍ରସାଦ ପ୍ରସ୍ତୁତ ହେଉଥିବା ପରିବା ଓ ଅନ୍ୟାନ୍ୟ ସମଗ୍ର ବାହାରିଥାଏ। ଫଳରେ ପ୍ରତ୍ୟେକ ଦିନ ବହୁ ପରିମାଣରେ ଆର୍ବଜନା ଶ୍ରୀମନ୍ଦିରରୁ ବାହାରିଥାଏ। ତେଣୁ ଆର୍ବଜନାଗୁଡିକ ଯେପରି ସୁବନ୍ଦୋବସ୍ତ ଭାବରେ ବାହାରିପାରିବ ସେ ନେଇ ପ୍ରଶାସନ ପକ୍ଷରୁ ଧ୍ୟାନ ଦିଆଯାଇଛି। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ନିର୍ମାଣ ହେବା ସହ ଅତ୍ୟାଧୁନିକ ଗ୍ୟାର୍ବେଜ ସୁଟ ନିର୍ମାଣ କରାଯାଇଛି। ଏହା ଶ୍ରୀମନ୍ଦିରର ଉତ୍ତର ଏବଂ ଦକ୍ଷିଣ ପାର୍ଶ୍ୱରେ ମେଘନାଦ ପାଚେରି ଠାରେ ଲଗାଯାଇଛି, ଯେଉଁଥିରେ ଆବର୍ଜନା ସବୁ ପକାଯିବ। ଏହି ମେଶିନ ଓଦା ଓ ଶୁଖିଲା ଆବର୍ଜନାକୁ ପୃଥକ୍ ପୃଥକ୍ ଭାବରେ ଅଲଗା କରିବ। ଅଳିଆ ଗାଡ଼ି ଦ୍ୱାରା ଏହି ଆବର୍ଜନାଗୁଡ଼ିକୁ ସ୍ଥାନାନ୍ତର କରାଯିବ। ଆବର୍ଜନାଗୁଡ଼ିକ ମନ୍ଦିର ନିକଟରେ ପାହାଡ଼ ସଦୃଶ ଗଦା ହୋଇରହିବ ନାହିଁ। ଏହାଦ୍ୱାରା ଭକ୍ତମାନଙ୍କ ମନରେ ଏକ ନକାରତ୍ମକ ଭାବନା ମଧ୍ୟ ସୃଷ୍ଟି ହେବ ନାହିଁ। ଏହି ମେଶିନ୍‌ଟି ଦେଖିବା ପାଇଁ ଏକ ଲୁହାର ପାଇପ୍ ସଦୃଶ।



# ଫିଙ୍କା ଗୋଲାପି ରଙ୍ଗର କୋଠା




ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ନେଇ ଏବେ ସମଗ୍ର ଶ୍ରୀକ୍ଷେତ୍ର ପୁରୀ ନବବଧୂ ପରି ସଜେଇ ହେବାରେ ଲାଗିଛି। ଶ୍ରୀମନ୍ଦିର ଚାରିପାଖକୁ ସବୁଜିମା କରାଯିବା ସହ ଏକ ଆଧାତ୍ମିକ ପରିବେଶ ସୃଷ୍ଟି କରାଯାଉଛି। ସେହିପରି ପୁରୀ ସହରକୁ ସରସ ସୁନ୍ଦର କରିବା ଲକ୍ଷ୍ୟ ନେଇ ଶ୍ରୀମନ୍ଦିର ଚାରିପାଖ ଏବଂ ବଡ଼ ଦାଣ୍ଡରେ ଥିବା ସମସ୍ତ କୋଠା ବ୍ୟବସାୟିକ ପ୍ରତିଷ୍ଠାନଗୁଡିକୁ ଗୋଟିଏ ରଙ୍ଗରେ ରଙ୍ଗ କରାଯିବା ସହ ଗୋଟିଏ ପ୍ରକାର ଫଳକ ଲଗାଯାଉଛି। ଯାହାକି ଶ୍ରୀକ୍ଷେତ୍ରର ସୌନ୍ଦର୍ଯ୍ୟକୁ ଦୁଇଗୁଣିତ କରୁଛି। ଶ୍ରୀମନ୍ଦିର ଚାରିପାଖରେ ଥିବା କୋଠାଘର ଏବଂ ବଡ଼ଦାଣ୍ଡର ଉଭୟ ପାର୍ଶ୍ୱରେ ଥିବା କୋଠାଘରଗୁଡ଼ିକୁ ପ୍ରଶାସନ ପକ୍ଷରୁ ଫିଙ୍କା ଗୋଲାପି ରଙ୍ଗରେ ରଙ୍ଗ କରାଯାଉଛି। ବର୍ତ୍ତମାନ ରଙ୍ଗ କାର୍ଯ୍ୟ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଲାଣି। ଏପରି ରଙ୍ଗ କାର୍ଯ୍ୟ ହେବା ଦ୍ୱିତୀୟ ଥର। ପୂର୍ବରୁ ୨୦୧୫ରେ ନବକଳେବର ସମୟରେ କୋଠାଗୁଡିକୁ ରଙ୍ଗ କରାଯାଇଥିଲା। ସେତେବେଳେ ଫିଙ୍କା ହଳଦିଆ ରଙ୍ଗରେ କୋଠାଗୁଡିକୁ ରଙ୍ଗ କରାଯାଇଥିଲା। ଚଳିତ ଥର ଫିଙ୍କା ଗୋଲାପି ରଙ୍ଗ କରାଯାଉଛି। ସେହିପରି ଚକୋଲେଟ ବା ଗାଢ଼ ଖଇରିଆ ରଙ୍ଗର ଫଳକ ଲଗାଯାଉଛି, ଯାହା ପୁରୀକୁ ଆସୁଥିବା ପର୍ଯ୍ୟଟକ ଓ ଭକ୍ତଙ୍କୁ ବେଶ ଆକର୍ଷିତ କରୁଛି।

# ସ୍ୱପ୍ନକୁ ବାସ୍ତବ ରୂପ ଦେଇଛି 'ବ୍ଲୁ ଫ୍ଲାଗ ବିଚ୍'

ପୁରୀ କେବଳ ଆଧାତ୍ମିକସ୍ଥଳୀ ନୁହେଁ, ପର୍ଯ୍ୟଟନ କ୍ଷେତ୍ରରେ ବି ପ୍ରମୁଖ ଆକର୍ଷଣ ପାଲଟିଛି। ବିଶ୍ୱପ୍ରସିଦ୍ଧ କୋଣାର୍କ ସୂର୍ଯ୍ୟମନ୍ଦିର, ପ୍ରକୃତିରାଣୀ ଚିଲିକା, ପୁରୀର ସ୍ୱର୍ଣ୍ଣାଭ ବେଳାଭୂମି ବର୍ଷତମାମ୍ ବିଦେଶୀ ପର୍ଯ୍ୟଟକଙ୍କୁ ଏଠାକୁ ଟାଣୁଛି। ଦେଶ ବିଦେଶର ପର୍ଯ୍ୟଟକଙ୍କୁ ଶାନ୍ତ ଶୀତଳ ପରିବେଶରେ କିଛି ସମୟ ପ୍ରକୃତି କୋଳରେ ହଜିଯିବାର ନିଆରା ଅନୁଭୂତି ଦେବା ପାଇଁ ପୁରୀରେ ଗଢ଼ି ଉଠିଛି 'ବ୍ଲୁ ଫ୍ଲାଗ ବିଚ୍'। ଏହା ପର୍ଯ୍ୟଟକଙ୍କ ଭୂ-ସ୍ୱର୍ଗ ପାଲଟିଛି। ଆଉ ଓଡ଼ିଶାକୁ ବି ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ସ୍ୱତନ୍ତ୍ର ସ୍ଥାନ ଦେଇଛି ଏହି ବିକଶିତ ବେଳାଭୂମି। ଏଠାରେ ସବୁବର୍ଗର ପର୍ଯ୍ୟଟକଙ୍କୁ ଅନ୍ତର୍ଜାତୀୟସ୍ତରୀୟ ସୁବିଧା ମିଳୁଛି। ପୁରୀକୁ ବିଶ୍ୱସ୍ତରୀୟ ଐତିହ୍ୟ ସହରରେ ଗଢ଼ିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱପ୍ନକୁ ବାସ୍ତବ ରୂପ ଦେବାରେ ସହଭାଗିତା ରଖିଛି 'ବ୍ଲୁ ଫ୍ଲାଗ ବିଚ୍'।

ପୁରୀ ଏକ ଅନ୍ତର୍ଜାତୀୟ ପର୍ଯ୍ୟଟନ ସହର। ଏଠାକୁ ପ୍ରତିଦିନ ଦେଶ, ବିଦେଶର ହଜାର ହଜାର ପର୍ଯ୍ୟଟକ ଆସିଥାନ୍ତି। ଅଧିକାଂଶ ପୁରୀ ବେଳାଭୂମିକୁ ପସନ୍ଦକରିଥାନ୍ତି। କିଛିସମୟ ସ୍ୱର୍ଣ୍ଣାଭ ବେଳାଭୂମିର ବାଲୁକା ଶଯ୍ୟାରେ ସମୟ ଅତିବାହିତ କରିବାକୁ ଇଚ୍ଛା ରଖିଥାନ୍ତି। ହେଲେ ସର୍ବଦା ଗହଳି ଚହଳି ଲାଗୁଥିବା ବେଳାଭୂମିର ଏକ ନିର୍ଦ୍ଦିଷ୍ଟ ଅଞ୍ଚଳକୁ ବିକଶିତ କରାଯାଇ ସେଠାରେ ପର୍ଯ୍ୟଟକଙ୍କୁ ବିଭିନ୍ନ ପ୍ରକାର ସୁବିଧା ଦେବା ପାଇଁ ୨୦୧୮ ମସିହାରେ ବ୍ଲୁ ଫ୍ଲାଗ ବିଚ୍‌ର ପରିକଳ୍ପନା କରାଯାଇଥିଲା। ସୋସାଇଟି ଅଫ୍ ଇଣ୍ଟିଗ୍ରେଟେଡ୍ କୋଷ୍ଟାଲ ମ୍ୟାନେଜମେଣ୍ଟ ବା 'ସିସ୍କମ୍' ଓ ଭାରତ ସରକାରଙ୍କ ଜଙ୍ଗଲ ଓ ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଦ୍ୱାରା ଏହାକୁ ପ୍ରଥମେ ପାଇଲଟ୍ ବ୍ଲୁ-ଫ୍ଲାଗ୍ ବିଚ୍ ଭାବେ ଚିହ୍ନଟ କରାଯାଇଥିଲା। ଗାନ୍ଧୀ ଘାଟଠାରୁ ହୋଟେଲ୍ ମେ' ଫେୟାର ପର୍ଯ୍ୟନ୍ତ ପ୍ରାୟ ୮୭୦ ମିଟର ଅଞ୍ଚଳକୁ ବିକଶିତ କରାଯାଇଛି। ସିସ୍କମ୍ ଅଢ଼େଇ ବର୍ଷରେ ୮.୫ କୋଟି ଖର୍ଚ୍ଚ କରି ବ୍ଲୁ ଫ୍ଲାଗ୍ ପାଇଁ ରହିଥିବା ୩୩ଟି ମାନଦଣ୍ଡକୁ ପୂରଣ କରିଥିଲା।



# ଅକୁଣ୍ଠ ସମର୍ଥନରୁ ସମ୍ଭବ

୪ଧାମ ମଧ୍ୟରୁ ଅନ୍ୟତମ ଶ୍ରୀଜଗନ୍ନାଥ ଧାମରେ ଦୀର୍ଘ ବର୍ଷ ପରେ ଏକ ଯୁଗାନ୍ତକାରୀ ପଦକ୍ଷେପ ନିଆଯାଇଛି। ଐତିହ୍ୟ ସହର ପୁରୀର ଗୌରବମୟ ଅଧ୍ୟାୟରେ ଯୋଡ଼ି ହୋଇଛି 'ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ'। ଆଉ ଏହା କେବଳ ସମ୍ଭବ ହୋଇପାରିଛି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଭରସାଯୋଗ୍ୟ ପ୍ରତିଶ୍ରୁତି ଏବଂ ପୁରୀବାସୀଙ୍କ ଅକୁଣ୍ଠ ସମର୍ଥନ ଯୋଗୁ। ୦୨୧ ନଭେମ୍ବର ୨୪ ତାରିଖରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଶିଳାନ୍ୟାସ କରିଥିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ତେବେ ଶିଳାନ୍ୟାସର ୨ ବର୍ଷ ପୂର୍ବରୁ 'ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ'ର ରୂପରେଖ ପ୍ରସ୍ତୁତ ହୋଇଥିଲା। ୨୦୧୯ ଅକ୍ଟୋବର ୧୯ରେ ରାଜ୍ୟ କ୍ୟାବିନେଟ୍‌ରେ ଅବଢ଼ା ଯୋଜନାରେ ୨୨ଟି ପ୍ରକଳ୍ପ ପାଇଁ ୩୨ଶହ କୋଟି ଟଙ୍କା ବ୍ୟୟବରାଦ ହୋଇଥିଲା। ସେଥିରେ କେବଳ ଶ୍ରୀକ୍ଷେତ୍ର ପରିକ୍ରମା ପ୍ରକଳ୍ପ ପାଇଁ ୩୩୧ କୋଟି ୩୮ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ସେହି ବର୍ଷ ନଭେମ୍ବରରେ ସରକାର ଜମି ଅଧିଗ୍ରହଣ ପାଇଁ ପ୍ୟାକେଜ୍ ଘୋଷଣା କରିଥିଲେ। ଡିସେମ୍ବର ୩୦ରେ ଚିଠା ପ୍ରସ୍ତାବ ଆଗତ ସହ ମତାମତ ଆହ୍ୱାନ କରାଯାଇଥିଲା। ପରିକ୍ରମା ପ୍ରକଳ୍ପ ପାଇଁ ମନ୍ଦିର ଚାରି ପାଖରେ ୧୫ଏକରରୁ ଅଧିକ ଜମିର ଆବଶ୍ୟକତା ରହିଥିଲା। ଆବଶ୍ୟକ ଜମି ମଧ୍ୟରେ ୪.୪୬ ଏକର ବେସରକାରୀ ଜମି, ୮.୪୭୨୫ ଏକର ଶ୍ରୀଜଗନ୍ନାଥ ଜମି, ୦.୧୫୧ ଏକର ମଠ ଜମି ଓ ୨.୫୬୬ ଏକର ସରକାରୀ ଜମି ରହିଥିଲା।

ଆବଶ୍ୟକ ଥିବା ଜମି ମିଳିବ କି ନାହିଁ ସେନେଇ ଆଶା ଆଶଙ୍କା ସୃଷ୍ଟି ହୋଇଥିଲା। ହେଲେ ମହାପ୍ରଭୁଙ୍କ ଲୀଳା ଅପାର। ମୁଖ୍ୟମନ୍ତ୍ରୀଙ୍କ ନିବେଦନ ପରେ ସାମୂହିକ ସ୍ୱାର୍ଥକୁ ସାକାର କରିବା ପାଇଁ ଅନେକ ବ୍ୟକ୍ତିଗତ ସ୍ୱାର୍ଥକୁ ଜଳାଞ୍ଜଳି ଦେଇଥିଲେ। ପୁରୀବାସୀ ଅକୁଣ୍ଠ ଚିତ୍ତରେ ମୁଖ୍ୟମନ୍ତ୍ରୀଙ୍କ ଏହି ବହୁ ଆକାଂକ୍ଷିତ ପ୍ରକଳ୍ପ ପାଇଁ ସମର୍ଥନ ଜଣାଇଥିଲେ। ନବୀନ ମଧ୍ୟ କଥା ଦେଇ କଥା ରଖିଥିଲେ। ପ୍ରତିଟି ବିସ୍ଥାପିତ ବ୍ୟକ୍ତିର ରହିବା ପାଇଁ ବିକଳ୍ପ ବ୍ୟବସ୍ଥା କରାଯାଇଛି। ବ୍ୟବସାୟୀମାନଙ୍କ ବ୍ୟାବସାୟିକ ଅନୁଷ୍ଠାନ ପୁନଃ କାର୍ଯ୍ୟକ୍ଷମ ନ ହେବା ପର୍ଯ୍ୟନ୍ତ ସେମାନଙ୍କୁ ସରକାର ଆର୍ଥିକ ସହାୟତା ଯୋଗାଇ ଦେଇଛନ୍ତି। ପ୍ରତିଟି ବିସ୍ଥାପିତ ବ୍ୟକ୍ତିର ସମସ୍ୟାର ସମାଧାନ ପାଇଁ ଏକ ହେଲ୍ପଡେସ୍କ ନିରନ୍ତର କାର୍ଯ୍ୟକ୍ଷମ ଥିଲା। ଏହି ଅଞ୍ଚଳରେ ଥିବା ବଜାରଗୁଡ଼ିକୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇ କାର୍ଯ୍ୟକ୍ଷମ କରାଯାଇଛି। ଏହି ସମସ୍ତ କାର୍ଯ୍ୟରେ ଜଗନ୍ନାଥଙ୍କ ପ୍ରତି ପୁରୀବାସୀଙ୍କ ଥିବା ଅନାବିଳ ଶ୍ରଦ୍ଧା ଓ ଭକ୍ତି ଓ ନବୀନଙ୍କ ପ୍ରତି ଅକୁଣ୍ଠ ସମର୍ଥନ ପରିକ୍ରମା ପ୍ରକଳ୍ପର ପରିକଳ୍ପନା ଦିନରୁ ହିଁ ରହିଆସିଛି। ତେଣୁ ଏକ ରେକର୍ଡ ସମୟ ମଧ୍ୟରେ ଜମି ଅଧିଗ୍ରହଣ ହୋଇପାରିଛି। ସମସ୍ତ ବ୍ୟକ୍ତିଙ୍କ ତ୍ୟାଗ ଓ ଜଗନ୍ନାଥ ଭକ୍ତି ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସେମାନଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ ମଧ୍ୟ କରିଛନ୍ତି। ଅନେକ ବାଧାବିଘ୍ନ, ମାମଲା, ଅପପ୍ରଚାର ପରେ ମଧ୍ୟ ଆଜି ପୁରୀବାସୀଙ୍କ ସହଯୋଗରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପୂର୍ଣ୍ଣରୂପ ନେବାକୁ ଯାଉଛି, ଯାହା ଆସନ୍ତା ୧୭ ତାରିଖରେ ଲୋକାର୍ପଣ ହେବ।

# ଶ୍ରୀକ୍ଷେତ୍ର ଅନୁଭୂତି

## ଉଚ୍ଚରେ ପଟଚିତ୍ର ନିର୍ମାଣ ଚ୍ୟାଲେଞ୍ଜ ଥିଲା

" ପଟଚିତ୍ର ପାଇଁ ସାରା ବିଶ୍ୱରେ ପୁରୀର ରଘୁରାଜପୁର ନାମ ରହିଛି। ତେବେ ପରିକ୍ରମା ପ୍ରକଳ୍ପ ପରିସରରେ ଥିବା ବ୍ରିଟିଶ ଅମଳର ପାଣିଟାଙ୍କିରେ ପଟଚିତ୍ରରେ ମହାପ୍ରଭୁଙ୍କ ଲୀଳାକୁ ଚିତ୍ରିତ କରିବା ପାଇଁ କୁହାଯାଇଥିଲା। କାଞ୍ଚି ଅଭିଯାନ ଗାଥାକୁ ନେଇ ଚିତ୍ର ଅଙ୍କନ ଆରମ୍ଭ କରିଥିଲୁ। ୫୦ଫୁଟ ଉପରେ ଚିତ୍ରକଳା କରିବାର ନିଆରା ଅନୁଭୂତି ଅଟେ। କାରଣ ଆମେ ତଳେ ବସି ଚିତ୍ର ଅଙ୍କନ କରିଥାଉ। ପ୍ରଥମ ଥର ପାଇଁ ଏତେ ଉଚ୍ଚରେ ଠିଆ ହୋଇ ଚିତ୍ର ଆଙ୍କିବା ଓ ଠିକ୍ ସମୟରେ ଚିତ୍ର କାର୍ଯ୍ୟ ଶେଷକରିବା ଆମ ପାଇଁ ଚ୍ୟାଲେଞ୍ଜ ରହିଥିଲା।

– ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ପଟଚିତ୍ର ଶିଳ୍ପୀ, ରଘୁରାଜପୁର

## ଅନୁଭୂତିର ପ୍ରଥମ ଶ୍ରେୟ ମହାପ୍ରଭୁଙ୍କୁ ଦେବି

" ମହାପ୍ରଭୁଙ୍କ କୃପାରୁ ତାଙ୍କ କାର୍ଯ୍ୟ କରିବାକୁ ସୁଯୋଗ ମିଳିଲା। ସମସ୍ତ କାର୍ଯ୍ୟ ମହାପ୍ରଭୁ କରିଛନ୍ତି, ଆମେ କେବଳ ନିମିତ୍ତମାତ୍ର। ଗୋଟିଏ ଗୋଟିଏ ପଟଚିତ୍ର କରିବାକୁ ପ୍ରାୟତଃ ୩ରୁ ୪ ଦିନ ସମୟ ଲାଗିଥାଏ। ମାତ୍ର ମହାପ୍ରଭୁଙ୍କ କୃପାରୁ ଗୋଟିଏ ଗୋଟିଏ ପଟଚିତ୍ର ୨ରୁ ୩ଦିନ ମଧ୍ୟରେ ଶୁଖିଗଲା। ଠିକ୍ ସମୟରେ ମହାପ୍ରଭୁଙ୍କ ଆଶୀର୍ବାଦରୁ କାର୍ଯ୍ୟ ସମ୍ପନ୍ନ ହୋଇଛି। ଅନୁଭୂତିର ପ୍ରଥମ ଶ୍ରେୟ ମହାପ୍ରଭୁଙ୍କୁ ଦେବି। କାରଣ ମହାପ୍ରଭୁଙ୍କ ଦୟାରୁ ଓ କୃପାରୁ ଏତେ ଉଚ୍ଚରେ ଚଢ଼ି ଓଡିଶୀ କଳାକୃତି ରଙ୍ଗ ମାଧ୍ୟମରେ ପରିପ୍ରକାଶ କରିପାରିଲୁ।

– ସୁଶାନ୍ତ ମହାପାତ୍ର, ପଟଚିତ୍ର ଶିଳ୍ପୀ

## ବ୍ୟାରିକେଡ୍‌ରେ ଶୃଙ୍ଖଳିତ ଦର୍ଶନ

" ମୁଁ ଶ୍ରୀମନ୍ଦିରରେ କାର୍ଯ୍ୟ କରେ। ପୂର୍ବରୁ ମହାପ୍ରସାଦ ନେଇ ଯିବାଆସିବାରେ ବହୁତ ସମସ୍ୟା ହେଉଥିଲା। ଏପରିକି ଗୋଡ଼ ଖସି ଆହତ ହେଉଥିଲୁ। ମାତ୍ର ସରକାରଙ୍କ ପକ୍ଷରୁ କରାଯାଇଥିବା ପ୍ରକଳ୍ପ କାରଣରୁ ପ୍ରଶସ୍ତ ସ୍ଥାନ ରହିଛି। ଯାହାଫଳରେ ଯାତାୟାତରେ ବର୍ତ୍ତମାନ କୌଣସି ସମସ୍ୟା ହେଉନାହିଁ। ଅପରପକ୍ଷରେ ପ୍ରଶାସନ ପକ୍ଷରୁ ଭକ୍ତମାନଙ୍କ ପାଇଁ ଶୌଚାଳୟ ଓ ପାନୀୟଜଳର ବ୍ୟବସ୍ଥା କରାଯାଇଛି। ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ସବୁଠାରୁ ଭଲ ହେଉଛି ଏସି ଶେଡ୍ ଓ ବ୍ୟାରିକେଡରେ ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା।

– ମନୋରଞ୍ଜନ ରାଉତରାୟ, ପୁରୀ

## ପୂର୍ବ ବ୍ୟବସ୍ଥାରେ ଆକାଶ ପାତାଳ ଫରକ

" ପୂର୍ବରୁ ଅନେକଥର ମହାପ୍ରଭୁଙ୍କ ଦର୍ଶନ କରିବାକୁ ଆସିଥିଲେ ମଧ୍ୟ ଚଳିତଥର ଦର୍ଶନ ବ୍ୟବସ୍ଥାରେ ଆକାଶ ପାତାଳ ଫରକ ରହିଛି। ପୁରୀର ପରିବେଶ ବର୍ତ୍ତମାନ ଜଗନ୍ନାଥମୟ ହୋଇଉଠିଛି। ଖୁବ୍ କମ୍ ସମୟ ମଧ୍ୟରେ ପୁରୀ ସହର ଏତେ ଉନ୍ନତି ହେବ କେବେ ସ୍ୱପ୍ନରେ ଭାବି ନ ଥିଲି। ବହୁତ ଭଲ ବ୍ୟବସ୍ଥା କରାଯାଇଛି। ସରକାରଙ୍କ ପକ୍ଷରୁ ଦର୍ଶନ ପାଇଁ ଯେଉଁ ଶୃଙ୍ଖଳିତ ବ୍ୟବସ୍ଥା କରାଯାଇଛି, ତାହା ସୁନ୍ଦର ଓ ସ୍ୱାଗତଯୋଗ୍ୟ ପଦକ୍ଷପ।

–ନରେନ୍ଦ୍ର କୁମାର ରାଉତ, ସମ୍ବଲପୁର

## ଏପରି ଐତିହାସିକ ପ୍ରକଳ୍ପର ଆବଶ୍ୟକ ଥିଲା

" ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଠିକ୍ ସମୟରେ ଏହି ଏହି ପଦକ୍ଷେପ ନିଆଯାଇଥିବାର ଆଗକୁ ଘଟିବାକୁ ଥିବା ବିପଦ ଓ ଦୁର୍ଘଟଣାକୁ ନିଶ୍ଚିତ ଭାବେ ଆମ୍ଭେ ଏଡ଼ାଇ ପାରିବା। କରୋନା ପରେ ପୁରୀକୁ ଭକ୍ତ ଓ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଇଥିବାରୁ ଶ୍ରୀମନ୍ଦିର ଭିତର ଓ ବାହାରେ ପ୍ରବଳ ଭିଡ଼ ହେଉଥିଲା। ଏପରିସ୍ଥିତିରେ ଏପରି ଏକ ଐତିହାସିକ ପ୍ରକଳ୍ପର ନିହାତି ଆବଶ୍ୟକ ରହିଥିଲା। ରାଜ୍ୟ ସରକାର ଓ ସ୍ଥାନୀୟ ବାସିନ୍ଦାଙ୍କ ସହଯୋଗରେ ଏହା ସମ୍ଭବ ହୋଇଥିବାରୁ ସମସ୍ତେ ଧନ୍ୟବାଦର ପାତ୍ର।

–ଶ୍ୟାମସୁନ୍ଦର ମହାପାତ୍ର, ବାସିନ୍ଦା, ମାଟିମଣ୍ଡପ ସାହି

## ଅର୍ଥନୀତିରେ ବିରାଟ ପରିବର୍ତ୍ତନ ଆସିବ

" ପର୍ଯ୍ୟଟକଙ୍କ ପାଇଁ ଧାର୍ମିକ ତଥା ପର୍ଯ୍ୟଟନ କ୍ଷେତ୍ର ପୁରୀ ସହ ରାଜ୍ୟର ସରକାରଙ୍କ ଦୃଢ଼ ନିଷ୍ପତ୍ତି ଓ ସଙ୍କଳ୍ପ ଯୋଗୁ ହୋଇପାରିଥିବା ପରିକ୍ରମା ପ୍ରକଳ୍ପ ପରି କାର୍ଯ୍ୟକ୍ରମର ସଫଳତାକୁ ପୁରୀବାସୀ ଅନୁଭବ କରି ପାରୁଛନ୍ତି। ଏହାଦ୍ୱାରା ପୁରୀର ଅର୍ଥନୀତିରେ ବିରାଟ ପରିବର୍ତ୍ତନ ଘଟିବା ସହ ଏହା ଏକ ଉନ୍ନତ ସହରରେ ପରିଣତ ହେବ। ସେହିଭଳି ଶ୍ରୀମନ୍ଦିରର ଶ୍ରୀବୃଦ୍ଧି ସହ ମହାପ୍ରଭୁଙ୍କ ପ୍ରଚାର ଓ ପ୍ରସାର ବ୍ୟାପକ ହେବ। ପର୍ଯ୍ୟଟକମାନେ ପରିକ୍ରମା ମାର୍ଗରେ ଶ୍ରୀମନ୍ଦିରକୁ ଆଧ୍ୟତ୍ମିକ ପରିବେଶ ଭିତରେ ପରିକ୍ରମା କରିବେ। ଅତି ସୁନ୍ଦର ଭାବରେ ମହାପ୍ରଭୁଙ୍କୁ ଦର୍ଶନ କରିପାରିବେ।

–ସୁକାନ୍ତ କୁମାର ପଣ୍ଡା, ସମ୍ପାଦକ, ଶିଶୁ ସମାଚାର

# ଆଉଟର ଓ ଇନର ମାର୍ଗ



ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ତେବେ ଏହି ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ଭକ୍ତଙ୍କଠାରୁ ଆରମ୍ଭ କରି ପର୍ଯ୍ୟଟକମାନଙ୍କ ପାଇଁ ଏକ ଆକର୍ଷଣ ସୃଷ୍ଟି କରୁଛି। ଭକ୍ତମାନଙ୍କ ଯାତାୟାତ ଏବଂ ଅନ୍ୟାନ୍ୟ ସୁବିଧା ପାଇଁ ପ୍ରଶାସନ ପକ୍ଷରୁ ଧ୍ୟାନ ଦିଆଯାଇଛି। ପ୍ରକଳ୍ପକୁ ଦୁଇ ଭାଗରେ ବିଭକ୍ତ କରାଯାଇଛି। ଆଉଟର ମାର୍ଗ ଓ ଇନର ମାର୍ଗ। ଆଉଟର ମାର୍ଗରେ ଯାନବାହନ ଯାତାୟାତ କରିବାକୁ ଥିବାବେଳେ ଇନର ମାର୍ଗରେ ଭକ୍ତମାନେ ଯାତାୟାତ କରିବେ। ଇନର ମାର୍ଗ ଓ ଆଉଟର ମାର୍ଗକୁ ପଥର କାନ୍ଥ ଦ୍ୱାରା ବିଭକ୍ତ କରାଯାଉଛି। ତେବେ ଶ୍ରୀମନ୍ଦିର ୩ ଦ୍ୱାର ସମ୍ମୁଖରେ ବାଡ଼ ନିର୍ମାଣ ନ କରାଯାଇ ଲୁହାଗେଟ ନିର୍ମାଣ କରାଯାଉଛି। ତେବେ ଉକ୍ତ ଗେଟ୍‌ଗୁଡିକୁ ସାଇଡିଙ୍ଗ କରିବ। ଯାହାଦ୍ୱାରା ଭକ୍ତମାନେ ସୁବିଧାରେ ଆଉଟର ମାର୍ଗରୁ ଇନର ମାର୍ଗ ଦେଇ ଶ୍ରୀମନ୍ଦିର ପରିସରକୁ ଯାଇପାରିବେ। ଏପରି ବ୍ୟବସ୍ଥାକୁ ସମସ୍ତେ ସ୍ୱାଗତ କରିଛନ୍ତି।




ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ ପାଇଁ ଉତ୍ସବମୁଖର ହୋଇଉଠୁଛି ସାରା ରାଜ୍ୟ। ରାଜ୍ୟବାସୀଙ୍କୁ ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ସାମିଲ କରିବା ପାଇଁ ଜୟଜଗନ୍ନାଥ ଅର୍ପଣ ରଥ ବୁଲୁଛି। ଏହି କ୍ରମରେ ବୁଧବାର ବିଭିନ୍ନ ସ୍ଥାନରେ ଅର୍ପଣ ରଥକୁ ଭବ୍ୟ ସ୍ୱାଗତ କରାଯାଉଛି। ରଥ ବୁଲିବା ସମୟରେ ଲୋକମାନେ ଚାଉଳ ଓ ଗୁଆ ଦାନ କରି ପୂଜାର୍ଚ୍ଚନା କରୁଛନ୍ତି।

## ଶଙ୍ଖଧ୍ୱନିରେ ଭକ୍ତିମୟ ପରିବେଶ



ବରଗଡ଼ ପୌର ପରିଷଦ ଅଧୀନ ୱାର୍ଡ ନଂ–୧ ନିଗମାନନ୍ଦ ବିହାରରେ ବୁଧବାର ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ପାଇଁ ବାହାରିଥିବା ଅର୍ପଣ ରଥକୁ ସ୍ୱାଗତ କରାଯାଇଥିଲା। ନିଗମାନନ୍ଦ ବିହାର ଜିରା କଲୋନିରେ ପୂଜାର୍ଚ୍ଚନା ପରେ ଏହି ରଥ ବିଭିନ୍ନ ସ୍ଥାନକୁ ପରିକ୍ରମା କରିଥିଲା। ଏହି ସମୟରେ ନିଗମାନନ୍ଦ ବିହାରବାସୀ ଚାଉଳ, ଗୁଆ ଅର୍ପଣ କରିଥିଲେ। ହୁଳହୁଳି, ହରିବୋଲ, ଶଙ୍ଖଧ୍ୱନିରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ସ୍ଥାନୀୟ କାଉନସିଲର ବେଦମତୀ ସେଠଙ୍କ ତତ୍ତ୍ୱାବଧାନରେ ଦେବବ୍ରତ ପଟ୍ଟନାୟକ, ସୁମିତ ରଥ, ଗୀତା ପାଢୀ, ପ୍ରଦୀପ ମେହେର, ଚିତ୍ରସେନ ମେହେର, ବାଙ୍କବିହାରୀ ସାହୁ, ଅର୍ଜ୍ଜୁନ ସେଠ, ଦୈତାରୀ ସାହୁ, ପଙ୍କଜିନୀ ମେହେର ପ୍ରମୁଖ ଉପସ୍ଥିତ ଥିଲେ।

## ସବୁଠି ଜୟ ଜଗନ୍ନାଥ

ସୁନ୍ଦରଗଡ଼ ଜିଲାରେ ଜଗନ୍ନାଥ ଅର୍ପଣ ରଥ ବିଭିନ୍ନ ଗ୍ରାମ ପରିକ୍ରମା କରି ଅରୁଆ ଚାଉଳ ଓ ଗୁଆ ସଂଗ୍ରହ କରୁଛି। ସବୁଠି ଲୋକଙ୍କ ମୁହଁରୁ ଶୁଣାଯାଉଛି ଜୟ ଜଗନ୍ନାଥ ଧ୍ୱନି। ଗତ ୬ ତାରିଖରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ପାଇଁ ସୁନ୍ଦରଗଡ଼ ଜିଲାରେ ମୋଟ ୮୧ଟି ରଥ ବିଭିନ୍ନ ଗ୍ରାମ ପରିକ୍ରମା କରୁଛି। ଏହି ରଥ ବୁଧବାର ଟାଙ୍ଗରପାଲି ବ୍ଲକ କୁଅଁରବଗା ଗ୍ରାମରେ ପହଞ୍ଚିଥିଲା। ଏହି ଗ୍ରାମର ନୃସିଂହ ମନ୍ଦିରଠାରେ ଜିଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ ଦୀପ ପ୍ରଜ୍ୱଳନ କରିବା ପରେ ଗ୍ରାମରେ ଭଜନ କୀର୍ତ୍ତନ ସହ ଏହି ରଥ ପରିକ୍ରମା କରିଥିଲା। କାର୍ଯ୍ୟକ୍ରମରେ ଟାଙ୍ଗରପାଲି ପଞ୍ଚାୟତ ସମିତି ସଭ୍ୟା ଜାହ୍ନବୀ ନାଏକ, ସରପଞ୍ଚ କିଶୋର ମାଝିଙ୍କ ସହ ଶତାଧିକ ଗ୍ରାମବାସୀ ଯୋଗଦେଇଥିଲେ। ସେହିପରି ସୁନ୍ଦରଗଡ଼ ସହରର ରଙ୍ଗାଢିପା, ସୁନାରୀପଡା, ମେନରୋଡରେ ଶ୍ରଦ୍ଧାଳୁମାନେ ଏହି ରଥକୁ ପୂଜାର୍ଚ୍ଚନା ସହ ଅରୁଆ ଚାଉଳ,ଫୁଲ ଓ ଗୁଆ ଅର୍ପଣ କରିଛନ୍ତି। କୁଆଁରମୁଣ୍ଡା ବ୍ଲକ ସଦର ପଞ୍ଚାୟତରେ ଜଗନ୍ନାଥ ଅର୍ପଣ ରଥରେ ମହିଳା ସଙ୍କୀର୍ତ୍ତନ ମଣ୍ଡଳୀ ରହି ନାମ ସଙ୍କୀର୍ତ୍ତନ ସହ ଜଗନ୍ନାଥ ସଂସ୍କୃତି ବାର୍ତ୍ତା ପ୍ରଚାର କରୁଛନ୍ତି।



## ଘଣ୍ଟ ବାଦ୍ୟରେ ଅର୍ପଣ ରଥକୁ ସ୍ୱାଗତ

ଶ୍ରୀଜଗନ୍ନାଥ ଅର୍ପଣ ରଥକୁ ଘଣ୍ଟ, ବାଦ୍ୟ, ହୁଳହୁଳି ଓ ବେଦପାଠ ମାଧ୍ୟମରେ ବିଭିନ୍ନ ସ୍ଥାନରେ ସ୍ୱାଗତ କରାଯାଉଛି। ବୁଧବାର ଗଞ୍ଜାମ ଜିଲା ଛତ୍ରପୁର ଏନ୍‌ଏସିର ୧ ଓ ୨ ନଂ ୱାର୍ଡରେ ଜୟ ଜଗନ୍ନାଥ ଅର୍ପଣ ରଥ ବୁଲି ଲୋକଙ୍କ ଠାରୁ ଗୁଆ ଓ ଚାଉଳ ସଂଗ୍ରହ କରିଛି। ଉକ୍ତ ଅଞ୍ଚଳରେ ବସବାସ କରୁଥିବା ମୁସଲମାନ ସମ୍ପ୍ରଦାୟର କେତେଜଣ ଲୋକ ମଧ୍ୟ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ଜଗନ୍ନାଥଙ୍କ ପ୍ରତି ଥିବା ତାଙ୍କ ଭକ୍ତି ଓ ଶ୍ରଦ୍ଧାର ପରିଚୟ ଦେଇଥିଲେ। ଛତ୍ରପୁର ବ୍ଲକ ଭିକାରିପଲୀ ପଞ୍ଚାୟତରେ ମଧ୍ୟ ଏହି ରଥ ପରିକ୍ରମା କରିଛି। ସେହିପରି ଭଞ୍ଜନଗର ବ୍ଲକ ଜିଲୁଣ୍ଡିରେ ଅର୍ପଣ ରଥକୁ ସ୍ୱାଗତ କରାଯାଇଛି। ଆସିକା ବ୍ଲକର ବଡଖୋଲି, ଆଲିପୁର, ଜୟପୁର,ବେଣାପାଟ, ଗଙ୍ଗାପୁର, ନଳବଣ୍ଟା ଆଦି ପଞ୍ଚାୟତରେ ସଂକୀର୍ତ୍ତନ ଦଳ ଗହଣରେ ରଥକୁ ବନ୍ଦାପନା ପୂର୍ବକ ଗୁଆ ଓ ଚାଉଳ ଅର୍ପଣ କରାଯାଇଛି। ବଡଖୋଲି ପଞ୍ଚାୟତରେ ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ, ବ୍ଲକ ଅଧ୍ୟକ୍ଷା ତ୍ରିବେଣୀ ନାହାକ ପ୍ରମୁଖ ଉପସ୍ଥିତ ଥିଲେ। ଚିକିଟି ବ୍ଲକ ନୂଆପଡା ଏବଂ ଚାନ୍ଦପୁର ପଞ୍ଚାୟତର ବିଭିନ୍ନ ଗ୍ରାମରେ ଅର୍ପଣ ରଥକୁ ସ୍ୱାଗତ କରାଯାଇ ପ୍ରତି ଘରୁ ଗୁଆ ଚାଉଳ ସଂଗ୍ରହ କରାଯାଇଛି। ବ୍ରହ୍ମପୁର ମହାନଗର ନିଗମର କେତେକ ୱାର୍ଡରେ ମଧ୍ୟ ଅର୍ପଣ ରଥ ପରିକ୍ରମା କରିଛି। ସେହିପରି କନ୍ଧମାଳ ଜିଲା ବାଲିଗୁଡାସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ଅର୍ପଣ ରଥକୁ ପୂଜା ପରେ ଏନ୍‌ଏସି କାର୍ଯ୍ୟାଳୟ ପରିସରରେ ଉଦଘାଟନ କରାଯାଇଥିଲା। ବିଧାୟକ ଚକ୍ରମଣି କହଁର, ବିଜେଡି ବ୍ଲକ ସଭାପତି ଟୁନା ଦାସ ଓ ଜିଲା ପରିଷଦ ଅଧ୍ୟକ୍ଷା ନନ୍ଦିନୀ ମଳିକ ପ୍ରମୁଖ ଉଦଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ରଥ ୩ଟି ୱାର୍ଡ ବୁଲିବା ପରେ ୪ଦଣ୍ଡ ପଦରଠାରେ ବନ୍ଦାପନା କରାଯାଇଥିଲା।












DSPL-530
ODISHA
INDIA'S BEST KEPT SECRET.
#ନୂଆ-ଓ
ଯୁବ ଓଡ଼ିଶା
ନବୀନ ଓଡ଼ିଶା
ନୂଆ- ଓ ଉତ୍ସବ, ବଲାଙ୍ଗିର
ସ୍ଥାନ : ଗାନ୍ଧୀ ଷ୍ଟାଡ଼ିୟମ, ବଲାଙ୍ଗିର | ସମୟ : ପୂର୍ବାହ୍ନ ୧୦ ରୁ
୧୧ ଜାନୁଆରୀ, ୨୦୨୪
ଆମ ଓଡ଼ିଶା
ନବୀନ ଓଡ଼ିଶା
ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ
ମାନ୍ୟବର ମୁଖ୍ୟମନ୍ତ୍ରୀ
OIPR-29001/13/0158/2324


MARUTI SUZUKI ARENA
SWIFT
LIMITLESS THRILL
STUNNING LOOKS
SWIFT
BE LIMITLESS
ନେକ୍ସଟ ଜେନ K ସିରିଜ ଇଞ୍ଜିନ
କ୍ରୁଜ କଣ୍ଟ୍ରୋଲ
ଅଟୋ ଗିୟର ଶିଫ୍ଟ
BENEFITS UP TO
₹39 000*
EMI STARTING FROM
₹1769#
PER LAKH
100%^ ON-ROAD FUNDING AVAILABLE
SCAN TO CHAT WITH US
SWIFT
E-BOOK TODAY AT WWW.MARUTISUZUKI.COM OR VISIT YOUR NEAREST MARUTI SUZUKI DEALERSHIP.
ODYSSEY MOTORS
SAMBALPUR (AINTHAPALI): 7381433909. BOLANGIR: 9438068327.
BARGARH: 9556352943. NUAPADA: 7381017851. SONEPUR: 9438068327.
JHARSUGUDA: 9439892153. BOUDH: 8594908009. PADAMPUR : 7381661837.
ORBIT MOTORS
ROURKELA: 9437041155, 9040404444.
SUNDARGARH: 9437049161, 9437131074.
DEOGARH: 9437061223, 7064400290.
BONAIGARH: 6372903336.
APARNAA MOTORS
SAMBALPUR (PARDHIAPALI): 9237395001.
LEGEND CARS
JEYPORE: 7894406481, RAYGADA: 9692883042 BHAWANIPATNA: 7894442907.
SKY AUTOMOBILES
BERHAMPUR: 9778202019. BHANJANAGAR: 9778202019. PARALAKHEMUNDI: 9778202019. PHULBANI: 9778202019.
*Offer includes consumer offer, exchange bonus and corporate offer (wherever applicable). Above mentioned savings amount is the value of maximum savings on selected models. Terms and conditions apply. ^100% on-road funding is provided by select financiers only. #Finance scheme details mentioned in the advertisement are at the sole discretion of the financier and terms and conditions as specified by the financier shall apply. Credit at the sole discretion of the Bank. For more details, please contact your nearest ARENA dealership. Features and accessories shown may not be part of standard fitment. Black glass shade on the vehicle is due to the lighting effect. Images used are for illustration purposes only. Car color may vary due to printing on paper. Offers vary across variants. Maruti Suzuki India Limited reserves the right to discontinue offers without notice. Above shown offers are valid for limited period on selected models and in select states only. Offer valid till 31st January 2024 or till stocks last, whichever is earlier.